# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୦/୨୦୨୬ (୧୬ ପୃଷ୍ଠା) | Bhubaneswar, Friday, February 20/2026 | Page 16 | ₹ 7.00

୫୨ଶ ଭାଗ ୮୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 88 | ମୂଲ୍ୟ ₹୭/-




## ବିକ୍ରମ ଭଟ୍ଟଙ୍କୁ ସୁପ୍ରିମକୋର୍ଟରୁ ଜାମିନ

ଜଣେ ଡାକ୍ତରଙ୍କଠାରୁ ୩୦ କୋଟି ଟଙ୍କା ଠକିଥିବା ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟ ଓ ତାଙ୍କ ସ୍ତ୍ରୀ ଶ୍ୱେତାମ୍ବରୀ ଭଟ୍ଟଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି।

୦୨

୧୪

## ହରମନପ୍ରୀତ୍‌ଙ୍କ ବିଶ୍ୱରେକର୍ଡ

ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ସର୍ବାଧିକ ମ୍ୟାଚ ଖେଳିବାରେ ବିଶ୍ୱ ରେକର୍ଡ କରିଛନ୍ତି ଭାରତୀୟ ଅଧିନାୟିକା ହରମନପ୍ରୀତ୍ କୌର।



# ‘ମହତ୍ତ୍ୱାକାଂକ୍ଷୀ ଭାରତ’ ପାଇଁ ଏଆଇ ଭୂମିକା ଗୁରୁତ୍ୱପୂର୍ଣ୍ଣ



ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଗୁରୁବାର ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ର ଉଦ୍‌ଘାଟନୀ ଅବସରରେ ଯୋଗଦେଇଥିବା ରାଷ୍ଟ୍ରମୁଖ୍ୟ ଏବଂ ଏଆଇ ପ୍ରତିନିଧିମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୯।୨(ପି.ଟି./ଏଜେନ୍ସି)

‘ମହତ୍ତ୍ୱାକାଂକ୍ଷୀ ଭାରତ’ପାଇଁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବୈଶ୍ୱିକ ଯାତ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏଆଇ ଇଣ୍ଡିଆ ଇମ୍ପାକ୍ଟ ସମିଟ୍‌କୁ ଉଦ୍‌ଘାଟନକରି ଏହାର ପ୍ଲେନେରି ସେସନ୍‌କୁ ସମ୍ବୋଧନ ବେଳେ ପ୍ରଧାନମନ୍ତ୍ରୀ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଡାଟା ସାର୍ବଭୌମତ୍ୱ, ସ୍ୱଚ୍ଛ ନିରାପତ୍ତା ନିୟମ ଓ ମାନବୀୟ ମୂଲ୍ୟବୋଧଗୁଡ଼ିକ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଟେକ୍ନୋଲୋଜି କ୍ଷମତାର ମାଧ୍ୟମ ନୁହେଁ, ବରଂ ସେବାର ଜରିଆ ହେବା ☞ପୃଷ୍ଠା-୪



## ଭାଙ୍ଗିଲା ଏକତାର ଶିକୁଳି

ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଚାଲିଥିବା ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍‌ରେ ଗୁରୁବାର ଏକ ରୋଚକ ଘଟଣା ଘଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଏକ ଗ୍ରୁପ୍ ଫଟୋ ସମୟରେ ବିଶ୍ୱର ଦୁଇ ପ୍ରମୁଖ ଏଆଇ କମ୍ପାନୀର ମୁଖ୍ୟଙ୍କ ମଧ୍ୟରେ ଥିବା ‘ଶୀତଳ ଯୁଦ୍ଧ’ ସ୍ପଷ୍ଟ ଭାବେ ବାରି ହୋଇପଡ଼ିଛି। କାର୍ଯ୍ୟକ୍ରମର ମଞ୍ଚରେ ଉପସ୍ଥିତ ଥିବା ପ୍ରଧାନମନ୍ତ୍ରୀ ମୋଦି ଏବଂ ବିଶ୍ୱର ପ୍ରମୁଖ ☞ପୃଷ୍ଠା-୪

# ଓଡ଼ିଶାର ମୁଣ୍ଡପିଛା ଆୟ ୯.୨% ବୃଦ୍ଧି

ଭୁବନେଶ୍ୱର,୧୯।୨(ରବିନାରାୟଣ ଜେନା)

ଓଡ଼ିଶାର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ହେଉଛି। ଏଥିଯୋଗୁ ୨୦୨୫-୨୬ (ଅଗ୍ରୀମ ଆକଳନ)ରେ ଓଡ଼ିଶାର ମୁଣ୍ଡପିଛା ଆୟ ୯.୨ ପ୍ରତିଶତ ବୃଦ୍ଧି ପାଇ ୧,୮୬,୭୬୧ ଟଙ୍କାରେ ପହଞ୍ଚିଛି। ଏହି ସମୟରେ ସର୍ବଭାରତୀୟ ସ୍ତରରେ ମୁଣ୍ଡପିଛା ଆୟ ୬.୯ ପ୍ରତିଶତ ବୃଦ୍ଧି ପାଇଛି ବୋଲି ଗୁରୁବାର ବିଧାନସଭାରେ ଉପସ୍ଥାପିତ ହୋଇଥିବା ‘ଓଡ଼ିଶା ଅର୍ଥନୈତିକ ସର୍ଭେ ୨୦୨୫-୨୬’ ରିପୋର୍ଟରୁ ଜଣାଯାଇଛି।

ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷର ବଜେଟ ଉପସ୍ଥାପନ ହେବାକୁ ରହିଛି।

### ଆଜି ରାଜ୍ୟ ବଜେଟ

ଅର୍ଥମନ୍ତ୍ରୀ ତଥା ମୁଖ୍ୟମନ୍ତ୍ରୀ ଆସନ୍ତା ଆର୍ଥିକବର୍ଷ ଲାଗି ବଜେଟ ଉପସ୍ଥାପନ କରିବେ। ଏହି ପରିପ୍ରେକ୍ଷୀରେ ଅର୍ଥନୈତିକ ସର୍ଭେ ରିପୋର୍ଟରେ ଓଡ଼ିଶାର ମୁଣ୍ଡପିଛା ଆୟ ବଢ଼ିବା ନେଇ ଏକ ସବୁଜ ସଙ୍କେତ ☞ପୃଷ୍ଠା-୪

## ସମିଟ୍‌କୁ ଆସିଲେନି ବିଲ୍ ଗେଟ୍ସ



ନୂଆଦିଲ୍ଲୀ,୧୯।୨

ଏଆଇ ଇଣ୍ଡିଆ ଇମ୍ପାକ୍ଟ ସମିଟ୍‌ରେ ଗୁରୁବାର ମାଇକ୍ରୋସଫ୍ଟ ସହପ୍ରତିଷ୍ଠାତା ବିଲ୍ ଗେଟ୍ସ ଯୋଗଦେଇ ବକ୍ତବ୍ୟ ରଖିବାର କାର୍ଯ୍ୟକ୍ରମ ପୂର୍ବରୁ ସ୍ଥିର ହୋଇଥିଲେ ମଧ୍ୟ ସେ ଏଥିରେ ସାମିଲ ହୋଇନାହାନ୍ତି। ବିଲ୍ ଉକ୍ତ କାର୍ଯ୍ୟକ୍ରମରୁ ଓହରିବା ନେଇ ବିଲ୍ ଗେଟ୍ସ ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ସେ କ’ଣ ପାଇଁ ଶେଷ ମୁହୂର୍ତ୍ତରେ ଯୋଗଦେଲେ ନାହିଁ, ତା’ର କୌଣସି କାରଣ ସମ୍ପର୍କରେ ☞ପୃଷ୍ଠା-୪

## କ୍ରିକେଟ ମ୍ୟାଚ୍‌ବେଳେ ମହୁମାଛି ଆକ୍ରମଣ

### ଅମ୍ପାୟର ମୃତ, ୧୨ ଖେଳାଳି ଆହତ

ଲକ୍ଷ୍ନୌ,୧୯।୨

ଏକ କ୍ରିକେଟ ମ୍ୟାଚ୍ ବେଳେ ମହୁମାଛି ଆକ୍ରମଣରେ ଜଣେ ୬୦ ବର୍ଷୀୟ ଅମ୍ପାୟରଙ୍କ ମୃତ୍ୟୁ ଘଟିଛି। ଏଥିସହିତ ଫିଲ୍ଡରେ ଥିବା ୧୨ ଖେଳାଳି ଆହତ ହୋଇଛନ୍ତି। ଏଭଳି ଘଟଣା ଉତ୍ତରପ୍ରଦେଶର କାନପୁର ଜିଲ୍ଲା ଉନ୍ନାଓର ଶୁକ୍ଲାଗଞ୍ଜସ୍ଥିତ ସାପ୍ରୁ ଷ୍ଟାଡିୟମରେ ବୁଧବାର ଅପରାହ୍ନରେ ଘଟିଛି। ଘଟଣା ବେଳେ ୱାଇଏମ୍‌ସିସି ଓ ପାରାମାଉଣ୍ଟ ମଧ୍ୟରେ ମ୍ୟାଚ୍ ଖେଳାଯାଉଥିଲା। ମୃତ ଅମ୍ପାୟରଙ୍କ ନାମ ମାନିକ ଗୁପ୍ତା। ସେ ଗତ ୩ ଦଶନ୍ଧି ହେଲା କାନପୁର କ୍ରିକେଟ ଆସୋସିଏଶନ ସହ ଜଡ଼ିତ ଥିଲେ। ମହୁମାଛି ଆକ୍ରମଣ ପରେ ତାଙ୍କୁ ସ୍ଥାନୀୟ ବେସରକାରୀ ହସ୍ପିଟାଲ ନିଆଯାଇଥିଲା। ପରେ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବାରୁ ତାଙ୍କୁ କାନପୁରସ୍ଥିତ ହସ୍ପିଟାଲକୁ ପଠାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମାନିକ କେସିଏର ୧୩ ବର୍ଷରୁ କମ୍ ଟୁର୍ଣ୍ଣାମେଣ୍ଟରେ ☞ପୃଷ୍ଠା-୪

### ଆଜିର ସମ୍ପାଦକୀୟ

## ବିଦ୍ରୋହୀ ରାଜା












ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଗୁରୁବାର ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ର ପ୍ଲିନେରି ସେସନ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ବୋଧନ କରୁଛନ୍ତି।




ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡାସିଲ୍‌ଭାଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଏଆଇ ପାଇଁ 'ମାନବ ଭିଜନ୍'




ଆବୁଧାବି କ୍ରାଉନ୍‌ପ୍ରିନ୍ସ ଶେଖ୍ ଖାଲେଦ୍ ବିନ୍ ମହମ୍ମଦ ବିନ୍ ଜାୟେଦ୍ ଅଲ୍ ନହ୍ୟାନ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ମଣିଷ ନିୟନ୍ତ୍ରଣରେ ରହୁ ପ୍ରଯୁକ୍ତି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୯।୨(ପି.ଟି./ଏଜେନ୍ସି)

ପ୍ରଯୁକ୍ତି ସବୁବେଳେ ମଣିଷ ନିୟନ୍ତ୍ରଣରେ ରହି କାର୍ଯ୍ୟ କରିବା ଉଚିତ ବୋଲି ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬ର ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) 'ମାନବ ଭିଜନ୍'ର ଅନାବରଣ କରି ଟେକ୍ନୋଲୋଜିର ମାନବୀୟ ଦୃଷ୍ଟିକୋଣ ଉପରେ ମତବ୍ୟକ୍ତ କରିଛନ୍ତି।

ଏଆଇ ଇମ୍ପାକ୍ଟ ସମିଟ୍‌ରେ ୨୦ ରାଷ୍ଟ୍ରମୁଖ୍ୟ, ୫୯ ମନ୍ତ୍ରୀସ୍ତରୀୟ ପ୍ରତିନିଧି, ୧୧୮ ଦେଶର ସରକାରୀ ପ୍ରତିନିଧି, ଶତାଧିକ ଗ୍ଲୋବାଲ ଏଆଇ ଲିଡର, ସିଇଓ, ସିଏକ୍ସଓ, ୫୦୦ ଜଣ ଏଆଇ ବିଶେଷଜ୍ଞ ସାମିଲ ହୋଇଛନ୍ତି। ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ




ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକରଁ

କହିଛନ୍ତି, ଏଆଇ ବିଶ୍ୱର ମଙ୍ଗଳ ପାଇଁ କାର୍ଯ୍ୟ କରିବ ବୋଲି ଭାରତ ବିଶ୍ୱାସ କରେ। ଭାରତ ଏଆଇକୁ ଡରେନାହିଁ, ବରଂ ଏଥିରେ ଏକ ଭାଗ୍ୟ ଓ ଆସନ୍ତାକାଲିର ବ୍ଲୁପ୍ରିଣ୍ଟକୁ ଦେଖିଥାଏ। ସମସ୍ତଙ୍କ କଲ୍ୟାଣ ଓ ଖୁସି ହେଉଛି ଆମ ପାଇଁ ଏଆଇର ମାପଦଣ୍ଡ। ମଣିଷ ଏକ ଡାଟା ପଏଣ୍ଟ କିମ୍ବା କଞ୍ଚାମାଲରେ ପରିଣତ ନ ହେଉ। ତାହା ଏଆଇ ଜରିଆରେ ସୁନିଶ୍ଚିତ କରିବା ହେଉଛି ଭାରତର ଉଦ୍ଦେଶ୍ୟ। ଏହି ଅବସରରେ ମୋଦି ଏଆଇ ପାଇଁ M.A.N.A.V. ସଂସ୍କରଣକୁ ଉପସ୍ଥାପନ କରି କହିଛନ୍ତି, ଏମ୍‌ର ତାତ୍ପର୍ଯ୍ୟ ମୋରାଲ ଆଣ୍ଡ ଏଥିକାଲ ସିଷ୍ଟମ୍। ଏ-ଆକାଉଣ୍ଟାବଲ୍ ଗଭର୍ନାନ୍ସ, ଏନ୍-ନ୍ୟାଶନାଲ ସୋଭରିଣ୍ଟି, ଏ-ଆକ୍ସେସିବଲ ଆଣ୍ଡ୍ ଇନ୍‌କ୍ଲୁସିଭ୍ ଏବଂ ଭି'ର ଫୁଲ୍‌ଫର୍ମ ଭାଲିଡ୍ ଆଣ୍ଡ୍ ଲେଜିଟିମେଟ୍। ଏଆଇକୁ ଏକ ମୁକ୍ତାକାଶ ଦିଆଯିବା ଉଚିତ କିନ୍ତୁ ଏହାର କମାଣ୍ଡ ବା ନିୟନ୍ତ୍ରଣ ମଣିଷ ହାତରେ ରହିବା ଜରୁରୀ। ଗ୍ଲୋବାଲ ପୋଜିଶନିଂ ସିଷ୍ଟମ୍ (ଜିପିଏସ୍)ର ଉଦାହରଣ ଦେଇ ମୋଦି କହିଛନ୍ତି, ଏହି ନାଭିଗେଶନ୍ ଟୁଲ୍ କେଉଁ ଦିଗକୁ ଗତି କରିବାକୁ ହେବ ସେନେଇ ପ୍ରସ୍ତାବ ଦେଇଥାଏ। ତେବେ ଚୂଡ଼ାନ୍ତ ନିଷ୍ପତ୍ତି ଏହାର ୟୁଜର ନେଇଥାନ୍ତି। ଆଜି ମଣିଷ ଏଆଇକୁ ଯେଉଁ ଦିଗକୁ ଗତିଶୀଳ କରାଉଛି, ତାହା ଆମ ଭବିଷ୍ୟତକୁ ନିର୍ଦ୍ଧାରଣ କରିବ। ଭାରତ ଏଆଇ ବିପ୍ଲବର ଏକ ଅଂଶ ନୁହେଁ, ବରଂ ଏହାର ନେତୃତ୍ୱ ନେଉଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ଗଣତାନ୍ତ୍ରୀକରଣ କରାଇ ଗ୍ଲୋବାଲ ସାଉଥ୍‌ରେ ସଶକ୍ତୀକରଣ ଓ ସମାବେଶୀ ବିକାଶର ଉପକରଣରେ ପରିଣତ କରିବାକୁ ପଡ଼ିବ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି।

ଉକ୍ତ ସମ୍ମିଳନୀରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍, ଫ୍ରାନ୍ସ ରାଷ୍ଟ୍ରପତି ଇମାନ୍ୱେଲ ମାକ୍ରଁ, ବ୍ରାଜିଲ ରାଷ୍ଟ୍ରପତି ଲୁଇଜ୍ ଇନାସିଓ ଲୁଲା ଡାସିଲ୍‌ଭା, ସୁଇଜରଲାଣ୍ଡ ରାଷ୍ଟ୍ରପତି ଗୁଏ ପର୍ମେଲିନ୍‌ଙ୍କ ସମେତ ବିଶ୍ୱର ଅନେକ ଅଗ୍ରଣୀ ଟେକ୍ କମ୍ପାନୀ ସିଇଓ ଯୋଗଦେଇଥିଲେ।

ଅନ୍ୟପକ୍ଷେ କଂଗ୍ରେସ ନେତା ଜୟରାମ ରମେଶ 'ମାନବ ଭିଜନ୍'ରେ ରହିଥିବା ଏ'କୁ ଆକ୍ରୋନିମ୍ ଏବଂ ଆଇ'କୁ ଇନ୍‌ଫେକ୍ସନ ଦର୍ଶାଇ ସମାଲୋଚନା କରିଛନ୍ତି। ଏହି ୨ ଅକ୍ଷରର କୌଣସି ଚିକିତ୍ସା ନାହିଁ ବୋଲି ସେ କହିଛନ୍ତି।

## ୧୧ ଭାଷାରେ ପ୍ରସାରିତ ହେଲା ମୋଦିଙ୍କ ଭାଷଣ

ନୂଆଦିଲ୍ଲୀ,୧୯।୨

ଏଆଇ ଇଣ୍ଡିଆ ଇମ୍ପାକ୍ଟ ସମିଟ୍‌ରେ କୃତ୍ରିମ ବୁଦ୍ଧିମତ୍ତା କ୍ଷେତ୍ରରେ ଭାରତ ନିଜ ଉତ୍କର୍ଷ ପ୍ରତିପାଦିତ କରିଛି। ଏହି ବିଶ୍ୱସ୍ତରୀୟ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଭାଷଣ ଓଡ଼ିଆ ସମେତ ୧୧ଟି ଭାଷାରେ ଅନୂଦିତ ହୋଇ ପ୍ରସାରିତ ହୋଇଛି। ଏଥିସହ ଏଆଇ-ଚାଳିତ ସାଙ୍କେତିକ ଭାଷାରେ ମଧ୍ୟ ଏହାକୁ ଡବ୍ କରାଯାଇଛି। ଭାରତ ମଣ୍ଡପମ୍‌ସ୍ଥିତ ଅଡିଟୋରିୟମ୍‌ରେ ଏକ ବିଶାଳ ସ୍କ୍ରିନ୍‌ରେ ଏଆଇ-ଏନେବଲ୍ଡ ସାଇନ୍ ଲାଙ୍ଗୁଏଜ୍‌ର ଇଣ୍ଟରପ୍ରିଟେଶନ୍‌କୁ ଉପସ୍ଥାପିତ କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ଭାଷଣ ଯେପରି ସମସ୍ତେ ବୁଝିପାରିବେ ତାହା ସୁନିଶ୍ଚିତ କରିବା ପାଇଁ ଏହି ପଦକ୍ଷେପ ନିଆଯାଇଛି।

ପ୍ରଧାନମନ୍ତ୍ରୀ ଭାଷଣ ଦେଉଥିବାବେଳେ ତାହା ଏକକାଳୀନ ଓଡ଼ିଆ, ଅହମିଆ, ବଙ୍ଗଳା, ଇଂଲିଶ୍, ଗୁଜରାଟୀ, କନ୍ନଡ଼, ମାଲୟାଲମ୍, ମରାଠୀ, ପଞ୍ଜାବୀ, ତାମିଲ ଓ ତେଲୁଗୁ ଭାଷାରେ ଲାଇଭ୍ ପ୍ରସାରିତ ହୋଇଥିଲା। ବହୁଭାଷୀ ଭାଷଣର ଇଣ୍ଟରପ୍ରିଟେଶନ୍‌କୁ ପ୍ରଧାନମନ୍ତ୍ରୀ ନିଜ ସୋସିଆଲ ମିଡିଆ ଆକାଉଣ୍ଟଗୁଡ଼ିକରେ ଶେୟାର କରିଛନ୍ତି।

## ୧୦ ଦିନରେ ବୁଝାମଣା ନ କଲେ ପରିଣାମ ଭୋଗିବ ଇରାନ: ଟ୍ରମ୍ପ

ୱାଶିଂଟନ୍,୧୯।୨

ଆଣବିକ ବୁଝାମଣା ପାଇଁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ୧୦ ଦିନ ସମୟ ଦେଇଛନ୍ତି। ଯଦି ଏହି ସମୟ ମଧ୍ୟରେ ଇରାନ ଉଚିତ ବୁଝାମଣା ନ କରେ ତେବେ ପରିଣାମ ଭୋଗିବାକୁ ପ୍ରସ୍ତୁତ ରହୁ ବୋଲି କହିଛନ୍ତି। ଗୁରୁବାର ଗାଜା ଥଇଥାନ ପରିପ୍ରେକ୍ଷୀରେ'ବୋର୍ଡ ଅଫ୍ ପିସ୍' ବୈଠକକୁ ସମ୍ବୋଧିତ କରି ଟ୍ରମ୍ପ କହିଥିଲେ , ଇରାନ କୌଣସି ସ୍ଥିତିରେ ଆଣବିକ ଅସ୍ତ୍ର ରଖିପାରିବ ନାହିଁ। ଯଦି ଇରାନ ନିକଟରେ ଆଣବିକ ଅସ୍ତ୍ର ରୁହେ ତେବେ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ହୋଇପାରିବ ନାହିଁ। ପ୍ରକାଶ ଯେ ଇରାନର ଆଣବିକ ସମ୍ବର୍ଦ୍ଧନ କାର୍ଯ୍ୟକ୍ରମ ଭିତରେ ଦେଶରେ ସରକାର ବିରୋଧୀ ଆନ୍ଦୋଳନ ଯୋଗୁ ବହୁ ଲୋକଙ୍କ ପ୍ରାଣହାନି ଘଟିଥିବା ବେଳେ ୱାଶିଂଟନ ପୂର୍ବରୁ ମଧ୍ୟ ଏଭଳି ଆକ୍ରମଣ ଚେତାବନୀ ଦେଇସାରିଛି।

# ଇରାନ ଆକ୍ରମଣ ଆଶଙ୍କା ବଢ଼ିଲା

ୱାଶିଂଟନ୍,୧୯।୨

ଆମେରିକା କୌଣସି ମୁହୂର୍ତ୍ତରେ ଇରାନ ଉପରେ ଆକ୍ରମଣ କରିବା ଆଶଙ୍କା ବଢ଼ିଛି। ଇରାନର ଆଣବିକ ଓ କ୍ଷେପଣାସ୍ତ୍ର କାର୍ଯ୍ୟକ୍ରମକୁ ନେଇ ଆମେରିକା ସହ ବୁଝାମଣା ହୋଇପାରି ନ ଥିଲାବେଳେ ଇରାନ ଉପରେ ଆକ୍ରମଣ କରିବାକୁ ଆମେରିକା ଶେଷ ବିକଳ୍ପ ଭାବେ ବାଛି ନେଇଛି। ଗୁରୁବାର ସୁଦ୍ଧା ଆରବସାଗର ଏବଂ ଭୂମଧ୍ୟସାଗରରେ ଆମେରିକା ସେନାର ଉପସ୍ଥିତି ଏବଂ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ପେଣ୍ଟାଗନ୍ ବରିଷ୍ଠ ଅଧିକାରୀମାନଙ୍କ ଆଲୋଚନା ଏହି ଆଶଙ୍କାକୁ ସ୍ପଷ୍ଟ କରିଛି। କେବଳ ଆକ୍ରମଣ ନୁହେଁ, ଆମେରିକା ଇରାନ ବିପକ୍ଷରେ ଲମ୍ବା ଯୁଦ୍ଧ ପାଇଁ ପ୍ରସ୍ତୁତି ନେଇ ସାରିଛି ବୋଲି ୱାର୍ଲଡ ଷ୍ଟ୍ରିଟ୍ ଜୋର୍ନାଲ୍( ଡବ୍ଲ୍ୟୁଏସ୍‌ଜେ) ରିପୋର୍ଟ କହିଛି। ଆମେରିକା ଆକ୍ରମଣ କଲେ ରାଜନୈତିକ ସ୍ତରରେ ଯେଉଁଭଳି ଇରାନର ସର୍ବାଧିକ କ୍ଷତି ହେବ ଏବଂ ଆଞ୍ଚଳିକ ସ୍ତରରେ ଇରାନକୁ ସହାୟତା କରୁଥିବା ଗୋଷ୍ଠୀ ଧ୍ୱଂସ ହୋଇଯିବେ , ସେହି ରଣନୀତିରେ କାର୍ଯ୍ୟ କରିବାକୁ ପେଣ୍ଟାଗନ୍

### ମଧ୍ୟପ୍ରାଚ୍ୟରେ ଆମେରିକାର ବିଶାଳ ସମରସଜ୍ଜା



ଅଧିକାରୀମାନେ ଟ୍ରମ୍ପଙ୍କୁ ବୁଝାଇଛନ୍ତି। ବିଶେଷକରି ଇରାନର ଆଣବିକ ପ୍ରତିଷ୍ଠାନ ଓ ବାଲିଷ୍ଟିକ୍ ମିଜାଇଲ୍ ଠିକଣାଗୁଡ଼ିକ ଉପରେ ଦୀର୍ଘମିଆଦୀ ଆକ୍ରମଣ ପାଇଁ ଆମେରିକା ପ୍ରସ୍ତୁତି ନେଇସାରିଛି ବୋଲି ସୂଚନା ମିଳିଛି।

ଏହିକ୍ରମରେ ଆମେରିକା ମଧ୍ୟପ୍ରାଚ୍ୟରେ ସର୍ବବୃହତ୍ ସମରସଜ୍ଜା କରିବାରେ ଲାଗିଛି। ପୂର୍ବରୁ ଆରବସାଗରରେ ଇରାନ ଉପକୂଳ ନିକଟବର୍ତ୍ତୀ ଅଞ୍ଚଳରେ ଆମେରିକା ନୌସେନାର ବିମାନବାହୀ ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ଆବ୍ରାହମ ଲିଙ୍କନ୍ ଏବଂ ଏହାର ଷ୍ଟ୍ରାଇକ୍ ଗ୍ରୁପ୍‌ରେ ସାମିଲ ରହିଥିବା ୟୁଏସ୍‌ଏସ୍ ମିସେଲ ମର୍ଫି, ଫ୍ରାଙ୍କ୍ ଇ ପିଟରସନ୍ ଜୁନିୟର, ସ୍ପ୍ରୁଆନ୍ସ ଆଦି ଡେଷ୍ଟ୍ରୟର୍ ମୁତୟନ ହୋଇସାରିଛି। ଏହି ଯୁଦ୍ଧ ଜାହାଜର ୯ଟି ସ୍କ୍ୱାର୍ଡନରେ ହେଲିକପ୍ଟର ଏବଂ ଷ୍ଟେଲ୍ଥ ଜେଟ୍ ସହ ମୋଟ ୯୦ ବିମାନ ରହିଛି। ଏହାଛଡ଼ା ଦୁଇ ଦିନ ତଳେ ଆମେରିକା ଆହୁରି ୫୦ଟି ଲଢୁଆ ବିମାନ ଇରାନ ଉପକୂଳରେ ମୁତୟନ କରିଛି। ଏବେ ବିଶ୍ୱର ସର୍ବବୃହତ୍ ବିମାନବାହୀ ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ଗେରାଲ୍ଡ ଆର୍. ଫୋର୍ଡକୁ ଆମେରିକା ମୁତୟନ କରିବାକୁ ଯାଉଛି। ୩ ଦିନ ତଳେ ଇରାନ ଅଭିମୁଖେ ବାହାରିଥିବା ଏହି ଯୁଦ୍ଧ ଜାହାଜ ଗୁରୁବାର ସୁଦ୍ଧା ଜିବ୍ରାଲଟର୍ ପ୍ରଣାଳୀ ଅତିକ୍ରମ କରିସାରି ଭୂମଧ୍ୟସାଗର ନିକଟବର୍ତ୍ତୀ ହୋଇସାରିଛି। ଆରବସାଗରରେ ପହଞ୍ଚିବାକୁ ଏହାକୁ ଆଉ ୨ ରୁ ୩ ଦିନ ଲାଗିବ। ଇସ୍ରାଏଲ ଉପକୂଳ(ଭୂମଧ୍ୟସାଗର)ରେ ଥାଇ ମଧ୍ୟ ଏହି ଜାହାଜ ଇରାନକୁ ଟାର୍ଗେଟ୍ କରିବାକୁ ସକ୍ଷମ। କିନ୍ତୁ ଏହା ଯଦି ଆରବସାଗରରେ ଡେରା ପକାଇବ, ୨୦୦୩ ପରେ ମଧ୍ୟପ୍ରାଚ୍ୟରେ ଆମେରିକା ସେନାର ସବୁଠୁ ବଡ଼ ସମରସଜ୍ଜା ହେବ ବୋଲି କୁହାଯାଉଛି। ୨୦୦୩ରେ ସଦ୍ଦାମ ହୁସେନ୍‌ଙ୍କୁ ଗାଦିଚ୍ୟୁତ କରିବା ଲାଗି ଇରାକ ବିରୋଧରେ ଆମେରିକା ସର୍ବାଧିକ ସୈନ୍ୟ ଠୁଳ କରିଥିଲା। ବର୍ତ୍ତମାନ ୟୁଏସ୍‌ଏସ୍ ଗେରାଲ୍ଡ ଆର୍. ଫୋର୍ଡ ଏବଂ ଆବ୍ରାହମ୍ ଲିଙ୍କନର ମିଳିତ କ୍ଷମତା ଇରାନ ପାଇଁ ଭାରି ପଡ଼ିବ ବୋଲି ଅନ୍ତର୍ଜାତୀୟ ସ୍ତରର ସାମରିକ ବିଶେଷଜ୍ଞମାନେ ଆକଳନ କରୁଛନ୍ତି।



ମହାରାଷ୍ଟ୍ରର ନାଣ୍ଡେଡ୍‌ରେ ଶୀତଲ ଚନ୍ଦ୍ରକାନ୍ତ ଚିଭେ ନାମ୍ନୀ ଛାତ୍ରୀ କୋଳରେ ତାଙ୍କର ୧୦ ଦିନର ଶିଶୁକୁ ଧରି ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଉଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ କର୍ତ୍ତୃପକ୍ଷ ପରୀକ୍ଷା କେନ୍ଦ୍ରରେ ତୁରନ୍ତ ଏକ ସ୍ୱତନ୍ତ୍ର ମାତୃସ୍ନେହ କକ୍ଷ ଖୋଲିଛନ୍ତି।

## ବିଷାକ୍ତ ଗ୍ୟାସ୍ ଲିକ୍: ୩୭ ମୃତ

ଆବୁଜା,୧୯।୨

ନାଇଜେରିଆର ଉତ୍ତର କେନ୍ଦ୍ରୀୟ ଅଞ୍ଚଳସ୍ଥିତ ଏକ ଖଣିରୁ ବିଷାକ୍ତ ଗ୍ୟାସ୍ ଲିକ୍ ହେବା ଯୋଗୁ ସେଠାରେ କାର୍ଯ୍ୟରତ ୩୭ ଜଣଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ୩୦ରୁ ଅଧିକ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ମଙ୍ଗଳବାର ରାତିରେ ଖଣିରେ କାର୍ଯ୍ୟ ଚାଲିଥିଲା ବେଳେ ହଠାତ୍ ଲିଡ୍ ଅକ୍ସାଇଡ୍, ସଲଫର୍ ଏବଂ କାର୍ବନ ମନୋକ୍ସାଇଡ୍ ଭଳି ବିଷାକ୍ତ ଗ୍ୟାସ୍ ନିର୍ଗତ ହୋଇଥିଲା। ଫଳରେ ଅଧିକାଂଶ ଲୋକ ଚେତାଶୂନ୍ୟ ହୋଇପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିଲେ ହେଁ ୩୭ ଜଣଙ୍କର ମୃତ୍ୟୁ ହୋଇଥିଲା।

## କରାଚୀରେ ବିସ୍ଫୋରଣ: ୧୬ ମୃତ

କରାଚୀ,୧୯।୨(ପି.ଟି.)

ପାକିସ୍ତାନର କରାଚୀସ୍ଥିତ ଏକ ଆବାସିକ ବିଲ୍ଡିଂରେ ଗୁରୁବାର ଭୋର ସମୟରେ ଗ୍ୟାସ୍ ଲିକ୍‌ରୁ ବିସ୍ଫୋରଣ ଘଟି ଅନ୍ୟୂନ ୧୬ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୯ ଜଣ ପିଲା ଥିବାବେଳେ ଆହତଙ୍କ ମଧ୍ୟରେ ୭ ପିଲା ଥିବା ଜଣାପଡ଼ିଛି। ଓଲ୍ଡ ସୋଲ୍‌ଜର ବଜାରରେ ଥିବା ବିଲ୍ଡିଂର ପ୍ରଥମ ମହଲାରେ ବିସ୍ଫୋରଣ ଘଟିଥିବା ପୋଲିସ କହିଛି। ପାକିସ୍ତାନରେ ଗୁରୁବାର ରମଜାନର ପ୍ରଥମ ଦିନ ପାଳନ ହେଉଥିବାରୁ ଦିନସାରା ରୋଜା ରଖିବା ପୂର୍ବରୁ ଖାଇବା ପାଇଁ ଲୋକମାନେ ଭୋର ସମୟରେ ଉଠିଥିଲେ। ପାକିସ୍ତାନର ସର୍ବବୃହତ୍ ସହର କରାଚୀରେ ଗ୍ୟାସ୍ ଅଭାବ ଯୋଗୁ ଅଧିକାଂଶ ନିମ୍ନ ଆୟକାରୀ ପରିବାର ଘରେ ତରଳ ପେଟ୍ରୋଲିୟମ୍ ଗ୍ୟାସ୍ ସିଲିଣ୍ଡର ବ୍ୟବହାର କରିଥାନ୍ତି। ବିସ୍ଫୋରଣ ଯୋଗୁ ଜରାଜୀର୍ଣ୍ଣ ଅବସ୍ଥାରେ ଥିବା ବିଲ୍ଡିଂର ଗୋଟିଏ ଭାଗ ଭୁଶୁଡ଼ି ପଡ଼ିଛି। ଭଗ୍ନାବଶେଷ ତଳେ ଅନ୍ୟ କେହି ରହିଯାଇଥିବା ଆଶଙ୍କା କରି ଉଦ୍ଧାର କାର୍ଯ୍ୟ ଜାରି ରହିଛି।

## ମାଓବାଦୀପ୍ରବଣ ଜିଲା ସଂଖ୍ୟା ୭କୁ ହ୍ରାସ

ନୂଆଦିଲ୍ଲୀ,୧୯।୨

### ମାର୍ଚ୍ଚ ସୁଦ୍ଧା ଦେଶକୁ ମାଓବାଦୀ ମୁକ୍ତ କରିବା ଲକ୍ଷ୍ୟ

ମାର୍ଚ୍ଚ ସୁଦ୍ଧା ଭାରତକୁ ମାଓବାଦୀମୁକ୍ତ କରିବା ପାଇଁ କେନ୍ଦ୍ର ସରକାର ଘୋଷଣା କରିଥିବାବେଳେ ଦେଶରେ ମାଓବାଦୀପ୍ରବଣ ଜିଲା ସଂଖ୍ୟା ୮ରୁ ୭କୁ ହ୍ରାସ ପାଇଥିବା ଏକ ସଦ୍ୟ ସମୀକ୍ଷାରୁ ଜଣାପଡ଼ିଛି। ଫେବୃଆରୀ ୯ରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ମାଓବାଦୀପ୍ରବଣ ଜିଲାଗୁଡ଼ିକର ନୂଆ ବର୍ଗୀକରଣ କରିଛନ୍ତି। ଦେଶକୁ ମାଓବାଦୀ ମୁକ୍ତ କରିବା ଲାଗି ଜାତୀୟ ନୀତି ଓ କାର୍ଯ୍ୟଯୋଜନାର ବିସ୍ତୃତ ସମୀକ୍ଷା କରାଯାଇଛି। ଝାଡ଼ଖଣ୍ଡ, ବିହାର, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ତେଲଙ୍ଗାନା ଏବଂ ପଶ୍ଚିମବଙ୍ଗର ୩୮ଟି ଜିଲା ଉପରେ ଏହି ସମୀକ୍ଷା କରାଯାଇଥିଲା। ମାଓବାଦୀ ହିଂସା ଓ କାର୍ଯ୍ୟକଳାପ ଚାଲିଥିବା ଜିଲା ସଂଖ୍ୟା ଗତ ଡିସେମ୍ବରରେ ୮ ଥିବାବେଳେ ଏବେ ୭କୁ ହ୍ରାସ ପାଇଛି। ସେହି ଜିଲାଗୁଡ଼ିକ ହେଲେ ଛତିଶଗଡ଼ର ବିଜାପୁର, ନାରାୟଣପୁର, ସୁକ୍‌ମା, କଙ୍କେର ଏବଂ ଦାନ୍ତେୱାଡ଼ା, ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ ଏବଂ ଓଡ଼ିଶାର କନ୍ଧମାଳ। ସେଥିରୁ ସବୁଠୁ ପ୍ରଭାବିତ ମାଓବାଦୀ ଅଧ୍ୟୁଷିତ ଜିଲା ହେଲେ ଛତିଶଗଡ଼ର ବିଜାପୁର, ନାରାୟଣପୁର ଏବଂ ସୁକ୍‌ମା। ମାଓବାଦୀଙ୍କୁ ନେଇ ଚିନ୍ତାଜନକ ଜିଲା ମଧ୍ୟରେ ରହିଛି ଛତିଶଗଡ଼ର କଙ୍କେର ଏବଂ ଝାଡ଼ଖଣ୍ଡର ପଶ୍ଚିମ ସିଂହଭୂମ। ଅନ୍ୟ ମାଓବାଦୀପ୍ରବଣ ଜିଲା ବର୍ଗରେ ଛତିଶଗଡ଼ର ଦାନ୍ତେୱାଡ଼ା ଏବଂ ଓଡ଼ିଶାର କନ୍ଧମାଳ ରହିଛି।

## ବିକ୍ରମ ଭଟ୍ଟ, ସ୍ତ୍ରୀଙ୍କୁ ସୁପ୍ରିମକୋର୍ଟରୁ ଜାମିନ

ନୂଆଦିଲ୍ଲୀ,୧୯।୨

ଚଳଚ୍ଚିତ୍ର ନିର୍ମାତା ବିକ୍ରମ ଭଟ୍ଟ ଏବଂ ତାଙ୍କ ସ୍ତ୍ରୀ ଶ୍ୱେତାମ୍ବରୀ ଭଟ୍ଟଙ୍କୁ ଏକ ଜାଲିଆତି ମାମଲାରେ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ସେମାନେ ଏକ ଫିଲ୍ମ ପ୍ରୋଜେକ୍ଟ ନାମରେ ଜଣେ ଡାକ୍ତରଙ୍କଠାରୁ ୩୦ କୋଟି ଟଙ୍କା ଠକିନେଇଥିବା ଅଭିଯୋଗରେ ମାମଲା ଚାଲିଛି। ଗତବର୍ଷ ନଭେମ୍ବରରେ ଇନ୍ଦିରା ଆଇଭିଏଫ୍‌ର ଡାକ୍ତର ଅଜୟ ମୁରଦିଆ ଉଦୟପୁରର ଭୁପାଲପୁରା ଥାନାରେ ଅଭିଯୋଗ କରିବା ପରେ ମାମଲା ରୁଜୁ ହୋଇଥିଲା। ଅଭିଯୋଗ ଅନୁଯାୟୀ ଡାକ୍ତରଙ୍କ ପରଲୋକଗତ ସ୍ତ୍ରୀଙ୍କ ସ୍ମୃତିରେ ଏକ ଚଳଚ୍ଚିତ୍ର ଓ ବୃତ୍ତଚିତ୍ର ନିର୍ମାଣ ପାଇଁ ବିକ୍ରମ ଭଟ୍ଟଙ୍କ କମ୍ପାନୀ ସହ ତାଙ୍କର ଚୁକ୍ତିନାମା ହୋଇଥିଲା। ଟଙ୍କା ପୈଠ ପରେ ଭଟ୍ଟଙ୍କ କମ୍ପାନୀ ଫିଲ୍ମ ଦେଇ ନଥିଲା।

## ରାହୁଲଙ୍କୁ ହତ୍ୟା ଧମକ: କରନୀ ସେନା ସଦସ୍ୟ ଅଟକ

ଜୟପୁର,୧୯।୨(ପି.ଟି.)

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ବିରୋଧୀ ଦଳର ଅନ୍ୟ ୨୫ ଜଣ ଏମ୍‌ପିଙ୍କୁ ଗୁଳି କରିବାକୁ ଧମକ ଦେଇଥିବା ବ୍ୟକ୍ତିଙ୍କୁ ପୋଲିସ ଗୁରୁବାର ରାଜସ୍ଥାନର କୋଟାରେ ଅଟକ ରଖିଛି। ଧମକପୂର୍ଣ୍ଣ ଭିଡିଓ ପୋଷ୍ଟ କରିଥିବା ବ୍ୟକ୍ତି ଜଣକ ଦକ୍ଷିଣପନ୍ଥୀ କରନୀ ସେନାର ମୁଖପାତ୍ର ରାଜ ସିଂ ବୋଲି ନିଜର ପରିଚୟ ଦେଇଛନ୍ତି। ଉକ୍ତ ଭିଡିଓରେ ସେ କହିଛନ୍ତି, ନିକଟରେ ଶେଷ ହୋଇଥିବା ପାର୍ଲାମେଣ୍ଟ ବଜେଟ ଅଧିବେଶନର ପ୍ରଥମ ପର୍ଯ୍ୟାୟରେ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ୨୫ ଜଣ କଂଗ୍ରେସ ଏମ୍‌ପି ଯେଉଁଭଳି ଢଙ୍ଗରେ ସମାଲୋଚନା କରିଛନ୍ତି, ତାହା ସମସ୍ତ ଭାଜପା ଏବଂ କରନୀ ସେନାର ସମସ୍ତ କର୍ମୀଙ୍କୁ କ୍ଷୁବ୍ଧ କରିଛି। ଯଦି ଏଭଳି ଘଟଣାର



ରାଜ ସିଂ

ପୁନରାବୃତ୍ତି ହୁଏ ତେବେ ଆମେ ଉକ୍ତ ଏମ୍‌ପିମାନଙ୍କ ଘରେ ପଶି ଭଙ୍ଗାରୁଜା କରିବୁ। ମୁଁ ବିଶ୍ୱାସ କରୁଛି, ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶରେ ଏଭଳି କାର୍ଯ୍ୟ ହୋଇଛି। ରାହୁଲ ଧ୍ୟାନର ସହ ଶୁଣନ୍ତୁ, ଯଦି ଏଭଳି ଘଟଣା ପୁନର୍ବାର ଘଟେ, ତେବେ ଆମେ ଆପଣଙ୍କ ଘରେ ପଶି ଗୁଳି ମାରିବୁ ବୋଲି ସିଂ ଭିଡିଓରେ କହିଛନ୍ତି। ସୋସିଆଲ ମିଡିଆରେ ଭିଡିଓ ପ୍ରସାରିତ ହେବା ପରେ ସିଂଙ୍କୁ କୋଟା ପୋଲିସ ଅଟକ ରଖି ପଚରାଉଚରା କରୁଛି। ତେବେ ସେ କୌଣସି ସଂଗଠନ ସହ ଜଡ଼ିତ ଥିବା ନେଇ ସ୍ପଷ୍ଟ ହୋଇନାହିଁ। ରାହୁଲ ଓ ଦଳର ଅନ୍ୟ ୨୫ ଜଣ ଏମ୍‌ପିଙ୍କୁ କରନୀ ସେନା ସଦସ୍ୟଙ୍କ ହତ୍ୟା ଧମକ ଘଟଣାରେ ଭାଜପା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ନିନ୍ଦା କରିଛି। ଆର୍‌ଏସ୍‌ଏସ୍-ଭାଜପା ବ୍ୟବସ୍ଥା ହେଉଛି 'ଗଡ୍‌ସେ ଫ୍ୟାକ୍ଟ୍ରି' ବୋଲି କଂଗ୍ରେସ କହିଛି। ବିରୋଧୀଙ୍କୁ ନିନ୍ଦିତ କରିବା ଏବଂ ରାଜନୈତିକ ବିରୋଧୀ ବିଶେଷକରି ରାହୁଲଙ୍କ ବିରୋଧରେ ହିଂସାକୁ ବୈଧ କରିବା ପାଇଁ ଜାଣିଶୁଣି ଅଭିଯାନ ଚାଲିଥିବା ବିରୋଧୀ ଦଳ ଅଭିଯୋଗ କରିଛି।

ଧରିତ୍ରୀ 52 Years

# ଧରିତ୍ରୀ
DHARITRI





**ପରୀକ୍ଷା ଖୁସି:** ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ପରିଚାଳିତ ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନ ସାହିତ୍ୟ ପରୀକ୍ଷା ରହିଥିଲାବେଳେ ଛାତ୍ରୀଛାତ୍ରମାନେ ଭୁବନେଶ୍ୱର ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରୁ ଖୁସି ମନରେ ବାହାରୁଛନ୍ତି। **(ଫଟୋ- ବିକାଶ ନାୟକ)**

# 'ଫ୍ରିବିଜ୍' ନିର୍ବାଚନୀ ଲାଞ୍ଚ

## ଆର୍ଥିକ ଅଭିବୃଦ୍ଧିରେ ମାଗଣା ସୁବିଧା ବାଧକ: ସୁପ୍ରିମକୋର୍ଟ

**ରାଜନୀତିରେ ବଢୁଥିବା ମାଗଣା ସୁବିଧା (ଫ୍ରିବିଜ୍) ସଂସ୍କୃତିକୁ ସୁପ୍ରିମକୋର୍ଟ ଗୁରୁବାର ତୀବ୍ର ନିନ୍ଦା କରିଛନ୍ତି। ରାଜ୍ୟଗୁଡ଼ିକ ଦ୍ୱାରା ଅବିଚାରିତ ଭାବେ ମାଗଣା ସୁବିଧା ବଣ୍ଟନ ଦେଶର ଆର୍ଥିକ ଅଭିବୃଦ୍ଧି ଏବଂ କାର୍ଯ୍ୟ ସଂସ୍କୃତିରେ ବାଧା ସୃଷ୍ଟି କରୁଥିବା ନେଇ ସର୍ବୋଚ୍ଚ ଅଦାଲତ ସତର୍କ କରାଇଦେବା ସହ ଏଭଳି ନୀତିର ସମୀକ୍ଷା କରାଯିବାର ସମୟ ଆସିଛି ବୋଲି କହିଛନ୍ତି। ଗରିବଙ୍କ ପାଇଁ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ରାଶନ ଯୋଗାଇବା ସରକାରଙ୍କ ଦାୟିତ୍ୱ। ହେଲେ ମାଗଣା ଟିଭି, ମିକ୍ସର ଗ୍ରାଇଣ୍ଡର କିମ୍ବା ନଗଦ ଟଙ୍କା ବାଣ୍ଟିବା ପ୍ରକୃତ ବିକାଶ ନୁହେଁ, ବରଂ ଏହା ଏକ ପ୍ରକାର ନିର୍ବାଚନୀ ଲାଞ୍ଚ ବୋଲି ସୁପ୍ରିମକୋର୍ଟ ଟିପ୍ପଣୀ ଦେଇଛନ୍ତି।**

**ନୂଆଦିଲ୍ଲୀ,୧୯।୨(ପି.ଟି.)**

ଆର୍ଥିକ ସ୍ଥିତି ନିର୍ବିଶେଷରେ ସମସ୍ତ ଉପଭୋକ୍ତାଙ୍କୁ ମାଗଣାରେ ବିଦ୍ୟୁତ୍ ଯୋଗାଇଦେବା ପାଇଁ ତାମିଲନାଡୁ ବିଦ୍ୟୁତ୍ ବଣ୍ଟନ ନିଗମ ଲିଃ ଦେଇଥିବା ପ୍ରସ୍ତାବ ଉପରେ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ କହିଛନ୍ତି, ରାଜ୍ୟ ସରକାର ଗରିବଙ୍କ ହାତଧରି ଆଗେଇନେବା କଥା ବୁଝିହେଉଛି। ତେବେ ଆର୍ଥିକ ସାମର୍ଥ୍ୟର ଆକଳନ ନ କରି ସବୁ ଉପଭୋକ୍ତାଙ୍କୁ ମାଗଣା ବିଜୁଳି ଓ ଅନ୍ୟାନ୍ୟ ସୁବିଧା ଯୋଗାଇବା ତୁଷ୍ଟୀକରଣ ରାଜନୀତି। ଅଧିକାଂଶ ରାଜ୍ୟ ରାଜସ୍ୱ ନିଅଣ୍ଟରେ ଥାଇ ମଧ୍ୟ ନିଯୁକ୍ତି ସୃଷ୍ଟି ଏବଂ ବିକାଶମୂଳକ ପ୍ରକଳ୍ପଗୁଡ଼ିକରେ ପୁଞ୍ଜିନିବେଶ କରିବା ପରିବର୍ତ୍ତେ ମାଗଣା ଖାଦ୍ୟ, ସାଇକେଲ୍ ଓ ବିଜୁଳି ଯୋଗାଇଦେବାକୁ ଘୋଷଣା କରୁଛନ୍ତି ବୋଲି ପ୍ରଧାନ ବିଚାରପତି ସୂର୍ଯ୍ୟ କାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ବିପୁଲ ଏମ୍ ପାଞ୍ଚୋଲିଙ୍କ ଖଣ୍ଡପୀଠ ଟିପ୍ପଣୀ ଦେଇଛନ୍ତି। ସୁପ୍ରିମକୋର୍ଟ ଏହି ମାମଲାରେ ଭାରତୀୟ ନିର୍ବାଚନ କମିଶନ ଏବଂ କେନ୍ଦ୍ର ସରକାରଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ନିର୍ବାଚନ ସମୟରେ ରାଜନୈତିକ ଦଳଗୁଡ଼ିକ ଦେଉଥିବା ପ୍ରତିଶ୍ରୁତିକୁ କିପରି ନିୟନ୍ତ୍ରଣ କରାଯାଇପାରିବ, ସେଥିପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରିବାକୁ କୋର୍ଟ ପରାମର୍ଶ ଦେଇଛନ୍ତି।

ସୁପ୍ରିମକୋର୍ଟଙ୍କ ମତରେ 'ମାଗଣା ସଂସ୍କୃତି' ଲୋକଙ୍କୁ ଆତ୍ମନିର୍ଭରଶୀଳ କରିବା ପରିବର୍ତ୍ତେ ସରକାରଙ୍କ ଉପରେ ନିର୍ଭରଶୀଳ କରାଉଛି, ଯାହା ଦୂରଗାମୀ ଦୃଷ୍ଟିରୁ ଦେଶ ପାଇଁ କ୍ଷତିକାରକ। ମାଗଣା ସୁବିଧା ବଣ୍ଟନ ଯୋଗୁ ଦେଶର ଆର୍ଥିକ ବିକାଶ ବାଧାପ୍ରାପ୍ତ ହେଉଛି। ଲୋକଙ୍କୁ ସୁବିଧା ଦେବା ରାଷ୍ଟ୍ରର କର୍ତ୍ତବ୍ୟ। ତେବେ କେଉଁମାନେ ଏହି ସୁବିଧା ପାଉଛନ୍ତି, ତାହା ଯାଞ୍ଚ କରିବା ଆବଶ୍ୟକ ନୁହେଁ କି ବୋଲି ପ୍ରଧାନ ବିଚାରପତି ଟିପ୍ପଣୀ ଦେବା ସହ ବିଦ୍ୟୁତ୍ ଟାରିଫ୍ ଉପରେ ବିଜ୍ଞପ୍ତି ପ୍ରକାଶ ପରେ ରାଜ୍ୟଗୁଡ଼ିକ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି କାହିଁକି ବୋଲି ପ୍ରଶ୍ନ କରିଛନ୍ତି। ଖଣ୍ଡପୀଠ ଆହୁରି କହିଛନ୍ତି, ମାଗଣା ସୁବିଧା ଉପରେ ଅତ୍ୟଧିକ ନିର୍ଭରଶୀଳତା ଯୋଗୁ କାର୍ଯ୍ୟ ସଂସ୍କୃତି ନଷ୍ଟ ହୋଇପାରୁଥାଏ। ଯଦି ସରକାର ଲୋକଙ୍କୁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ମାଗଣା ଖାଦ୍ୟ ଦେବେ, ମାଗଣା ସାଇକେଲ୍ ଏବଂ ବିଜୁଳି ଯୋଗାଇଦେବେ, ତେବେ କିଏ କାମ କରିବ ବୋଲି ସିଜେଆଇ ପ୍ରଶ୍ନ କରିଛନ୍ତି। ଯାହା ଜଣାପଡୁଛି ରାଜ୍ୟଗୁଡ଼ିକ ବେତନ ପ୍ରଦାନ ଏବଂ ମାଗଣା ସୁବିଧା ବଣ୍ଟନ ପରେ ଆଉ ବିଶେଷ କିଛି କରୁନାହାନ୍ତି। ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି ଯେ କୌଣସି ଏକ ନିର୍ଦ୍ଦିଷ୍ଟ ରାଜ୍ୟକୁ ଲକ୍ଷ୍ୟ କରି ସେ ଚିନ୍ତାବ୍ୟକ୍ତ କରୁନାହାନ୍ତି, ଏହାର ପ୍ରଭାବ ସାରା ଦେଶରେ ପଡୁଛି।

କେନ୍ଦ୍ର ସରକାରଙ୍କ ବିଦ୍ୟୁତ୍ (ସଂଶୋଧନ) ନିୟମାବଳୀ, ୨୦୨୪ର ରୁଲ୍ ୨୩କୁ ଚ୍ୟାଲେଞ୍ଜ କରି ତାମିଲନାଡୁ ବିଦ୍ୟୁତ୍ ବଣ୍ଟନ ନିଗମ ଚ୍ୟାଲେଞ୍ଜ କରିଥିବାବେଳେ ଅଦାଲତ ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଉକ୍ତ ନିୟମରେ ବିଦ୍ୟୁତ୍ ଦର ନିର୍ଦ୍ଧାରଣରେ ପ୍ରକୃତ ଖର୍ଚ୍ଚକୁ ଅନ୍ତର୍ଭୁକ୍ତ କରିବା ନିର୍ଦ୍ଦେଶ ଥିବାବେଳେ ଅନୁମୋଦିତ ବାର୍ଷିକ ରାଜସ୍ୱ ଆବଶ୍ୟକତା ଏବଂ ଟାରିଫରୁ ଆସିବାକୁ ଥିବା ଆକଳିତ ରାଜସ୍ୱ ମଧ୍ୟରେ ☞ପୃଷ୍ଠା-୧୧

# ବାଣ ବିସ୍ଫୋରଣରେ ମା', ଝିଅଙ୍କ ମୃତ୍ୟୁ

## ଜଗତପୁର ମହାଜନପୁରରେ ଅଘଟଣ

**ମଙ୍ଗୁଳି-ଜଗତପୁର,୧୯।୨ (ମାନସ ସାମଲ)**

କଟକ ଜିଲା ଜଗତପୁର ଥାନା ଅଧୀନ ମହାଜନପୁର ପଞ୍ଚାୟତର ନାୟକସାହିରେ ଗୁରୁବାର ରାତିରେ ବାଣ ବିସ୍ଫୋରଣ ଘଟିଛି। ଏଥିରେ ମା'ଝିଅଙ୍କ ଜୀବନ ଯାଇଛି। ସେମାନେ ହେଲେ ଗୋବିନ୍ଦ ନାୟକଙ୍କ ବୋହୂ ଜୁଲି ନାୟକ (୩୨) ଓ ୩ବର୍ଷର ନାତୁଣୀ। ଗୋବିନ୍ଦଙ୍କ ସ୍ତ୍ରୀ ପ୍ରଭାତୀ ଗୁରୁତର ଆହତ ହୋଇ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଆଗାମୀ ଦୋଳଯାତ୍ରା ପାଇଁ ବାଣ ତିଆରି କରାଯାଉଥିବା କିମ୍ବା ବାଣ ପ୍ରସ୍ତୁତ ପରେ ସେଗୁଡ଼ିକୁ ସଜାଇ ରଖାଯାଉଥିବାବେଳେ ବିସ୍ଫୋରଣ ଘଟିଥିବା କୁହାଯାଉଛି। କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଅତିରିକ୍ତ ଡେପୁଟି ପୋଲିସ କମିଶନର ଅମରେନ୍ଦ୍ର ପଣ୍ଡା, ସ୍ଥାନୀୟ ଥାନା ଅଧିକାରୀ ପ୍ରଶାନ୍ତ ସାସମଲ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଅନ୍ୟପଟେ ତଦନ୍ତରୁ ଦୂରେଇ ରହିବା ପାଇଁ ପାଖପଡ଼ିଶା ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ, ଗୁରୁବାର ରାତି ପ୍ରାୟ ୭ଟାରେ ନାୟକସାହିରେ ହଠାତ୍ ଏକ ପ୍ରଚଣ୍ଡ ଶବ୍ଦ ହେବା ସହ କିଛି ସମୟ ସମ୍ପୃକ୍ତ ଅଞ୍ଚଳ ଧୂଆଁମୟ ହୋଇପଡ଼ିଥିଲା। କେତେଜଣଙ୍କ ଚିତ୍କାର ଶୁଭିଥିଲା। ସ୍ଥାନୀୟ ଲୋକେ ଦୌଡ଼ିଯାଇ ଦେଖିଥିଲେ ଯେ, ଜଣେ ଶିଶୁ ସମେତ ୩ଜଣ ଅର୍ଦ୍ଧଦଗ୍ଧ ଅବସ୍ଥାରେ ତଳେ ପଡ଼ିଛନ୍ତି। ଲୋକେ ସେମାନଙ୍କୁ ଉଦ୍ଧାର କରିବା ସହ ପୋଲିସକୁ ଖବର ଦେଇଥିଲେ। ପରେ ଲୋକେ ଗୁରୁତରମାନଙ୍କୁ ପିସିଆର୍ ଯୋଗେ ଏସ୍‌ସିବି ମେଡିକାଲକୁ ପଠାଇଥିଲେ। ସେଠାରେ ରାତି ପ୍ରାୟ ୧୧ଟାରେ ବୋହୂ ଜୁଲି ଓ ତାଙ୍କ କୁନିଝିଅଙ୍କ ଜୀବନ ଚାଲିଯାଇଥିଲା। ସେହିପରି ବିସ୍ଫୋରଣରେ ୩ ବଖରା ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ପୋଲିସ ଏ ନେଇ ଏକ କେସ୍ ରୁଜୁ କରି ତଦନ୍ତ କରୁଛି। ରାତି ଅନ୍ଧାର ସାଙ୍ଗକୁ ଘରଟି ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ତଦନ୍ତ ଆଗେଇପାରିନାହିଁ। ଶୁକ୍ରବାର ସକାଳୁ ପୋଲିସ ପୁଣି ତଦନ୍ତ କରିବା ପରେ ଘଟଣାରୁ ପରଦା ଉଠିବ ବୋଲି ଡିସିପି କହିଛନ୍ତି। ☞ପୃଷ୍ଠା-୧୧

# କଂଗ୍ରେସ ଲାଭ ନେଇଯିବ ଭାବି ପଳାଇଲା ବିଜେଡି: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୨(ସୁନିତ୍ ମିଶ୍ର)**

ଦୁଃଖର ବିଷୟ ବିଧାନସଭାରେ ବିରୋଧୀ ଦଳର ସଦସ୍ୟମାନେ ଆଲୋଚନାରେ ବିଶେଷ ଯୋଗଦାନ ନ ରଖି, ପାଟିତୁଣ୍ଡ, ହୋହଲ୍ଲା କରି ଗୃହକୁ ବାରମ୍ବାର ଅଚଳ କରୁଛନ୍ତି। ଗଣତାନ୍ତ୍ରିକ ପରମ୍ପରାରେ ବିରୋଧୀ ଦଳର ପ୍ରଶ୍ନ ପଚାରିବାର ଅଧିକାର ରହିଛି। କିନ୍ତୁ ଦୁଇଦିନରେ ବିରୋଧୀ ଦଳର କାର୍ଯ୍ୟକଳାପକୁ ଦେଖିଲେ ମନେହୁଏ, ସେମାନେ ଲୋକଙ୍କ ସ୍ୱରକୁ ବିଧାନସଭାରେ ରଖିବାକୁ ଚାହୁଁନାହାନ୍ତି। ସବୁଠାରୁ ପରିତାପର ବିଷୟ, ବିରୋଧୀ ଦଳର ନେତାଙ୍କ ସହ ତାଙ୍କ ସଦସ୍ୟମାନେ ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ ଚୁପ୍‌ଚାପ୍ କକ୍ଷତ୍ୟାଗକରି ଚାଲିଗଲେ। ଗଣମାଧ୍ୟମରେ ଖବର ଆସିଲା, ମୁଖ୍ୟ ବିରୋଧୀ ଦଳ ରାଜ୍ୟପାଳଙ୍କ ଭାଷଣ ସମୟରେ କକ୍ଷତ୍ୟାଗ କରିବାକୁ ଚାହୁଁ ନ ଥିଲା। ହେଲେ କଂଗ୍ରେସ ସଦସ୍ୟଙ୍କ କକ୍ଷତ୍ୟାଗ ଦେଖି କାଳେ ସେମାନେ ବିରୋଧ ପ୍ରକ୍ରିୟାରେ ଆଗକୁ ଚାଲିଯିବେ, ବାଧ୍ୟବାଧକତାର ସହ ବିଜେଡି ଗୃହରୁ ବାହାରିଗଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଚାଲିଥିବା ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ଭାଗନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିଜେଡି ରାଜ୍ୟପାଳଙ୍କ ଅଭିଭାଷଣ ସମୟରେ କକ୍ଷତ୍ୟାଗ କରିବାକୁ ଚାହୁଁ ନ ଥିବା ଭଳି ମନେ ହେଉଥିଲା। ସେହି ସମୟରେ ବିଜେଡି ସଦସ୍ୟଙ୍କ କଥା ଏବଂ କାର୍ଯ୍ୟକଳାପକୁ ଯଦି ଲକ୍ଷ୍ୟ କରାଯାଏ, ତେବେ ସେଥିରେ ତାଳମେଳ ନ ଥିଲା ଭଳି ଲାଗୁଥିଲା। ତେଣୁ ବିରୋଧୀ ଦଳର ଆଚରଣ ଅତ୍ୟନ୍ତ ନୈରାଶ୍ୟଜନକ। ବିଧାନସଭାକୁ ହଟ୍ଟଗୋଳକରି ବନ୍ଦକରିଦେଲେ ସାଧାରଣ ଲୋକଙ୍କଠାରୁ ମୁଖ୍ୟ ବିରୋଧୀ ଦଳର ମାନ୍ୟତା ମିଳିବ ନାହିଁ। ଖବର ମିଳିଲା ବିରୋଧୀ ଦଳର କେତେଜଣ ବରିଷ୍ଠ ସଦସ୍ୟ ରାଜ୍ୟପାଳଙ୍କ ଅଭିଭାଷଣ ଆଲୋଚନାରେ ଭାଗନେବା ଲାଗି ନିଜ ଦଳପତିଙ୍କୁ ନିଜ ମନର ଭାବ ଜଣାଇଥିଲେ। ହେଲେ ତାଙ୍କ ଦଳପତି ଏହାକୁ ମାନି ନ ଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ବିରୋଧୀ ଦଳର ମତାମତ ଉପସ୍ଥାପନ କରିବାର ବହୁ ଯଥାର୍ଥତା ରହିଛି। ମାତ୍ର ସେମାନେ ପାଟିତୁଣ୍ଡକରି ଚାଲିଗଲେ। ସେମାନଙ୍କର ଗୋଟିଏ ମିଶନ ଭୋଟ ବ୍ୟାଙ୍କ ତିଆରି କରିବା। ଯେଉଁ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଲୋକମାନେ ସେମାନଙ୍କୁ ଭୋଟ ଦେଇ ନିର୍ବାଚିତକଲେ ସେମାନେ ସେଥିରୁ ଦୂରେଇ ଯାଉଛନ୍ତି। ଚାଷୀଙ୍କ ବିଷୟକୁ ନେଇ ବିରୋଧୀ ଦଳ ତୁମ୍ବିତୋଫାନ କରୁଛନ୍ତି। ସେମାନେ ଏଠାକୁ ଆସି ଆଲୋଚନାରେ ଭାଗନେଇ ପ୍ରଶ୍ନ ପଚାରନ୍ତୁ। ମୁଖ୍ୟମନ୍ତ୍ରୀ ପଳାୟନପନ୍ଥୀ ନୁହନ୍ତି ଯେ ଉତ୍ତର ନ ଦେଇ ଏଠାରୁ ପଳାଇବେ। ଏକଥା ରାଜ୍ୟର ସମସ୍ତେ ଭଲ ଭାବେ ଜାଣନ୍ତି। ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଅବସରରେ ସେ ଖୋଲା ଖବରଦାତା ସମ୍ମିଳନୀ ଜରିଆରେ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ☞ପୃଷ୍ଠା-୧୧

# କିଙ୍ଗ୍ ଚାର୍ଲସ୍ ୩ୟଙ୍କ ଭାଇ ଆଣ୍ଡ୍ରୁ ଗିରଫ

**ଲଣ୍ଡନ,୧୯।୨**

ବହୁ ଚର୍ଚ୍ଚିତ ଜେଫ୍ରି ଏପ୍‌ଷ୍ଟିନ୍ ଯୌନ କେଲେଙ୍କାରୀ ସମ୍ପର୍କିତ ମାମଲାରେ ଛନ୍ଦି ହୋଇ ପୂର୍ବତନ ବ୍ରିଟିଶ ରାଜକୁମାର ତଥା କିଙ୍ଗ୍ ଚାର୍ଲସ୍ ୩ୟଙ୍କ ଭାଇ ଆଣ୍ଡ୍ରୁ ମାଉଣ୍ଟବ୍ୟାଟେନ୍ ୱିଣ୍ଡସର୍ ଗିରଫ ହୋଇଛନ୍ତି। ଆଣ୍ଡ୍ରୁ ମାଉଣ୍ଟବ୍ୟାଟେନ୍ କ୍ଷମତାର ଅପବ୍ୟବହାର କରି ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କୁ ବହୁ ଗୁରୁତ୍ୱପୂର୍ଣ୍ଣ ସରକାରୀ ତଥ୍ୟ ଦେଇଥିବା ଅଭିଯୋଗ ହେବା ପରେ ୟୁକେ ପୋଲିସ ତାଙ୍କୁ ଗିରଫ କରିଛି। ପୂର୍ବ ଇଂଲଣ୍ଡସ୍ଥିତ ଆଣ୍ଡ୍ରୁଙ୍କ ବାସଭବନରେ ୟୁକେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗୁରୁବାର ସକାଳେ ପହଞ୍ଚି ତାଙ୍କୁ ଗିରଫ କରିଛି। ୬୬ ବର୍ଷୀୟ ଆଣ୍ଡ୍ରୁ ମାଉଣ୍ଟବ୍ୟାଟେନ୍ ହେଉଛନ୍ତି ଦିବଂଗତ ରାଣୀ ଏଲିଜାବେଥ୍‌ଙ୍କ ଦ୍ୱିତୀୟ ପୁତ୍ର। ତାଙ୍କୁ ଗିରଫ କରାଯିବା ପରେ ବ୍ରିଟିଶ ରାଜପରିବାର ଏକପ୍ରକାର ଚିନ୍ତିତ ହୋଇପଡ଼ିଛି। କାରଣ ଆଣ୍ଡ୍ରୁଙ୍କ ବିରୋଧରେ ଯେଉଁଭଳି ଅଭିଯୋଗ ଆସିଛି, ତଦ୍ୱାରା ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ହୋଇପାରେ। ଯଦି ଏଭଳି କିଛି ହୁଏ ତେବେ ବ୍ରିଟିଶ ରାଜପରିବାରରେ ଏହା ପ୍ରଥମ ଘଟଣା ହେବ। ରାଜପରିବାରର କୌଣସି ବ୍ୟକ୍ତି ଗିରଫ ହେବା ଘଟଣା ମଧ୍ୟ ପ୍ରଥମ। ଆଣ୍ଡ୍ରୁଙ୍କୁ ଗିରଫ କରାଯିବାପରେ ଆଇନ ତା' ବାଟରେ କାର୍ଯ୍ୟ କରିବ ବୋଲି ପ୍ରତିକ୍ରିୟା ଦେଇ କିଙ୍ଗ୍ ଚାର୍ଲସ୍ ତୃତୀୟ କହିଛନ୍ତି।



ଆଣ୍ଡ୍ରୁ ମାଉଣ୍ଟବ୍ୟାଟେନ୍ ୱିଣ୍ଡସର୍

**ଏପ୍‌ଷ୍ଟିନ୍ କେଲେଙ୍କାରୀ**

# ୩୧ ନୂଆ ଜିଲା ବିଚାରାଧୀନ ରହିଛି: ରାଜସ୍ୱମନ୍ତ୍ରୀ ପୂଜାରୀ

**ଭୁବନେଶ୍ୱର,୧୯।୨ (ରବିନାରାୟଣ ଜେନା)**

ରାଜ୍ୟରେ ଏବେ ୩୦ଜିଲା ରହିଥିବାବେଳେ ଆଉ ୩୧ଟି ନୂତନ ଜିଲା ଗଠନ ପାଇଁ ଦାବିପତ୍ର ଆସିଛି। ଏହା ଏବେ ବିଚାରାଧୀନ ରହିଥିବାବେଳେ ୨୦୨୬-୨୭ ଆର୍ଥିକବର୍ଷରେ ନୂତନ ଜିଲା ଗଠନ ଲାଗି ଦାବିପତ୍ର ମିଳିଲେ ସରକାର ତାହାକୁ ବିଚାରକୁ ନେବେ ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ ଗୃହକୁ ଜଣାଇଛନ୍ତି। ସଦସ୍ୟ ବିଜୟ କୁମାର ଦଳବେହେରାଙ୍କ ପ୍ରଶ୍ନର ଉତ୍ତରରେ ରାଜସ୍ୱମନ୍ତ୍ରୀ ଦେଇଥିବା ଉତ୍ତର ଅନୁଯାୟୀ, ୧୬ ଜିଲାରୁ ୩୧ଟି ନୂତନ ପ୍ରସ୍ତାବ ଆସିଛି। ସେଥିମଧ୍ୟରେ ବରଗଡ଼ ଜିଲାରୁ ପଦ୍ମପୁରକୁ ନୂତନ ଜିଲା ପାଇଁ ପ୍ରସ୍ତାବ ଆସିଥିବାବେଳେ କଳାହାଣ୍ଡିରୁ ଧର୍ମଗଡ଼, ମୟୂରଭଞ୍ଜରୁ ପଶ୍ଚିମ ମୟୂରଭଞ୍ଜ, ରାଇରଙ୍ଗପୁର, ଖିଚିଂ, କରଞ୍ଜିଆ ତଥା ପଞ୍ଚପିର ରହିଛି। ସେହିପରି ସୁନ୍ଦରଗଡ଼ ଜିଲାରୁ ବଣାଇ, ରାଉରକେଲା, ବେଦବ୍ୟାସ, ବଲାଙ୍ଗୀରରୁ ଟିଟିଲାଗଡ଼, କଣ୍ଟାବାଞ୍ଜି, ପାଟଣାଗଡ଼, ଅନୁଗୋଳରୁ ତାଳଚେର, ପାଲଲହଡା, ଖୋର୍ଦ୍ଧାରୁ ଭୁବନେଶ୍ୱର, ଗଞ୍ଜାମରୁ ଘୁମୁସର, ଋଷିକୁଲ୍ୟା, ବ୍ରହ୍ମପୁର, ଭଞ୍ଜନଗର ଓ କବିସୂର୍ଯ୍ୟନଗର, କଟକରୁ ଚଣ୍ଡିଖୋଲ ଓ ଆଠଗଡ଼, ସମ୍ବଲପୁରରୁ କୁଚିଣ୍ଡା, କନ୍ଧମାଳରୁ ବାଲିଗୁଡା, କେନ୍ଦୁଝରରୁ ଆନନ୍ଦପୁର, ବାଲେଶ୍ୱରରୁ ନୀଳଗିରି, ସୋର ଓ ଜଳେଶ୍ୱର, ପୁରୀରୁ ନିମାପଡ଼ା, ରାୟଗଡାରୁ ଗୁଣୁପୁର ଏବଂ କୋରାପୁଟରୁ ଜୟପୁରକୁ ନୂତନ ଜିଲା ପାଇଁ ପ୍ରସ୍ତାବ ଆସିଛି।

ବିଜେଡି ସଦସ୍ୟ ଅଶ୍ୱିନୀ କୁମାର ପାତ୍ରଙ୍କ ଅନ୍ୟ ଏକ ପ୍ରଶ୍ନର ଉତ୍ତରରେ ରାଜସ୍ୱମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମୋଟ ୫୧ହଜାର ୭୯୬ ରାଜସ୍ୱଗ୍ରାମ ରହିଛି। ୫,୫୭୬ ପଡ଼ାଗ୍ରାମ ମଧ୍ୟରୁ ୧,୯୫୧ଟି ପଡ଼ାଗ୍ରାମକୁ ରାଜସ୍ୱ ମାନ୍ୟତା ମିଳିଛି। ତେବେ ୨,୫୦୨ ପଡ଼ାଗ୍ରାମ ପ୍ରସ୍ତାବ ନିର୍ଦ୍ଦିଷ୍ଟ ମାନଦଣ୍ଡ ପୂରଣ କରୁ ନ ଥିବାରୁ ଏହାକୁ ରଦ୍ଦ କରାଯାଇଛି। ଅବଶିଷ୍ଟ ୧,୧୨୩ ପଡ଼ାଗ୍ରାମର ପ୍ରସ୍ତାବ ଜିଲାପାଳଙ୍କ ନିକଟରେ ବିଚାରାଧୀନ ରହିଛି। ଏଥିମଧ୍ୟରେ ଯାଜପୁରର ସର୍ବାଧିକ ୧୨୦ଟି ପଡ଼ାଗ୍ରାମ ରହିଥିବାବେଳେ ପୁରୀର ୧୧୪, କେନ୍ଦ୍ରାପଡ଼ାର ୧୧୦ ରହିଛି। ବାଲେଶ୍ୱର, ବୌଦ୍ଧର ଗୋଟିଏ ହେଲେ ବି ପଡ଼ାଗ୍ରାମକୁ ରାଜସ୍ୱଗ୍ରାମ ପ୍ରସ୍ତାବ ବିଚାରାଧୀନ ନ ଥିବାବେଳେ ଅବଶିଷ୍ଟ ଜିଲାଗୁଡ଼ିକର ସଂଖ୍ୟାଧିକ ପ୍ରସ୍ତାବ ରହିଥିବା ରାଜସ୍ୱମନ୍ତ୍ରୀଙ୍କ ତଥ୍ୟରୁ ଜଣାପଡ଼ିଛି।



## ତୁଳା ଗୋଦାମରେ ଅଗ୍ନିକାଣ୍ଡ

ବଡ଼ବିଲ,୧୯।୨(ଜୟନ୍ତୀ ରଣା): କେନ୍ଦୁଝର ଜିଲା ବଡ଼ବିଲ ପରିବାର କ୍ଲଥ୍ ଷ୍ଟୋର ମାଲିକଙ୍କ ଘର ଅଗଣାରେ ଥିବା ତୁଳା ଗୋଦାମରେ ଗୁରୁବାର ଭୋରରେ ଅଗ୍ନିକାଣ୍ଡ ଘଟିଛି। ନିଆଁ ଲାଗି ଲକ୍ଷାଧିକ ଟଙ୍କାର ତୁଳା ଓ ଅଫିସ ଷ୍ଟେଶନେରି ପୋଡ଼ି ନଷ୍ଟ ହୋଇଯାଇଛି। ମହଲାର ଉପରେ ଘରେ ପରିବାର ଲୋକେ ରହୁଥିବା ବେଳେ ସମସ୍ତେ ସୁରକ୍ଷିତ ଅଛନ୍ତି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ସୋଲୋ ଆର୍ଟ ଏକ୍ଜିବିଶନ୍, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ନ୍ୟୁରୋଲୋଜିକାଲ୍ ସର୍ଜନ ସୋସାଇଟି ଅଫ୍ ଇଣ୍ଡିଆ ପକ୍ଷରୁ ୧୪ତମ ବାର୍ଷିକ ସମ୍ମିଳନୀ, ସ୍ଥାନ: ହୋଟେଲ ମେ ଫେୟାର, ସମୟ: ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ଜାତୀୟ ନାଟ୍ୟ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

**କଟକ**
- ବିଶ୍ୱ ସାମାଜିକ ନ୍ୟାୟ ଦିବସ ଅବସରରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ: ନେତାଜୀ ସଂସ୍କୃତି ଭବନ, ଓଡ଼ିଆବଜାର, ସମୟ: ପୂର୍ବାହ୍ନ ୧୦ଟା।
- ତ୍ରିମ୍ସ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ଆଦ୍ୟାନ୍ତିକା, ସ୍ଥାନ: ଜୟଶ୍ରୀ ଅଡିଟୋରିୟମ, ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ପୁରୀ**
- ପୁରୀ ଜିଲା ଓକିଲ ସଂଘ ପକ୍ଷରୁ ରାସ୍ତାରୋକୋ ଆନ୍ଦୋଳନ, ସ୍ଥାନ: ମାଳତୀପାଟପୁର ଛକ, ସମୟ: ପୂର୍ବାହ୍ନ ୧୦ଟା୩୦।
- ରାଜ୍ୟସ୍ତରୀୟ ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ସମ୍ପର୍କିତ ବୈଠକ, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା।

**ବାଲେଶ୍ୱର**
- ନବନିଯୁକ୍ତ ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବାଲେଶ୍ୱର ପ୍ରେସ କ୍ଲବର ବୈଠକ, ସ୍ଥାନ: କ୍ଲବ ପରିସର, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲାପାଳଙ୍କ ଅଭିଯୋଗ ଶୁଣାଣି କକ୍ଷ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**
- ବରିଷ୍ଠ ନାଗରିକଙ୍କ ପାଇଁ ଯୋଗ ଓ ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ସକାଳ ୮ଟା।
- ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଦାବିରେ ରେଳରୋକୋ, ସ୍ଥାନ: ଜମ୍ବୁଆଳି ଛକ, ଚାନ୍ଦବାଲି, ସମୟ: ସକାଳ ୮ଟା।
- ଭାରତୀୟ ମଜଦୁର ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: କଚେରି ବଜାର ଯଶୋଦା ହୋଟେଲ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଦିବଂଗତ ଭାଜପା ନେତା ଦୁର୍ଗାଚରଣ ନାୟକଙ୍କ ପ୍ରତିମୂର୍ତ୍ତି ଅନାବରଣ, ସ୍ଥାନ: କୋହ୍ଲ ବଜାର, ତିହିଡ଼ି, ସମୟ: ପୂର୍ବାହ୍ନ ୧୧ଟା।
- ସାମାଜିକ ନେତୃତ୍ୱ ସମ୍ମିଳନୀ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦୁଝର**
- ପ୍ରଥମ ବାର୍ଷିକ ହନୁମାନ ଉତ୍ସବ, ସ୍ଥାନ: ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ମେଗା ଷ୍ଟିଲପ୍ଲାଣ୍ଟ ପାଇଁ ତୃତୀୟ ଗ୍ରାମସଭା, ସ୍ଥାନ: ଚେମେଣା ପଞ୍ଚାୟତ ରେଙ୍ଗାଳ ବେଡ଼ାଶାଳ, ପାଟଣା, ସମୟ: ପୂର୍ବାହ୍ନ ୧୦ଟା ୩୦।

**ମୟୂରଭଞ୍ଜ**
- ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଜାଗରମେଳା, ସ୍ଥାନ:ମାଣତ୍ରୀ, ବଡ଼ସାହି,ସମୟ: ସକାଳ ୮ଟା।
- ସିଦ୍ଧି ବିନାୟକ ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ,ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ: ସକାଳ ୮ଟା।
- ଗୋଶାଳା କପ୍ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଗୋଶାଳା ପଡ଼ିଆ, ତୁଳସୀଚଉରା ବାରିପଦା,ସମୟ: ପୂର୍ବାହ୍ନ ୧୧ଟା।

**ବ୍ରହ୍ମପୁର**
- ଗଣ ବିବାହ, ସ୍ଥାନ: ଗୀତା ଭବନ,ସମୟ: ସକାଳ ୯ଟା।
- ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ପାରଳା ମହାରାଜା ଇଂଜିନିୟରିଂ କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ଦି ଆର୍ଟ ଅଫ ଡକୁମେଣ୍ଟାରୀ ପ୍ରଡକ୍ସନ, ସ୍ଥାନ: ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**କନ୍ଧମାଳ**
- ବିଶ୍ୱ ସାମାଜିକ ନ୍ୟାୟ ଦିବସ, ସ୍ଥାନ: ଗାନ୍ଧୀ ସ୍ମୃତି ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାର୍ଷିକ ଉତ୍ସବ, ସ୍ଥାନ: ପାଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଗଜପତି**
- ଜିଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ, ସ୍ଥାନ: ପାରଳାଖେମୁଣ୍ଡି ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ଶ୍ରୀଦତ୍ତାତ୍ରେୟ ସାଇ ଆଶ୍ରମର ୨୫ତମ ପ୍ରତିଷ୍ଠା ଦିବସ, ସ୍ଥାନ: କୃଷ୍ଣକୁମାରପୁରସ୍ଥିତ ଆଶ୍ରମ ପରିସର, ସମୟ: ସକାଳ ୬ଟା।
- ୪୯ତମ ଶ୍ରୀରାମଚରିତ ମାନସ ନବାହ୍ନ ପରାୟଣ ମହାଯଜ୍ଞ, ସ୍ଥାନ: ଯାଉଁଳି ପୋଖରୀ ମଠ, ଢେଙ୍କାନାଳ, ସମୟ: ସକାଳ ୮ଟା।

**ଜଗତ୍‌ସିଂହପୁର**
- ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷ (ଏମ୍‌ପିଇଡିଏ)ପକ୍ଷରୁ ଦିନିକିଆ ମତ୍ସ୍ୟ କାରବାର ସଚେତନତା ଶିବିର, ସ୍ଥାନ: ମାଛଧରା ବନ୍ଦର, ନେହେରୁବଙ୍ଗଳା, ପାରାଦୀପ: ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।
- ଏରସମା ବ୍ଲକ ଅନ୍ତର୍ଗତ କାଶୀ ବିଶ୍ୱନାଥ ମନ୍ଦିର ପରିସରରେ ବିଶ୍ୱଶାନ୍ତି ରୁଦ୍ର ମହାଯଜ୍ଞ ପୂର୍ଣ୍ଣାହୁତି, ସମୟ: ଅପରାହ୍ନ ୨ଟା।

**କେନ୍ଦ୍ରାପଡ଼ା**
- ଜିଲା ପ୍ରଶାସନ ପକ୍ଷରୁ ଯୋଗ ଶିବିର, ସ୍ଥାନ: ମଶନ ଶକ୍ତି ଗୃହ, ବାରୁଅ, କେନ୍ଦ୍ରାପଡ଼ା, ସମୟ: ସକାଳ ୭ଟା।
- ତାଳଚୁଆ ଥାନା ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଥାନା ପରିସର, ତାଳଚୁଆ, ରାଜନଗର, ସମୟ: ସକାଳ ୮ଟା।
- ଓଡ଼ିଶା ଠିକାଦାର ମହାସଂଘର ବିକ୍ଷୋଭ, ସ୍ଥାନ: ତିନିମୁହାଣୀ ଛକ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ରାଜସ୍ୱ ମାମଲା ସମ୍ପର୍କୀୟ ଜନଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, ଡେରାବିଶ, ସମୟ: ପୂର୍ବାହ୍ନ ୧୦ଟା।
- ମା' ବୁଢ଼ୀ ଜାଗୁଳାଇ ପାଲା ସଂଘ ପକ୍ଷରୁ ମକର ମହୋତ୍ସବ, ସ୍ଥାନ: ବିଲେଶ୍ୱର ମହାଦେବ ଶିବ ମନ୍ଦିର ପରିସର, ଦୁହୁରିଆ, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଲେଖାଲେଖି ପକ୍ଷରୁ ଦିବାକର ବିଶ୍ୱାଳଙ୍କ ଜନ୍ମୋତ୍ସବ ପାଳନ, ସ୍ଥାନ: ରାଧାରାଣୀ ମଣ୍ଡପ, କଷଣଅଣ୍ଟା, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।

**ଯାଜପୁର**
- ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ୱାର୍କସପ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ରେଙ୍ଗାଲି ବହୁମୁଖୀ ଜଳସେଚନ ପ୍ରକଳ୍ପର ବାମ ପାର୍ଶ୍ୱ କେନାଲ ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସଂକ୍ରାନ୍ତରେ ଭର୍ଚୁଆଲ ବୈଠକ, ସ୍ଥାନ : ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୩ଟା।
- ଯାଜପୁର ଯଯାତିକେଶରୀ ମେଡିକାଲ କଲେଜ ଓ ଡାକ୍ତରଖାନା ଅଧିକାରୀଙ୍କ ସହ ବୈଠକ, ସ୍ଥାନ: ମେଡିକାଲ କଲେଜ ପରିସର, ସମୟ : ଅପରାହ୍ନ ୪ଟା୩୦।

**ନୟାଗଡ଼**
- ଜାମାଲାଗି ବେଶର ୨୯ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞର ଉଦ୍‌ଘାଟନ ଦିବସରେ ସୂର୍ଯ୍ୟପୂଜା ଓ ପ୍ରବଚନ, ସ୍ଥାନ: ନୟାଗଡ଼ ବ୍ଲକ ବେଗୁନିଆପାଟଣା ଶ୍ରୀ ଶ୍ରୀ ରଘୁନାଥ ଜୀଉ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୭ରୁ ରାତ୍ର ୧୦।
- ଖାଉଟି ସଚେତନତା ଶିବିର, ସ୍ଥାନ: ମହୀପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- ଜାଗରଯାତ୍ରାର ୬ଷ୍ଠ ଦିବସ, ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।

**ନବରଙ୍ଗପୁର**
- ଖ୍ରୀଷ୍ଟିଆନ୍ ମାଇନରିଟି କାଉନସିଲ୍ ମେମ୍ବର ବୈଠକ, ସ୍ଥାନ: ନବରଙ୍ଗପୁର ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ଦେବୋତ୍ତର କମିଟି ପ୍ରସ୍ତୁତି ବୈଠକ, ସ୍ଥାନ: ହନୁମାନ ମନ୍ଦିର, ନନ୍ଦପୁର, ସମୟ: ଅପରାହ୍ନ ୪ଟା।

**ମାଲକାନଗିରି**
- ମାଉଲି ମା'ଙ୍କ ଠାକୁରାଣୀ ଯାତ୍ରା, ସ୍ଥାନ: କୋରୁକୋଣ୍ଡା, ସମୟ: ସକାଳ ୬ଟା।

**ସମ୍ବଲପୁର**
- ଯୋଗ ପରିବାର ପକ୍ଷରୁ ମାଗଣା ଯୋଗ ଶିବିର, ସ୍ଥାନ: ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସ୍ପୋର୍ଟିଂ ୟୁନିୟନ କ୍ରିକେଟ କ୍ଲବ ଆୟୋଜନରେ ୧୪ତମ ଦୀନବନ୍ଧୁ ଗୋସ୍ୱାମୀ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ସମ୍ବଲପୁର ରାଇଜିଂ ଷ୍ଟାର ବନାମ ଛତିଶଗଡ଼ ପରେଷ୍ଟ ମ୍ୟାଚ, ସ୍ଥାନ : ହାୱା ମଇଦାନ, ହାୱା ମଇଦାନ, ସମୟ : ସକାଳ ୮ଟା।
- ୧୪ତମ ଦୀନବନ୍ଧୁ ଗୋସ୍ୱାମୀ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟର ସମ୍ବଲପୁର ଫୋରସି ବନାମ ଝାଡ଼ଖଣ୍ଡ ରାଇଜିଂ କ୍ରିକେଟ କ୍ଲବ ମ୍ୟାଚ, ସ୍ଥାନ : ହାୱା ମଇଦାନ, ସମୟ : ଅପରାହ୍ନ ୨ଟା।
- ଜିଲା ପ୍ରଶାସନ ଆୟୋଜିତ ସୁଭଦ୍ରା ଶକ୍ତି ମେଳା, ସ୍ଥାନ : ପିଏଚ୍‌ଡି ପଡିଆ, ସମୟ : ସନ୍ଧ୍ୟା ୬ଟା।
- ଜିଲା କିକ୍ ବକ୍ସିଂ ଆସୋସିଏଶନ ପକ୍ଷରୁ ପ୍ରଶିକ୍ଷଣ ଶିବିର, ସ୍ଥାନ: ସମ୍ବଲପୁରୀ ଡେରା, ସମୟ: ସନ୍ଧ୍ୟା ୬ଟା ୩୦।

**ରାଉରକେଲା**
- ଗାୟତ୍ରୀ ଶକ୍ତିପୀଠରେ ୨୪ କୁଣ୍ଡୀୟ ଯଜ୍ଞ ଆରମ୍ଭ, ସ୍ଥାନ: ସେକ୍ଟର-୨, ସମୟ: ସକାଳ ୭ଟା।
- ଜାଗର ମେଳାର ୬ଷ୍ଠ ଦିବସ, ସ୍ଥାନ: ବେଦବ୍ୟାସ, ସମୟ: ସକାଳ ୮ଟା।
- ଶୀତଳାମାତା ମନ୍ଦିର ପ୍ରତିଷ୍ଠାର ଉଦ୍‌ଯାପନୀ ଦିବସ, ସ୍ଥାନ: ବିଶ୍ରା ଡାହାର ହନୁମାନ ମନ୍ଦିର, ସମୟ: ସକାଳ ୮ଟା।

**ବରଗଡ଼**
- ବିଶ୍ୱ ସାମାଜିକ ନ୍ୟାୟ ଦିବସ, ସ୍ଥାନ: ଯଦୁମଣି ପ୍ରଧାନ ଅଡିଟୋରିୟମ, ବରଗଡ଼, ସମୟ: ସକାଳ ୯ଟା।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ଆର୍‌ଏମ୍‌ସି ମାର୍କେଟ ୟାର୍ଡ ପଡ଼ିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।

**କଳାହାଣ୍ଡି**
- ସାମାଜିକ ବିଜ୍ଞାନ ଉପରେ ଦ୍ୱିଦିବସୀୟ ଜାତୀୟ ଆଲୋଚନା ଚକ୍ର, ସ୍ଥାନ: ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି ବୈଠକ, ସ୍ଥାନ: ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

**ଦେବଗଡ଼**
- ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ, ସ୍ଥାନ: ଦେବଗଡ଼ ସଂସ୍କୃତି ଭବନ, ସମୟ: ସକାଳ ୭ଟା।
- ଜିଲାସ୍ତରୀୟ ଆଶା, ଜିକେଏସ୍, ଏମ୍‌ଏଏସ୍ ଏବଂ ଜେଏଏସ୍ ସମ୍ମିଳନୀ, ସ୍ଥାନ: ଦେବଗଡ଼ ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।

**ସୁବର୍ଣ୍ଣପୁର**
- ୫ମ ପଞ୍ଚଖଣ୍ଡା କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସ, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱତନ୍ତ୍ର ପୂଜାର୍ଚ୍ଚନା, ସ୍ଥାନ: ଗୌଡ଼ଗାଡ ଶିବ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୧ ଟା।
- ରାମଧୁନ କପ୍ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ୍, ସ୍ଥାନ:ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା ୩୦।
- ପୁସ୍ତକ ଓ ସାରସ୍ୱତ ମେଳା ଇଙ୍କ୍‌ଫେଷ୍ଟର ଷଷ୍ଠ ସନ୍ଧ୍ୟା, ସ୍ଥାନ: ସୁବର୍ଣ୍ଣପୁର ସହର ସ୍ଥିତ ରୟାଲ ପଡିଆ, ସମୟ: ସନ୍ଧ୍ୟା ୬ଟା ୩୦।

**ନୂଆପଡ଼ା**
- ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ କାର୍ଯ୍ୟକ୍ରମ ରାହାଗିରି, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଏକତା ଛକ ପର୍ଯ୍ୟନ୍ତ, ସମୟ: ସକାଳ ୭ଟାରୁ ୯ଟା।
- ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ, ସ୍ଥାନ: ପଥପ୍ରାନ୍ତ ସୁବିଧା କେନ୍ଦ୍ର ଟାନୱାଟ, ସମୟ: ସକାଳ ୮ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପାରିବାରିକ କ୍ଷେତ୍ରରେ ମତାନ୍ତର ଥାଇ ମଧ୍ୟ କାମବେଳକୁ ଏକ ମନ ହୋଇଯିବେ। ଦ୍ୱିଜା ନକ୍ଷତ୍ର ସକାଶେ ସ୍ୱାର୍ଥସାଧନ ଆଶା ରଖି ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। କର୍ମକ୍ଷେତ୍ରରେ ସହମତିରେ କାର୍ଯ୍ୟକଲେ ସଫଳତା ନିଶ୍ଚୟ ପାଇବେ। ଅବହେଳା କାରଣରୁ ଘରର ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ।

**ବୃଷ**
ଆଜି କୃତ୍ତିକା ନକ୍ଷତ୍ର ସକାଶେ ବିଭିନ୍ନ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି। ବାଣିଜ୍ୟ, ପରିବହନ ସହ କଚେରି ମାମଲାରେ ମନସ୍ତାପ କରିପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ସହ ପାରିବାରିକ ସ୍ଥିତି ଭଲ ରହିବ। ସମ୍ପର୍କୀୟଙ୍କ ସାହାଯ୍ୟରେ ମୂଲ୍ୟବାନ ଜିନିଷ କ୍ରୟ କରିବେ।

**ମିଥୁନ**
ମୃଗଶିରା ନକ୍ଷତ୍ର ସକାଶେ ପୁରୁଣା ରୋଗରେ କଷ୍ଟ ପାଇବେ। ତର୍କ ବିତର୍କ କାରଣରୁ ବନ୍ଧୁଙ୍କ ସହିତ ସମ୍ପର୍କ ହାନି ଘଟିପାରେ। ଆନୁଷ୍ଠାନିକ କାମରେ ଅଥବା ରାଜନୈତିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହୋଇପାରନ୍ତି। ବ୍ୟବସାୟ,ଶିଳ୍ପ,ବାଣିଜ୍ୟ କ୍ଷେତ୍ରରେ ସାଧାରଣ ପରିଶ୍ରମରେ ବେଶି ସଫଳତା ପାଇବେ।

**କର୍କଟ**
ଶାରୀରିକ ଦୁର୍ବଳତା ରହିଥିଲେ ମଧ୍ୟ କର୍ମକ୍ଷେତ୍ର ଯଥାରୀତି ସମ୍ପନ୍ନ କରିପାରିବେ। ଦୀର୍ଘ ଦିନରୁ ରହି ଆସିଥିବା ସମସ୍ୟାର ସମାଧାନ ହୋଇଯିବ। ଅର୍ଥସଙ୍କଟ କିମ୍ବା ଅସହଯୋଗ କାରଣରୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ। ଅଶ୍ଳେଷା ନକ୍ଷତ୍ର ବନ୍ଧୁମାନଙ୍କ ଦ୍ୱାରା ଆହୂତ ହୋଇ ସାଂସ୍କୃତିକ କାମରେ ଯୋଗ ଦେଇପାରନ୍ତି।

**ସିଂହ**
ଆଜିର କର୍ମକ୍ଷେତ୍ରରେ ସାଧାରଣ ବ୍ୟତିକ୍ରମ ଲାଗି ରହିଲେ ମଧ୍ୟ ଦୀର୍ଘଦିନର ଆଶା ଫଳବତୀ ହେବ। ବାଣିଜ୍ୟ, ସଭାସମିତି, ସାହିତ୍ୟ, କଳା ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ମଘା ନକ୍ଷତ୍ର ସକାଶେ ଆବଶ୍ୟକତା ପରିପ୍ରେକ୍ଷୀରେ ମୋଟାଅଙ୍କର ଗୃହୋପକରଣ ସାମଗ୍ରୀ କ୍ରୟ କରିବାକୁ ପଡ଼ିପାରେ ।

**କନ୍ୟା**
ପରୋକ୍ଷ ଶତ୍ରୁତାରୁ କର୍ମକ୍ଷେତ୍ରରେ ସହଯୋଗ ପାଇବା କଷ୍ଟକର ହେବ। ବନ୍ଧୁଙ୍କ ଅନୁରୋଧ ରକ୍ଷାକରି ଜନମଙ୍ଗଳ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି। ବିଦେଶ ଜାଗାରେ ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। ରପ୍ତାନି ବାଣିଜ୍ୟ, ଯାନ୍ତ୍ରିକ ଶିଳ୍ପ ଏବଂ ପରିବହନ କ୍ଷେତ୍ରରେ ହସ୍ତା ନକ୍ଷତ୍ର ଆଶାନୁରୂପ ଫଳ ପାଇବେ।

**ତୁଳା**
ସ୍ୱାତୀ ନକ୍ଷତ୍ରର ସ୍ୱାସ୍ଥ୍ୟ ଠିକ୍ ଥିଲେ ମଧ୍ୟ ସ୍ଥଗିତ କାର୍ଯ୍ୟ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। କଳହ ଲାଗିଥିବା ଅତି ନିକଟତର ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ମିଳିବ ଏବଂ ପରିବାରରେ ସୁଖ ଶାନ୍ତି ପୂର୍ବପରି ଅକ୍ଷୁଣ୍ଣ ରହିପାରିବ। ସନ୍ତାନଙ୍କ କୃତି ଏବଂ କୃତିତ୍ୱ ଯୋଗୁ ନିଜକୁ ଗୌରବାନ୍ୱିତ ମନେକରିବେ।

**ବିଛା**
ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେଇପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କ ଅନୁରୋଧରେ ମନୋରଞ୍ଜନ ପ୍ରତି ଆଗ୍ରହୀ ହେବେ। ଜ୍ୟେଷ୍ଠା ନକ୍ଷତ୍ରର ପାରିବାରିକ କ୍ଷେତ୍ରରେ କଳହ କାରଣରୁ ଟେନସନ୍ ବୃଦ୍ଧି ପାଇବ। ଜମିଜମା ବିବାଦ, ପ୍ରତିଯୋଗିତା ତଥା ମକଦ୍ଦମାରେ ବିଜୟୀ ହେବେ।

**ଧନୁ**
କର୍ମାରମ୍ଭ ସକାଶେ ବିଭିନ୍ନ ଯୋଜନା କରିପାରନ୍ତି। ଯେକୌଣସି କ୍ଷେତ୍ରରେ ହେଉନା କାହିଁକି, ଆପଣ ଆଜି ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ବନ୍ଧୁଙ୍କର ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝି କାର୍ଯ୍ୟ କରିପାରନ୍ତି। ଆଜି ମୂଳା ନକ୍ଷତ୍ର ସକାଶେ ସକାଳୁ ସକାଳୁ ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ ସୁଯୋଗ ଜୁଟିପାରେ ।

**ମକର**
ପାରିପାର୍ଶ୍ୱିକ ପରିସ୍ଥିତି ବଦଳିଯିବାରୁ ଆଶ୍ୱସ୍ତି ଲାଭ କରିବେ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଆବଶ୍ୟକସ୍ଥଳେ ଧାର କରଜ କରି କାମ ତୁଲାଇ ନେବାକୁ ବାଧହୋଇପାରନ୍ତି। ଆଜି ଆପଣ ଆଶା କରୁଥିବା ଅର୍ଥ, ବନ୍ଧୁମିଳନ, ଦୂରଯାତ୍ରା, କ୍ଷେତ୍ରରେ ନିରାଶ ହେବେନାହିଁ।

**କୁମ୍ଭ**
ଆଜିର କର୍ମକ୍ଷେତ୍ରରେ ନେତୃସ୍ଥାନୀୟ ବ୍ୟକ୍ତିଙ୍କ ଦ୍ୱାରା କାର୍ଯ୍ୟ ହାସଲ କରିବେ। ଅର୍ଥସଙ୍କଟ, ସହକର୍ମୀଙ୍କ ଅସହଯୋଗ, ପ୍ରଶାସନିକ ଦ୍ୱନ୍ଦ୍ୱ ଏବଂ ପାରିବାରିକ ଅସ୍ଥିରତା ଦୂର ହେବ। ଶତଭିଷା ନକ୍ଷତ୍ର କୂଟନୀତି ପ୍ରୟୋଗ କରି ସ୍ଥଗିତ କାମ ବନ୍ଧୁଙ୍କ ଦ୍ୱାରା କରାଇନେବେ। ଆନୁଷ୍ଠାନିକ କାମ ସକାଶେ ବନ୍ଧୁଙ୍କ ସାହାଯ୍ୟ ଲୋଡ଼ିବେ।

**ମୀନ**
ପଡ଼ିରହିଥିବା କାମଟିକୁ ବନ୍ଧୁଙ୍କ ଦ୍ୱାରା ସମ୍ପନ୍ନ କରିବାର ପ୍ରୟାସ କରିବେ। ସଭାସମିତିରେ ବାକ୍‌ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ରେବତୀ ନକ୍ଷତ୍ରର କର୍ମକ୍ଷେତ୍ରରେ ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କରିବାର ଆଶଙ୍କା ରହିଛି। ବ୍ୟବସାୟ ମନ୍ଦ ହେବନି କିନ୍ତୁ ବ୍ୟସ୍ତ, ବିବ୍ରତ ମଧ୍ୟରେ ସମୟ ଅତିବାହିତ ହେବ।

ଆଜି ଫେବୃଆରୀ ୨୦ ତାରିଖ, ବିଶ୍ୱ ସାମାଜିକ ନ୍ୟାୟ ଦିବସ, ଫାଲ୍‌ଗୁନ ଶୁକ୍ଳ ତୃତୀୟା ଯୁକ୍ତ ଚତୁର୍ଥୀ ଶୁକ୍ରବାର। ରାଶିନକ୍ଷତ୍ର- ଉତ୍ତରଭାଦ୍ରପଦ/ମୀନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ଚତୁର୍ଥୀର ପାର୍ବଣଶ୍ରାଦ୍ଧ। ସକାଳ ଘ.୦୬।୧୬ମି. ଗତେ ଘ.୦୭।୦୨ମି. ମଧ୍ୟେ, ଘ.୦୭।୪୮ମି. ଗତେ ଘ.୦୯।୦୮ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୩୪ମି. ଗତେ ଘ. ୧୨।୦୦ମି. ମଧ୍ୟେ ରାହୁ କାଳ।

## ନଦୀରୁ ବାପଝିଅଙ୍କ ମୃତଦେହ ମିଳିଲା: ୨ ନିଖୋଜ

ବୈପାରିଗୁଡ଼ା,୧୯।୨(କଳ୍ପତରୁ ମହାନ୍ତି)

କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ରାମଗିରି ଫାଣ୍ଡି ଅଧୀନ ଦଣ୍ଡାବାଡ଼ି ଗ୍ରାମର ଗୋଟିଏ ପରିବାରର ୨ ସଦସ୍ୟଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ନିଖୋଜ ରହିଥିବା ଜଣାପଡ଼ିଛି। ମୃତକ ହେଲେ ଦଣ୍ଡାବାଡ଼ି ଗ୍ରାମର ଲଳିତ ପୂଜାରୀ(୨୭) ଓ ତାଙ୍କ ଝିଅ ଗେହ୍ଲି(୪)। ସୂଚନାନୁଯାୟୀ, ଲଳିତ, ସ୍ତ୍ରୀ ଗୋରୀ(୨୪) ୨ ଝିଅ ବୃନ୍ଦାବତୀ(୬) ଓ ଗେହ୍ଲି ଗତ୧ ତାରିଖରେ ନଦୀକୁ ମାଛ ଧରିବାକୁ କହି ଘରୁ ବାହାରିଥିଲେ। କିନ୍ତୁ ସେମାନେ ଘରକୁ ଫେରି ନ ଥିଲେ। ୧୫ ତାରିଖରେ ଲଳିତଙ୍କ ଦାଦା ପଦଲାମ ପୂଜାରୀ ବୈପାରିଗୁଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବାଦୁଡ଼ି ପାହାଡ଼ ନିକଟ ଶାବରୀ ନଦୀକୂଳରେ ଏହି ପରିବାରର ପୋଷାକ, ଖାଦ୍ୟ ସାମଗ୍ରୀ ଓ ଜାଲ ପଡିଥିବା ଦେଖି ନଦୀରେ ଖୋଜାଖୋଜି କରାଯାଇଥିଲା। ବୁଧବାର ସନ୍ଧ୍ୟାରେ ନଦୀରୁ ଲଳିତ ଓ ତାଙ୍କ ଝିଅଙ୍କ ମୃତଦେହ ବାହାର କରିଥିଲେ। ଲଳିତଙ୍କ ଅଣ୍ଟାରେ ଗେହ୍ଲିଙ୍କ ମୃତଦେହ କପଡାରେ ବନ୍ଧାଯାଇଥିଲା। ଲତିତଙ୍କ ସ୍ତ୍ରୀ ଓ ବଡ଼ଝିଅ ନିଖୋଜ ରହିଛନ୍ତି। ଓଡ୍ରାଫ ଟିମ୍ ଯାଞ୍ଚ ଜାରି ରଖିଛି। ଘଟଣାସ୍ଥଳରେ ବାନ୍ତି କରାଯାଇଥିବାରୁ ଏହା ଏକ ସାମୂହିକ ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି। ଲଳିତ ଅନେକ ଲୋକଙ୍କଠାରୁ ଋଣ କରଜ କରିଥିଲେ। ଏହା ପରିଶୋଧ କରିବାକୁ ତାଙ୍କ ଉପରେ ଚାପ ପଡିବାରୁ ସେ ଏଭଳି ପଦକ୍ଷେପ ନେଇଥିବା ଚର୍ଚ୍ଚା ହେଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁଳ ବୁଡ଼େଇ, ଘର ବୁଡ଼େଇ**
**ଦୁହେଁ ଅଟନ୍ତି ଦେଢ଼ ଅଢ଼େଇ ।**

କୁଳ ବା ବଂଶକୁ ଆଗକୁ ବଢ଼େଇନେବା ପାଇଁ ସନ୍ତାନର ଆବଶ୍ୟକତା ରହିଥାଏ। ପରନ୍ତୁ ସନ୍ତାନହୀନା ନାରୀ ଏକ୍ଷେତ୍ରରେ ପ୍ରତିବନ୍ଧକ ସାଜିଥାନ୍ତି। ସେହିପରି କେତେଜଣ ନାରୀଙ୍କ କୁପ୍ରରୋଚନା ବା କୁମନ୍ତ୍ରଣାରେ ପଡ଼ି ଅନେକ ଘର ଭାଙ୍ଗିଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ଏପରିସ୍ଥଳେ ସନ୍ତାନହୀନା ତଥା ପରଘର ଭାଙ୍ଗୁଥିବା ନାରୀ ଉଭୟେ ଅଳ୍ପ ବହୁତେ ସମାନ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କରମ ଗୁଣେ କରମଙ୍ଗା ଫଳେ,**
**ଲାଉ ଲଗେଇଲେ ଚଳଣା ଫଳେ।**

ମଣିଷ ନିଜ ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଏ। ତେବେ ଭାଗ୍ୟ ମନ୍ଦ ପଡ଼ିଲେ କର୍ମଫଳ ମଧ୍ୟ ମନ୍ଦ ହୋଇଯାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ଓଡ଼ିଶାର ମୁଣ୍ଡପିଛା...

ଦେଇଛି। ରିପୋର୍ଟ ଅନୁଯାୟୀ, ବର୍ତ୍ତମାନର ମୂଲ୍ୟରେ ଓଡ଼ିଶାର ଅର୍ଥନୀତିର ଆକାର (ଜିଏସ୍‌ଡିପି) ୨୦୨୫-୨୬ରେ ୯.୯ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହା ୨୦୨୪-୨୫ର ୯ ଲକ୍ଷ କୋଟି ଟଙ୍କାଠାରୁ ୯.୫% ବୃଦ୍ଧି ପାଇଛି। ୨୦୨୫-୨୬ରେ ବାସ୍ତବ ଆର୍ଥିକ ଅଭିବୃଦ୍ଧି ହାର ୭.୯% ରହିବା ନେଇ ଆକଳନ କରାଯାଇଛି, ଯାହା ୨୦୨୪-୨୫ର ୭.୨% ବୃଦ୍ଧି ହାରଠାରୁ ଅଧିକ ରହିଛି। ଏହା ମଧ୍ୟ ସର୍ବଭାରତୀୟ ସ୍ତରର ହାରାହାରି ଅଭିବୃଦ୍ଧି ହାର ୭. ୪%ଠାରୁ ଅଧିକ। ୨୦୨୫-୨୬ରେ ସମସ୍ତ କ୍ଷେତ୍ରରେ ଦୃଢ଼ ଅଭିବୃଦ୍ଧି ହାର ଦେଖାଯାଇଛି ଏବଂ ରାଜ୍ୟରେ ସରକାରୀ ଓ ବେସରକାରୀ ପୁଞ୍ଜିନିବେଶ ବୃଦ୍ଧି ପାଇବାରୁ ଆଗାମୀ ବର୍ଷଗୁଡ଼ିକରେ ରାଜ୍ୟ ଦ୍ରୁତ୍ ଆର୍ଥିକ ବୃଦ୍ଧି ପାଇଁ ପ୍ରସ୍ତୁତ ରହିଥିବା ଜଣାଯାଇଛି। ତେବେ ବର୍ତ୍ତମାନର ମୂଲ୍ୟରେ ମୁଣ୍ଡପିଛା ଆୟ ୨୦୧୫-୧୬ ତୁଳନାରେ ୨୦୨୫-୨୬ରେ ଓଡ଼ିଶାର ବାର୍ଷିକ ମୁଣ୍ଡପିଛା ଆୟ ୧ଲକ୍ଷ ୮୬ହଜାର ୭୬୧ଟଙ୍କା ରହିଥିବାବେଳେ ସର୍ବଭାରତୀୟସ୍ତରରେ ୨ଲକ୍ଷ ୧୯ହଜାର ୫୭୫ଟଙ୍କା ଆକଳନ କରାଯାଇଥିବା ରିପୋର୍ଟରେ ଦର୍ଶାଯାଇଛି।

ରିପୋର୍ଟ ଅନୁଯାୟୀ, ତେଲଙ୍ଗାନାର ମୁଣ୍ଡପିଛା ଆୟ ୨୦୨୩-୨୪ (ଟଙ୍କାରେ) ସର୍ବାଧିକ ୩ଲକ୍ଷ ୪୭ହଜାର ୭୧୪ଟଙ୍କା ରହିଥିବାବେଳେ କର୍ଣ୍ଣାଟକର ୩ଲକ୍ଷ ୩୯ହଜାର ୮୧୩, ହରିୟାଣାର ୩ଲକ୍ଷ ୧୯ହଜାର ୩୬୩, ତାମିଲନାଡୁର ୩ଲକ୍ଷ ୧୩ ହଜାର ୩୨୯, ଗୁଜରାଟର ୩ଲକ୍ଷ ୯୫୭, କେରଳର ୨ଲକ୍ଷ ୮୧ହଜାର ୨୬୯, ମହାରାଷ୍ଟ୍ରର ୨ଲକ୍ଷ ୭୮ହଜାର ୬୮୧, ଆନ୍ଧ୍ରପ୍ରଦେଶର ୨ଲକ୍ଷ ୩୭ହଜାର ୯୫୧, ପଞ୍ଜାବର ୨ଲକ୍ଷ ୫ହଜାର ୩୭୪, ରାଜସ୍ଥାନର ୧ଲକ୍ଷ ୬୬ହଜାର ୬୫୭ ଟଙ୍କା ରହିଥିବାବେଳେ ଓଡ଼ିଶାର ୧ଲକ୍ଷ ୫୫ହଜାର ୧୨୫ଟଙ୍କା ଥାଇ ୧୧ତମ ସ୍ଥାନରେ ରହିଛି।

ତେବେ ଆର୍ଥିକ ପରିଚାଳନାରେ ଓଡ଼ିଶା ଭଲ ରହିଛି। ୨୦୨୫-୨୬ରେ ଓଡ଼ିଶାର ଋଣ ଓ ଜିଏସ୍‌ଡିପି ଅନୁପାତ ୧୩.୬ ପ୍ରତିଶତ ରହିବା ପାଇଁ ବଜେଟ କରାଯାଇଛି। ଯାହା ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ ସର୍ବନିମ୍ନ ଏବଂ ଏଫ୍‌ଆର୍‌ବିଏମ୍ ସୀମା ୨୫%ଠାରୁ ମଧ୍ୟ ଯଥେଷ୍ଟ କମ୍। ଏହାବ୍ୟତୀତ ରାଜସ୍ୱ ପ୍ରାପ୍ତି ଅନୁପାତ (ଆଇପିଆର୍‌ଆର୍) ସହିତ ସୁଧ ଦେୟ ୨.୮%ରେ ରହିଛି, ଯାହା ନିର୍ଦ୍ଧାରିତ ୧୫% ସୀମା ମଧ୍ୟରେ ରହିଛି। ସେହିପରି ପୁଞ୍ଜି ବ୍ୟୟକ୍ଷେତ୍ରରେ ପ୍ରମୁଖ ରାଜ୍ୟ ମଧ୍ୟରେ ଜିଏସ୍‌ଡିପିର ଅନୁପାତରେ ସର୍ବାଧିକ ପୁଞ୍ଜି ବ୍ୟୟବରାଦ ପାଇଁ ଓଡ଼ିଶା ବଜେଟ ପ୍ରସ୍ତୁତ ହୋଇଛି। ୨୦୨୫-୨୬ରେ ଜିଏସ୍‌ଡିପିର ପ୍ରତିଶତ ଭାବରେ ପୁଞ୍ଜି ବ୍ୟୟବରାଦ ୬.୬%କୁ ଲକ୍ଷ୍ୟ ରଖି ବଜେଟ କରାଯାଇଥିଲା, ଯାହା ୨୦୨୪-୨୫ର ୫.୦%ରୁ ବୃଦ୍ଧି ପାଇଛି। କୃଷି କ୍ଷେତ୍ରରେ ମଧ୍ୟ ଭଲ ପ୍ରଦର୍ଶନ ହୋଇଛି। କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରର ଅବଦାନ ୨୦୨୫-୨୬ରେ ରାଜ୍ୟ ଅର୍ଥବ୍ୟବସ୍ଥାରେ ୧୯.୬ ପ୍ରତିଶତ ଆକଳନ କରାଯାଇଛି, ଯାହା ସର୍ବଭାରତୀୟ ସ୍ତରରେ ଥିବା ୧୬.୮%ଠାରୁ ଅଧିକ। କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ ୨୦୨୫-୨୬ରେ ୫.୩% ଅଭିବୃଦ୍ଧି ହୋଇଛି, ଯାହା ସର୍ବଭାରତୀୟ ସ୍ତରରେ ୩.୧%ଠାରୁ ଅଧିକ ରହିଛି।

### 'ମହତ୍ତ୍ୱାକାଂକ୍ଷୀ ଭାରତ' ପାଇଁ...

ଜରୁରୀ ବୋଲି ସେ ମତବ୍ୟକ୍ତ କରିଛନ୍ତି। ନୂଆଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଗୁରୁବାର ପୂର୍ବାହ୍ନ ୯ଟା ୪୦ରେ ଭାରତ ସରକାରଙ୍କ ଆଇଟି ମନ୍ତ୍ରଣାଳୟ ପକ୍ଷରୁ ଏଆଇ ଇଣ୍ଡିଆ ଇମ୍ପାକ୍ଟ ସମିଟର ଆୟୋଜନ କରାଯାଇଛି। ଏହାକୁ ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ବିଶ୍ୱନେତା ଓ ପ୍ରତିନିଧିମାନଙ୍କୁ ସମ୍ବୋଧନ ବେଳେ କହିଛନ୍ତି, ଏଆଇରେ ଅନୈତିକ ବ୍ୟବହାରର ଅସୀମିତ ସୁଯୋଗ ରହିଛି। ତେଣୁ ଡାଟା ସାର୍ବଭୌମତ୍ୱକୁ ସମ୍ମାନ ଦେବା ଓ ସୁରକ୍ଷା ନିୟମରେ ସ୍ୱଚ୍ଛତା ଆଣିବା ସମେତ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ନୈତିକ ବ୍ୟବହାର ଉପରେ ପ୍ରଧାନମନ୍ତ୍ରୀ ପ୍ରସ୍ତାବ ଆହ୍ୱାନ କରିଛନ୍ତି। ମୋଦି କହିଛନ୍ତି, ଭାରତ ହେଉଛି ଭଗବାନ ବୁଦ୍ଧଙ୍କ ଭୂମି। ବୁଦ୍ଧ କହୁଥିଲେ, ଉଚିତ କାର୍ଯ୍ୟ ଉଚିତ ବୁଝାମଣାରୁ ଆସିଥାଏ। ତେଣୁ ଏଆଇର ଉଚିତ ପ୍ରଭାବକୁ ଦର୍ଶାଉଥିବା ଏକ ରୋଡ୍‌ମ୍ୟାପ୍ ତିଆରି କରିବା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ। ସେହି ଉପଯୁକ୍ତ ପ୍ରଭାବ ସେତେବେଳେ ଆସିବ, ଯେତେବେଳେ ଉପଯୁକ୍ତ ସମୟରେ ଉଚିତ ଉଦ୍ଦେଶ୍ୟ ରଖି ନିଷ୍ପତ୍ତି ନିଆଯିବ। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ଆଇ କମ୍ପାନୀଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ତରଦାୟିତ୍ୱ ରହିଛି।

ଏଆଇର ନୈତିକ ବ୍ୟବହାର ପାଇଁ ୩ଟି ପ୍ରସ୍ତାବ ରହିଛି। ପ୍ରଥମଟି ହେଉଛି ଡାଟା ସାର୍ବଭୌମତ୍ୱ। ଏଆଇ ପ୍ରଶିକ୍ଷଣ ପାଇଁ ସମସ୍ତେ ଏକ ସ୍ୱଚ୍ଛ ଡାଟା ଢାଞ୍ଚା ପ୍ରସ୍ତୁତ କରିବା ଉଚିତ। ଏଆଇ ପ୍ଲାଟ୍‌ଫର୍ମଗୁଡ଼ିକ ନିଜ ନିଜ ସୁରକ୍ଷା ନିୟମକୁ ସ୍ୱଷ୍ଟ ଓ ସ୍ୱଚ୍ଛ ରଖିବା ଜରୁରୀ। ଏଆଇ ମାନବୀୟ ମୂଲ୍ୟବୋଧକୁ ମଧ ସ୍ୱଷ୍ଟ କରିବା ଉଚିତ। କାରିଗରି ବା ପ୍ରଯୁକ୍ତି ଶକ୍ତିଶାଳୀ ହୋଇପାରେ, କିନ୍ତୁ ଏହାର ଦିଗ ସବୁବେଳେ ମାନବୀୟ ଆରମ୍ଭରୁ ନିର୍ଦ୍ଧାରିତ ହେବ। ୟୁନିଫାଏଡ୍ ପେମେଣ୍ଟ୍ସ ଇଣ୍ଟରଫେସ୍ (ୟୁପିଆଇ)ର ଦକ୍ଷତା ଉପରେ ଗୁରୁତ୍ୱାରୋପ କରି ପ୍ରଧାନମନ୍ତ୍ରୀ କହିଛନ୍ତି, କଠିନ ସ୍ଥିତିରେ ଭାରତ ୟୁପିଆଇ ଜରିଆରେ ଲୋକଙ୍କୁ ଦେୟ ପଇଠର ସହଜ ଓ ସରଳ ବ୍ୟବସ୍ଥାକୁ ସୁନିଶ୍ଚିତ କରିଛି। ଏହା ଡିଜିଟାଲ ବିଭାଜନର ବ୍ୟବଧାନକୁ ହ୍ରାସକରି ଏକ ସେତୁ ଭାବେ କାର୍ଯ୍ୟ କରିଛି। ଆଧୁନିକ ସମୟରେ ଆମେ ଏକ ଭାଇବ୍ରାଣ୍ଟ ଡିଜିଟାଲ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଛୁ। ୟୁପିଆଇକୁ ଆମେ ବିଶ୍ୱର ବିଭିନ୍ନ ଭାଗରେ ପ୍ରଚଳନ କରୁଛୁ ଟେକ୍ନୋଲୋଜିକୁ କ୍ଷମତାର ଉପକରଣ ଭାବେ ବ୍ୟବହାର କରି ନୁହେଁ, ବରଂ ସେବାର ମାଧ୍ୟମ ଭାବେ ଆମେ ବିକଶିତ କରିଥିବାରୁ ଏପରି ସମ୍ଭବ ହୋଇଛି।

### ଭାଙ୍ଗିଲା ଏକତାର...

ଏଆଇ କମ୍ପାନୀର ମୁଖ୍ୟମାନଙ୍କୁ ଯେତେବେଳେ ଏକତା ପ୍ରଦର୍ଶନ କରିବା ପାଇଁ ହାତ ଉପରକୁ ଟେକିବାକୁ କୁହାଯାଇଥିଲା, ସେତେବେଳେ 'ଓପନଏଆଇ'ର ମୁଖ୍ୟ ସାମ୍ ଅଲ୍ଟମ୍ୟାନ ଏବଂ 'ଆନ୍ଥ୍ରୋପିକ୍'ର ଡାରିଓ ଆମୋଦେଇ ଏଥିରୁ ନିଜକୁ ଦୂରେଇ ରଖିଥିଲେ। ଓପନଏଆଇ ଏବଂ ଆନ୍ଥ୍ରୋପିକ୍ ମଧ୍ୟରେ ବର୍ତ୍ତମାନ ବିଶ୍ୱର ସବୁଠାରୁ ବଡ଼ ପ୍ରତିଯୋଗିତା ଚାଲିଛି। ଆମୋଦେଇ ପୂର୍ବରୁ 'ଓପନଏଆଇ'ରେ ଥିଲେ, କିନ୍ତୁ ବିଚାରଧାରାରେ ପାର୍ଥକ୍ୟ କାରଣରୁ ସେ ସେଠାରୁ ବାହାରି ଆସି ନିଜ କମ୍ପାନୀ ଆନ୍ଥ୍ରୋପିକ୍ ଗଠନ କରିଥିଲେ। ଫଟୋରେ ସମସ୍ତେ ପରସ୍ପରର ହାତ ଧରି ଏକ ଶିକୁଳି ପରି ଛିଡ଼ା ହୋଇଥିବାବେଳେ ଅଲ୍ଟମ୍ୟାନ ଏବଂ ଆମୋଦେଇଙ୍କ ଆଚରଣ 'ଏକତାର ଶିକୁଳି'କୁ ଭାଙ୍ଗିଦେଇଥିଲା। ଏହାକୁ ସୋସିଆଲ ମିଡିଆରେ 'ଏଆଇ ରାଇଭଲ୍‌ରି ଦାଟ୍ ବ୍ରୋକ୍‌ଏ ଚେନ୍' ବୋଲି କୁହାଯାଉଛି। ବିଶ୍ଳେଷକମାନଙ୍କ ମତରେ, ଏହା କେବଳ ଏକ ସାଧାରଣ ଭୁଲ୍ ବୁଝାମଣା ହୋଇପାରେ, କିନ୍ତୁ ଅଧିକାଂଶ ଲୋକ ଏହାକୁ ଏଆଇ ଜଗତରେ ଚାଲିଥିବା ତୀବ୍ର ପ୍ରତିଦ୍ୱନ୍ଦ୍ୱିତାର ପ୍ରତିଫଳନ ବୋଲି କହୁଛନ୍ତି। ଏପରି କି କେନ୍ଦ୍ର ସରକାର ଏହି ଏଆଇ ପ୍ରତିଦ୍ୱନ୍ଦ୍ୱିତା ବିଷୟରେ ଅଜ୍ଞ ଥିବା ନେଇ ସୋସିଆଲ ମିଡିଆରେ ସମାଲୋଚନା କରାଯାଉଛି। ଯଦି ଅଲ୍ଟମ୍ୟାନ ଏବଂ ଆମୋଦେଇଙ୍କୁ ପୃଥକ୍ ଛିଡ଼ା କରାଯାଇଥାନ୍ତା, ତା'ହେଲେ ଏଭଳି ଅଡୁଆ ପରିସ୍ଥିତି ସୃଷ୍ଟି ହୋଇ ନ ଥାନ୍ତା ବୋଲି ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଏହି ଘଟଣା ଦର୍ଶାଉଛି ଯେ, ଯଦିଓ ପ୍ରମୁଖ ଦେଶଗୁଡ଼ିକର ଶାସକମାନେ ଏଆଇକୁ ନିୟନ୍ତ୍ରଣ କରିବା ପାଇଁ ସମସ୍ତ କମ୍ପାନୀଙ୍କୁ ଏକାଠି କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ପ୍ରକୃତରେ ଏହି ବୈଷୟିକ ମହାରଥୀମାନଙ୍କ ମଧ୍ୟରେ ଗଭୀର ମତଭେଦ ରହିଛି।

### ସମିଟ୍‌କୁ ଆସିଲେନି...

କିଛି କୁହାଯାଇନାହିଁ। ଆମେରିକୀୟ ସେକ୍ସ ଅଫେଣ୍ଡର ଜେଫ୍ରି ଏପ୍‌ଷ୍ଟିନ୍‌ଙ୍କ ଫାଇଲ୍‌ରେ ବିଲ୍‌ଙ୍କ ନାମ ଆସିଥିବାରୁ ଆୟୋଜକ ତାଙ୍କୁ ମଞ୍ଚକୁ ନିମନ୍ତ୍ରଣ କରିବାରେ କୁଣ୍ଠା ପ୍ରକାଶ କରିଥିବା ମନେକରାଯାଉଛି। ସରକାରୀ ସୂତ୍ରରୁ ପ୍ରକାଶ ଯେ ଫେବୃଆରୀ ୧୭ର ନିମନ୍ତ୍ରଣପତ୍ରରେ ବିଲ୍‌ଙ୍କ ନାମ ଉଲ୍ଲେଖ କରାଯାଇଥିଲା। ଏହାର ଅନେକ ସମୟ ପୂର୍ବରୁ ଏପ୍‌ଷ୍ଟିନ୍ ପ୍ରକରଣ ପ୍ରଘଟ ହୋଇସାରିଥିଲା। ତେବେ ଫେବୃଆରୀ ୧୬ରେ ଆରମ୍ଭ ହୋଇଥିବା ଏହି ୫ ଦିନିଆ ସମ୍ମିଳନୀରେ ସେ ଯୋଗଦେବେ ନାହିଁ ବୋଲି ତାଙ୍କ ନାମକୁ ପ୍ରତ୍ୟାହାର କରାଯାଇଥିଲା। ସେହିଦିନ ଗେଟ୍ସ ଫାଉଣ୍ଡେଶନ୍‌ର ଜଣେ ମୁଖପାତ୍ର ତରବରିଆ ଭାବେ କହିଥିଲେ, ବିଲ୍ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେବେ। ତେବେ ଗୁରୁବାର ଫାଉଣ୍ଡେଶନ ପକ୍ଷରୁ ବିଲ୍ ଯୋଗଦେଉ ନ ଥିବା ବିଷୟ କୁହାଯାଇଥିଲା। ଗେଟ୍ସ ଫାଉଣ୍ଡେଶନ ପକ୍ଷରୁ ଆଫ୍ରିକା ଓ ଭାରତ ଅଫିସ ପ୍ରେସିଡେଣ୍ଟ ଅଙ୍କୁର ଭୋରା ଯୋଗଦେଇ ସମିଟ୍‌କୁ ସମ୍ବୋଧନ କରିବେ ବୋଲି 'X'ରେ ସୂଚନା ଦିଆଯାଇଛି। ଏଆଇ ସମିଟ୍‌ର ଫୋକସ୍ ଯେପରି ଏହାର ପ୍ରାଥମିକତାଗୁଡ଼ିକ ଉପରେ ରହିବ, ତାହା ସୁନିଶ୍ଚିତ କରିବା ଲାଗି ଉପଯୁକ୍ତ ବିଚାର ପରେ ଏପରି ନିଷ୍ପତ୍ତି ନିଆଯାଇଥିବା ଉକ୍ତ ପୋଷ୍ଟରେ ଉଲ୍ଲେଖ କରାଯାଇଛି। ଇତିମଧ୍ୟରେ ଆଲ୍‌ଫାବେଟ୍ ଓ ଗୁଗଲ ସିଇଓ ସୁନ୍ଦର ପିଚାଇ, ମେଟାର ମୁଖ୍ୟ ଏଆଇ ଅଫିସର ଆଲେକ୍‌ଜାଣ୍ଡାର ୱାଙ୍ଗ, ସର୍ଭମ୍ କୋ-ଫାଉଣ୍ଡର ପ୍ରତ୍ୟୁଷ କୁମାର ଏବଂ ଗୁଗଲ ଡିପ୍‌ମାଇଣ୍ଡ ସିଇଓ ଡେମିସ୍ ହସାବିସ୍‌ଙ୍କ ସମେତ ଅନ୍ୟ ଗ୍ଲୋବାଲ ଟେକ୍ ଲିଡରମାନେ ଏହି ସମ୍ମିଳନୀରେ ଯୋଗଦେଇଛନ୍ତି।

### କ୍ରିକେଟ ମ୍ୟାଚ୍‌ବେଳେ...

ବୁଧବାର ପ୍ରଥମ ମ୍ୟାଚ୍ ପରିଚାଳନା କରିଥିଲେ। ଏହି ମ୍ୟାଚ୍ ଅପରାହ୍ନ ଦେଢ଼ଟାରେ ଶେଷ ହୋଇଥିଲା। କିନ୍ତୁ ଦ୍ୱିତୀୟ ମ୍ୟାଚ୍‌ରେ ଅମ୍ପାୟର ଦାୟିତ୍ୱ ପାଇଥିବା ଜଣେ ବନ୍ଧୁଙ୍କ ଲାଗି ସେ ରହିଥିଲେ। ଏହାପରେ ମହୁମାଛିମାନେ ଆକ୍ରମଣ କରିଥିଲେ। ସାଧାରଣତଃ ଯେଉଁମାନେ ଧଳା ଟି-ଶାର୍ଟରେ ଥିଲେ, ସେମାନଙ୍କୁ ମହୁମାଛି ଆକ୍ରମଣ କରିଥିଲେ। ଫିଲ୍ଡରେ ଥିବା ପ୍ରାୟ ୧୨ ଖେଳାଳି ଓ ଅମ୍ପାୟରଙ୍କ ସହ ଅନ୍ୟମାନେ ଆହତ ହୋଇଥିଲେ। ମାନିକଙ୍କୁ ଡାଇବେଟିସ ଥିବାରୁ ସେ ଘଟଣାରେ ଅତ୍ୟଧିକ ଭୟଭୀତ ହୋଇଯାଇଥିଲେ ବୋଲି କେସିଏର ଜେନେରାଲ ମ୍ୟାନେଜର ଦୀନେଶ କଟିଆର କହିଛନ୍ତି।




# ସବୁ ପୂର୍ବ ନିର୍ଦ୍ଧାରିତ

ଭୁବନେଶ୍ୱର, ୧୯।୨ (ସୁନିତ୍ ମିଶ୍ର)

ଚାଷୀ ପ୍ରସଙ୍ଗ ନେଇ ୩ ଦିନ ହେଲା ଓଡ଼ିଶା ବିଧାନସଭାର ବିରୋଧୀ ସଦସ୍ୟମାନେ ଗୃହ ଚଲାଇ ଦେଉନାହାନ୍ତି। ପ୍ରଥମ ଦିନ ରାଜ୍ୟପାଳଙ୍କ ଅଭିଭାଷଣ ପରେ ଗୃହକୁ ମୁଲତବୀ ରଖାଯାଇଥିଲା। ଦ୍ୱିତୀୟ ଦିନ ଅର୍ଥାତ୍ ଗତ ୧୮ରେ ଗୃହକାର୍ଯ୍ୟ ମୋଟ୍ ୭ ମିନିଟ୍ ପାଇଁ ଚାଲିଲା। ୩ୟ ଦିନ ଅର୍ଥାତ୍ ଗୁରୁବାର ପ୍ରଥମାର୍ଦ୍ଧରେ ମଧ୍ୟ ବିରୋଧୀଙ୍କ ହୋହଲ୍ଲା ଯୋଗୁ ଗୃହକାର୍ଯ୍ୟ ଅଧିକ ସମୟ ଚାଲିପାରି ନ ଥିଲା। ୧୦ଟା ୩୦ରୁ ୫ ମିନିଟ୍ ଗୃହ କାର୍ଯ୍ୟ ଚାଲିବା ପରେ ପ୍ରଥମେ ୧୧ଟା ୩୦ ଯାଏଁ ବାଚସ୍ପତି ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ରୁ ପୁଣିଥରେ ଆରମ୍ଭ ହୋଇ ୬ ମିନିଟ୍ ଚାଲିବା ପରେ ୪ଟା ପର୍ଯ୍ୟନ୍ତ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନ ୪ଟାରେ ଗୃହକାର୍ଯ୍ୟ ଆରମ୍ଭହେବା ମାତ୍ରେ ବିରୋଧୀ ଦଳ ଏବଂ କଂଗ୍ରେସ ସଦସ୍ୟମାନେ ଚାଷୀ ପ୍ରସଙ୍ଗ ଉଠାଇ ହାତରେ ପ୍ଲାକାର୍ଡ ଧରି ପ୍ରତିବାଦ କରିବା ଆରମ୍ଭ କରିଦେଲେ। ଗୃହ ମଧ୍ୟଭାଗରେ ପହଞ୍ଚି ଉଭୟ ଦଳର ସଦସ୍ୟମାନେ ଚାଷୀମାରଣ ସରକାର ହାଏ ହାଏ, କାହିଁ ଗଲା ଠନ୍ ଠନ୍ ଦେଖାଇ ଦେଲ ଲଣ୍ଠନ, ମଣ୍ଡି ଥିଲେ ଟୋକନ ନାହିଁ, ଟୋକନ ଥିଲେ ମଣ୍ଡିରେ ଜାଗା ନାହିଁ, କଟ୍‌ନି ଛଟ୍‌ନି ବନ୍ଦକର ଆଦି ନାରାବାଜି ଦେଉଥିଲେ। ସବୁ ସଦସ୍ୟଙ୍କୁ ନିଜ ଜାଗାକୁ ଯିବା ପାଇଁ ଏହି ସମୟରେ ବାଚସ୍ପତି ବାରମ୍ବାର ନିର୍ଦ୍ଦେଶ ଦେଉଥାଆନ୍ତି। ହେଲେ ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ନିର୍ଦ୍ଦେଶ ଶୁଣିବା ପରିବର୍ତ୍ତେ ପ୍ରତିବାଦ ଚଲାଇଥାଆନ୍ତି। କିଛି ସମୟ ପରେ ବାଚସ୍ପତି ଶାସକ ଦଳର ସଦସ୍ୟମାନଙ୍କୁ ରାଜ୍ୟପାଳଙ୍କ ଅଭିଭାଷଣ ନେଇ ଗୃହରେ ଆସିଥିବା ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନାରେ ଭାଗନେବା ପାଇଁ କହିଥିଲେ। ପ୍ରଥମେ ଭାଜପା ସଦସ୍ୟ ଟଙ୍କଧର ତ୍ରିପାଠୀ ଧନ୍ୟବାଦ ପ୍ରସ୍ତାବ ଉପରେ ନିଜର ମତ ରଖିଥିଲେ। ଏହାପରେ ଭାଜପା ସଦସ୍ୟ ଅଶ୍ୱିନୀ କୁମାର ଷଡଙ୍ଗୀ, ଇରାଶିଷ ଆଚାର୍ଯ୍ୟ, ଦୁର୍ଗାପ୍ରସନ୍ନ ନାୟକ ଆଲୋଚନାରେ ଭାଗନେଲେ। ଅପରାହ୍ନ ୫ଟା୬ ମିନିଟ୍ ସମୟରେ ପ୍ରଥମେ କଂଗ୍ରେସ ଏବଂ ତାଙ୍କ ପଛେପଛେ ବିଜେଡି ସଦସ୍ୟମାନେ କକ୍ଷତ୍ୟାଗ କରି ଚାଲିଗଲେ। ବିରୋଧୀ ସଦସ୍ୟମାନେ ଚାଲିଯିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଚାଲିଥିବା ଧନ୍ୟବାଦ ପ୍ରସ୍ତାବ ଆଲୋଚନାରେ ନିଜର ଭାଷଣ ରଖିଥିଲେ। ଶେଷରେ ବିନା ବିରୋଧୀରେ ଗୃହରେ ଧନ୍ୟବାଦ ପ୍ରସ୍ତାବକୁ ପାରିତ କରାଇଦିଆଗଲା। ହେଲେ ୩ ଦିନ ହେଲା ବିଧାନସଭାରେ ଯାହାସବୁ ଚାଲିଛି ତାକୁ ନେଇ ଏବେ ନାନା ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ମୁଖ୍ୟତଃ ଗୃହ କାର୍ଯ୍ୟକୁ ସୁରୁଖୁରୁରେ ଚଲାଇବା ପାଇଁ କାହିଁକି ୩ ଦିନ ଭିତରେ ଥରୁଟିଏ ସର୍ବଦଳୀୟ ବୈଠକ ଡକାଯାଉ ନାହିଁ, ତାକୁ ନେଇ ବିଧାନସଭା ସଚିବାଳୟ ଭିତରେ ସବୁକିଛି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଭାବେ ଆଲୋଚନା ହେଉଛି।

ଏଠାରେ ସୂଚାଇ ଦିଆଯାଇପାରେ, ବିଧାନସଭାର କାର୍ଯ୍ୟ ପରାମର୍ଶଦାତା କମିଟି(ବିଜ୍‌ନେସ୍ ଆଡଭାଇଜରି କମିଟି) ରହିଛି। ଗୃହ କାର୍ଯ୍ୟ କିପରି ହେବ ସେନେଇ କାର୍ଯ୍ୟ ପରାମର୍ଶଦାତା କମିଟି ନିଷ୍ପତ୍ତି ନେଇଥାଏ। ଗୃହରେ କିଛି ବିଶୃଙ୍ଖଳିତ ପରିସ୍ଥିତି ସୃଷ୍ଟି ହେଲେ ବାଚସ୍ପତି ସର୍ବଦଳୀୟ ବୈଠକ ଡକାଇ ଆଲୋଚନାକରି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥାଆନ୍ତି। ସୂଚନାଯୋଗ୍ୟ, ବିଧାନସଭାକୁ ଶାନ୍ତିଶୃଙ୍ଖଳାରେ ଚଲାଇବା ପାଇଁ ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଅଧିବେଶନ ଆରମ୍ଭ ହେବାର ଦିନକ ପୂର୍ବରୁ ଅର୍ଥାତ୍ ଗତ ୧୬ ତାରିଖରେ ସର୍ବଦଳୀୟ ବୈଠକରେ ସବୁକିଛି ଆଲୋଚନା ହୋଇଥିଲା। ଏହାସତ୍ତ୍ୱେ ବିରୋଧୀ ଯଦି ଗୃହ ଚଲାଇ ଦେଉନାହାନ୍ତି ତେବେ ବାଚସ୍ପତି ସର୍ବଦଳୀୟ ବୈଠକ ଡକାଇ ସେମାନଙ୍କ ସାଙ୍ଗରେ ଆଲୋଚନା କରିପାରିଥାଆନ୍ତେ। ହେଲେ ଏ ଦିଗରେ ପଦକ୍ଷେପ ନିଆଯାଉ ନ ଥିବା କାରଣରୁ ରାଜନୈତିକ ମହଲରେ ଭିନ୍ନ ଏକ ଆଲୋଚନା ଆରମ୍ଭ ହୋଇଛି।

ରାଜନୈତିକ ମହଲରୁ ଯାହା ଶୁଣିବାକୁ ମିଳୁଛି, ବିରୋଧୀ ଦଳର କେତେଜଣ ସଦସ୍ୟ ଗୃହରେ ଆଲୋଚନା ନ କଲେ ଏହା ଶାସକ ଦଳକୁ ସୁହାଇବ ବୋଲି ତାଙ୍କ ଦଳର ମୁଖିଆଙ୍କ ନିକଟରେ ବାରମ୍ବାର ମତ ରଖିଲେଣି। ହେଲେ ବିରୋଧୀ ଦଳର ମୁଖିଆ ଆଲୋଚନାରେ ଭାଗନେବା ପାଇଁ କୁଆଡ଼େ ସିଧାସିଧା ମନା କରିଦେଇଛନ୍ତି। ସେହି କ୍ରମରେ ବିଜେଡି ଗୃହ ଚଲାଇ ନ ଦେବା ପାଇଁ ନିଷ୍ପତ୍ତିକରି ଚାଷୀ ପ୍ରସଙ୍ଗରେ ବିରୋଧ ଜାରି ରଖିଛି। କଂଗ୍ରେସ ମଧ୍ୟ ଗୃହରେ ଚାଷୀ ପ୍ରସଙ୍ଗ ଉଠାଇ ବିରୋଧ କରୁଛି। ଏହାଦ୍ୱାରା ସାଧାରଣ ଲୋକଙ୍କୁ ଜଣାଇବାକୁ ଚେଷ୍ଟା କରାଯାଉଛି ବିଜେଡି ଏବଂ ଭାଜପା ଭିତରେ ଯେଉଁ ଭିତିରି ସମ୍ପର୍କ ରହିଛି ବୋଲି ଚର୍ଚ୍ଚା ହେଉଛି ତାହା ମିଥ୍ୟା। ଭାଜପା ମଧ୍ୟ ଏହି ଯୋଜନାକୁ ସଫଳ କରିବା ପାଇଁ ସମର୍ଥନ କରିଛି। ଗୃହରେ ଯେହେତୁ ବିଜେଡି ଏବଂ କଂଗ୍ରେସ ଏକାଠି ପ୍ରତିବାଦ କରୁଛନ୍ତି ଦୁଇ ଦଳ ଏକ ବୋଲି ଶାସକ ଦଳ କହିବା ଆରମ୍ଭ କରିଦେଇଛି। ଏଭଳି ସୁଚିନ୍ତିତ ରାଜନୀତି ଆଗାମୀ ରାଜ୍ୟ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି କରାଯାଉଥିବା କୁହାଯାଉଛି।



ରାଜ୍ୟରେ ୪ ରାଜ୍ୟ ସଭା ଆସନରେ ଆସନ୍ତା ମାର୍ଚ୍ଚ ୧୬ରେ ନିର୍ବାଚନ ହେବ। ସେଥିରୁ ଭାଜପାକୁ ୩ଟି ରାଜ୍ୟ ସଭା ଆସନ କିପରି ଭଲରେ ଯାଇପାରିବ ଏସବୁ ତାକୁ ଲକ୍ଷ୍ୟରେ ରଖି କରାଯାଉଛି। ଯେତେବେଳେ ରାଜ୍ୟ ସଭା ନିର୍ବାଚନ ଆସିବ ବିଜେଡି ନିଜ ଦମ୍‌ରେ ଜିତିବାକୁ ଥିବା ଜଣେ ପ୍ରାର୍ଥୀଙ୍କୁ ସମସ୍ତ ୪୮ ଜଣ ସଦସ୍ୟଙ୍କ ପ୍ରଥମ ପସନ୍ଦ ଭୋଟ ଦେଇଦେବ। ୪ର୍ଥ ଆସନ ପାଇଁ କୌଣସି ଦଳ ପାଖରେ ଆବଶ୍ୟକ ସଂଖ୍ୟା ନାହିଁ। ବିଜେଡି ଯଦି ନୀରବ ରହିଯିବ ତେବେ ଭାଜପା ତା'ର ଦ୍ୱିତୀୟ ପସନ୍ଦ ଭୋଟ୍ ବଳରେ ୪ର୍ଥ ଆସନ ଦଖଲ କରିଦେଇପାରିବ। ତେଣୁ ଏହାକୁ ସଫଳ କରିବାକୁ ଯାଇ କୁଆଡେ ଗୃହରେ ବିଜେଡି ଜୋର୍‌ଦାର ଭାବେ ଭାଜପାକୁ ବିରୋଧକରିବା ଜାରି ରଖିଛି। ରାଜ୍ୟ ସଭାରେ ବିଜେଡି ୪ର୍ଥ ଆସନ ଲାଗି ଯଥେଷ୍ଟ ସଂଖ୍ୟା ନ ଥିବା କଥା କହି ସମଦୂରତା ନୀତିରେ ଚୁପ୍ ରହିଯିବ ବୋଲି ଘୋଷଣା କରିବ। କଂଗ୍ରେସ ଯଦି ସମର୍ଥନ ମାଗିବାକୁ ଆସେ ତେବେ ଭାଜପା ବିଧାନସଭାରେ ଯେଉଁ ଦୁଇ ଦଳ ଏକ ବୋଲି ଅଭିଯୋଗ କରୁଛି ତାହା ସତ ପ୍ରମାଣିତ ହୋଇଯିବ କହି ସମର୍ଥନ ଦେବାକୁ ବିଜେଡି ମନା କରିବ। ସଂଖ୍ୟା ଦୃଷ୍ଟିରୁ କଂଗ୍ରେସକୁ ସମର୍ଥନ ନ କଲେ ହିଁ ଭାଜପା ସୁରୁଖୁରୁରେ ୪ର୍ଥ ଆସନ ନେଇଯିବ। ଏହାକୁ ସଫଳ କରାଇବାକୁ ଯାଇ ଗୃହ ଚଲାଇ ନ ଦେବାକୁ ବିଜେଡିର ନିଷ୍ପତ୍ତି ଏବଂ ସର୍ବଦଳୀୟ ବୈଠକ ଡାକି ସମାଧାନ କରିବା ଚେଷ୍ଟାରୁ ବିରତି ରହିବାକୁ ଚେଷ୍ଟା କରାଯାଉଛି।

# ଧାନ ପ୍ରସଙ୍ଗରେ ଗୃହ କମ୍ପାଇଲେ ବିରୋଧୀ

ଭୁବନେଶ୍ୱର,୧୯।୨ (ରବିନାରାୟଣ ଜେନା)

**■ ଯୋଗାଣମନ୍ତ୍ରୀଙ୍କ ଇସ୍ତଫା ଦାବି**
**■ 'ସୁଯୋଗ ହାତଛଡ଼ା କରୁଛନ୍ତି ବିରୋଧୀ'**

ସପ୍ତଦଶ ବିଧାନସଭାର ଷଷ୍ଠ ତଥା ବଜେଟ ଅଧିବେଶନର ଗୁରୁବାର ଚାଷୀ ସମସ୍ୟା ଓ ଧାନ ସଂଗ୍ରହକୁ ନେଇ ପ୍ରଥମାର୍ଦ୍ଧ ଗୃହ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇଯାଇଛି। ବିରୋଧୀ ବିଜୁ ଜନତା ଦଳ(ବିଜେଡି) ଓ କଂଗ୍ରେସ ପକ୍ଷରୁ ପୋଷ୍ଟର ଓ ବ୍ୟାନର ଧରି ଗୃହର ମଧ୍ୟଭାଗରେ ପ୍ରବଳ ହଟ୍ଟଗୋଳ କରିବା ଯୋଗୁ ଦୁଇଟି ପର୍ଯ୍ୟାୟରେ ମାତ୍ର ୧୧ମିନିଟ୍ ଗୃହ ଚାଲିଛି। ବାଚସ୍ପତି ସୁରମା ପାଢ଼ୀ ଗୃହକୁ ସ୍ୱାଭାବିକ ପରିସ୍ଥିତିକୁ ଫେରାଇ ଆଣିବା ପାଇଁ ବିରୋଧୀ ସଦସ୍ୟମାନଙ୍କୁ ବାରମ୍ବାର ଅନୁରୋଧ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା। ଗୃହରେ ଧାନ ତାତି ଏତେ ଥିଲା ଯେ, ପ୍ରଶ୍ନକାଳ ଓ ଶୂନ୍ୟକାଳ ଚାଲିପାରି ନ ଥିଲା। ବାଚସ୍ପତି ଗୃହକୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ। ମୁଲତବୀ ହେବା ପରେ ବିରୋଧୀ ଓ ଶାସକ ଗୃହ ବାହାରେ ବୟାନବାଜି ଜୋର କରିଥିଲେ।

ଗୁରୁବାର ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସୁରମା ପାଢ଼ୀ ଭାଜପା ସଦସ୍ୟା ସଞ୍ଜଲି ମୁର୍ମୁଙ୍କ ଜଳସମ୍ପଦ ବିଭାଗ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବଦଳରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କୁ ଡାକିଥିଲେ। ମନ୍ତ୍ରୀ କହିଥିଲେ, ପାନୀୟଜଳ ସମସ୍ୟାର ସମାଧାନ ଲାଗି ସରକାର ସବୁ ପ୍ରକାର ଉଦ୍ୟମ କରୁଛନ୍ତି। ବାଙ୍ଗିରିପୋଷିରେ ଗଭୀର ନଳକୂପ ଖନନ ଲାଗି ଆଲୋଚନା କରି ନିଷ୍ପତ୍ତି ନିଆଯିବ। ସେହିପରି ଅତିରିକ୍ତ ପ୍ରଶ୍ନକର୍ତ୍ତା ସଦସ୍ୟ ସିଦ୍ଧାନ୍ତ ମହାପାତ୍ର ମଧ୍ୟ ସ୍ଥାନୀୟ ଅଞ୍ଚଳରେ ପାନୀୟଜଳ ସମସ୍ୟା ରଖିଥିଲେ। ବିରୋଧୀଙ୍କ ହଟ୍ଟଗୋଳ ଏତେ ତୀବ୍ର ଥିଲାଧି ଯେ, ଗୃହ ମାତ୍ର ୫ ମିନିଟ୍ ଚାଲିବା ପରେ ବାଚସ୍ପତି ଗୃହକୁ ୧୦ଟା ୩୫ମିନିଟ୍‌ରୁ ୧୧ଟା ୩୦ ଯାଏ ମୁଲତବୀ ରଖିଥିଲେ। ତେବେ ପ୍ରଶ୍ନକାଳ ଆରମ୍ଭରେ ବିରୋଧୀ ବିଜେଡି ଓ କଂଗ୍ରେସର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ରାଜ୍ୟରେ ଧାନ ବିକ୍ରି ନେଇ ଚାଷୀଙ୍କ ସମସ୍ୟା ସମ୍ପର୍କିତ ବ୍ୟାନର ପ୍ରଦର୍ଶନ କରି ସରକାରଙ୍କ ବିରୋଧରେ ସ୍ଲୋଗାନମାନ ଦେଇଥିଲେ। କଟ୍‌ନି-ଛଟ୍‌ନି ଚଳିବ ନାହିଁ, ଚାଷ କାମ ଯାହାର ସର୍ବନାଶ ତାହାର। 'ମୋଦି ଦେବ- ଛାଡ୍ ହୋ' '୩୦୦ ୟୁନିଟ୍ କହିଥିଲ ନା ନାହିଁ, ଜବାବ ଦିଅ' କହି ବିରୋଧୀ ସଦସ୍ୟମାନେ ବାଚସ୍ପତିଙ୍କ ପୋଡିୟମ ଉପରକୁ ଉଠିବାକୁ ଉଦ୍ୟମ କରିଥିଲେ। ଏହି ସମୟରେ ବିରୋଧୀ ସଦସ୍ୟ ବ୍ୟୋମକେଶ ରାୟ, ସାରଦା ଜେନା ଓ କଂଗ୍ରେସର ଅଶୋକ ଦାସ ଏବଂ ସୋଫିଆ ଫିର୍ଦ୍ଦୋସ ପ୍ରମୁଖ ଯୋଗାଣମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ୧୧ଟା ୩୦ମିନିଟ୍‌ରେ ଗୃହକାର୍ଯ୍ୟ ପୁନର୍ବାର ଆରମ୍ଭ ହେବା ପରେ ସମାନ ଢଙ୍ଗରେ ବିରୋଧୀ ନିଜର ପ୍ରତିବାଦ ଜାରି ରଖିଥିଲେ। ଫଳରେ ଶୂନ୍ୟକାଳରେ ହଟ୍ଟଗୋଳ ମଧ୍ୟରେ ମନୋରଞ୍ଜନ ଦ୍ୟାନ ସାମନ୍ତରାୟ, ଜଲେନ ନାୟକ ଓ ଦୁଷ୍ମନ୍ତ ସ୍ୱାଇଁ ପ୍ରମୁଖ ସ୍ଥାନୀୟ ସମସ୍ୟା ସମ୍ପର୍କରେ ବାଚସ୍ପତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହରେ ଅସ୍ୱାଭାବିକ ସ୍ଥିତି ସୃଷ୍ଟି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ବାଚସ୍ପତି ୧୧ଟା ୩୬ ମିନିଟ୍‌ରୁ ଅପରାହ୍ନ ୪ଟା ଯାଏ ଗୃହକୁ ମୁଲତବୀ ରଖିଥିଲେ।



ଗୃହ ବାହାରେ ରାଜନୈତିକ ଆରୋପ ପ୍ରତ୍ୟାରୋପ ଜୋର ଧରିଥିଲା। ବିଜେଡି ସଦସ୍ୟ ଗୌତମବୁଦ୍ଧ ଦାସ ଯୋଗାଣ ମନ୍ତ୍ରୀ କୃଷ୍ଣ ପାତ୍ରଙ୍କ ଇସ୍ତଫା ଦାବିକରି କହିଥିଲେ, ଚାଷୀ ଧାନ ନେଇ ମଣ୍ଡିରେ ବସିଛି । ସରକାର ମଉଜ କରୁଛନ୍ତି। ଜାଣିଶୁଣି ଧାନ କେମିତି କିଣାଯିବ ନାହିଁ ସରକାର ଷଡ଼ଯନ୍ତ୍ର କରୁଛନ୍ତି । ଡବଲ ଇଞ୍ଜିନ ସରକାରରେ ସରକାର ଡବଲ କଟ୍‌ନି, ଛଟ୍‌ନି କରୁଛନ୍ତି। ଚାଷୀ କେବଳ କାନ୍ଦିବା ସାର ହେଉଛି।

କଂଗ୍ରେସ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଥିଲେ, ୩୦୦ ୟୁନିଟ ମାଗଣା ବିଜୁଳି ଦେବା କଥା କହି ସରକାରକୁ ଆସିଲେ, ହେଲେ ତାହା ଲୋକଙ୍କୁ ମିଳିଲା ନାହିଁ। ଏ ପ୍ରସଙ୍ଗ ଆମେ ବାରମ୍ବାର ଉଠାଉଛୁ, ସରକାର ଶୁଣୁନାହାନ୍ତି। ଭାଜପା ସଦସ୍ୟ ଜୟନାରାୟଣ ମିଶ୍ର କହିଛନ୍ତି, ଗୃହ ଅଚଳ କରି ବିରୋଧୀ ସୁଯୋଗ ହାତଛଡ଼ା କରୁଛନ୍ତି । ବିଧାନସଭା ନ ଚାଲିଲେ ସରକାରୀ ଦଳର ଲାଭ। ସରକାରକୁ ଉତ୍ତର ଦେବାକୁ ପଡ଼ିବ ନାହିଁ। ବିରୋଧୀ ଯାହା କହିବା କଥା, ବିଧାନସଭାରେ କହି ସରକାରକୁ ଘେରି ପାରନ୍ତେ। ହେଲେ ବିରୋଧ କରିବା ପାଇଁ ଗୃହକୁ ଅଯଥାରେ ଭ୍ରମିତ କରୁଛନ୍ତି। ଏହାସବୁ ରାଜ୍ୟବାସୀ ଦେଖୁଛନ୍ତି।

# ରାସ୍ତାକଡ଼କୁ ଖସିଲା ସ୍କୁଟି : ୨ମୃତ

ସୁନ୍ଦରଗଡ଼,୧୯।୨ (ଜୟ ନାରାୟଣ ମେଣ୍ଟୁଲି)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ସରଫଗଡ ଜଳଭଣ୍ଡାର ନିକଟ ଗୁଣ୍ଡିଆଡିହି ରାସ୍ତାରେ ବୁଧବାର ରାତିରେ ସଡ଼କ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଲେଫ୍ରିପଡ଼ା ଥାନା ତେଲେନଡିହି ଦେମୁଣ୍ଡପଡାର ଶ୍ୟାମସାଗର କେରକେଟା(୩୦) ଓ ବଡଗାଁ ଥାନା ଅନ୍ତର୍ଗତ କୁଲଗାଁର ପ୍ରବୀଣ ଡୁଙ୍ଗଡୁଙ୍ଗ(୨୪)। ଏନେଇ ଲେଫ୍ରିପଡ଼ା ପୋଲିସ ନଂ. ୩୪/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଶ୍ୟାମସାଗର ଓ ପ୍ରବୀଣ ବାଲିଶଙ୍କରାରେ ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। ବୁଧବାର ସନ୍ଧ୍ୟାରେ ଏକ ସ୍କୁଟି (ନଂ.ଓଡି୨୬-କେ-୪୪୨୩) ଯୋଗେ ନିଜ ଗାଁ ତେଲେନଡିହିକୁ ଫେରୁଥିଲେ। ରାତି ପ୍ରାୟ ସାଢେ ୮ଟାରେ ସରଫଗଡ ଡ୍ୟାମ ଘାଟି ରାସ୍ତାରେ ତଳକୁ ଓହ୍ଲାଉଥିବା ବେଳେ ସ୍କୁଟିଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଖସି ଲୁହାବାଡରେ ବାଡେଇ ହୋଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ଗୁରୁବାର ପୂର୍ବାହ୍ନ ୧୧ଟାରେ ପୋଲିସକୁ ଖବର ମିଳିବା ପରେ ଅଗ୍ନିଶମ ବାହିନୀ ସହ ପହଞ୍ଚି ୨ ମୃତଦେହ ଜବତ କରିଥିଲା।

# ଏପ୍ରିଲରୁ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ଏସ୍‌ଆଇଆର୍

ନୂଆଦିଲ୍ଲୀ,୧୯।୨ (ପି.ଟି.)

ଆସନ୍ତା ଏପ୍ରିଲରୁ ଓଡ଼ିଶା ସମେତ ୨୨ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍)ର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିବାକୁ ନିର୍ବାଚନ କମିଶନର ଘୋଷଣା କରିଛନ୍ତି। ୨୦୨୫ ଅକ୍ଟୋବର ୨୭ରୁ ୧୨ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଏସ୍‌ଆଇଆର୍ ପ୍ରକ୍ରିୟା ଚାଲିଥିବାବେଳେ ତାହା ଶେଷ ହେବାକୁ ବସିଛି। ଏହି ପରିପ୍ରେକ୍ଷୀରେ ନିର୍ବାଚନ କମିଶନ ୧୮ ରାଜ୍ୟ ଓ ୪ କେନ୍ଦ୍ରଶାସିତ ଅଞ୍ଚଳକୁ ପ୍ରସ୍ତୁତି କାର୍ଯ୍ୟ ଯଥାଶୀଘ୍ର ଶେଷ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଇସିଙ୍କ ପକ୍ଷରୁ ଏନେଇ ଆନ୍ଧ୍ରପ୍ରଦେଶ, ଅରୁଣାଚଳପ୍ରଦେଶ, ଚଣ୍ଡିଗଡ଼, ଦିଲ୍ଲୀ, ଦାଦ୍ରା ନଗର ହାଭେଲି, ଡାମନ ଓ ଡିଉ, ହରିୟାଣା, ହିମାଚଳପ୍ରଦେଶ, ଜମ୍ମୁ-କଶ୍ମୀର, ଝାଡ଼ଖଣ୍ଡ, କର୍ନାଟକ, ଲଦାଖ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ଓଡ଼ିଶା, ପଞ୍ଜାବ, ସିକିମ୍, ତ୍ରିପୁରା, ତେଲଙ୍ଗାନା ଓ ଉତ୍ତରାଖଣ୍ଡର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ଗୁରୁବାର ପତ୍ର ଲେଖାଯାଇଛି। ପ୍ରକାଶ ଯେ, ସର୍ବଭାରତୀୟ ସ୍ତରରେ ଭୋଟର ତାଲିକାର ଏସ୍‌ଆଇଆର୍ ପାଇଁ ଗତବର୍ଷ ଜୁନ୍‌ରେ ଇସିଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିଲା। ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ସେଠାରେ କରାଯାଇଥିବା ଏସ୍‌ଆଇଆର୍‌କୁ ନେଇ ବିରୋଧୀ ଦଳଗୁଡ଼ିକ 'ଭୋଟ ଚୋରି' ଅଭିଯୋଗ ଆଣି କମିଶନଙ୍କୁ ଘେରିଥିଲେ। ଏପରିକି ତାମିଲନାଡୁର ଶାସକ ଡିଏମ୍‌କେ ଏବଂ ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ଏସ୍‌ଆଇଆର୍ ପ୍ରକ୍ରିୟାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜ୍ୟଗୁଡ଼ିକରେ ଇସି ଭାଜପାକୁ ସୁହାଇଲା ଭଳି ତାଲିକା ପ୍ରସ୍ତୁତ କରିବା ସହ ସଂଖ୍ୟାଲଘୁ ଭୋଟରଙ୍କ ନାମ କାଟିଦେଉଥିବା ବିରୋଧୀ ଅଭିଯୋଗ କରିଛନ୍ତି।

# ସଂକ୍ଷେପରେ ଓଡ଼ିଶା ଅର୍ଥନୈତିକ ସର୍ଭେ ୨୦୨୫-୨୬

- ୨୦୨୫-୨୬ରେ ଓଡ଼ିଶାର ଜିଏସ୍‌ଡିପି ପ୍ରାୟ ୯.୯ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି, ଯାହା ଗତବର୍ଷର ୯ ଲକ୍ଷ କୋଟି ତୁଳନାରେ ୯.୫% ଅଧିକ। ରାଜ୍ୟର ପ୍ରକୃତ ଅଭିବୃଦ୍ଧି ହାର ୭.୯% ରହିଛି, ଯାହା ଜାତୀୟ ହାର (୭.୪%) ଠାରୁ ଅଧିକ।
- ରାଜ୍ୟର ମୁଣ୍ଡପିଛା ଆୟ ୯.୨% ବୃଦ୍ଧି ପାଇ ୧,୮୬,୭୬୧ ଟଙ୍କାରେ ପହଞ୍ଚିଛି। ଜାତୀୟ ସ୍ତରରେ ଏହି ବୃଦ୍ଧି ୬.୯% ରହିଛି।
- ଓଡ଼ିଶାରେ ଶ୍ରମ ଶକ୍ତି ଅଂଶଗ୍ରହଣ ହାର (ଏଲ୍‌ଇପିଆର୍) ୬୪.୫%କୁ ବୃଦ୍ଧି ପାଇଛି, ଯାହା ଜାତୀୟ ହାର (୫୯.୬%) ଠାରୁ ଅଧିକ। ମହିଳା ଏଲ୍‌ଇପିଆର୍ ୪୮.୭%କୁ ବୃଦ୍ଧି।
- କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ରାଜ୍ୟ ଅର୍ଥନୀତିକୁ ୧୯.୬% ଯୋଗଦାନ ଦେଉଛି ଏବଂ ଏଥିରେ ୫.୩% ଅଭିବୃଦ୍ଧି ଘଟିଛି, ଯାହା ଜାତୀୟ ହାର (୩.୧%)ଠାରୁ ଯଥେଷ୍ଟ ଅଧିକ।
- ୨୦୨୪-୨୫ରେ ରେକର୍ଡ ୧୫୦.୫ ଲକ୍ଷ ମେଟ୍ରିକ ଟନ ଖାଦ୍ୟଶସ୍ୟ ଉତ୍ପାଦନ ହୋଇଛି। କେବଳ ଧାନ ଉତ୍ପାଦନ ୧୧୮.୬ ଲକ୍ଷ ମେଟ୍ରିକ ଟନ ରହିଛି।
- ସରକାର ୯୨.୬ ଲକ୍ଷ ମେଟ୍ରିକ ଟନ ଧାନ ସଂଗ୍ରହ କରିଛନ୍ତି ଏବଂ ଚାଷୀଙ୍କୁ ଏମ୍‌ଏସ୍‌ପି ବାବଦରେ ୨୧,୩୦୦ କୋଟି ଟଙ୍କା ଓ ଇନ୍‌ପୁଟ ସବସିଡି ବାବଦରେ ୭,୧୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ମାଣ୍ଡିଆ (ରାଗି) ସଂଗ୍ରହ ମଧ୍ୟ ଦୁଇଗୁଣ ହୋଇଛି।
- ରାଜ୍ୟର ଜଳସେଚନ କ୍ଷମତା ୭୪.୨ ଲକ୍ଷ ହେକ୍ଟରରେ ପହଞ୍ଚିଛି ଏବଂ ଶସ୍ୟ ଗହନତା (କ୍ରପିଂ ଇଣ୍ଟେନସିଟି) ୧୬୫% କୁ ବୃଦ୍ଧି ପାଇଛି।
- ଗୋମାତା ଏବଂ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଜରିଆରେ ଦୁଗ୍ଧ ଉତ୍ପାଦନ ୨୭.୧ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଛି।
- ରାଜ୍ୟରେ ଅଣ୍ଡା ଉତ୍ପାଦନରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି।
- ୨୦୨୪-୨୫ରେ ୧୨.୩ ଲକ୍ଷ ମେଟ୍ରିକ ଟନ ମାଛ ଉତ୍ପାଦନ ହୋଇଛି, ଯେଉଁଥିରେ ଗତବର୍ଷ ତୁଳନାରେ ୭.୫% ବୃଦ୍ଧି ଘଟିଛି।
- ଶିଳ୍ପ କ୍ଷେତ୍ର ରାଜ୍ୟ ଅର୍ଥନୀତିକୁ ୪୩.୫% ଯୋଗଦାନ ଦେଉଛି ଏବଂ ଏଥିରେ ୮.୪% ଅଭିବୃଦ୍ଧି ଆଶା କରାଯାଉଛି।
- ଓଡ଼ିଶା ଦେଶର ଖଣିଜ ଉତ୍ପାଦନ ମୂଲ୍ୟର ୪୪% ଅବଦାନ ଦେଉଛି।
- ଉତ୍ପାଦନ କ୍ଷେତ୍ରରେ ୮.୯% ଅଭିବୃଦ୍ଧି ଆକଳନ କରାଯାଇଛି।
- ସେବା କ୍ଷେତ୍ର ୮.୪% ଅଭିବୃଦ୍ଧି ସହ ରାଜ୍ୟ ଅର୍ଥନୀତିର ୩୬.୯% ଅଂଶଗ୍ରହଣ କରୁଛି।
- ୨୦୨୪ରେ ୨.୧ କୋଟି ପର୍ଯ୍ୟଟକ ଓଡ଼ିଶା ଆସିଛନ୍ତି, ଯାହା ପୂର୍ବ ବର୍ଷ ତୁଳନାରେ ୧୫% ଅଧିକ।
- ରାଜ୍ୟର ବନ୍ଦରଗୁଡ଼ିକରେ ପଣ୍ୟ କାରବାର ବୃଦ୍ଧି ପାଇଛି।
- ୨୦୨୪-୨୫ ମଧ୍ୟରେ ମୁଦ୍ରାସ୍ଫୀତି ୪.୮% ରହିଛି।
- ରାଜ୍ୟର ନିଜସ୍ୱ ରାଜସ୍ୱ ଆଦାୟରେ ସୁଧାର ଆସିଛି।
- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଜରିଆରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଅଣାଯାଇଛି।
- ଶିକ୍ଷା କ୍ଷେତ୍ରରେ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇଛି।
- ମୁଖ୍ୟମନ୍ତ୍ରୀ ନଳ ସେବା ଯୋଜନା ଜରିଆରେ ପାନୀୟ ଜଳ ଯୋଗାଣରେ ଅଗ୍ରଗତି ହୋଇଛି।
- ମଧୁବାବୁ ପେନସନ ଯୋଜନା ଓ ଅନ୍ୟାନ୍ୟ ସୁରକ୍ଷା ଯୋଜନାର କାର୍ଯ୍ୟକାରିତା ଜାରି ରହିଛି।
- 'ସୁଭଦ୍ରା' ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ଆର୍ଥିକ ଓ ସାମାଜିକ ସଶକ୍ତୀକରଣ କରାଯାଉଛି।
- କ୍ରୀଡ଼ା ବିକାଶ ପାଇଁ ୨୦୨୫-୨୬ ବଜେଟରେ ୧,୩୧୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ୬ଟି ଜିଲାକୁ ଆଞ୍ଚଳିକ କ୍ରୀଡ଼ା ହବ୍ ଭାବେ ବିକଶିତ କରାଯାଉଛି।

NACO
ସମସ୍ତ ଗର୍ଭବତୀ ମହିଳା ସରକାରୀ ଡାକ୍ତରଖାନାରେ ଥିବା ଆଇ.ସି.ଟି.ସି.ରେ ରକ୍ତ ପରୀକ୍ଷା କରାନ୍ତୁ ଏବଂ ନିଶ୍ଚିନ୍ତ ରୁହନ୍ତୁ।
OSACS
10001/69/2526
ଏକମାତ୍ର ସରଳ ପରୀକ୍ଷା
ମା' ଓ ଶିଶୁ ଉଭୟଙ୍କର ନୀରୋଗ ଭବିଷ୍ୟତ ନିର୍ଦ୍ଧାରଣ କରାଏ।
| ସମସ୍ତ ଗର୍ଭବତୀ ମହିଳା ପ୍ରଥମ ୩ ମାସ ମଧ୍ୟରେ ଭି.ଏଚ୍.ଏସ୍.ଏନ୍.ଡି./ ୟୁ.ଏଚ୍.ଏସ୍.ଏନ୍.ଡି. କିମ୍ବା ସରକାରୀ ଡାକ୍ତରଖାନାରେ ଏଚ୍.ଆଇ.ଭି. ଓ ସିଫିଲିସର ପରୀକ୍ଷା ଅବଶ୍ୟ କରାଇ ନିଅନ୍ତୁ।
| ସଂକ୍ରମଣ ଥିବା ଜାଣିଲେ ଏ.ଆର୍.ଟି. ଓ ସିଫିଲିସ ଚିକିତ୍ସା କରାଇଲେ ଶିଶୁକୁ ଏଚ୍.ଆଇ.ଭି. କେବଳ ୩-୫% ଯିବାର ସମ୍ଭାବନା ଥାଏ / କିମ୍ବା ସଂକ୍ରମଣ ଯାଇ ନ ଥାଏ।




ବୈଦ୍ୟନାଥ
GOODCARE
Authentic Ayurveda
ସର୍ବୋତ୍ତମ ଗୁଣମାନର ଶୁଦ୍ଧ ତେଲ
ସଂରକ୍ଷଣକାରୀ ରହିତ • ସିନ୍ଥେଟିକ୍ ରଙ୍ଗ ମିସିନାହିଁ
ଲାଭ:
ରୋଗାନ୍ ବାଦମ୍ ତେଲ:
ଚର୍ମ ଏବଂ କେଶକୁ ପୋଷଣ କରେ, ତୀକ୍ଷ୍ଣ ମନକୁ ସମର୍ଥନ କରେ.
ତିଳ ତେଲ:
ଚର୍ମକୁ ପୋଷଣ କରେ, ରୁପି କମିଯାଏ.
କୋଲ୍ଡ ପ୍ରେସ୍ଡ ନିମ୍ ତେଲ:
ସଂକ୍ରମଣର ଚିକିତ୍ସା କରେ, ଚର୍ମକୁ ସୁସ୍ଥ ରଖେ.
କୋଲ୍ଡ ପ୍ରେସ୍ଡ କାଷ୍ଟର ତେଲ:
କୋଷ୍ଠ କାଠିନ୍ୟ ରୁ ରକ୍ଷା କରେ,ଚର୍ମ ଏବଂ କେଶ ପାଇଁ ହିତକାରୀ.
ଲବଙ୍ଗ ତେଲ:
ଦାନ୍ତବେଦନା, ମଢ଼ିବେଦନା ଓ ମୁହଁର ଘାଁରେ ଉପକାରୀ.




www.baidyanath.com amazon Flipkart TATA 1mg 9051821345, 9853026006

ଅତିମାନସ ଶକ୍ତି, ଚେତନା ଓ ଆଲୋକର ପୃଥିବୀ ଉପରେ ଅବତରଣ ଆଉ ଏକ ପ୍ରତିଶ୍ରୁତି ହୋଇ ରହିନାହିଁ। କିନ୍ତୁ ଏହା ହୋଇ ଉଠିଛି ଏକ ଜୀବନ୍ତ ସତ୍ୟ ଓ ବାସ୍ତବତା। ଏହା ବର୍ତ୍ତମାନ କାର୍ଯ୍ୟ କରୁଛି। ଏପରି ଦିନ ଆସିବ ଯେତେବେଳେ କି ସବୁଠାରୁ ଦୃଷ୍ଟିହୀନ, ଅଜ୍ଞାନ, ଅଚେତନ ଓ ଅମାନିଆ ଲୋକ ବି ତାକୁ ସ୍ବୀକାରିବ। –ଶ୍ରୀମା



# ବିଦ୍ରୋହୀ ରାଜା



ସ୍ଲାଭୋଜ୍ ଜିଜେକ୍

୧୯୮୯ରେ ଆମେରିକାରେ ଗ୍ରୀଷ୍ମଋତୁ (ଜୁନ–ଅଗଷ୍ଟ)ରେ ଫ୍ରାନ୍ସିସ ଫୁକୁୟାମା 'ଇତିହାସର ଶେଷ' ସିଦ୍ଧାନ୍ତ ଉପସ୍ଥାପନ କରିଥିଲେ। ତାଙ୍କ ଦୃଷ୍ଟିକୋଣରେ ଉଦାରବାଦୀ ଗଣତାନ୍ତ୍ରିକ ପୁଞ୍ଜିବାଦ ବା ପାଶ୍ଚାତ୍ୟ ଉଦାରବାଦ ଗଣତନ୍ତ୍ର ଥିଲା ଶ୍ରେଷ୍ଠ ସାମାଜିକ ବ୍ୟବସ୍ଥା, ଯାହା ୩ ଦଶନ୍ଧି ଯାଏ ଚାଲିଲା । କିନ୍ତୁ ଏବେ ଆମେ ଚରମ ବୀପରିତ ସ୍ଥିତି ଦେଖିବାକୁ ପାଉଛୁ। ଧାରଣାଆସିଛି ଯେ, ଉଦାରବାଦୀ– ଗଣତାନ୍ତ୍ରିକ ପୁଞ୍ଜିବାଦୀ ବିଶ୍ୱ ବ୍ୟବସ୍ଥାରେ ମୌଳିକ ମାନବ ଅଧିକାର (ବାକ୍ ସ୍ୱାଧୀନତା, ବୈଶ୍ୱିକ ସ୍ୱାସ୍ଥ୍ୟସେବା, ସାର୍ବଜନୀନ ଶିକ୍ଷା ଆଦି) ନିଶ୍ଚିତ କରୁଥିବା ନିୟମଗୁଡ଼ିକର ଅଧୋଗତି ଘଟିଛି। ଏହାର ସ୍ଥାନ ନେଇଛି ନୂଆ ବିଶ୍ୱ, ଯେଉଁଠି ଶକ୍ତିଶାଳୀମାନେ ଦୁର୍ବଳ ଉପରେ ଆକ୍ରମଣ କରୁଛନ୍ତି। ଏହା ସହ ନୂଆ ବୈଶ୍ୱିକ ବିଚାରଧାରାକୁ ଗମ୍ଭୀର ଭାବେ ନେଉନାହାନ୍ତି, କାରଣ ସମସ୍ୟା ହେଉଛି ଏବକାର ଯନ୍ତ୍ରଣାଦାୟକ ଅର୍ଥନୀତି, ମିଲିଟାରି ଓ ରାଜନୈତିକ କ୍ଷମତା। ଏଣୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭେନେଜୁଆଲାରେ ଗଣତନ୍ତ୍ର ପ୍ରତିଷ୍ଠା କରିବାକୁ କୌଣସି ପଦକ୍ଷେପ ନ ନେଇ ମାଗଣାରେ ସେହି ଦେଶର ତେଲ ଓ ଗଚ୍ଛିତ ଖଣିଜ ସମ୍ପଦକୁ ହାସଲ କରିବା ପାଇଁ ହସ୍ତକ୍ଷେପ କଲେ। ସେହିଭଳି ରୁଷିଆ ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନ୍ ନୂଆ ରୂପରେ, ବୋଲ୍‌ସେଭିକ ବିଦ୍ରୋହ ପୂର୍ବରୁ ଥିବା ବୃହତ୍ ରୁଷିଆର ପୁନର୍ଗଠନ ସକାଶେ ୟୁକ୍ରେନ୍‌କୁ ଦଖଲ କରିବା ପାଇଁ ଆକ୍ରମଣ କଲେ।

ପ୍ରଭାବୀ ବୈଶ୍ୱିକ ଦୃଷ୍ଟିକୋଣ ବାସ୍ତବରେ ତ୍ରୁଟିପୂର୍ଣ୍ଣ ଓ ସବୁ ଆଦର୍ଶରୁ ମୁକ୍ତ। ଯଦି ତୁମେ ଏକ ଛୋଟ ଦେଶ, ତେବେ ତୁମକୁ ଭୟରେ ରହିବାକୁ ପଡ଼ିବ। ସାବଧାନ ରୁହ, ନୀତିନିୟମର କୌଣସି ମୂଲ୍ୟ ନାହିଁ। ସିଦ୍ଧାନ୍ତବାଦର ପରବର୍ତ୍ତୀ ନୂଆ ବିଶ୍ୱରେ କୁହାଯାଉଛି ଯେ, ମାନବ ଅଧିକାରର ସୁରକ୍ଷା, ଅନ୍ୟ ଦେଶର ସାର୍ବଭୌମତ୍ୱ ପ୍ରତି ସମ୍ମାନ ସହ ଆଉ ସବୁକିଛିର ନିମ୍ନ ଗତି ହୋଇଛି। କିନ୍ତୁ ଏଥିରେ କିଛି ବି ସତ ନାହିଁ। ଆମର ଉଦାରବାଦ ପରବର୍ତ୍ତୀ ବିଶ୍ୱକୁ ଉଦାରବାଦୀ ଗଣତାନ୍ତ୍ରିକ ବ୍ୟବସ୍ଥାର ବିଚାରଧାରା ଦ୍ୱାରା ହଟାଇ ଦିଆଗଲା। ଟ୍ରମ୍ପଙ୍କ ମେକ୍ ଆମେରିକା ଗ୍ରେଟ୍ ଏଗେନ (ଏମ୍ଏଜିଏ) ଦୃଷ୍ଟିକୋଣ ପ୍ରତିଦିନ ନିଜ କାର୍ଯ୍ୟ ଦ୍ୱାରା ବିରୋଧର ସମ୍ମୁଖୀନ ହେଉଛି। ଟ୍ରମ୍ପଙ୍କ ଜାତୀୟତାବାଦ ଦକ୍ଷିଣପନ୍ଥୀ ରାଜନୈତିକ ଅଭିଯାନର ଜଣେ ପ୍ରମୁଖ ବିଚାରକ ଷ୍ଟିଭ୍ ବାନ୍ନୋନ ବ୍ୟବସ୍ଥାକୁ ନଷ୍ଟ କରିଦେବା ପାଇଁ କାମ କରୁଛନ୍ତି। କିନ୍ତୁ ଟ୍ରମ୍ପଙ୍କ ଶାସନରେ ଆମେରିକାର ବ୍ୟବସ୍ଥାଗତ ପ୍ରକ୍ରିୟା ପୂର୍ବାପେକ୍ଷା ଏକଛତ୍ରବାଦ ହୋଇଛି। ନିୟମିତ ଭାବେ ଏବକାର ଆଇନଗୁଡ଼ିକର ଉଲ୍ଲଂଘନ ହେଉଛି ଏବଂ ଗଣତାନ୍ତ୍ରିକ ପ୍ରକ୍ରିୟା ଓ ମାର୍କେଟ୍‌ଗୁଡ଼ିକରେ ହସ୍ତକ୍ଷେପ କରାଯାଉଛି। ଏମ୍ଏଜିଏ କ୍ଷେତ୍ରରେ ଦୁର୍ବଳ (ଅପ୍ରବାସୀ, ଅଣ–ଶ୍ୱେତାଙ୍ଗ ଏବଂ ସମଲିଙ୍ଗୀ)ଙ୍କୁ ଅପମାନ କରିବାରେ ଶକ୍ତିଶାଳୀ ଲୋକଙ୍କ ପାଇଁ 'ବାକ୍ ସ୍ୱାଧୀନତା' ଏକ ବିଶେଷ ଅଧିକାର ପାଲଟିଯାଇଛି। ବାକ୍ ସ୍ୱାଧୀନତା ଶୋଷିତ ଓ ଅବଦମିତ ବ୍ୟକ୍ତିଙ୍କ ଶକ୍ତି ହୋଇ ଆଉ



ରହିନାହିଁ କିମ୍ବା ସେମାନଙ୍କ ସ୍ୱରକୁ ଶୁଣାଯାଉନାହିଁ। ଏଭଳି ସ୍ଥିତି ମଧ୍ୟ ଇସ୍ରାଏଲ ଓ ରୁଷିଆରେ ସୃଷ୍ଟି ହୋଇଛି। ଇସ୍ରାଏଲରେ ଇହୁଦୀ ମୌଳବାଦର ପ୍ରଭାବ ବଢ଼ିଛି, ଯାହା ଗାଜା ଓ ୱେଷ୍ଟବ୍ୟାଙ୍କକୁ ହିଂସାତ୍ମକ ଭାବେ ନିୟନ୍ତ୍ରଣ କରିବାକୁ ଯୁକ୍ତିଯୁକ୍ତ ଦର୍ଶାଇବା ପାଇଁ ହିବ୍ରୁ ବାଇବେଲର ସିଦ୍ଧାନ୍ତକୁ ପ୍ରୟୋଗ କରୁଛି। ସମାନ ଭାବେ ପୁଟିନ୍ ରୁଷିଆର ରାଜନୈତିକ ତଥା ଦାର୍ଶନିକ ସିଦ୍ଧାନ୍ତକୁ ଦର୍ଶାଇ ତାଙ୍କ କ୍ଷମତାକୁ ବୈଧ ବୋଲି ସୂଚିତ କରୁଛନ୍ତି, ଯାହା ପାଶ୍ଚାତ୍ୟ ବ୍ୟକ୍ତିବାଦୀ ଉଦାରବାଦକୁ ବିରୋଧ କରୁଥିବା ଜଣାପଡୁଛି। ପୁଟିନ୍‌ଙ୍କ ମତରେ, ଜନ ସମୁଦାୟକୁ ପ୍ରାଥମିକତା ଦେଇ ବ୍ୟକ୍ତିମାନେ ଦେଶ ପାଇଁ ତ୍ୟାଗ କରିବାକୁ ପ୍ରସ୍ତୁତ ହେବା ଉଚିତ। ଏହି ଧାରାରେ ପୁଟିନ ସିଦ୍ଧାନ୍ତବାଦର ବଡ଼ ସମର୍ଥକ ଆଲେକ୍‌ଜାଣ୍ଡର ଖାରିଚେଭ ସୋଭିଏତ୍ ପରବର୍ତ୍ତୀ ରୁଷିଆରେ ପୁଟିନବାଦକୁ ଦର୍ଶାଇଛନ୍ତି। ଏହାସହ ଆତ୍ମତ୍ୟାଗ ବିଷୟକୁ ପ୍ରତିପାଦିତ କରିଛନ୍ତି। ସେ କହିଛନ୍ତି, ଜଣେ ପାଶ୍ଚାତ୍ୟବାସୀଙ୍କ ପାଇଁ ଜୀବନର ମାନେ ଯାହା ତାହା ଆମ ପାଇଁ ବହୁତ କମ୍ ବୋଲି ମନେହେଉଛି। ଆମର ବିଶ୍ୱାସ, କୌଣସି ଧର୍ମରେ ମୂଳତତ୍ତ୍ୱ ଅସ୍ତିତ୍ୱଠାରୁ ଆହୁରି ଅନେକ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ରହିଛି।

ଏବେ ବିଶ୍ୱରେ ପ୍ରକାଶ ପାଇଥିବା ଉତ୍ତେଜନା ଗୋଟିଏ ପ୍ରମୁଖ ବିଷୟକୁ ପ୍ରକାଶ କରିଛି। ଅଧିକରୁ ଅଧିକ ଦେଶ ସେମାନଙ୍କ କ୍ଷମତା ଧରି ରଖିବା ପାଇଁ ଆପରାଧିକ ସଶସ୍ତ୍ର ଗୋଷ୍ଠୀ ଉପରେ ନିର୍ଭର କରୁଛନ୍ତି। ହାଇତି ତାହାର ୨୦୦ ବର୍ଷରୁ ଅଧିକ ସମୟର କ୍ରୀତଦାସ ପ୍ରେରିତ ବିଦ୍ରୋହ ପାଇଁ ଦଣ୍ଡିତ ହୋଇଛି। ଅର୍ଥାତ୍ ସଶସ୍ତ୍ର ଗୋଷ୍ଠୀ ଅଞ୍ଚଳର ୮୦% ନିୟନ୍ତ୍ରଣରେ ରଖି ମଧ୍ୟ ଏକ ତଥାକଥିତ ବିଫଳ ଦେଶର ବଡ଼ ଦୃଷ୍ଟାନ୍ତ ପାଲଟିଛି। ଏବେ ସମାନ ପ୍ରକାର ଘଟଣା ଇକ୍ୱେଡରରେ ଘଟୁଛି, ଯେଉଁଠି ଗୋଷ୍ଠୀଗୁଡ଼ିକ ସହରଗୁଡ଼ିକର ଅନେକ ଭାଗ ଦଖଲ କରିଛନ୍ତି ଏବଂ ମେକ୍ସିକୋର ସେହିସବୁ ଭାଗ ଏବେ ସମ୍ପୂର୍ଣ୍ଣ ଡ୍ରଗ୍ ମାଫିଆଙ୍କ ନିୟନ୍ତ୍ରଣରେ ରହିଛି। ଏହି ପରିପ୍ରେକ୍ଷୀରେ ଇସ୍‌ଲାମିକ ରେଭୋଲ୍ୟୁଶନାରୀ ଗାର୍ଡ କ୍ରପ୍ସ ଏବଂ ଇରାନର ନୈତିକ ନୀତି ସମ୍ପର୍କରେ ଦର୍ଶାଇବା ଉଚିତ। ସେମାନେ ଏକ ନିର୍ଦ୍ଦିଷ୍ଟ ବିଚାରଧାରାର ପୋଲିସ ଫୋର୍ସ ଭାବେ କାମ କରି ବହୁ ସମୟରେ ଚରମ ପଦକ୍ଷେପ ନେଇ ସରକାରକୁ ଅପମାନିତ କରୁଥିବା ଦେଖାଯାଏ। ସ୍ମରଣଯୋଗ୍ୟ, ମାଶା ଅମିନ ଠିକ୍ ଭାବେ ବୁର୍ଖା ପିନ୍ଧି ନ ଥିବାରୁ ସେହି ଅଭିଯୋଗରେ ତାଙ୍କୁ ଗିରଫ କରାଯିବା ପରେ ହତ୍ୟା କରାଯାଇଥିଲା। ରୁଷିଆ ସରକାରଙ୍କର ଏକ ୱାଗନର ଗ୍ରୁପ ଅଛି, ଯାହାକୁ ବିଦେଶରେ ସେନା ଅଭିଯାନ ପାଇଁ ବିକଳ୍ପ ଭାବେ ବ୍ୟବହାର କରାଯାଇଥିଲା ; କିନ୍ତୁ ଶେଷରେ ଏହା ପୁଟିନ୍‌ଙ୍କ ଶାସନର ବିରୋଧୀ ପାଲଟିଗଲା।

ଏବେ ଟ୍ରମ୍ପଙ୍କ କଥା ଦେଖାଯାଉ। ପୂର୍ବରୁ ସେ ଆମେରିକାରେ ସାମ୍ବିଧାନିକ କ୍ଷମତା ପଦବୀ ବିରୋଧରେ ବିଦ୍ରୋହକୁ ଉସୁକାଇଥିଲେ। ଏବେ ନିଜସ୍ୱ ଉପନିବେଶୀକରଣକୁ ନୂଆ ରୂପ ଦେଉଛନ୍ତି। ଇମିଗ୍ରେସନ ଆଣ୍ଡ୍ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ (ଆଇସିଇ) ଏଜେଣ୍ଟସ୍‌କୁ ବ୍ୟବହାର କରି ଗଣତାନ୍ତ୍ରିକ ଧାରାରେ ଚାଲିଥିବା ସହରଗୁଡ଼ିକର ବାସିନ୍ଦାଙ୍କୁ ଭୟଭୀତ କରୁଛନ୍ତି। ଟ୍ରମ୍ପ୍ ହ୍ୱାଇଟ୍ ହାଉସ୍‌କୁ ଫେରିବା ପରେ ଆଇସିଇ ଏହାର ଏଜେଣ୍ଟ ସଂଖ୍ୟା ୧୨୦% ବୃଦ୍ଧି କରିଛି। ଏହା ଜାତୀୟତାବାଦୀ ଗୋରା ଆମେରିକୀୟଙ୍କୁ ନିଯୁକ୍ତ କରିବାକୁ ଏକ ଅଭିଯାନ ଚଳାଇ ୧୨,୦୦୦ ନୂଆ ଏଜେଣ୍ଟ ଓ ଅଧିକାରୀଙ୍କୁ ନିଯୁକ୍ତି ଦେଇଛି ଏବଂ ୪୭ ଦିନ ପ୍ରଶିକ୍ଷଣ ପରେ ସେମାନଙ୍କ ହାତରେ ବନ୍ଧୁକ ଧରାଇ ଦିଆଯାଇଛି। ସେମାନେ ମୁହଁରେ ମାସ୍କ ଲଗାଇ ବିନା କୋର୍ଟ ୱାରେଣ୍ଟରେ ଲୋକଙ୍କ ଘରେ ବଳପୂର୍ବକ ପଶୁଛନ୍ତି। ତଥାପି ଏକ ବଡ଼ ପ୍ରଭେଦ ରହିଛି। ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ କିମ୍ବା ପୁଟିନ୍‌ଙ୍କ ଭଳି ଟ୍ରମ୍ପ୍ ତାଙ୍କ ଆପରାଧିକ ଗୋଷ୍ଠୀଠାରୁ ଦୂରତା ଅବଲମ୍ବନ କରୁନାହାନ୍ତି। ସେ ସେମାନଙ୍କର ପ୍ରତ୍ୟକ୍ଷ କମାଣ୍ଡର ଭାବେ କାମ କରୁଛନ୍ତି ଏବଂ ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକୁ ଏବଂ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଇଚ୍ଛାକୁ ଅଣଦେଖା କରିବା ପାଇଁ ସେମାନଙ୍କୁ ନିର୍ଦ୍ଦେଶ ଦେଉଛନ୍ତି। ଏହିପରି ଟ୍ରମ୍ପ୍ ଏକସାଙ୍ଗରେ ଆମେରିକାର ଆଇନର ଶୀର୍ଷ ପ୍ରବର୍ତ୍ତକ ଏବଂ ଶୀର୍ଷ ଗ୍ୟାଙ୍ଗ ଲିଡର ସାଜିଛନ୍ତି। ଖ୍ରୀଷ୍ଟଧର୍ମ କେବଳ ବିଶ୍ୱାସ କରିଛି ଯେ, ଜଣେ ପୂର୍ଣ୍ଣାଙ୍ଗ ଈଶ୍ୱର ହେବାକୁ ହେଲେ ଜଣେ ବିଦ୍ରୋହୀ ଓ ରାଜା ହେବା ଆବଶ୍ୟକ। ଲକ୍ଷ୍ୟ କଲେ ଜାଣିପାରିବା ଯେ, ଟ୍ରମ୍ପ୍ ବାସ୍ତବରେ ଜଣେ ଖ୍ରୀଷ୍ଟିଆନ୍ ଈଶ୍ୱର ଭାବେ କାମ କରୁଛନ୍ତି। ସେ ଆଇନଗତ ଭାବେ ଆମେରିକାର ଜଣେ ରାଜା ଭାବେ ତାଙ୍କ ଦେଶକୁ ସରକାରୀ ଆଦେଶ ଜାରି କରିବା ସହ ବ୍ୟବସ୍ଥା ବିରୋଧରେ ବିଦ୍ରୋହ କରି ତାଙ୍କ ଦେଶକୁ ଚଳାଉଛନ୍ତି।

ଟ୍ରମ୍ପଙ୍କ ଏବକାର ଆଚରଣ ଏହି ଅବଧାରଣାକୁ ଅଧିକ ସ୍ପଷ୍ଟ କରିଛି। ସେ ନିକଟରେ ଇଣ୍ଟରନାଲ ରେଭିନ୍ୟୁ ସର୍ଭିସ ବିରୋଧରେ ଏକ ପିଟିଶନ ଦାଏର କରି ନିଜେ ବୁଝିଥିବା ଆମେରିକାର ଏକ ସରକାରୀ ସଂସ୍ଥାଠାରୁ ୧୦ ବିଲିୟନ ଡଲାର କ୍ଷତିପୂରଣ ଦାବି କରିଛନ୍ତି। ବୁଝାପଡୁଛି ଯେ, ସେ ଏହାର ସମାଧାନଠାରୁ ଦୂରେଇଯିବେ ନା କ୍ଷତିପୂରଣ ଦାବି ଉପରେ ଶେଷ ନିଷ୍ପତ୍ତି ନେବେ। ଏପରିକି ଟ୍ରମ୍ପ୍ ଉଭୟ ବାଦୀ ଓ ପ୍ରତିବାଦୀ ହେବାକୁ ରିପବ୍ଲିକାନ ପାର୍ଟିର କେତେକ ନିର୍ବାଚିତ ପ୍ରତିନିଧି ସନ୍ଦେହ ଦୃଷ୍ଟିରେ ଦେଖୁଛନ୍ତି। ଏମିତିକି ସେ ତାଙ୍କ ଅଦ୍ଭୁତ ସ୍ଥିତି ସମ୍ପର୍କରେ ବି ସ୍ୱୀକାର କରିଛନ୍ତି, ଯେଉଁଠି ତାଙ୍କ ନିଜ ସହ ବୁଝାମଣା କରିବାକୁ ପଡ଼ିବ। ଡେମୋକ୍ରାଟିକ୍ ସିନେଟର ଆଡାମ ସ୍କିଫ୍ କହିଛନ୍ତି, ଏହି ଦୁର୍ନୀତି ସମ୍ପର୍କରେ ସେ ଯେଉଁ ଦୁଃସାହସ ଦେଖାଇଛନ୍ତି, ସେଥିପାଇଁ ତୁମକୁ ତାଙ୍କୁ ଶ୍ରେୟ ଦେବାକୁ ପଡ଼ିବ। ଆମେ ଏଭଳି ବିଷୟ ପୂର୍ବରୁ ଉଡୀ ଆଲେନ୍‌ଙ୍କ ବାନାନାଜ (୧୯୭୧) ସିନେମାରେ ଦେଖିଛେ, କିନ୍ତୁ ବାସ୍ତବ କ୍ଷେତ୍ରରେ ନୁହେଁ। ଏହି ସିନେମାରେ ନାୟକ ନିଜର ଓକିଲ ଭାବେ ଠିଆ ହୋଇ ନିଜକୁ ପଚରାଉତୁରା କରିଛି ଏବଂ ବିନା ସାକ୍ଷୀରେ ଚିଲାଇଛନ୍ତି। ପରେ ଶୀଘ୍ର ନିଜ ସିଟ୍‌କୁ ଆସି ଅସ୍ପଷ୍ଟ ଉତ୍ତର ଦେଇଛନ୍ତି। ଏହି ସିନେମାର ଅର୍ଦ୍ଧଶତାବ୍ଦୀ ପରେ ବାସ୍ତବତା ସାମ୍ନାକୁ ଆସିଛି।

–ପ୍ରଫେସର(ଫିଲୋଶଫି), ୟୁରୋପିଆନ୍‌ଗ୍ରାଜୁଏଟ୍‌ସ୍କୁଲ

# ପ୍ଲାଷ୍ଟିକମୟ ପୃଥିବୀ



ଅରିଜିତ ମିଶ୍ର

ପୃଥିବୀ ସମ ଏକ ସୁନ୍ଦର ଗ୍ରହ ନାହିଁ କହିଲେ ଅତ୍ୟୁକ୍ତି ହେବନାହିଁ, ଯେଉଁଠାରେ ଆମେ ଜନ୍ମ ଗ୍ରହଣ କରି ନିଜକୁ ଭାଗ୍ୟବାନ ମନେକରୁ। କାରଣ ପୃଥିବୀ ଆମକୁ ବଞ୍ଚିବା ପାଇଁ ଉତ୍କୃଷ୍ଟ ପରିବେଶ ପ୍ରଦାନ କରିଛି। କିନ୍ତୁ ବିଡ଼ମ୍ବନାର ବିଷୟ ମଣିଷ ଆଜି ନିଜର ସ୍ୱାର୍ଥ ପାଇଁ ଦିନକୁ ଦିନ ଏହି ସୁନ୍ଦର ପରିବେଶକୁ ନଷ୍ଟ କରିବାରେ ଉଦ୍ୟତ। ମୂଳ କାରଣଟି ହେଉଛି ପରିବେଶ ପ୍ରତି ମଣିଷର ଉଦ୍ଭଟ ମାନସିକତା ଏବଂ ଜନସଂଖ୍ୟା ବୃଦ୍ଧି। ଯାହା ଫଳରେ ପରିବେଶ ସଂକ୍ରାନ୍ତୀୟ ଅନେକ ବିରାଟ ସମସ୍ୟା ମାନ ସୃଷ୍ଟି ହେବାରେ ଲାଗିଛି। ପରିବେଶ ପ୍ରଦୂଷଣକୁ ରୋକିବା ନିମନ୍ତେ ଅନେକ ଦେଶ, ବିଭିନ୍ନ ସରକାରୀ ଏବଂ ବେସରକାରୀ ସଂସ୍ଥା, ସହସ୍ରାଧିକ ବିଶ୍ୱବିଦ୍ୟାଳୟ ପ୍ରତିଦିନ ଗବେଷଣା ଏବଂ ସଚେତନତା ସୃଷ୍ଟି କରିବା ପାଇଁ ଉଦ୍ୟତ। ହେଲେ ଫଳାଫଳ ସେମିତି ଉତ୍କୃଷ୍ଟ ପରିଲକ୍ଷିତ ହୁଏନାହିଁ। ପୃଥିବୀ ବର୍ତ୍ତମାନ ବାୟୁ, ମୃତ୍ତିକା, ଜଳ, ଶବ୍ଦ ଆଦି ପ୍ରଦୂଷଣ ଦ୍ୱାରା ଜର୍ଜରିତ ହେଉଥିବା ବେଳେ ପ୍ଲାଷ୍ଟିକ ପ୍ରଦୂଷଣ ଏକ ମୁଣ୍ଡ ବିନ୍ଧାର କାରଣ ଭାବେ ଜନ୍ମ ନେଇଛି।

ପୃଥିବୀରେ ପ୍ଲାଷ୍ଟିକ ପ୍ରଦୂଷଣର ମାତ୍ରା ବର୍ଷକୁ ୩୫୦ ମିଲିୟନ ଟନରୁ ଅଧିକ ଥିବା ବେଳେ ଆମ ଭାରତରେ ୯.୩ ମିଲିୟନ ଟନ ସୃଷ୍ଟି ହେଉଛି। ଭାରତ ପ୍ଲାଷ୍ଟିକ ପ୍ରଦୂଷଣ ସୃଷ୍ଟି କରିବାରେ ପୃଥିବୀରେ ପ୍ରଥମ ସ୍ଥାନ ହାସଲ କରିଛି । ଭାରତ ପଛକୁ ନାଇଜେରିଆ ୩.୫, ଇଣ୍ଡୋନେସିଆ ୩.୪, ଚାଇନା ୨.୮, ପାକିସ୍ତାନ ୨.୮ ମିଲିୟନ ଟନ ପ୍ଲାଷ୍ଟିକ ପ୍ରଦୂଷଣ ଆଦି ଅନେକ ଦେଶ ସୃଷ୍ଟି କରୁଛନ୍ତି। ଭାରତର ମୁଖ୍ୟତଃ ତାମିଲନାଡୁ ୭.୮୨ ଲକ୍ଷ ଟନ ପ୍ଲାଷ୍ଟିକ ପ୍ରଦୂଷଣ ସୃଷ୍ଟି କରିବାରେ ପ୍ରଥମ ଥିବାବେଳେ ତେଲଙ୍ଗାନା ୫.୨୮, ମହାରାଷ୍ଟ୍ର ୩.୯୬, କର୍ଣ୍ଣାଟକ ୩.୬୧, ପଶ୍ଚିମବଙ୍ଗ ୨.୯୫, ଗୁଜରାଟ ୨.୭୨ ଲକ୍ଷ ଟନ ପ୍ଲାଷ୍ଟିକ ପ୍ରଦୂଷଣ ବର୍ଷକୁ ସୃଷ୍ଟି କରନ୍ତି। ରାଜଧାନୀ ଦିଲ୍ଲୀରେ ବର୍ଷକୁ ପ୍ଲାଷ୍ଟିକ ପ୍ରଦୂଷଣର ମାତ୍ରା ୪.୦୩ ଲକ୍ଷ ଟନ। ଆମ ଓଡ଼ିଶାରେ ପ୍ଲାଷ୍ଟିକ ପ୍ରଦୂଷଣର ମାତ୍ରା ପ୍ରତିବର୍ଷ ପ୍ରାୟ ୪୦,୭୦୦ ଟନ ସୃଷ୍ଟି ହୋଇଥାଏ। ଖୋର୍ଦ୍ଧା ଜିଲା ଆମ ରାଜ୍ୟରେ ସର୍ବାଧିକ ପ୍ଲାଷ୍ଟିକ ପ୍ରଦୂଷଣ ୭୫୦୦ରୁ ୯୦୦୦ ଟନ ସୃଷ୍ଟି କରୁଥିବା ବେଳେ କଟକ ୪୦୦୦ରୁ ୫୫୦୦ ଟନ, ଗଞ୍ଜାମ ୨୮୦୦ରୁ ୩୫୦୦ ଟନ, ସୁନ୍ଦରଗଡ଼ ୨୫୦୦ରୁ ୩୨୦୦ ଟନ, ପୁରୀ ୨୨୦୦ରୁ ୩୦୦୦ ଟନ ପ୍ଲାଷ୍ଟିକ ପ୍ରଦୂଷଣ ସୃଷ୍ଟି କରନ୍ତି। ସମୁଦ୍ର, ନଦୀ ଏବଂ ହ୍ରଦରେ ପ୍ରତିଦିନ ୨୦୦୦ ଟ୍ରକ ପ୍ଲାଷ୍ଟିକ ଆବର୍ଜନା ପଡ଼ିବା ଫଳରେ ସମୁଦ୍ର ଭିତରେ ଥିବା ଜୀବମାନଙ୍କ ପ୍ରତି ଅତ୍ୟନ୍ତ ବିପଦ ସୃଷ୍ଟି ହେଉଛି।

ଏସିଆ ମହାଦେଶର ସର୍ବବୃହତ ଅଳିଆ ଗଦା ମୁମ୍ବାଇର ଦେଓନାର ଯେଉଁଠାରେ ପ୍ରତିଦିନ ୨୩୫୦ରୁ ୯୦୦୦ ମେଟ୍ରିକ ଟନ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପଡ଼ିଥାଏ। ଯଦି ଅସାବଧାନତା ଯୋଗୁ ଉକ୍ତ ଅଳିଆ ଗଦାରେ ନିଆଁ ଲାଗେ ତେବେ ତାକୁ ଲିଭାଇବା ପାଇଁ ଏକ ମାସରୁ ଦୁଇ ମାସ ସମୟ ଲାଗିଯାଏ। ଗାଁଠାରୁ ସହର ପର୍ଯ୍ୟନ୍ତ ସବୁଠାରେ ପ୍ଲାଷ୍ଟିକ ପ୍ରଦୂଷଣର ମାତ୍ରା ଦେଖିବା ପାଇଁ ମିଳୁଛି। ମୁଖ୍ୟତଃ ସହରରେ ଗୋରୁମାନେ ଉପଯୁକ୍ତ ଖାଦ୍ୟ ଅଭାବ ଯୋଗୁ ପ୍ଲାଷ୍ଟିକ ପଲିଥିନ ଖାଇବା ଦ୍ୱାରା ମୃତ୍ୟୁବରଣ କରନ୍ତି। ପ୍ଲାଷ୍ଟିକ ପ୍ରଦୂଷଣ ସୃଷ୍ଟି ହେବାର ମୁଖ୍ୟ କାରଣ ହେଉଛି ଦ୍ରୁତ ଶିଳ୍ପାୟନ, ସହରୀକରଣ ବୃଦ୍ଧି, ଜନସଂଖ୍ୟା ବୃଦ୍ଧି, ତ୍ରୁଟିପୂର୍ଣ୍ଣ ବର୍ଜ୍ୟ ପରିଚାଳନା ଇତ୍ୟାଦି। ବର୍ତ୍ତମାନ ସମୟରେ ଆମେ ବିନା ଶଙ୍କାରେ ପଲିଥିନ ସାହାଯ୍ୟରେ ଅନେକ ପ୍ରକାରର ଦ୍ରବ୍ୟ କିଣି ଘରକୁ ଆଣିଥାଉ।

ପ୍ଲାଷ୍ଟିକ ପ୍ରଦୂଷଣ ପାଇଁ ମଣିଷର ଅନେକ ପ୍ରକାରର ରୋଗ ସୃଷ୍ଟି ହୋଇଥାଏ। ଯେପରି କି ପ୍ଲାଷ୍ଟିକ ବର୍ଜ୍ୟ ଜଳିବା ଦ୍ୱାରା ଯେଉଁ ଧୂଆଁ ହୁଏ ସେଥିରୁ ଶ୍ୱାସ ରୋଗ, ଫୁସଫୁସ ଜଳା ସୃଷ୍ଟି ହୁଏ। ମାଇକ୍ରୋ ପ୍ଲାଷ୍ଟିକ ପ୍ରଭାବରେ ପ୍ରଜନନ ସମସ୍ୟା, ଥାଇରଏଡ ସମସ୍ୟା, ପେଟ ଯନ୍ତ୍ରଣା, ଲିଭର ଏବଂ କିଡ୍‌ନୀ ଉପରେ ଅତ୍ୟନ୍ତ ଖରାପ ପ୍ରଭାବ ପକାଏ। ପ୍ଲାଷ୍ଟିକ ପ୍ରଦୂଷଣ ଯୋଗୁ ଚର୍ମ ରୋଗ, ଆଲର୍ଜି ଆଦି ମଧ୍ୟ ସୃଷ୍ଟି ହୋଇଥାଏ। ପ୍ଲାଷ୍ଟିକ ଜାତ ରାସାୟନିକ ପ୍ରଭାବରେ କର୍କଟ ରୋଗ ମଧ୍ୟ ମଣିଷ ଶରୀରରେ ସୃଷ୍ଟି ହେବାର ଅନେକ ଗବେଷଣାରୁ ପ୍ରକାଶିତ। ତେଣୁ ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ସମସ୍ୟା ହେଉଛି ଏହି ପ୍ଲାଷ୍ଟିକ ପ୍ରଦୂଷଣ, ଯାହାକୁ ନିହାତି ପକ୍ଷେ ପ୍ରତିରୋଧ କରିବା ଆବଶ୍ୟକ। ବିଦ୍ୟାଳୟଠାରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ସବୁଠାରେ ପରିବେଶ ବିଜ୍ଞାନ ଏବଂ ଉକ୍ତ ପ୍ଲାଷ୍ଟିକ ପ୍ରଦୂଷଣ ବିଷୟରେ ଶିକ୍ଷାଦାନ କରାଯାଉଛି। କିନ୍ତୁ ଫଳାଫଳଗୁଡ଼ିକ ଯେପରି ଖୁବ୍ ନିମ୍ନ ମାନର ମନେହୁଏ। ପ୍ଲାଷ୍ଟିକ ପ୍ରଦୂଷଣ କେବଳ ପରିବେଶକୁ ନୁହେଁ, ମଣିଷର ସ୍ୱାସ୍ଥ୍ୟକୁ ମଧ୍ୟ ଗୁରୁତର ଭାବେ ପ୍ରଭାବିତ କରୁଛି। ତେଣୁ ପ୍ଲାଷ୍ଟିକ ବ୍ୟବହାର କମେଇବା, ପୁନଃ ବ୍ୟବହାର ଓ ପୁନଃ ଚକ୍ରାୟନ କରିବା ଅତ୍ୟାବଶ୍ୟକ । ମଣିଷର ମାନସିକତାରେ ନିହାତି ଭାବରେ ପ୍ଲାଷ୍ଟିକ ବ୍ୟବହାର ପ୍ରତି ବିରୋଧାଭାବ ସୃଷ୍ଟି ହେବା ଆବଶ୍ୟକ।

ଅଧ୍ୟାପକ (ଭୂଗୋଳ ବିଭାଗ)
ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ, କଟକ
ମୋ: ୯୦୪୦୩୫୦୦୮୯

## ଏଇ ଭାରତରେ

ଆନ୍ଧ୍ରପ୍ରଦେଶ ଅନନ୍ତପୁର ଜିଲାର ମରୁଡ଼ିପ୍ରବଣ ଅଞ୍ଚଳରେ ଭାରତୀୟ ବନ ସେବା ଅଧିକାରୀ(ଆଇଏଫ୍ଏସ୍) ବିନିତ କୁମାର ଓ ତାଙ୍କ ସ୍ତ୍ରୀ ତଥା ବନ୍ୟପ୍ରାଣୀ ସଂରକ୍ଷକ ରୂପା ଯାଦବ ଜଳାଶୟ ନିର୍ମାଣ କରୁଛନ୍ତି। ଏହି ଦମ୍ପତି ବନ ବିଭାଗ ଓ ୪୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କ ସହଯୋଗରେ ଏବେ ସୁଦ୍ଧା ୧୧ଟି ଜଳାଶୟ କରିସାରିଲେଣି। ସେମାନେ ନୂଆ ପୋଖରୀ ଖୋଳିବା ସହି ପୋତି ହୋଇପଡ଼ିଥିବା ଜଳାଶୟର ପୁନରୁଦ୍ଧାର କରୁଛନ୍ତି । ଜଳାଶୟ ଚାରିପାଖରେ ପାଖାପାଖି ୭,୦୦୦ ଗଛ ଲଗାଯାଇଛି। ଏହା 'ଅନନ୍ତ ନେରୁ ସଂରକ୍ଷଣ ପ୍ରୋଜେକ୍ଟ' ମାଧ୍ୟମରେ କରାଯାଉଛି। ଏହା ଯୋଗୁ ଅନନ୍ତପୁର ଜିଲାର କଲ୍ୟାଣଦୁର୍ଗମ ଓ ରାୟଦୁର୍ଗମ ଅଞ୍ଚଳର ଗାଁଗୁଡ଼ିକରେ ଲାଗି ରହୁଥିବା ଜଳାଭାବ ଅନେକାଂଶରେ ଦୂର ହୋଇପାରିଛି। ବଡ଼ କଥା ହେଉଛି ଜଳାଶୟ ଥିବା ଅଞ୍ଚଳରେ ଭୂତଳ ଜଳସ୍ତର ବୃଦ୍ଧି ପାଇବା ଯୋଗୁ କମ୍ ଖର୍ଚ୍ଚରେ ବୋର୍‌ୱେଲ ହୋଇପାରୁଛି। ଜଳାଶୟ ଯୋଗୁ ପରେ ଚାଷ ସହଜ ହୋଇପାରିଛି। କହିବାକୁ ଗଲେ ଜଳାଶୟ ଏବେ ଜୀବନରେଖା ପାଲଟିଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୨୦ ଫେବୃଆରୀ ୧୯୭୭

- ମରୁଡ଼ିଗ୍ରସ୍ତ କଳାହାଣ୍ଡି ଓ ଫୁଲବାଣୀ ଜିଲାରେ ଗୋ ଓ ପଶୁ ପାଳନ କାର୍ଯ୍ୟକ୍ରମ ପାଇଁ ୭୦ ଲକ୍ଷ ଟଙ୍କା ବ୍ୟୟ କରାଯିବାକୁ କେନ୍ଦ୍ର ସରକାର ସ୍ୱୀକୃତି ଦେଇଛନ୍ତି।
- କଟକ ମ୍ୟୁନିସିପାଲିଟିର ପୂର୍ବତନ କାଉନସିଲର ତଥା ବିଶିଷ୍ଟ ଜନସେବୀ ଡାକ୍ତର ଶଶାଙ୍କ ଶେଖର ଦତ୍ତରାୟଙ୍କ ୭୨ ବର୍ଷ ବୟସରେ ପରଲୋକ।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | 7 | | | | | | 8 |
| | | 2 | | 8 | 6 | | 4 | |
| | | | 9 | | 7 | 6 | 3 | 2 |
| 7 | | | 3 | | | 8 | 6 | 5 |
| 8 | 5 | 1 | 4 | 6 | | | | |
| | 2 | | | 7 | 5 | 4 | | |
| | | | 1 | | 4 | | 5 | |
| 1 | | | | 5 | | 2 | | |
| | 6 | 4 | | 9 | 2 | 1 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 3 | 7 | 8 | 2 | 1 | 9 | 5 | 4 |
| 9 | 2 | 4 | 6 | 3 | 5 | 7 | 1 | 8 |
| 1 | 8 | 5 | 4 | 9 | 7 | 6 | 2 | 3 |
| 7 | 9 | 3 | 1 | 4 | 2 | 5 | 8 | 6 |
| 2 | 4 | 1 | 5 | 6 | 8 | 3 | 9 | 7 |
| 5 | 6 | 8 | 9 | 7 | 3 | 1 | 4 | 2 |
| 4 | 1 | 9 | 3 | 8 | 6 | 2 | 7 | 5 |
| 8 | 7 | 6 | 2 | 5 | 9 | 4 | 3 | 1 |
| 3 | 5 | 2 | 7 | 1 | 4 | 8 | 6 | 9 |

ଗତକାଲିର ଉତ୍ତର

# ଶବ୍ଦଘାତକର ଯୁଗଯନ୍ତ୍ରଣା



ଦୀପ୍ତିମୟୀ ମହାପାତ୍ର

ଡାକବାଜି, ଡିଜେ, ବାଣ ଆଦି ଶବ୍ଦ ପ୍ରଦୂଷଣ ସୃଷ୍ଟିକାରୀ ଉପାଦାନ ଏବେ କେବଳ ଆଉ ପାର୍ବଣ ପାଳନ ମଧ୍ୟରେ ସୀମିତ ରହିନାହିଁ। ସହର ବଜାରରୁ ଆରମ୍ଭ କରି ପଲ୍ଲୀ ପର୍ଯ୍ୟନ୍ତ ପ୍ରତିଦିନ ଆମ ଶରୀରତନ୍ତ୍ରୀକୁ କ୍ଷତାକ୍ତ କରିଚାଲିଛି। ତଥାପି ଏହାକୁ ଆମେ ପରିହାର କରିପାରୁନାହୁଁ। ବାୟୁ (ପ୍ରଦୂଷଣ, ନିରାକରଣ ଓ ନିୟନ୍ତ୍ରଣ) ଆଇନ ୧୯୮୧ ଅନୁଯାୟୀ 'ଶବ୍ଦ'କୁ ପ୍ରଦୂଷଣ ସୃଷ୍ଟିକାରୀ ତତ୍ତ୍ୱ ରୂପେ ତାଲିକାଭୁକ୍ତ କରାଯାଇଛି। ଏହାଦ୍ୱାରା ବିରକ୍ତି, ଉନ୍ମାଦନା, ଅବସାଦ, ନିଦ୍ରାହୀନତା ପରି ଗୁରୁତର ଶାରୀରିକ ଓ ମାନସିକ ସମସ୍ୟା ସୃଷ୍ଟି ହେଉଛି। ଶବ୍ଦ ପ୍ରଦୂଷଣକୁ ଯଥାସମ୍ଭବ ହ୍ରାସ କରିବା ପାଇଁ ବିଭିନ୍ନ ସମୟରେ ଆଇନ, କାନୁନ୍, କଟକଣା, ନିୟମମାନ ଲାଗୁ କରାଯାଉଛି। କିନ୍ତୁ ଲୋକମାନଙ୍କର ଜିଦ୍‌ଖୋର ମନୋଭାବ ଆଗରେ ସେ ସବୁ ପ୍ରଭାବହୀନ ହୋଇଯାଇଛି। ପୋଲିସ୍ ପ୍ରଶାସନ ଓ କର୍ତ୍ତୃପକ୍ଷ ମଧ୍ୟ ଏ ଦିଗରେ ଉଦାସୀନ। ଯେଉଁ କେତେକ ସଚେତନ ଜନତା ଏହାକୁ ବିରୋଧ କରୁଛନ୍ତି ବା ସୁଧାର ଆଣିବା ପାଇଁ କିଛି ପଦକ୍ଷେପ ନେଉଛନ୍ତି, ସେମାନଙ୍କୁ ସୁରକ୍ଷା ଦେବାରେ ମଧ୍ୟ ପ୍ରଶାସନ ବିଫଳ ହେଉଛି। ତେଣୁ କିଏ ଆନନ୍ଦରେ ତ କିଏ ଯନ୍ତ୍ରଣାରେ ଶବ୍ଦ ପ୍ରଦୂଷଣକୁ ପିଇ ଚାଲିଛନ୍ତି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ସୁପାରିସ ଅନୁଯାୟୀ, ଆବାସିକ ଅଞ୍ଚଳରେ ଦିନବେଳା ଯେକୌଣସି ଶବ୍ଦ ୫୫ ଡେସିବଲ୍‌ରୁ ଅଧିକ ହେବ ନାହିଁ। 'ଭାରତୀୟ ପରିବେଶ (ସୁରକ୍ଷା) ଆଇନ–୧୯୮୬' ଅଧୀନ 'ଶବ୍ଦ ପ୍ରଦୂଷଣ (ନିୟମ ଓ ନିୟନ୍ତ୍ରଣ) ନୀତି–୨୦୦୦' ଅନୁଯାୟୀ ସକାଳ ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ଶବ୍ଦର ମାତ୍ରା ସର୍ବାଧିକ ୫୫ ଡେସିବଲ୍ ରହିବ ଏବଂ ରାତିରେ ୪୫ ଡେସିବଲ୍‌ରୁ ଅଧିକ ହେବ ନାହିଁ। ଏହି ନୀତିର ଧାରା ୫(୧) ଅନୁଯାୟୀ ସର୍ବସାଧାରଣ ସ୍ଥାନରେ ବିନାନୁମତିରେ ଲାଉଡ୍‌ସ୍ପିକର ବା କାହାଳୀ ବ୍ୟବହାର କରାଯାଇପାରିବ ନାହିଁ। ଧାରା ୫(୨) ଅନୁଯାୟୀ ରାତି ୧୦ଟାରୁ ସକାଳ ୬ଟା ମଧ୍ୟରେ ଏହାର ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଅତି ଆବଶ୍ୟକ ପଡ଼ିଲେ କେବଳ ସଭାଗୃହ, ବନ୍ଦ କୋଠରି ମଧ୍ୟରେ ବ୍ୟବହାର କରାଯାଇପାରିବ। ଏହାଛଡ଼ା ରାଜ୍ୟ ସରକାରମାନଙ୍କୁ ଦିଆଯାଇଥିବା ସ୍ୱତନ୍ତ୍ର କ୍ଷମତା ଅନୁଯାୟୀ ଏହି କଟକଣା ସମୟ ନିର୍ଦ୍ଦିଷ୍ଟ ସାର୍ବଜନୀନ ଉତ୍ସବ ପାଇଁ ରାତି ୧୦ରୁ ୧୨ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ। ରାଜ୍ୟ ସରକାରମାନେ ବର୍ଷକୁ ୧୫ ଦିନରୁ ଅଧିକ ଏହି କ୍ଷମତାକୁ ଉପଯୋଗ କରିପାରିବେ ନାହିଁ କି 'ସାଇଲେନ୍ସ ଜୋନ୍' (ଶୂନ୍ୟ ଶବ୍ଦ ଅଞ୍ଚଳ)ରେ ଉପଯୋଗ ହୋଇପାରିବ ନାହିଁ। କିନ୍ତୁ ସଦ୍ୟତମ 'ଜିରୋ ନାଇଟ୍' ଅବସରରେ ଏହାର କେତେ ଅନୁପାଳନ ହେଲା ତାହା ଅନ୍ବେବହୁତ ଅନୁମେୟ।

ଶବ୍ଦ ପ୍ରଦୂଷଣର ପ୍ରଭାବ ପ୍ରତି ଆମ ଦେଶର ନ୍ୟାୟାଳୟ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି ଏବଂ ନିୟନ୍ତ୍ରଣ ପାଇଁ ତତ୍ପରତା ପ୍ରକାଶ କରିଛନ୍ତି। ୨୦୦୦ ମସିହାରେ ଏକ ମାମଲାର ଶୁଣାଣି କରି ସର୍ବୋଚ୍ଚ ନ୍ୟାୟାଳୟର ଦୁଇଜଣିଆ ଖଣ୍ଡପୀଠ ରାୟ ଦେଇଥିଲେ ଯେ, କୌଣସି ଧର୍ମାନୁଷ୍ଠାନ, ପ୍ରାର୍ଥନା ଗୃହରେ ଲାଉଡ୍‌ସ୍ପିକର ବ୍ୟବହାର କରାଯାଇପାରିବ ନାହିଁ। କାରଣ କୌଣସି ଧର୍ମରେ ଅନ୍ୟକୁ ପ୍ରଭାବିତ କରି କିମ୍ବା କ୍ଷତି ପହଞ୍ଚାଇ କିମ୍ବା କଷ୍ଟ ଦେଇ କିମ୍ବା ସର୍ବସାଧାରଣଙ୍କ ଶାନ୍ତି ବ୍ୟାହତ କରି ପ୍ରାର୍ଥନା କରିବାକୁ କୁହାଯାଇନାହିଁ। ସମ୍ବିଧାନର ଧାରା ୨୫ ଅନୁଯାୟୀ ଲାଉଡ୍‌ସ୍ପିକର ବ୍ୟବହାରକୁ ଧର୍ମୀୟ ସ୍ୱାଧୀନତା କିମ୍ବା ମୌଳିକ ଅଧିକାର ଭାବେ ଗ୍ରହଣ କରାଯାଇପାରିବ ନାହିଁ। ୨୦୦୫ରେ ସର୍ବୋଚ୍ଚ ନ୍ୟାୟାଳୟ ନିଜ ଆଡୁ ଏକ ମାମଲା ରୁଜୁ କରି ରାୟ ଦେଇଥିଲେ ଯେ, ଶବ୍ଦ ପ୍ରଦୂଷଣମୁକ୍ତ ଓ ଶାନ୍ତ ପରିବେଶରେ ବଞ୍ଚିବାର ଅଧିକାର ସମ୍ବିଧାନର ଧାରା ୨୧ ଅନୁଯାୟୀ ନିଶ୍ଚିତ କରିବାକୁ ପଡ଼ିବ। ସମ୍ବିଧାନର ଧାରା ୧୯(୧) ଆଧାରରେ ଅଭିବ୍ୟକ୍ତିର ସ୍ୱାଧୀନତା ଓ ମତ ପ୍ରକାଶ ଅଧିକାରର ଦ୍ୱାହି ଦେଇ କେହି ଲାଉଡ୍‌ସ୍ପିକର ଜରିଆରେ ଅନ୍ୟକୁ ହଇରାଣ ହରକତ କରିପାରିବେ ନାହିଁ କି ଶୁଣିବାକୁ ବାଧ କରିପାରିବେ ନାହିଁ।



ସେହିପରି ୨୦୧୬ରେ ବମ୍ବେ ହାଇକୋର୍ଟ ମଧ୍ୟ ଧର୍ମାନୁଷ୍ଠାନ, ଉତ୍ସବ ଆଦିରେ ଲାଉଡ୍‌ସ୍ପିକରର ବ୍ୟବହାର ଉପରେ ନିଷେଧାଜ୍ଞା ଜାରି କରିଥିଲେ। ୨୦୧୯ରେ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଏକ ନିର୍ଦ୍ଦେଶନାମାରେ ସମ୍ପୃକ୍ତ ରାଜ୍ୟ ସରକାରମାନଙ୍କୁ ତାଗିଦା କରିଥିଲେ ଯେ, କୌଣସି ଧାର୍ମିକ ଅନୁଷ୍ଠାନ କିମ୍ବା ସଂସ୍ଥା କିମ୍ବା ବ୍ୟକ୍ତି ଦ୍ୱାରା ଦିନରେ ମଧ୍ୟ ଲାଉଡ୍‌ସ୍ପିକର ବ୍ୟବହାର ପାଇଁ ଅନୁମତି ନେବା ବାଧ୍ୟତାମୂଳକ। ଲାଉଡ୍‌ସ୍ପିକରର ଉଚ୍ଚ ଶବ୍ଦରେ ଅତିଷ୍ଠ ଜନସାଧାରଣ କଟକଣା ଉଲ୍ଲଙ୍ଘନ କରୁଥିବା ସଂସ୍ଥା କିମ୍ବା ବ୍ୟକ୍ତିଙ୍କ ବିରୋଧରେ ଅଭିଯୋଗ କରିବା ପାଇଁ ଏକ ହେଲ୍ପଲାଇନ୍ ଜାରି କରିବା ଏବଂ ସେଥିରେ ଅଭିଯୋଗକାରୀଙ୍କ ପରିଚୟ ଗୋପନ ରଖାଯାଇପାରୁଥିବା ଭଳି ବ୍ୟବସ୍ଥା ରଖିବା ସରକାରଙ୍କ ଦାୟିତ୍ୱ। ୨୦୨୦ରେ ଆହ୍ଲାବାଦ୍ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଜନସ୍ୱାର୍ଥ ମାମଲାର ଶୁଣାଣି କରି କହିଥିଲେ ଯେ, ଲାଉଡ୍‌ସ୍ପିକର ଓ ମାଇକ୍ରୋଫୋନ୍ ଆଧୁନିକ ବିଜ୍ଞାନର ଅବଦାନ। ଧର୍ମଶାସ୍ତ୍ର, ପୁରାଣ ଆଦି ରଚନା ବେଳେ ସେଗୁଡ଼ିକ ଉଦ୍ଭାବନ ହୋଇନଥିଲା। ତେଣୁ ଭଜନ, କୀର୍ତ୍ତନ, ଜଣାଣ, ପ୍ରାର୍ଥନା ବେଳେ ଲାଉଡ୍‌ସ୍ପିକର ବ୍ୟବହାର କରିବା ଧର୍ମୀୟ ପରମ୍ପରା, ରୀତି, ନୀତି ଓ ସଂସ୍କୃତି ଆଧାରିତ ନୁହେଁ। ଗତ ଜାନୁଆରୀ ମାସରେ ବମ୍ବେ ହାଇକୋର୍ଟ ପୁଣି ସେଭଳି ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ନିର୍ଦ୍ଦେଶ ଦେଇଥିଲେ ଯେ ଯଦି ଶବ୍ଦ ପ୍ରଦୂଷଣ ନିୟମ ଓ କଟକଣାର ଉଲ୍ଲଙ୍ଘନ ହୁଏ, ତେବେ ଉଲ୍ଲଙ୍ଘନକାରୀଙ୍କୁ ପ୍ରଥମେ ଚେତାବନୀ, ଦ୍ୱିତୀୟ ଉଲ୍ଲଙ୍ଘନରେ ଜରିମାନା, ବାରମ୍ବାର ଉଲ୍ଲଙ୍ଘନ କଲେ ଲାଉଡ୍‌ସ୍ପିକର ଜବତ କରିବା ସହିତ ଲାଇସେନ୍ସ ବାତିଲ୍ କରାଯିବ। କିନ୍ତୁ ଏହି ନିର୍ଦ୍ଦେଶ, କଟକଣା ଓ ଆଇନର ଉଲ୍ଲଙ୍ଘନ କେତେ ହେଉଛି ତାହା ଆମେ ସମସ୍ତେ ଦେଖୁଥିଲେ ମଧ୍ୟ ଦଣ୍ଡବିଧାନ ହେଉ ନ ଥିବାରୁ ଶବ୍ଦର ଯନ୍ତ୍ରଣା କମିବା ପରିବର୍ତ୍ତେ ବଢ଼ି ଚାଲିଛି। ଏହିସବୁ ଅକୁହା ଯନ୍ତ୍ରଣା ସରକାର କିମ୍ବା ଅଦାଲତଙ୍କ ଦୃଷ୍ଟି ଏଡ଼ାଇ ଚାଲିଛି। ବିଜ୍ଞାନ ଯୁଗର ବିଡ଼ମ୍ବନା– ଏହି ଶବ୍ଦଘାତକର ଯୁଗଯନ୍ତ୍ରଣାରୁ କ'ଣ ସତରେ ମୁକ୍ତି ନାହିଁ!

ଏଲ୍–୮୭୯, ଡୁମୁଡୁମା, ଭୁବନେଶ୍ୱର
ମୋ: ୭୯୭୮୦୩୮୭୯୯

## ଚିରନ୍ତନୀ

ପଥେ ଘାଟେ ଯେତେ ଦେଖିଲି ମଧର ଚାହାଣୀ
ମନେ ନାହିଁ
କଣ୍ଠେ ଜାଗିଲା କୁଣ୍ଠିତ ଯେତେ କାହାଣୀ
ଦୂରେ ଚାହିଁ ।

–(ମନେ ନାହିଁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଆମ ବସ୍ ମନ୍‌ମାନୀ ବନ୍ଦ ହେଉ

ମହାଶୟ,

ନିକଟ ଅତୀତରେ ପ୍ରକାଶିତ ସ୍କୁଲ ପିଲାଙ୍କୁ ଆମ ବସ୍ ଉଠାଉ ନ ଥିବାର ଖବର ଏକ ଗମ୍ଭୀର ବିଷୟ । ସରକାର ଆମ ବସ୍‌ର କାର୍ଯ୍ୟକାରିତା ସମ୍ବନ୍ଧରେ କେବଳ ପ୍ରଚାର ପ୍ରସାରରେ ସୀମିତ ରହିଛନ୍ତି। ବୋଧହୁଏ ତାହା କେବଳ ଘୋଷଣାବାଜିରେ ସୀମିତ ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ କିଛିଦିନ ପୂର୍ବରୁ 'ମୋ ବସ୍'ରୁ 'ଆମ ବସ୍'କୁ ରୂପାନ୍ତରିତ ହୋଇଥିବା ଆମ ବସ୍ ଦୁର୍ଘଟଣା ଘଟାଇ ଏପଟେ ଲୋକଲୋଚନରେ ଯମବସ୍ ବୋଲି ପ୍ରତିପାଦିତ ହୋଇଆସୁଛି। ଖବରରେ ପ୍ରକାଶିତ ଆମ ବସ୍ ସ୍କୁଲ ଯିବା ପାଇଁ ଅପେକ୍ଷାରତ ପିଲାଙ୍କୁ ଚନ୍ଦକା ନିକଟସ୍ଥ ଭୋଳା ଗ୍ରାମମୁଣ୍ଡ ବସ୍ ଷ୍ଟପେଜଠାରେ ବୁଧବାରରେ ଉଠାଇ ନ ଥିଲା। ରାଜ୍ୟ ସରକାରଙ୍କର ଏହା କ'ଣ ଜନସାଧାରଣଙ୍କ ସେବାର ନମୁନା କୁହାଯିବ କି ? ସରକାରଙ୍କର ଅନ୍ୟ ଏକ ଉଦ୍ଭଟ ଚିନ୍ତାଧାରା ଯେ ମହିଳାମାନଙ୍କ ପାଇଁ ଆମ ବସ୍ ଚଳାଇବାର ଯୋଜନା । ତେଣୁ ସରକାର ଏହିସବୁ ଯୋଜନାଗୁଡ଼ିକର ପୁନଃ ବିଚାର କରନ୍ତୁ ଏବଂ ଯଥୋଚିତ ମାର୍ଗରେ ଆମ ବସ୍ ସୁପରିଚାଳନା ନିମନ୍ତେ ଉପାୟ କରନ୍ତୁ । ସର୍ବୋପରି ସ୍କୁଲ ପିଲାଙ୍କ ସୁରକ୍ଷା ପାଇଁ ସ୍ୱଳ୍ପ ସଂଖ୍ୟକ ଆମ ବସ୍‌କୁ ସ୍କୁଲ ବସ୍‌ରେ ଫ୍ରି ସେବାରେ ରୂପାନ୍ତରିତ କରିବାର ଯୋଜନା କରନ୍ତୁ।

–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, କଟକ ରୋଡ୍, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# 'ଶିବାଜୀଙ୍କ ବୀରତ୍ୱ ଗାଥା ଯୁବବର୍ଗଙ୍କ ଆଦର୍ଶ ହେଉ'

## ହିନ୍ଦୁ ଜାଗରଣ ମଞ୍ଚର ବିଶାଳ ସମାବେଶ

ଖୋର୍ଦ୍ଧା,୧୯।୨(ପ୍ରଭାତ ପାଣିଗ୍ରାହୀ)



ଗୀତାଭବନ ପଡ଼ିଆରେ ଆୟୋଜିତ ସମାବେଶରେ ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଅନ୍ୟ ଅତିଥିମାନେ।

ଛତ୍ରପତି ଶିବାଜୀ ମହାରାଜଙ୍କ ଜୟନ୍ତୀ ଅବସରରେ ଗୁରୁବାର ହିନ୍ଦୁ ଜାଗରଣ ମଞ୍ଚ ଖୋର୍ଦ୍ଧା ପକ୍ଷରୁ ବିଶାଳ ହିନ୍ଦୁ ଜାଗରଣ ଯାତ୍ରା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଗୀତାଭବନ ପଡ଼ିଆରୁ ଏକ ମଶାଲ ଶୋଭାଯାତ୍ରା ହୋଇଥିଲା। ଏଥିରେ ଖୋର୍ଦ୍ଧା ଅଞ୍ଚଳର ବହୁ ଜନସାଧାରଣ ଯୋଗଦେଇଥିଲେ। ଯୁବ କଳାକାରମାନେ ପାଇକ ଆଖଡ଼ା ପ୍ରଦର୍ଶନ କରିଥିଲେ। ଏକ ସୁସଜ୍ଜିତ ଘୋଡ଼ା ଉପରେ ଶିବାଜୀ ମହାରାଜଙ୍କ ବେଶଧାରଣ କରିଥିବା ଜଣେ ଯୁବକ ବସି ନଗର ପରିକ୍ରମା କରିଥିଲେ। ଗୀତାଭବନ ପଡ଼ିଆରେ ଆୟୋଜିତ ସମାବେଶରେ ଅଭିନେତା ସବ୍ୟସାଚୀ ମିଶ୍ର ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ହିନ୍ଦୁ ଜାଗରଣ ମଞ୍ଚର ପ୍ରାନ୍ତ ସଙ୍ଗଠନ ସମ୍ପାଦକ ତନ୍ମୟ ଦାଶ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପୁରୀ ବିଭାଗ ପ୍ରଚାରକ ଚନ୍ଦ୍ରଶେଖର ମହାପାତ୍ର, ଖବରଦାତା ବଳରାମ ଲେଙ୍କା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିବାଜୀ ମହାରାଜ ମୋଗଲ ଶାସକଙ୍କୁ ପ୍ରତିହତ କରି ବିଶାଳ ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ। ଶିବାଜୀ ମହାରାଜଙ୍କ ଅଦ୍ୱିତୀୟ ପରାକ୍ରମ ଔରଙ୍ଗଜେବଙ୍କ ପରି କ୍ରୁର ଶାସକଙ୍କ ପତନ ଘଟିଥିଲା। ଶିବାଜୀଙ୍କୁ ହିନ୍ଦୁ ସମ୍ରାଟ ଆଖ୍ୟା ଦିଆଯାଇଛି। ଭାରତମାତାକୁ ମୋଗଲମାନଙ୍କ କବଳରୁ ମୁକ୍ତ ତାଙ୍କ ଲକ୍ଷ୍ୟ ଥିଲା। ବଳିଷ୍ଠ ନେତୃତ୍ୱ, ଯୁଦ୍ଧ କୌଶଳ ଉଚ୍ଚକୋଟିର ଥିଲା। ଶିବାଜୀଙ୍କ ତ୍ୟାଗ, ବଳିଦାନ, ଶୌର୍ଯ୍ୟ, ବୀରତ୍ୱ ଗାଥା ଯୁବବର୍ଗଙ୍କ ଆଦର୍ଶ ହେଉ। ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଶିବାଜୀ ମହାରାଜଙ୍କ ଅବଦାନ ଲିପିବଦ୍ଧ ହୋଇ ରହିବ ବୋଲି ଅତିଥିମାନେ କହିଥିଲେ। ରାଜ୍ୟ ସହ ସଂଯୋଜକ ଆଶିଷ ବିଦ୍ୟୁରେନ୍ଦ୍ର ଛୋଟରାୟ ସ୍ୱାଗତ ଭାଷଣରେ ଏହି ଉତ୍ସବ ଆୟୋଜନ ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜିଲା ସଂଯୋଜକ ଶୁଭମ ପ୍ରସାଦ ରାମ ମଞ୍ଚ ସଂଯୋଜନା କରିଥଲେ। ଶେଷରେ ନୀଳଶୈଳ ନାଟକରେ ଶ୍ରୀଜଗନ୍ନାଥ ସଂସ୍କୃତି ପରମ୍ପରା କଳାକାର ପରିବେଷଣ କରି ଆଧାତ୍ମିକ ବାତାବରଣ ସୃଷ୍ଟି କରିଥିଲେ। ପାଇକ ଆଖଡ଼ା ମନମୁଗ୍ଧ କରିଥିଲା। ଡିଜେ ଅପରେଟର ଡିଜେ ରିଶିଙ୍କ ପକ୍ଷରୁ ହିନ୍ଦୁ ଧୂନ ପରିବେଷଣ କରାଯାଇଥିଲା। ଏହି ଉତ୍ସବ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

# ବଡ଼ି କ୍ୟାମେରା ଲଗାଇବେ ଅବକାରୀ ଅଧିକାରୀ, କର୍ମଚାରୀ

ଭୁବନେଶ୍ୱର,୧୯।୨(ତ୍ରିନାଥ ମହାନ୍ତି)

## ଆକ୍ରମଣ ପରେ ଚେତା ପଶିଲା

### ଖୋର୍ଦ୍ଧା, ଭୁବନେଶ୍ୱର ଅବକାରୀ ଜିଲାକୁ ମିଳିଲା ୨୦ ବଡି କ୍ୟାମେରା

ବାର୍ ହେଉ ଅବା ପବ୍। ରାତିରେ ଅବକାରୀ ବିଭାଗ ଚଢ଼ାଉ କଲେ ବାର୍‌ରେ ନିୟୋଜିତ ବାଉନ୍ସରମାନେ ଅଧିକାରୀଙ୍କୁ ଆକ୍ରମଣ କରୁଛନ୍ତି। ସେହିପରି ମଦ ଭାଟିରେ ଚଢାଉ କଲେ ମଦ ମାଫିଆଙ୍କ ଗୁଣ୍ଡାମାନେ ମଧ୍ୟ ନାଲିଆଖି ଦେଖାଇବା ସହ ମାଡ଼ ମାରୁଛନ୍ତି। ଏଭଳି ଘଟଣା ବାରମ୍ବାର ଘଟିବା ପରେ ଅବକାରୀ ବିଭାଗ ନିଜ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ପାଇଁ ବଡ଼ି କ୍ୟାମେରା ଯୋଗାଇ ଦେଇଛି। ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଅବକାରୀ ଜିଲାକୁ ୧୦ଟି ଲେଖାଏ ବଡ଼ି କ୍ୟାମେରା ମିଳିଛି। ଏହି କ୍ୟାମେରା ଅବକାରୀ ବିଭାଗର ତଦନ୍ତରେ ସହାୟକ ହେବ। ଏପରିକ ଘଟଣାସ୍ଥଳର ସମସ୍ତ ପ୍ରମାଣ ଭିଡ଼ିଓରେ ରେକର୍ଡିଂ ହୋଇ ରହିବ। ସମସ୍ତ ଅଧିକାରୀଙ୍କୁ ଏହି ବଡ଼ି କ୍ୟାମେରା ଲଗାଇବାକୁ କୁହାଯାଇଛି। ଏହି କ୍ୟାମେରାରେ ରେକର୍ଡ଼ିଂ ହେଉଥିବା ଭିଡ଼ିଓ ଏକ ମାସ ପର୍ଯ୍ୟନ୍ତ ରହି ପାରିବେ। ତଦନ୍ତ ସମୟରେ କିଛି ଫୁଟେଜ ଆବଶ୍ୟକ ହେଲେ ଏହି ବଡ଼ି କ୍ୟାମେରାରୁ ନିଆଯିବ। ଏନେଇ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ କହିଛନ୍ତି, ପୋଲିସ ଭଳି ଆମେ ମଧ୍ୟ ଏହି ବଡ଼ି କ୍ୟାମେରା ଲଗାଇବୁ। ଏହା ତଦନ୍ତରେ ଆମକୁ ସହାୟକ ହେବ। ଅନେକ ସମୟରେ ଚଢାଉ ବେଳେ ଆକ୍ରମଣର ଶିକାର ହେବାକୁ ପଡୁଛି। ବଡ଼ି କ୍ୟାମେରା ଲଗାଇ ଗଲେ ଅପରାଧୀମାନେ ଆକ୍ରମଣ କରିବା ପାଇଁ ସାହାସ କରିପାରିନେ ନାହିଁ। ଆହୁରି ମଧ୍ୟ ଯେଉଁମାନେ ଆକ୍ରମଣ କରିବେ ସେମାନଙ୍କୁ କ୍ୟାମେରାରେ ରେକର୍ଡିଂ ଭିଡ଼ିଓ ମାଧ୍ୟମରେ ଚିହ୍ନଟ କରାଯାଇ ପାରିବ। ତେଣୁ ଅବକାରୀ ବିଭାଗକୁ ଏହା ଅଧିକ ସହାୟକ ହେବ ବୋଲି ସେ କହିଛନ୍ତି।

# 'ଧର୍ମ ପାଳନ ଦ୍ୱାରା ଜୀବନ ସୁଖମୟ ହୋଇଥାଏ'

ବାଲିପାଟଣା,୧୯।୨
(ଅଭିମନ୍ୟୁ ନାୟକ)

ପ୍ରଜ୍ଞାନ ମିଶନ ପକ୍ଷରୁ ଗୁରୁଦେବ ପରମହଂସ ପ୍ରଜ୍ଞାନାନନ୍ଦ ଜୀ ମହାରାଜ ଗୁରୁବାର ପ୍ରାତଃରୁ ନେମାଳ ସ୍ଥିତ ଅଚ୍ୟୁତଙ୍କ ପୀଠ, ଅଡ଼ଙ୍ଗର ଯଶୋବନ୍ତଙ୍କ ପୀଠ ପରେ ମଧ୍ୟାହ୍ନରେ ବାଲିପାଟଣା ଶିଶୁ ଅନନ୍ତଙ୍କ ପୀଠରେ ପହଞ୍ଚିଥିଲେ। ଏଠାରେ ଆୟୋଜିତ ଧର୍ମସଭାରେ ଆର୍ଶୀବଚନ ପ୍ରଦାନ କରି ଧର୍ମ ପାଳନ ଦ୍ୱାରା ଜୀବନ ସୁଖମୟ ହେବା ସହିତ ଆତ୍ମା ମୋକ୍ଷ ପ୍ରାପ୍ତି ହୋଇଥାଏ ବୋଲି କହିଥିଲେ। ପରିକ୍ରମା ଯାତ୍ରାରେ ବହୁ ସାଧସନ୍ଥ, ଭକ୍ତମାନେ ସାମିଲ ଥିଲେ। ପରବର୍ତ୍ତୀ ସମୟରେ ବେଗୁନିଆ ସ୍ଥିତ ବଳରାମଙ୍କ ପୀଠ ଅଭିମୁଖେ ଯାତ୍ରା କରିଥିଲେ। ବାଲିପାଟଣାଠାରେ ପରିକ୍ରମା ସମିତି ପକ୍ଷରୁ ଦିଲୀପ କୁମାର ଓଝା, ବିନୋଦ ସାହୁ, ବିଭୂତି ଭୂଷଣ ମର୍ଦ୍ଦରାଜ ରାୟ, ଅଶୋକ ରାଉତରାୟ, ବିକାଶ ଓଝା, ଦେବବ୍ରତ ଓଝା ପ୍ରମୁଖ ସ୍ୱାଗତ କରିଥିଲେ। ଶିଶୁ ଅନନ୍ତ ସ୍ମୃତି ସଂସଦର ସଭାପତି ଅଭିମନ୍ୟୁ ନାୟକ,ସମ୍ପାଦିକା ତନୟା ଦାସ ଗୋସ୍ୱାମୀ, ସତ୍ୟ ସାଇ ସଙ୍ଗଠନର ଆବାହକ ପ୍ରସନ୍ନ ନନ୍ଦ, ଓଡ଼ିଶା ଗ୍ରୀନ ଫୋର୍ସ ଟ୍ରଷ୍ଟର ସଭାପତି ସହଦେବ ମଲ୍ଲିକ, କୃଷ୍ଣଚନ୍ଦ୍ର ଓଝା, ମାନସ ନାୟକ, ବିଶ୍ୱଜିତ୍ ନାୟକ, ଶୁଭମ ସାହୁ, ଜଗନାଥ ପୃଷ୍ଟି, ଦେବୀପ୍ରସାଦ ଭୋଳ ପ୍ରମୁଖ ସହଯୋଗ କରିଥିଲେ।


ହିନ୍ଦୁ ଜାଗରଣ ମଞ୍ଚ ଖୋର୍ଦ୍ଧା ପକ୍ଷରୁ ଗୁରୁବାର ଗୀତାଭବନ ପଡ଼ିଆରୁ ବାହାରିଥିବା ମଶାଲ ଶୋଭାଯାତ୍ରା।

# ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଲୋଗୋ ଡିଜାଇନ ପ୍ରତିଯୋଗିତା ପାଇଁ ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର,୧୯।୨ (ସୌମ୍ୟରଞ୍ଜନ ରାଉତ)

## ଶ୍ରେଷ୍ଠ ମନୋନୀତ ଲୋଗୋକୁ ୨୫ ହଜାର ପୁରସ୍କାର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଲୋଗୋ ଡିଜାଇନ୍ ପ୍ରତିଯୋଗିତା ପାଇଁ ଆବେଦନ ଅବଧି ବୃଦ୍ଧି କରାଯାଇଛି। ପୂର୍ବରୁ ଆବେଦନ ପାଇଁ ଶେଷ ତାରିଖ ଫେବୃଆରୀ ୧୫ ରହିଥିବାବେଳେ ଏବେ ଏହାକୁ ୨୮ ତାରିଖକୁ ବଢ଼ାଇ ଦିଆଯାଇଛି। ବିଭାଗ ପାଇଁ ଏହାକୁ ସରକାରୀ ଲୋଗୋ ଭାବରେ ଗ୍ରହଣ କରିବା ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷଙ୍କଠାରୁ ସୃଜନଶୀଳ ଓ ମୌଳିକ ଲୋଗୋ ଡିଜାଇନ୍ ଆହ୍ୱାନ କରାଯାଇଛି। ଏହାର ବିସ୍ତୃତ ତଥ୍ୟ ସହ ଆବେଦନ ଫର୍ମ ସଂସ୍କୃତି ବିଭାଗ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି। ଏଥିସହ ଆବେଦନକାରୀ osalogodesign@gmail.com ଇ-ମେଲ୍‌ରେ ପିଡିଏଫ୍ ଫର୍ମାଟ୍ କରି ପଠାଇ ପାରିବେ। ଜଣେ ପ୍ରତିଯୋଗୀ ସର୍ବାଧିକ ୨ଟି ଡିଜାଇନ୍ ଦାଖଲ କରିପାରିବେ। ଏହି ଲୋଗୋ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ଐତିହ୍ୟ, ପ୍ରତ୍ନତତ୍ତ୍ୱ, କୀର୍ତ୍ତିରାଜି ସହ ସାଂସ୍କୃତିକ ବୈଭବକୁ ପ୍ରତିଫଳିତ କରୁଥିବାର ଆବଶ୍ୟକ। ଏଥିରେ ଶ୍ରେଷ୍ଠ ବିବେଚିତ ୫୦ଟି ପ୍ରବେଶ ପତ୍ରକୁ ପ୍ରଶଂସାପତ୍ର ଦିଆଯାଇ ସମ୍ମାନିତ କରାଯିବ। ଶ୍ରେଷ୍ଠ ମନୋନୀତ ଲୋଗୋ ପାଇଁ ୨୫ ହଜାର ଟଙ୍କାର ପୁରସ୍କାର ରାଶି ରହିଛି ବୋଲି ସଂସ୍କୃତି ବିଭାଗର ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦେଇଛି।

## ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବାଲିପାଟଣା,୧୯।୨(ଅଭିମନ୍ୟୁ ନାୟକ): ବାଲିପାଟଣା ଥାନା ଅଧୀନ ଅଠାନ୍ତର ଛକଠାରେ ବୁଧବାର ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିମାପଡ଼ା ଥାନା ଭାଟବନ୍ଧ ଗ୍ରାମର ଅଭିଜିତ୍ ରାଉଳ। ସୂଚନା ମୁତାବକ, ଅଭିଜିତ୍ ବାଇକ୍‌ରେ ଭୁବନେଶ୍ୱରରୁ ନିଜ ଗ୍ରାମ ଅଭିମୁଖେ ଯାଉଥିଲେ। ଅଠାନ୍ତର ଛକଠାରେ ଥିବା ବୁଲାଣିରେ ଏକ ପାଣି ଟ୍ୟାପ ପୋଷ୍ଟରେ ସେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର,ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ

ଯାଁଳା,୧୯।୨(ବୁଲା ବାରିକ): ଭୁବନେଶ୍ୱର ଉପକଣ୍ଠ ତୃତୀୟାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତଃ ହୋଇଯାଇଛି। କିଶୋର ସୁନ୍ଦରାୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଦେବେନ୍ଦ୍ର ପୃଷ୍ଟି, ବିଶିଷ୍ଟ ଅତିଥି ଡ.ଜଗନ୍ନାଥ ଖିଲାର, ସମ୍ମାନିତ ଅତିଥିଭାବେ ସୁଧିର ଚନ୍ଦ୍ର ଜେନା ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ରଞ୍ଜିତା ସୁନ୍ଦରାୟ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମାଧବ ଚନ୍ଦ୍ର ମଙ୍ଗରାଜ ଏବଂ ଭାରତୀ ମହାରଣା ମଞ୍ଚ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା।

# ୧,୧୬୬ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ, ୮୪ ଗିରଫ

କଟକ,୧୯।୨(କାର୍ତ୍ତିକ ସାହୁ)

## ଅପରେଶନ ସାଇବର କବଚର ସପ୍ତମ ଦିନ

'ଅପରେଶନ ସାଇବର କବଚ'ର ସପ୍ତମ ଦିନ ସମ୍ବଲପୁର, ରାଉରକେଲା ଓ ଝାରସୁଗୁଡ଼ା ପୋଲିସକୁ ଉଲ୍ଲେଖନୀୟ ସଫଳତା ମିଳିଛି। ସାରା ରାଜ୍ୟରେ ଗୋଟିଏ ଦିନରେ ୧,୧୬୬ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ସହ ୮୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ସୂଚନାନୁଯାୟୀ, ସାଇବର ସେଲ୍, କ୍ରାଇମବ୍ରାଞ୍ଚ ଏବଂ ସମ୍ବଲପୁର ଜିଲା ପୋଲିସ ଏକ ବଡ଼ ଧରଣର ସାଇବର ଠକେଇ ରୋକିବାରେ ସଫଳ ହୋଇଛନ୍ତି। ଏହି ଘଟଣାରେ ପୋଲିସ ୩୦୦ରୁ ଅଧିକ ସନ୍ଦେହଜନକ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ସହ ସେଥିରୁ ୧୪୦ଟି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୧୧୦ କୋଟି ୩୦ ଲକ୍ଷରୁ ଅଧିକ ଟଙ୍କା କାରବାର ହୋଇଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହାବ୍ୟତୀତ ୫୨ଟି ଆକାଉଣ୍ଟ ଜରିଆରେ ୭୫ କୋଟି ୩୬ ଲକ୍ଷ ଟଙ୍କା କାରବାର ହୋଇଥିବା ସୂଚନା ମିଳିଛି। ଏହି ଘଟଣାରେ ପୋଲିସ ୨୦ ଜଣଙ୍କୁ ଗିରଫ କରିଥିବାବେଳେ ୩୨ ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। ସେହିପରି ରାଉରକେଲା ପୋଲିସ ଜିଲା ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ସକ୍ରିୟ ଥିବା ଏକ ଆନ୍ତଃରାଜ୍ୟ କ୍ରିକେଟ ବେଟିଂ ସିଣ୍ଡିକେଟ୍‌କୁ ଧ୍ୱଂସ କରାଯାଇଛି। ଟି-୨୦ ବିଶ୍ୱକପ୍ ମ୍ୟାଚ୍‌କୁ ଆଧାର କରି ଏହି ବେଆଇନ ବେଟିଂ କାରବାର ଚାଲୁଥିବା ବେଳେ ପୋଲିସ ଚଢ଼ାଉ କରି ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ନଗଦ ୩୦.୬୫ ଲକ୍ଷ ଟଙ୍କା, ଏକ ମହିନ୍ଦ୍ରା ଥାର୍ ଗାଡ଼ି, ୨ଟି ଲାପଟପ ଏବଂ ୭ଟି ଦାମୀ ମୋବାଇଲ ଫୋନ ଜବତ କରାଯାଇଛି। ଝାରସୁଗୁଡ଼ା ଜିଲା ପୋଲିସ ଏକ ସଂଗଠିତ ସାଇବର ସିଣ୍ଡିକେଟ୍‌ର ପର୍ଦ୍ଦାଫାସ କରିଛି। ଏହି ମାମଲାରେ ୧୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮ ଜଣଙ୍କୁ ନୋଟିସ ଜାରି କରାଯାଇଛି। ଅନୁଗୋଳ ଜିଲା ପୋଲିସ ୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ସାଇବର ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଛି। ଝାରସୁଗୁଡ଼ା ଜିଲା ପୋଲିସ ୩୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ୫ଟି ମାମଲା ଓ ଚେକ ଉଠାଣ ସମ୍ପର୍କିତ ୧ଟି ମାମଲା ରୁଜୁ କରି ୧୬ଜଣଙ୍କୁ ଗିରଫ କରିବା ସହ ୧ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। କନ୍ଧମାଳ ଜିଲା ପୋଲିସ ୧୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ସାଇବର ମାମଲା ରୁଜୁ କରିଛି। ନୂତନ ଓ ୬ଟି ପୁରୁଣା ମାମଲାରେ ୧୧ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। କେନ୍ଦ୍ରାପଡ଼ା ଜିଲା ପୋଲିସ ୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରିଛି। କେନ୍ଦୁଝର ଜିଲା ପୋଲିସ ୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ୧ଟି ଓ ଚେକ ଉଠାଣ ସମ୍ପର୍କିତ ୨ଟି ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଛି। ନୂତନ ଓ ୪ଟି ପୁରୁଣା ମାମଲାରେ ୫ଜଣଙ୍କୁ ନୋଟିସ ଜାରି କରିଛି। ନବରଙ୍ଗପୁର ଜିଲା ପୋଲିସ ୮ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିଛି। ନୂତନ ଓ ୪ଟି ପୁରୁଣା ମାମଲାରେ ୭ଜଣଙ୍କୁ ନୋଟିସ ଜାରି କରିଛି। ସୁନ୍ଦରଗଡ଼ ଜିଲା ପୋଲିସ ୧୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରି ୪ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। ଢେଙ୍କାନାଳ ଜିଲା ପୋଲିସ ୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିଛି। କଳାହାଣ୍ଡି ଜିଲା ପୋଲିସ ୧୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ପୁରୁଣା ମାମଲାରେ ୧୪ଜଣଙ୍କୁ ନୋଟିସ ଜାରି କରିଛି। ବୌଦ୍ଧ ଜିଲା ପୋଲିସ ୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ପୁରୁଣା ମାମଲାରେ ୬ଜଣଙ୍କୁ ନୋଟିସ ଜାରି କରିଥିବାବେଳେ ଚେକ୍ ଉଠାଣ ସମ୍ପର୍କିତ ୧ଟି ମାମଲା ମଧ୍ୟ ରୁଜୁ କରିଛି। ଗଜପତି, କୋରାପୁଟ, ମୟୂରଭଞ୍ଜ, କଟକ ସହରାଞ୍ଚଳ ଓ ମାଲକାନଗିରି ଜିଲାରେ ମଧ୍ୟ ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇ ସମ୍ପୃକ୍ତ ପୁରୁଣା ମାମଲାରେ ଆଇନଗତ ନୋଟିସ ଜାରି କରାଯାଇଛି। ଗଞ୍ଜାମ ଜିଲା ପୋଲିସ ୭୮ଟି ଓ ସୁବର୍ଣ୍ଣପୁର ଜିଲା ପୋଲିସ ୧୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି। ବରଗଡ଼ ଜିଲା ପୋଲିସ ୧୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ନକଲି ସିମ୍ ସମ୍ପର୍କିତ ୨ଟି ମାମଲା ରୁଜୁ କରିଛି।

# ନିଃସଙ୍ଗତାର ଯନ୍ତ୍ରଣା ଦେଲା 'କୁହୁଡ଼ି'



ଭୁବନେଶ୍ୱର,୧୯।୨ (ସୌମ୍ୟରଞ୍ଜନ ରାଉତ)

ଭିଡ଼ ଭିତରେ ମଣିଷଟିଏ କେତେ ଏକା ହୋଇପାରେ, ସମ୍ପର୍କର ଗହଳି ଭିତରେ କେମିତି ନିଃସଙ୍ଗତା ମଣିଷକୁ ତିଳ ତିଳ କରି ଜାଳିପାରେ, ତାହାର ଏକ ମର୍ମସ୍ପର୍ଶୀ କାହାଣୀ ହେଉଛି 'କୁହୁଡ଼ି'। ସଂସ୍କୃତି ଓ ସଂସ୍କୃତି ଅନୁଷ୍ଠାନ ଏବଂ ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟ୍ୟକାର ଗୋପୀନାଥ ବାରିକଙ୍କ ରଚିତ ଏହି ନାଟକ ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା। କଳାକାରଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସଂସ୍କୃତି ଓ ସଂସ୍କୃତିର ସମ୍ପାଦକ ଦିଲୀପ ହାଲିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଲୋକସେବକ ମଣ୍ଡଳ ସଭାପତି ତଥା 'ସମାଜ' ପରିଚାଳନା ବୋର୍ଡ ଅଧକ୍ଷ ରାଜ କୁମାର, ରାଜେନ୍ଦ୍ର କୁମାର ଜେନା, ରମାନାଥ ଝା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାକନକ ସୃଜନାନୁଷ୍ଠାନର ସଭାପତି ଇଂ. ସୁଧାକର ପତ୍ରୀ ପ୍ରାରମ୍ଭିକ ସୂଚନା ଦେଇଥିଲାବେଳେ ସମ୍ପାଦକ ଶୁଭକାନ୍ତ ପାଢ଼ୀ ଧନ୍ୟବାଦ ଦେଇଥିଲେ।

## କୃଷ୍ଣପ୍ରସାଦ ବ୍ଲକ ପରିସରରେ ଖୋଲିଲା ମିଶନ ଶକ୍ତି କାଫେ

କୃଷ୍ଣପ୍ରସାଦ,୧୯।୨(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ପରିସରରେ ମିଶନ ଶକ୍ତି କାଫେ ଉଦ୍‌ଘାଟିତ ହୋଇଯାଇଛି। ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ଏମ୍‌ପି ଡା.ସମ୍ବିତ ପାତ୍ର ଉକ୍ତ କାଫେ ଗୃହକୁ କିଛିଦିନ ପୂର୍ବେ ଉଦ୍‌ଘାଟିତ କରିଥିଲେ। ମିଶନ ଶକ୍ତି ଦ୍ୱାରା ଆୟୋଜିତ ଏହି କାଫେ ଗୁରୁବାର ଠାରୁ କାର୍ଯ୍ୟକାରୀ ହୋଇଛି। ବିଡିଓ ଅମୀୟ କୁମାର ପଣ୍ଡା, ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ଚିଲିକା ନୂଆପଡା ଗ୍ରାମ୍ୟ କମିଟି ସଭାପତି ନଳିନୀକାନ୍ତ ଜେନା, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଚ୍ଛାୟତ ପ୍ରମୁଖ କାଫେରେ ପ୍ରସ୍ତୁତ ଖାଦ୍ୟ ଖାଇ ମାନ ପରଖିଥିଲେ। ଏଥିସହ କାର୍ଯ୍ୟରତ ସମସ୍ତ କର୍ମଚାରୀ, ବ୍ଲକକୁ ଆସିଥିବା ଲୋକମାନେ ଉକ୍ତ କାଫେରେ ଖାଉଥିବା ଦେଖିବାକୁ ମିଳିଥିଲା।

# ଆମ ବସ୍ ଚଲାଇବା ପୂର୍ବରୁ ସ୍ୱତନ୍ତ୍ର ଟ୍ରାକ୍‌ରେ ଅଭ୍ୟାସ କରିବେ ମହିଳା ଚାଳକ

ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)

## କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକଙ୍କ ସହ ଅନୁଭୂତି ବାଣ୍ଟିଲେ




ପୁଣେରୁ ଇଭି ବସ୍ ତାଲିମ ଶେଷକରି ଫେରିଥିବା ୨୦ଜଣ ମହିଳା ଚାଳକମାନେ ଆମ ବସ୍ ସେବାରେ ନିୟୋଜିତ ହେବା ପୂର୍ବରୁ ଆମ ବସ୍ ଡିପୋଗୁଡିକରେ ସ୍ୱତନ୍ତ୍ର ଟ୍ରାକରେ ଅଭ୍ୟାସ କରିବାକୁ ଦିଆଯିବ। ଡ୍ରାଇଭିଂ ଅଭ୍ୟାସ, ରୁଟ୍ ଚିହ୍ନଟ ଏବଂ ମୂଲ୍ୟାଙ୍କନ ପରେ ହିଁ ସେମାନଙ୍କୁ ଆମ ବସ୍ ସେବାରେ ନିୟୋଜିତ କରାଯିବ ବୋଲି କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ଏହି ମହିଳା ଚାଳକମାନେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲମଙ୍କ ସହିତ ନିଜ ଅନୁଭୂତି ବାଣ୍ଟିଥିଲେ। ମହମ୍ମଦ ଆଲମ୍ ମହିଳା ଡ୍ରାଇଭରଙ୍କ ସହ ପ୍ରଶିକ୍ଷଣ ଅନୁଭବ, ମୁଖ୍ୟ ଶିକ୍ଷାବଳୀ ଓ କାର୍ଯ୍ୟନିଷ୍ଠ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଜନପରିବହନ ସେବାରେ ମହିଳାଙ୍କ ଅଂଶଗ୍ରହଣକୁ ଆହୁରି ସୁଦୃଢ଼ କରିବା ପାଇଁ କୌଶଳ ନୀତି ଉପରେ ଚର୍ଚ୍ଚା କରିବା ସହ ଆଗାମୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକର ଗୁଣମାନ, ପରିସର ଓ ମାନକ ବୃଦ୍ଧି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ୧୪ଦିନିଆ ଉନ୍ନତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପୁଣେସ୍ଥିତ 'ଏକ୍କା ମୋବିଲିଟି' ପ୍ଲାଣ୍ଟରେ ଫେବୃଆରୀ ୨ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜିଆଇଜେଡ୍‌ର ବୈଷୟିକ ସହାୟତା ଓ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଇଭି ବସ ଚାଳନା, ସୁରକ୍ଷା ପ୍ରୋଟୋକଲ, ଉନ୍ନତ ଡ୍ରାଇଭିଂ ଅଭ୍ୟାସ ଏବଂ ଆଧୁନିକ ସିଟି ବସ୍ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ପଳାଶୁଣୀରେ ନିର୍ମାଣ ହେବ ଆଉ ଏକ ବ୍ରିଜ୍

- ୬ ଲେନ୍ ହେବ ରାସ୍ତା, ଖର୍ଚ୍ଚ ହେବ ୨୫ କୋଟି
- ଦୂର ହେବ ଟ୍ରାଫିକ୍ ସମସ୍ୟା, ଦୁର୍ଘଟଣାଜନିତ ମୃତ୍ୟୁ ରୋକିବ ସ୍କାଏ ୱାକ୍

ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)




ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣୀଠାରେ ନିର୍ମାଣ ହେବ ଆଉ ଏକ ବ୍ରିଜ୍। ପଳାଶୁଣୀରୁ ହଂସପାଳ ମଧ୍ୟରେ ବଢୁଥିବା ଟ୍ରାଫିକ୍ ଜାମ୍ ସମସ୍ୟା ଦୂର କରିବାକୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଆଇ) ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏଥିସହ ବର୍ତ୍ତମାନ ୪ଲେନ୍ ଥିବା ଏହି ରାସ୍ତାକୁ ୬ ଲେନ୍ କରାଯିବ। ଫଳରେ ଯାନବାହନ ଚଳାଚଳ ସୁବିଧା ହେବା ସହିତ ଟ୍ରାଫିକ୍ ନିୟନ୍ତ୍ରଣ ସହଜ ହେବ। ଏହି ପ୍ରକଳ୍ପ ପାଇଁ ୨୫କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି ଏବଂ ଦେଢ ବର୍ଷ ଭିତରେ କାମ ସାରିବାକୁ ଲକ୍ଷ୍ୟ ରହିଥିବା ଏନ୍‌ଏଚ୍‌ଆଇର ଓଡ଼ିଶା ମୁଖ୍ୟ ବୀରେନ୍ଦ୍ର ସିଂ ସୂଚନା ଦେଇଛନ୍ତି। ପଳାଶୁଣୀ ରାସ୍ତାରେ ଦୀର୍ଘଦିନ ଧରି ସକାଳେ ଓ ସନ୍ଧ୍ୟାରେ ଭିଡ଼ ହେଉଛି। ବିଶେଷକରି କଟକ ଓ ଭୁବନେଶ୍ୱର ମଧ୍ୟରେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଏହା ବଡ଼ ସମସ୍ୟା ପାଲଟିଛି। ଘଣ୍ଟା ଘଣ୍ଟା ଧରି ଲୋକେ ଫସି ରହି ନାହିଁ ନ ଥିବା ହଇରାଣ ହେଉଛନ୍ତି। ତେଣୁ ଏହି ବ୍ରିଜ୍ ନିର୍ମାଣ ହେବା ପରେ ଲୋକଙ୍କୁ ଭିଡ଼ରୁ ମୁକ୍ତି ମିଳିବ। ଅନ୍ୟପକ୍ଷରେ ଭୁବନେଶ୍ୱର, ଖୋର୍ଦ୍ଧା ଓ କଟକରେ ଦୁର୍ଘଟଣାଜନିତ ମୃତ୍ୟୁ ରୋକିବାକୁ ଏନ୍‌ଏଚ୍‌ଏଆଇ ଆଉ ଏକ ପଦକ୍ଷେ ନେବାକୁ ଯାଉଛି। ରାସ୍ତାରେ ଚାଲୁଥିବା ପଥଚାରୀ ଏବେ ଓଭରବ୍ରିଜ୍‌ରେ ଚାଲିବେ। ପଥଚାରୀଙ୍କ ପାଇଁ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ସ୍କାଏୱାକ୍। ପଳାଶୁଣୀରୁ ରସୁଲଗଡ଼ ପର୍ଯ୍ୟନ୍ତ ୫୦୦ ମିଟର ଦୂରତାକୁ ନେଇ ସ୍କାଏୱାକ୍ ନିର୍ମାଣ ହେବ। ସେହିପରି ଖୋର୍ଦ୍ଧା ଓ କଟକର ଜନଗହଳି ଅଞ୍ଚଳରେ ମଧ୍ୟ ଏହା ନିର୍ମାଣ କରାଯିବ। ଡିପିଆର୍ ପ୍ରସ୍ତୁତ ହେବା ପରେ ଟେଣ୍ଡର ଡକାଯାଇ କାର୍ଯ୍ୟ ଆରମ୍ଭ କରାଯିବ। ଗହଳି ସମୟରେ ପଥଚାରୀ ଓ ଗାଡି ଚାଳକ ଏକାଠି ଯାତାୟାତ କରୁଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି। ତେଣୁ ପଥଚାରୀଙ୍କ ସୁରକ୍ଷା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଏନ୍‌ଏଚ୍‌ଏଆଇ କହିଛନ୍ତି।

**ସଂକ୍ଷେପରେ**

## ଶ୍ମଶାନ ଜମିରୁ ହଟିଲା ଜବରଦଖଲ

ବାଲିପାଟଣା,୧୯।୨(ଅଭିମନ୍ୟୁ ନାୟକ)

ବାଲିପାଟଣା ତହସିଲ ଅନ୍ତର୍ଗତ ପିରିକାପାଟଣା ଗ୍ରାମ ଶ୍ମଶାନ ଜମିରେ ବେଆଇନ ଭାବେ ଗଢ଼ି ଉଠିଥିବା ଏକ ଘରକୁ ଗୁରୁବାର ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ସୂଚନା ମୁତାବକ, କେତେଜଣ ବ୍ୟକ୍ତି ଶ୍ମଶାନ ଜମିରେ ବେଆଇନ ଭାବେ ଘର ତିଆରି କରି ଦୀର୍ଘଦିନ ହେବ ରହିଆସୁଥିଲେ। ଫଳରେ ଶବଦାହ କାର୍ଯ୍ୟ ପାଇଁ ଗ୍ରାମବାସୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବେଆଇନ ଭାବେ ଗଢ଼ି ଉଠିଥିବା ଘରକୁ ଉଚ୍ଛେଦ ପାଇଁ ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପ୍ରଶାସନ ପକ୍ଷରୁ ତଦନ୍ତ ପରେ ଜରଦଖଲ ହଟାଯାଇଛି। ଏହି ଜବରଦଖଲ ଉଚ୍ଛେଦ ବେଳେ ତହସିଲଦାର କଳ୍ପନା ଦାସ, ରାଜସ୍ୱ ନୀରିକ୍ଷିକ ସ୍ମିତାଞ୍ଜଳୀ ମହାନ୍ତି, ସୁପରଭାଇଜର ଜଗନ୍ନାଥ ମହାରଣାଙ୍କ ସମେତ ପୋଲିସ ଏବଂ ଅନ୍ୟ ପ୍ରଶାସନିକ କର୍ମଚାରୀ ଉପସ୍ଥିତ ଥିଲେ।

## ଡ୍ରେସ୍ ତିଆରି କାରଖାନାରେ ଅଗ୍ନିକାଣ୍ଡ

ଭୁବନେଶ୍ୱର,୧୯।୨(ତ୍ରିନାଥ ମହାନ୍ତି)

ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଥିବା ଏକ ଡ୍ରେସ୍ ତିଆରି କାରଖାନାରେ ଗୁରୁବାର ଅଗ୍ନିକାଣ୍ଡ ଘଟିଛି। ସୋଲାର ପ୍ୟାନେଲରେ ଶର୍ଟସର୍କିଟ ଯୋଗୁ ବିଲ୍ଡିଂର ସିଲିଂରେ ନିଆଁ ଲାଗି ଯାଇଥିଲା। କାର୍ଯ୍ୟରତ କର୍ମଚାରୀ ନିଆଁକୁ ତୁରନ୍ତ ଆୟତ୍ତ କରିଥିଲେ। ଫଳରେ ଏକ ବଡ଼ ଧରଣର ଅଗ୍ନିକାଣ୍ଡ ଟଳିଯାଇଥିଲା। ସକାଳ ୧୦ଟା ପରେ ନିଆଁ ଲାଗିବା ସହ ଛାତ ଉପରୁ ଧୂଆଁ ବାହାରୁଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଏହାପରେ କାରଖାନାକୁ ତୁରନ୍ତ ହାଇଆଲର୍ଟରେ ରଖାଯାଇଥିଲା। କାରଖାନାରେ ପୂର୍ବରୁ ଅଗ୍ନିକାଣ୍ଡ ରୋକିବାକୁ ପ୍ରଶିକ୍ଷଣ ପାଇଥିବା କର୍ମଚାରରମାନେ ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି ନିଆଁକୁ ଆୟତ୍ତରେ ରଖିଥିଲେ। ଏହାସହ ଅଗ୍ନିଶମ କର୍ମଚାରୀଙ୍କୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀ ୩ଟି ଦମକଲ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲେ।

## ବଡ଼ ପରଦାରେ ପାଦ ଥାପିଲେ ଶରତ

ଭୁବନେଶ୍ୱର,୧୯।୨ (ସୌମ୍ୟରଞ୍ଜନ ରାଉତ)

ନାଟ୍ୟ ଜଗତର ଜଣେ ଚର୍ଚ୍ଚିତ ନାୟକ ହେଉଛନ୍ତି ଶରତ ସମ୍ରାଟ୍। ବହୁଦିନର ଥିଏଟରେ ଅଭିନୟ ପରେ ଶରତ ବର୍ତ୍ତମାନ ବଡ଼ ପରଦାରେ ଥାପିଛନ୍ତି। ସମ୍ରାଟ ଫିଲ୍ମସ୍ ନିବେଦିତ ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର 'ଚଉଠି ରାତି- ଏ ଡ୍ରିମ୍ ପାରାଡାଇଜ୍'ରେ ମୁଖ୍ୟ ଭୂମିକାରେ ଶରତ ରହିଥିବାବେଳେ ଏହାର ଶୁଟିଂ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲିଛି। ଫିଲ୍ମର କାହାଣୀ, ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଦାୟିତ୍ୱ ମଧ୍ୟ ଶରତ ବହନ କରିଛନ୍ତି। ଶରତଙ୍କ ନାୟିକା ଭାବେ ସୁମିତା ରହିଛନ୍ତି। ପଞ୍ଚାନନ ଦାଶ କାହାଣୀ ରଚନା କରିଥିବାବେଳ ବୈଷୟିକ ନିର୍ଦ୍ଦେଶନାରେ ପିନୁ ନାୟକ ଅଛନ୍ତି। ସମୀର-ତିମିର ଓ ଶକ୍ତିପ୍ରସାଦ ସ୍ୱର ସଂଯୋଜନା କରିଛନ୍ତି। ସରୋଜ ବିଶ୍ୱାଳ,ଅଭୟ ନାଥ, କାର୍ତ୍ତିକ ଓ ବିଷ୍ଣୁପ୍ରିୟା ଆଚାର୍ଯ୍ୟ ସଙ୍ଗୀତ ଲେଖିଛନ୍ତି।

# ପଳାଶୁଣୀରେ ନିର୍ମାଣ ହେବ ଆଉ ଏକ ବ୍ରିଜ୍

- ୬ ଲେନ୍ ହେବ ରାସ୍ତା, ଖର୍ଚ୍ଚ ହେବ ୨୫ କୋଟି
- ଦୂର ହେବ ଟ୍ରାଫିକ୍ ସମସ୍ୟା, ଦୁର୍ଘଟଣାଜନିତ ମୃତ୍ୟୁ ରୋକିବ ସ୍କାଏ ୱାକ୍



ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)

ଭୁବନେଶ୍ୱର ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣୀଠାରେ ନିର୍ମାଣ ହେବ ଆଉ ଏକ ବ୍ରିଜ୍। ପଳାଶୁଣୀରୁ ହଂସପାଳ ମଧ୍ୟରେ ବଢ଼ୁଥିବା ଟ୍ରାଫିକ୍ ଜାମ୍ ସମସ୍ୟା ଦୂର କରିବାକୁ ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍ଏଚ୍ଆଇ) ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏଥିସହ ବର୍ତ୍ତମାନ ୪ଲେନ୍ ଥିବା ଏହି ରାସ୍ତାକୁ ୬ ଲେନ୍ କରାଯିବ। ଫଳରେ ଯାନବାହନ ଚଳାଚଳ ସୁବିଧା ହେବା ସହିତ ଟ୍ରାଫିକ୍ ନିୟନ୍ତ୍ରଣ ସହଜ ହେବ। ଏହି ପ୍ରକଳ୍ପ ପାଇଁ ୨୫କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି ଏବଂ ଦେଢ଼ ବର୍ଷ ଭିତରେ କାମ ସାରିବାକୁ ଲକ୍ଷ୍ୟ ରହିଥିବା ଏନ୍ଏଚ୍ଆଇର ଓଡ଼ିଶା ମୁଖ୍ୟ ବୀରେନ୍ଦ୍ର ସିଂ ସୂଚନା ଦେଇଛନ୍ତି। ପଳାଶୁଣୀ ରାସ୍ତାରେ ଦୀର୍ଘଦିନ ଧରି ସକାଳେ ଓ ସନ୍ଧ୍ୟାରେ ଭିଡ଼ ହେଉଛି। ବିଶେଷକରି କଟକ ଓ ଭୁବନେଶ୍ୱର ମଧ୍ୟରେ ଯାତ୍ରା କରୁଥିବା ଲୋକଙ୍କ ପାଇଁ ଏହା ବଡ଼ ସମସ୍ୟା ପାଲଟିଛି। ଘଣ୍ଟା ଘଣ୍ଟା ଧରି ଲୋକେ ଫସି ରହି ନାହିଁ ନ ଥିବା ହଇରାଣ ହେଉଛନ୍ତି। ତେଣୁ ଏହି ବ୍ରିଜ୍ ନିର୍ମାଣ ହେବା ପରେ ଲୋକଙ୍କୁ ଭିଡ଼ରୁ ମୁକ୍ତି ମିଳିବ। ଅନ୍ୟପକ୍ଷରେ ଭୁବନେଶ୍ୱର, ଖୋର୍ଦ୍ଧା ଓ କଟକରେ ଦୁର୍ଘଟଣାଜନିତ ମୃତ୍ୟୁ ରୋକିବାକୁ ଏନ୍ଏଚ୍ଏଆଇ ଆଉ ଏକ ପଦକ୍ଷେ ନେବାକୁ ଯାଉଛି। ରାସ୍ତାରେ ଚାଲୁଥିବା ପଥଚାରୀ ଏବେ ଓଭରବ୍ରିଜ୍‌ରେ ଚାଲିବେ। ପଥଚାରୀଙ୍କ ପାଇଁ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବ ସ୍କାଏୱାକ୍। ପଳାଶୁଣୀରୁ ରସୁଲଗଡ଼ ପର୍ଯ୍ୟନ୍ତ ୫୦୦ ମିଟର ଦୂରତାକୁ ନେଇ ସ୍କାଏୱାକ୍ ନିର୍ମାଣ ହେବ। ସେହିପରି ଖୋର୍ଦ୍ଧା ଓ କଟକର ଜନଗହଳି ଅଞ୍ଚଳରେ ମଧ୍ୟ ଏହା ନିର୍ମାଣ କରାଯିବ। ଡିପିଆର୍ ପ୍ରସ୍ତୁତ ହେବା ପରେ ଟେଣ୍ଡର ଡକାଯାଇ କାର୍ଯ୍ୟ ଆରମ୍ଭ କରାଯିବ। ଗହଳି ସମୟରେ ପଥଚାରୀ ଓ ଗାଡି ଚାଳକ ଏକାଠି ଯାତାୟାତ କରୁଥିବାରୁ ଦୁର୍ଘଟଣା ବୃଦ୍ଧି ପାଉଛି। ତେଣୁ ପଥଚାରୀଙ୍କ ସୁରକ୍ଷା ପାଇଁ ଏଭଳି ନିଷ୍ପତ୍ତି ନିଆଯାଇଥିବା ଏନ୍ଏଚ୍ଏଆଇ କହିଛନ୍ତ।

# କର୍ପୋରେଟର ଶମ୍ଭୁ ପାଟଶାଣୀ ଗିରଫ

**କାଫେ ଆଗରେ ଖଣ୍ଡାରେ ହାଣିବା ଘଟଣା**



ଭୁବନେଶ୍ୱର, ୧୯।୨(ତ୍ରିନାଥ ମହାନ୍ତି)

ଭଗବାନ୍‌ପୁର କାଫେ ସାମ୍ନାରେ ୨ଜଣଙ୍କୁ ଖଣ୍ଡାରେ ହାଣିବା ସହ ପାର୍କିଂରେ ଥିବା କାରଗୁଡ଼ିକୁ ଭଙ୍ଗାରୁଜା କରିବା ଘଟଣାରେ ତମାଣ୍ଡୋ ଥାନା ପୋଲିସ ୬୫ ନମ୍ବର ୱାର୍ଡର କର୍ପୋରେଟର ଶମ୍ଭୁ ପାଟଶାଣୀଙ୍କୁ ଗିରଫ କରିଛି। ଏହି ଆକ୍ରମଣ ପଛରେ ଶମ୍ଭୁଙ୍କ ହାତ ଥିବା ପୋଲିସ ଜାଣିବା ପରେ ଏହି ପଦକ୍ଷେପ ଗ୍ରହଣ କରିଛି। ଆକ୍ରମଣ କରିଥିବା ଯୁବକମାନେ ଶମ୍ଭୁର ପିଲା ବୋଲି ପୋଲିସ ସିସିଟିଭି ଫୁଟେଜରୁ ଜାଣିବାକୁ ପାଇଥିଲା। ସେହି ଆଧାରରେ ତଦନ୍ତ ବେଳେ ଜଣାପଡିଲା ଯେ , ଏହି ଆକ୍ରମଣ ପଛରେ ରାଜନୀତିକ ଶତ୍ରୁତା ରହିଥିଲା। ତେବେ ପୋଲିସ ଗୁରୁବାର ରାତିରେ ଶମ୍ଭୁଙ୍କୁ ଗିରଫ କରିବା ପରେ ଜାମିନ ନାମଞ୍ଜୁର ହେବାରୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ଯୁବକମାନଙ୍କୁ ଧରିବାକୁ ପୋଲିସ ଚଢ଼ାଉ ଜାରି ରଖିଛି। ସୂଚନାଯୋଗ୍ୟ, ସୋମବାର ରାତି ୧୨ ଟାରେ ୩ ବାଇକରେ ୬ ଜଣ ଯୁବକ ଖଣ୍ଡା ଧରି କାଫେ ଭିତରକୁ ଯାଉଥିବାବେଳେ ଆଗରେ ଛିଡା ହୋଇଥିବା ଗୋପୀନାଥ ଭୁଜବଳ ଓ ସନିଆ ବାରିକଙ୍କୁ ହାଣିଥିଲେ। ସେମାନେ ଏବେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ପରେ ଭଙ୍ଗାରୁଜା କରିଥିଲେ।




ଗୀତାଞ୍ଜଳି ପକ୍ଷରୁ ସୂଚନାଭବନଠାରେ ଗୁରୁବାର ଅନୁଷ୍ଠିତ ବାର୍ଷିକ ସାଂସ୍କୃତିକ ଉତ୍ସବରେ ଅତିଥିମାନେ କାଦମ୍ବିନୀର ସମ୍ପାଦିକା ଇତିରାଣୀ ସାମନ୍ତଙ୍କୁ ସମ୍ମାନିତ କରୁଛନ୍ତି।

## ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ବାଲିପାଟଣା,୧୯।୨(ଅଭିମନ୍ୟୁ ନାୟକ)

ବାଲିପାଟଣା ଥାନା ଅନ୍ତର୍ଗତ ଅଠାନ୍ତର ଛକଠାରେ ବୁଧବାର ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ନିମାପଡ଼ା ଥାନା ଭାଟବନ୍ଧ ଗ୍ରାମର ଅଭିଜିତ୍ ରାଉଳ। ସୂଚନା ମୁତାବକ, ବୁଧବାର ରାତିରେ ଅଭିଜିତ୍ ବାଇକ୍‌ରେ ଭୁବନେଶ୍ୱରରୁ ନିଜ ଗ୍ରାମ ଅଭିମୁଖେ ଯାଉଥିଲେ। ଅଠାନ୍ତର ଛକଠାରେ ଥିବା ବୁଲାଣିରେ ଏକ ପାଣି ଟ୍ୟାପ ପୋଷ୍ଟରେ ସେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବ୍ରହ୍ମପୁର ରେଳ ଷ୍ଟେଶନ ପୁନଃବିକାଶ ପାଇଁ ୯୩.୧୯ କୋଟି

**ତ୍ୱରାନ୍ୱିତ ହେବ ଦକ୍ଷିଣ ଓଡ଼ିଶାର ଅଭିବୃଦ୍ଧି**

ଭୁବନେଶ୍ୱର,୧୯।୨(ଅନୁରାଧା ମହାରଣା)

ଦକ୍ଷିଣ ଓଡ଼ିଶାର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ରେଳ ଭିତ୍ତିଭୂମିରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବ୍ରହ୍ମପୁର ରେଳ ଷ୍ଟେଶନର ପୁନଃବିକାଶକୁ ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ପାଇଁ ୯୩.୧୯ କୋଟି ଟଙ୍କା ବ୍ୟୟକୁ ଅନୁମୋଦନ ମିଳିଛି। ଏଥିରେ ୧୨ ମିଟର ଓସାର ବିଶିଷ୍ଟ ଫୁଟ ଓଭର ବ୍ରିଜର ନିର୍ମାଣ ଓ ସମ୍ପ୍ରସାରଣ, ଦ୍ରୁତ ଜଳ ଯୋଗାଣ ବ୍ୟବସ୍ଥାର ସ୍ଥାପନ, ଷ୍ଟେଶନ ବିଲ୍ଡିଂର ଦ୍ୱିତୀୟ ପ୍ରବେଶଦ୍ୱାର ସହିତ ଏକ ନୂତନ ଜି+୨ ମୁଖ୍ୟ ଷ୍ଟେଶନ ବିଲ୍ଡିଂର ନିର୍ମାଣ, ପ୍ଲାଟ୍‌ଫର୍ମ ସମ୍ପ୍ରସାରଣ, ଦୁଇ ଲେନ ବିଶିଷ୍ଟ ବସ୍ ଡ୍ରପ-ଅଫ ଜୋନ, ଭବିଷ୍ୟତର ପାର୍କିଂ ଓ ବାଣିଜ୍ୟିକ ବିକାଶ ପାଇଁ ୧୩,୧୦୦ ବର୍ଗ ମିଟର ସ୍ଥାନ, ୧,୭୬୩ ବର୍ଗ ମିଟର ମୋଟ କ୍ୟାନୋପି ଏରିଆ ଏବଂ ୧,୦୯୮ ବର୍ଗ ମିଟର ରୁଫ ପ୍ଲାଜା ସୁବିଧା ଅନ୍ତର୍ଭୁକ୍ତ ହୋଇଛି। ଯାତ୍ରୀଙ୍କ ସୁବିଧା ପାଇଁ ୫୦୦ରୁ ଅଧିକ ସିଟ୍ ବିଶିଷ୍ଟ ପ୍ରତୀକ୍ଷାଳୟ, ୮ଟି ଟିକେଟିଂ ୱିଣ୍ଡୋ, ୧୬ଟି ଲିଫ୍ଟ, ୫ଟି ଏସ୍କାଲେଟର, ଦିବ୍ୟାଙ୍ଗ-ଅନୁକୂଳ ଭିତ୍ତିଭୂମି ଏବଂ ଉନ୍ନତ ପାର୍କିଂ ଓ ଟ୍ରାଫିକ ସଞ୍ଚାଳନ ବ୍ୟବସ୍ଥା ରହିବ। ଏହି ପୁନଃବିକଶିତ ଷ୍ଟେଶନରେ ସୌର ପ୍ୟାନେଲ, ବର୍ଷାଜଳ ସଂଗ୍ରହ ଓ ପୁନଃବ୍ୟବହାର ବ୍ୟବସ୍ଥା, ବୈଜ୍ଞାନିକ ପଦ୍ଧତିରେ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଏବଂ ଜରୁରିକାଳୀନ ପାୱାର ବ୍ୟାକ୍‌ଅପ୍ ସହିତ ଅଗ୍ନି ନିର୍ବାପନ ବ୍ୟବସ୍ଥା ଅନ୍ତର୍ଭୁକ୍ତ ହେବ। ଷ୍ଟେଶନର ବାହ୍ୟ ଓ ଆଭ୍ୟନ୍ତରୀଣ ସ୍ଥାନଗୁଡ଼ିକରେ ବ୍ରହ୍ମପୁରର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଏବଂ ପ୍ରସିଦ୍ଧ ରେଶମ ପରମ୍ପରାକୁ ପ୍ରତିଫଳିତ କରିବ। ଏହି ପୁନଃବିକାଶ ପ୍ରକଳ୍ପ ଭିଡ଼ ହ୍ରାସ, ସୁରକ୍ଷା ବୃଦ୍ଧି, ଯାତ୍ରୀ ସୁବିଧାରେ ଉନ୍ନତି ଏବଂ ବାଣିଜ୍ୟିକ ଓ ପର୍ଯ୍ୟଟନ କ୍ଷେତ୍ରରେ ସହରର ସ୍ଥିତିକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ।

# ଥାନାରେ ଅଭିଯୋଗ କରିବାରୁ ମହିଳାଙ୍କୁ କଟୁରିରେ ଗୋଡ଼ାଇ ହାଣିଲେ ଅଭିଯୁକ୍ତ

ଭୁବନେଶ୍ୱର,୧୯।୨(ତ୍ରିନାଥ ମହାନ୍ତି)

ଥାନାରେ ଅଭିଯୋଗ କରିବା ଜଣେ ମହିଳାଙ୍କ ପାଇଁ ମହଙ୍ଗା ପଡ଼ିଛି। ଅଭିଯୁକ୍ତ ରାଗ ରଖି ମହିଳାଙ୍କୁ ରାଜ ରାସ୍ତାରେ ଗୋଡାଇ ଗୋଡାଇ ହାଣିଛନ୍ତି। ଏଭଳି ଘଟଣା ଶହୀଦନଗର ଥାନା ସତ୍‌ସଙ୍ଗ ବିହାରରେ ଘଟିଛି। ଆକ୍ରମଣରେ ମକା ବିକାଳି ମିତା ଦାସ ଓରଫ କନକଲତା ଆହତ ହୋଇଛନ୍ତି। ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିବା ସହ ମାମଲା ରୁଜୁ କରି ଅଭିଯୁକ୍ତକୁ ଗିରଫ ପାଇଁ ଚଢାଉ କରୁଛି। ସୂଚନା ଅନୁସାରେ, ମିତା ତାରିଣୀ ବସ୍ତିରେ ରହୁଥିବା ବେଳେ ସତ୍‌ସଙ୍ଗ ବିହାର ରାସ୍ତା କଡ଼ରେ ମକା ବିକ୍ରି କରନ୍ତି। ବୁଧବାର ମିତାଙ୍କ ପୁଅ ମକା ବିକ୍ରି କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଜଣେ ଯୁବକ ତାଙ୍କୁ ଆସି ଧମକାଇ ମୋବାଇଲ୍ ଏବଂ ଟଙ୍କା ଲୁଟି ନେଇଥିଲେ। ମିତା ଏନେଇ ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ସନ୍ଧ୍ୟା ୭ଟାରେ ମିତା ମକା ବିକ୍ରି କରୁଥିବା ବେଳେ ଅଭିଯୁକ୍ତ କଟୁରୀ ଧରି ଆସି ମିତାଙ୍କୁ ଗୋଡାଇ ଆକ୍ରମଣ କରିଥିଲେ। କଟୁରୀ ଚୋଟ ତାଙ୍କ ପିଠି ଏବଂ ହାତରେ ବାଜିବାରୁ ସେ ଆହତ ହୋଇଛନ୍ତି।

# କଣ୍ଡରା ପୋଖରୀର ହେବ ପୁନରୁଦ୍ଧାର

ପୁରୁଣା ଭୁବନେଶ୍ୱର,୧୯।୨(ସୁବାସ ଚନ୍ଦ୍ର ପ୍ରଧାନ)

ଗ୍ୟାରେଜ ଛକ ନିକଟସ୍ଥ କଣ୍ଡରା ପୋଖରୀ ତଥା ନନ୍ଦକିଶୋର ପୁଷ୍କରିଣୀର ହେବ ପୁନରୁଦ୍ଧାର। ଏନେଇ ଗୁରୁବାର ବିଏମ୍‌ସି, ୱାଟକୋ, ଡ୍ରେନେଜ ବିଭାଗର ଏକ ୪୦ଜଣିଆ ଟିମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ପ୍ରାଥମିକସ୍ତରରେ ପୋଖରୀ ଚତୁଃପାର୍ଶ୍ୱରେ ଗଢିଉଠିଥିବା ବେଆଇନ ନିର୍ମାଣଗୁଡିକୁ ମାପଚୁପ କରି ଭାଙ୍ଗିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ପୋଖରୀରୁ ପଙ୍କ ଉଦ୍ଧାର ନେଇ ଖୁବଶୀଘ୍ର ଖନନ କାର୍ଯ୍ୟ ଏବଂ ଏହାର ଏଷ୍ଟିମେଟ କରାଇବାକୁ ବିଭାଗୀୟ ଅଧିକାରୀଙ୍କୁ ବିଏମ୍‌ସି ଆୟୁକ୍ତ କହିଛନ୍ତି। ବିଏମ୍‌ସିର ଏହି ପଦକ୍ଷେପ ଯୋଗୁ କଲୋନୀ ବାସିନ୍ଦା ଖୁସିବ୍ୟକ୍ତ କରିଥିବା ସ୍ଥାନୀୟ ବାସିନ୍ଦା ଭୀଷ୍ମ ନାରାୟଣ ନାୟକ କହିଛନ୍ତି।

ପ୍ରକାଶ ଯେ, ଉକ୍ତ ପୋଖରୀ ପରିତ୍ୟକ୍ତ ଅବସ୍ଥାରେ ରହିଥିଲା। ଏନେଇ ବିଏମ୍‌ସିରେ ଅଭିଯୋଗ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଗଲା ନାହିଁ। ଫଳରେ ସ୍ଥାନୀୟ ଲୋକେ ପୁଷ୍କରିଣୀର ସଫେଇ କାର୍ଯ୍ୟ ଆରମ୍ଭ କରିଥିଲେ, ଯାହା ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏହି ଘଟଣା ଜାଣିବାପରେ ବିଏମ୍‌ସି ଆୟୁକ୍ତ ଏବଂ ବିଭାଗୀୟ ବରିଷ୍ଠ ଅଧିକାରୀ ଗତ ୧୬ତାରିଖରେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ସମସ୍ୟାର ସମାଧାନ କରିବାକୁ ସ୍ଥାନୀୟ ବାସିନ୍ଦାଙ୍କ ସହ ଲିଙ୍ଗରାଜଙ୍କ ବେହେରାଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

# ୮ଦଫା ଦାବିରେ ଅନୁସୂଚିତ ଜାତି ଓ ଜନଜାତି କଂଗ୍ରେସର ଧାରଣା



ଭୁବନେଶ୍ୱର,୧୯।୨ (ରବିନାରାୟଣ ଜେନା)

ସମ୍ବିଧାନର ୯୩ତମ ସଂଶୋଧନକୁ କାର୍ଯ୍ୟାନ୍ୱୟନ କରିବା ଦାବିରେ ରାଜ୍ୟ ଅନୁସୂଚିତ ଜାତି କଂଗ୍ରେସ ଅଧ୍ୟକ୍ଷ ମାନସ କୁମାର ମଲ୍ଲିକଙ୍କ ନେତୃତ୍ୱରେ ୮ ଦଫା ଦାବି ନେଇ ଗୁରୁବାର ମାଷ୍ଟରକ୍ୟାଣ୍ଟିନଠାରେ ଶାନ୍ତିପୂର୍ଣ୍ଣ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅହୋରାତ୍ର ଧାରଣା ଆସନ୍ତା ୨୪ ତାରିଖ ସଂଧ୍ୟା ପର୍ଯ୍ୟନ୍ତ ଚାଲିବ। ଏହି ଅବସରରେ ଦଳିତ ଆଦିବାସୀ ନିର୍ଯାତନା ଆଇନର ତଦନ୍ତଭାର ପୂର୍ବପରି ଜଣେ ଡିଏସ୍‌ପିଙ୍କ ଦ୍ୱାରା କରାଇବା, ଓଆରଭି ଆଇନର ସଚିବ୍ କ୍ରିୟାନ୍ୱୟନ କରିବାକୁ ପୁନର୍ବାର ଚାଲୁ କରିବା ସହିତ ସମ୍ବିଧାନର ୭୩ତମ ଓ ୭୪ତମ ସଂଶୋଧନ ଅନୁଯାୟୀ ଗ୍ରାମ ପଞ୍ଚାୟତ ଓ ନଗର ପଞ୍ଚାୟତଗୁଡ଼ିକୁ କ୍ଷମତା ହସ୍ତାନ୍ତର କରିବା, ରାଜ୍ୟର ବିଦ୍ୟୁତ ଉପଭୋକ୍ତାମାନଙ୍କୁ ମାଗଣାରେ ୩୦୦ ୟୁନିଟ୍ ବିଜୁଳି ଦେବା, ବାର୍ଦ୍ଧକ୍ୟ ଭତ୍ତାକୁ ସର୍ବନିମ୍ନ ୨୦୦୦ ଟଙ୍କା କରିବା ଦାବି କରାଯାଇଥିଲା। ଏହି ଧାରଣାରେ ବିଶିଷ୍ଟ ଶ୍ରମିକ ନେତା ରାମଚନ୍ଦ୍ର ଖୁଣ୍ଟିଆ, ରାଜ୍ୟ ସେବାଦଳ ଅଧ୍ୟକ୍ଷ ଶୁଭେନ୍ଦୁ ମହାନ୍ତି, ପିସିସି ସମ୍ପାଦିକା ଅନିମା ମିଞ୍ଜ, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# 'କୃତ୍ରିମ ବୁଦ୍ଧିମତ୍ତା ସାମାଜିକ ରୂପାନ୍ତରଣର ମାଧ୍ୟମ ପାଲଟୁ'

**ଶିଖର ସମ୍ମିଳନୀ 'ଭାରତ-୨୦୨୬'ରେ ଯୋଗଦେଲେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କୁଳାଧିକ୍ଷା**

ତ୍ରିଶୂଳିଆ,୧୯।୨(ତୁଷାର କାନ୍ତ ବେହେରା)




ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳାଧିକ୍ଷା ପ୍ରଫେସର ରଂଜିତା କୁଲକର୍ଣ୍ଣୀଙ୍କ ସହ ଅନ୍ୟ ଅତିଥିମାନେ।

କୃତ୍ରିମ ବୁଦ୍ଧିମତ୍ତା କେବଳ ବୈଷୟିକ ପ୍ରଗତିର ମାଧ୍ୟମ ନ ସାଜି ସାମାଜିକ ରୂପାନ୍ତରଣର ମାଧ୍ୟମ ପାଲଟୁ। ସେଥିପାଇଁ ଏହାକୁ ସୁଲଭ, ନୈତିକ ଏବଂ ଲୋକାଭିମୁଖୀ କରିବା ଲାଗି ଉଦ୍ୟମ କରାଯାଉ। ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ-ଫିକ୍କି ପକ୍ଷରୁ ଫେବୃଆରୀ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀଠାରେ ଆୟୋଜିତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ଉପରେ ଶିଖର ସମ୍ମିଳନୀ 'ଭାରତ-୨୦୨୬'ରେ ଅତିଥି ବକ୍ତାଭାବରେ ଯୋଗଦେଇ ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳାଧିକ୍ଷା ପ୍ରଫେସର ରଂଜିତା କୁଲକର୍ଣ୍ଣୀ କହିଛନ୍ତି। ପ୍ରଫେସର କୁଲକର୍ଣ୍ଣୀ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଯୋଗଦେଇ କହିଛନ୍ତି, ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ରୂପାୟନ ସହ ବିଭିନ୍ନ ବିଭାଗରେ କୃତ୍ରିମ ବୁଦ୍ଧିମତ୍ତାକୁ ସାମିଲ କରାଯାଉଛି। ଏଥିସହ ଅଗ୍ରଣୀ ଶିଳ୍ପାନୁଷ୍ଠାନ ଏବଂ ଶିକ୍ଷାନୁଷ୍ଠାନମାନଙ୍କ ସହ ଏହାର ସହଭାଗିତା ମଧ୍ୟ ଗଢ଼ିଉଠିଛି। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସମକାରୀ ସଂସ୍ଥାମାନଙ୍କ ସହ ସମନ୍ୱୟ ରଖି କାର୍ଯ୍ୟକରୁଛି। ସାଇବର ସୁରକ୍ଷା ଏବଂ ଡିଜିଟାଲ ମାନବବାଦ କ୍ଷେତ୍ରରେ ଉତ୍କୃଷ୍ଟ କେନ୍ଦ୍ର ସ୍ଥାପନ ପାଇଁ ପଦକ୍ଷେପ ନେଉଛି। ମହିଳା, ଗ୍ରାମାଞ୍ଚଳର ଉଦ୍ୟୋଗୀ ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପର୍ଯ୍ୟନ୍ତ କୃତ୍ରିମ ବୁଦ୍ଧିମତ୍ତା କିଭଳି ପହଞ୍ଚିପାରିବ, ସେଥିପାଇଁ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଏପିସିଓର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମିଷ୍ଟର ବ୍ରାଡ ଷ୍ଟେପଲ୍ସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ୨୫ରୁ ଉର୍ଦ୍ଧ୍ୱ ରାଷ୍ଟ୍ରାଧ୍ୟକ୍ଷ ତଥା ୧୦୦ରୁ ଉର୍ଦ୍ଧ୍ୱ ଦେଶର ୩୫ ହଜାରରୁ ଅଧିକ ପ୍ରତିନିଧିଙ୍କ ସହଭାଗିତାରେ ଏହି ସମ୍ମିଳନୀ ବିଶ୍ୱର ଏକ ପ୍ରମୁଖ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ ପାଲଟିଥିଲା। ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କରଙ୍କ ଦ୍ୱାରା ପରିକଳ୍ପିତ 'ପରମ ବୁଦ୍ଧିମତ୍ତା ସଂସ୍ଥାନ'ଠାରୁ ପ୍ରେରଣା ନେଇ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କିଭଳି ବୈଷୟିକ ଶିକ୍ଷାରେ ନୂତନତ୍ୱକୁ ମାନବୀୟ ମୂଲ୍ୟବୋଧ ସହ ଯୋଡ଼ି ଅଗ୍ରସର ହେଉଛି, ପ୍ରଫେସର କୁଲକର୍ଣ୍ଣୀ ତାହା ପୁନର୍ବାର ପ୍ରମାଣିତ କରିଥିଲେ ।

# ପାହାଲଠାରେ ଅତ୍ୟାଧୁନିକ ସାମୂହିକ ଶୌଚାଳୟ ଉଦ୍‌ଘାଟିତ

ଭୁବନେଶ୍ୱର, ୧୯।୨(ବନ୍ଦନା ସେଠୀ)/ ବାଲିଅନ୍ତା (ନୀଳମାଧବ ସାହୁ)/ ବ୍ରାହ୍ମଣଝରିଲୋ




ଶୌଚାଳୟ ଉଦ୍‌ଘାଟନ ଅବସରରେ ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସଙ୍କ ସହ ଅନ୍ୟମାନେ।

ବିଏମ୍‌ସି ପକ୍ଷରୁ ପାହାଲଠାରେ ୫ ସିଟ୍ ବିଶିଷ୍ଟ ସାମୂହିକ ଶୌଚାଳୟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କହଁର, ପରିମଳ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିରଞ୍ଚି ନାରାୟଣ ମହାସୁପକାର, ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପାହାଲ ରସଗୋଲା ବଜାରରେ ଦୈନିକ ହଜାର ହଜାର ଲୋକଙ୍କ ସମାଗମ ହେଉଛି। ସେଥିପାଇଁ ବିଏମସି ପକ୍ଷରୁ ୱାର୍ଡ ନଂ.୪ ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏହି ଶୌଚାଳୟ ନିର୍ମାଣ କରାଯାଇଛି। ଏଥିରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରହିଛି। ଏହାକୁ ତୃତୀୟ ଲିଙ୍ଗର ବ୍ୟକ୍ତିମାନେ ମଧ୍ୟ ବ୍ୟବହାର କରିପାରିବେ। ଦିବ୍ୟାଙ୍ଗଙ୍କ ପାଇଁ ମଧ୍ୟ ରାମ୍ପର ବ୍ୟବସ୍ଥା ରହିଛି। ଏହାକୁ ମିଶାଇ ବିଏମସି ଅଞ୍ଚଳରେ ଏବେ ଏପରି ଅତ୍ୟାଧୁନିକ ଶୌଚାଳୟ ସଂଖ୍ୟା ୧୦୯ରେ ପହଞ୍ଚିଛି। ମୁଖ୍ୟତଃ ଜନଗହଳିପୂର୍ଣ୍ଣ ଛକ, ମାର୍କେଟ୍, ଭେଣ୍ଡିଂଜୋନ୍, ବସଷ୍ଟାଣ୍ଡ, କେତେକ ବସ୍ତି ନିକଟରେ ମଧ୍ୟ ଏହି ଗୋଷ୍ଠୀ ଶୌଚାଳୟ ସର୍ବସାଧାରଣଙ୍କ ବ୍ୟବହାର ନିମନ୍ତେ ରହିଛି। ଏହି ସମସ୍ତ ଶୌଚାଳୟରେ ଏକକାଳୀନ ୧୪୭୦ରୁ ଅଧିକ ଲୋକ ଶୌଚ ହୋଇପାରିବେ। ସେହିପରି ସହରର ପ୍ରମୁଖ ଜନଗହଳିପୂର୍ଣ୍ଣ ସ୍ଥାନରେ ୧୦ଟି ପରିସ୍ରାଗାର ମଧ୍ୟ ରହିଛି। ଏହାବ୍ୟତୀତ ଆହୁରି ୧୦ଟି ସ୍ଥାନରେ ପାଇଖାନା ନିର୍ମାଣ କାମ ଚାଲୁ ରହିଛି ଏବଂ ଆଗାମୀ ଦିନରେ ୨୦୧ଟି ସ୍ଥାନରେ ସାମୂହିକ ଶୌଚାଳୟ ନିର୍ମାଣ ପାଇଁ ବିଏମ୍‌ସିର ଯୋଜନା ରହିଛି। ଏହାବ୍ୟତୀତ ବିଏମସିଅଞ୍ଚଳରେସମୁଦାୟ୫୬ଟିଗୋଷ୍ଠୀ ଶୌଚାଳୟ ଏବଂ ୧୮ଟି ଇ-ଟଏଲେଟ ରହିଛି। ଗୋଟିଏ ଦିନରେ ୬୦ହଜାରରୁ ଅଧିକ ଲୋକ ଶୌଚ ହେବାର ବ୍ୟବସ୍ଥା ରହିଛି। ଏହିସବୁ ସାମୂହିକ ଶୌଚାଳୟର ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ଭାବେ ଏକ ଏଜେନ୍ସିକୁ ଦାୟିତ୍ୱ ଦିଆଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୯।୨।୨୦୨୬

| ୩,୭୧,୫୮୬ ଟଙ୍କା | |
|---|---|
| ସୁନା | ୭୭ ଗ୍ରାମ୍ |
| ରୁପା | ୧୦.୫୦୦ ଗ୍ରାମ୍ |

# ଜିଲାରେ ମାଟ୍ରିକ୍ ପରୀକ୍ଷା ଦେଲେ ୨୧,୧୧୦ ଛାତ୍ରୀଛାତ୍ର

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ଗୁରୁବାର ସାରା ରାଜ୍ୟରେ ଆରମ୍ଭ ହୋଇଥିବା ବେଳେ ପୁରୀ ଜିଲାରେ ମଧ୍ୟ ଆରମ୍ଭ ହୋଇଛି। କପିମୁକ୍ତ ପରୀକ୍ଷା କରିବା ପାଇଁ କେନ୍ଦ୍ରଗୁଡ଼ିକରେ ସିସିଟିଭି କ୍ୟାମେରା ଲଗାଯିବା ସହ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଗରମକୁ ଦୃଷ୍ଟିରେ ରଖି କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ପାଣି ବ୍ୟବସ୍ଥା କରାଯାଇଛି। ଗଣଶିକ୍ଷା ବିଭାଗର ଗାଇଡ୍‌ଲାଇନକୁ ମାନି ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇ ପରୀକ୍ଷା ଆରମ୍ଭ କରାଯାଇଛି। ମାଟ୍ରିକ ପରୀକ୍ଷାର ପ୍ରଥମ ଦିନରେ ମାତୃଭାଷା ପରୀକ୍ଷା ଥିଲା। ପ୍ରଥମ ଦିନ ସାହିତ୍ୟ ପରୀକ୍ଷା ଥିବାବେଳେ ପ୍ରଶ୍ନପତ୍ରକୁ ନେଇ ଛାତ୍ରୀଛାତ୍ରମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି।

ଚଳିତବର୍ଷମୋଟ ୨୧,୪୫୯ ଛାତ୍ରୀଛାତ୍ର ଫର୍ମ ଫିଲ୍‌ଅପ କରିଥିଲେ ହେଁ ୨୧,୧୧୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ମୋଟ ୩୪୯ ଜଣ ଅନୁପସ୍ଥିତ ରହିଛନ୍ତି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ପାଇଁ ଉଭୟ ରେଗୁଲାର ଓ ଏକ୍ସ-ରେଗୁଲାର ପରୀକ୍ଷାର୍ଥୀଙ୍କ ପାଇଁ ୧୦୯ଟି କେନ୍ଦ୍ରରେ ପରୀକ୍ଷା ହୋଇଛି। ରେଗୁଲାର ଓ ଏକ୍ସ ରେଗୁଲାର ଛାତ୍ରୀଛାତ୍ର ୨୦,୬୨୦ ଜଣ ଫର୍ମଫିଲ୍‌ଅପ କରିଥିଲେ ହେଁ ୨୦୪୩୯ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ସେମାନଙ୍କ ମଧ୍ୟରୁ ୧୮୧ଜଣ ଅନୁପସ୍ଥିତ ଅଛନ୍ତି। ଏତ୍‌ଦ୍‌ବ୍ୟତୀତ ଷ୍ଟେଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଓପନ ସ୍କୁଲିଂ ପାଇଁ ୪ଟି କେନ୍ଦ୍ର ଖୋଲାଯାଇଛି। ୭୬୯ ଛାତ୍ରୀଛାତ୍ର ଫର୍ମ ଫିଲ୍‌ଅପ କରିଥିଲେ ହେଁ ୬୦୬ଜଣ ପରୀକ୍ଷା ଦେଇଛନ୍ତି। ମଧ୍ୟମାରେ ଫର୍ମ ଫିଲ୍‌ଅପ କରିଥିବା ୭୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୫ ଜଣ ପରୀକ୍ଷା ଦେଇଛନ୍ତି। 5 ଜଣ ଅନୁପସ୍ଥିତ ଅଛନ୍ତି। ଏଥିପାଇଁ ୧୨ଟି ନୋଡାଲ ସେଣ୍ଟର ଖୋଲାଯାଇଛି। ସମଗ୍ର ଜିଲାରେ ୩୫୮ ସ୍କୁଲର ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ପରୀକ୍ଷା ପ୍ରଶ୍ନପତ୍ର ନେଇ ପହଞ୍ଚାଇବା ପାଇଁ ୨୯ଟି ଡେସପାଚ ସେଣ୍ଟର କରାଯାଇଛି। ପୋଲିସ୍ ସ୍କ୍ୱାଡ୍ ସହିତ ସୁରକ୍ଷା ମଧ୍ୟରେ ଡେସପାଚ ଟିମ୍ ପ୍ରଶ୍ନପତ୍ର ନେଇ ସକାଳ ସାଢ଼େ ୭ଟାରୁ ସାଢ଼େ ୮ଟା ମଧ୍ୟରେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। କେବଳ ଗଣିତ ପରୀକ୍ଷାରେ ପରୀକ୍ଷାର୍ଥୀଙ୍କୁ ଅଧିକ ୧୫ ମିନିଟ୍ ସମୟ ଦିଆଯିବ। ଜିଲା ଶିକ୍ଷାଧିକାରୀ ଦୀପକ ପାଢ଼ୀ କହିଛନ୍ତି, ପରୀକ୍ଷାରେ ସ୍ୱଚ୍ଛତା ନିମନ୍ତେ ପ୍ରତ୍ୟେକ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲଗାଯାଇଛି। ପ୍ରତି ପରୀକ୍ଷା କେନ୍ଦ୍ର ପାଇଁ ଜଣେ ଲେଖାଏ ପର୍ଯ୍ୟବେକ୍ଷକଙ୍କୁ ନିୟୋଜିତ କରାଯାଇଛି। ପରୀକ୍ଷା ସୁପରିଚାଳନା ତନଖି କରିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶରେ ଜିଲା ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ୩ଟି ସ୍କ୍ୱାଡ୍ ବିଭିନ୍ନ ସ୍ଥାନରେ ଅଚାନକ ପହଞ୍ଚିଥିଲେ। ଏହାବ୍ୟତୀତ ଜିଲାପାଳଙ୍କ ନିର୍ଦ୍ଦେଶରେ ଜିଲା ପ୍ରଶାସନ ପକ୍ଷରୁ ଆଉ ଏକ ସ୍କ୍ୱାଡ୍ ମଧ୍ୟ କିଛି ପରୀକ୍ଷା କେନ୍ଦ୍ର ବୁଲିଥିଲେ। କିଛି ସ୍ଥାନରେ ପରିଷଦ ପକ୍ଷରୁ ପରୀକ୍ଷାର ଲାଇଭ ଷ୍ଟ୍ରିମିଂ କରାଯାଇଛି। ବିଦ୍ୟାଳୟ ପ୍ରାଚୀର ଠାରୁ ୧୦୦ ମିଟର ପର୍ଯ୍ୟନ୍ତ ଜନସାଧାରଣଙ୍କୁ ନିଷେଧ କରାଯାଇଛି ବୋଲି କହିଛନ୍ତି।



ପୁରୀ ଜିଲା ସ୍କୁଲ୍ କେନ୍ଦ୍ରରେ ମାଟ୍ରିକ୍ ପରୀକ୍ଷା ଦେଇ ଛାତ୍ରୀଛାତ୍ରମାନେ ବାହାରୁଛନ୍ତି।

### ଏମାନେ ଯାହା କୁହନ୍ତି...



ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାକୁ ନେଇ ମନରେ ଆଶଙ୍କା ରହିଥିଲା। ନିର୍ଦ୍ଧାରିତ ସମୟ ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲୁ। ପହଞ୍ଚିବା ପରେ କେନ୍ଦ୍ରରେ ପ୍ରବେଶ ସମୟରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଯାଞ୍ଚ କରାଯାଇଥିଲା। ପରେ ରୋଲ ନଂ ଦେଖି ରୁମକୁ ଯାଇ ବସିଥିଲୁ। କିଛି ସମୟ ପରେ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ସେଠାରେ ଥିବା ପରୀକ୍ଷା ନିୟନ୍ତ୍ରକ ପରୀକ୍ଷା ସମ୍ପର୍କରେ ସୂଚନା ଦେଇଥିଲେ। ପ୍ରଶ୍ନପତ୍ର ଦେଖିବା ପରେ ମନରେ ଥିବା ଭୟ ଦୂର ହୋଇଥିଲା। ଭଲ ପ୍ରଶ୍ନ ପଡ଼ିଥିଲା, ଭଲ ମାର୍କ ରହିବ ବୋଲି ଆଶା ରହିଛି। ଯାହା ପଢ଼ିଥିଲୁ ସେ ସବୁ ପଡ଼ିଥିଲା। ପ୍ରଥମ ଦିନର ପରୀକ୍ଷାକୁ ନେଇ ବେଶ ଖୁସି ଅଛି। ଆସନ୍ତା ସମସ୍ତ ପେପର ଭଲ ହେବ ବୋଲି ଆଶା ରହିଛି।

**-କଳ୍ପିତ୍ ମହାନ୍ତି, ବିଶ୍ୱମ୍ଭର ବିଦ୍ୟାପୀଠ**



ପ୍ରଥମ ଦିନର ପରୀକ୍ଷା ବହୁତ ଭଲ ହୋଇଛି। ଯେପରି ଆଶା କରିଥିଲି, ସେହିପରି ପ୍ରଶ୍ନ ପଡ଼ିଥିଲା। ଭଲ ପ୍ରତିଶତ ମାର୍କ ରହିବ। ପରୀକ୍ଷା ପୂର୍ବରୁ ବହୁତ ନର୍ଭସ ଲାଗୁଥିଲା। ତେବେ ପରୀକ୍ଷା ପୂର୍ବରୁ ଦିନକୁ ୫ରୁ ୬ ଘଣ୍ଟା ପରିଶ୍ରମ କରିଥିଲି। ତେଣୁ ପରୀକ୍ଷା ଭଲ ହେବ ବୋଲି ଆଶା ଥିଲା। ପରୀକ୍ଷା ହଲକୁ ଯିବା ପରେ ନର୍ଭସ ଆସ୍ତେ ଆସ୍ତେ କମି ଯାଇଥିଲା। ପଢ଼ାରେ ବାପା ମା, ଟ୍ୟୁସନ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ବହୁତ ସାହାଯ୍ୟ କରୁଥିଲେ। ଆଶା ଅଛି ଭଲ ମାର୍କ ରଖି ପାସ୍ ହେବି।

**-ଓମ୍ ପ୍ରକାଶ ମହାନ୍ତି, ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟ**

## ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

ପୁରୀ ଏଲ୍‌ଆଇସି କଲୋନୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଫେସର ଡ. ସୀମାଞ୍ଚଳ ପଣ୍ଡା, ମୁଖ୍ୟବକ୍ତା ଭାବେ 'ଟିକିତାରା' ଶିଶୁ କିଶୋର ପତ୍ରିକାର ସମ୍ପାଦକ ବିପିନ ବିହାରୀ ଦଳାଇ, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜିକା ସସ୍ମିତା ଜେନା ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବେବିନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବଡ଼ ମଣିଷ ନୁହେଁ, ଭଲ ମଣିଷ ହେବା ଏବଂ ମାଟିରେ ଥାଇ ଆକାଶକୁ ଛୁଇଁବାର ସ୍ୱପ୍ନକୁ ସାକାର କରିବା ପାଇଁ ଅହରହ ଚେଷ୍ଟା ଦରକାର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସୁଜାତା ମହାନ୍ତି, ସୁରେଶ ଚନ୍ଦ୍ର ବେହେରା, ରଶ୍ମିରେଖା ସାହୁ, ରତ୍ନଶ୍ରୀ ମହାପାତ୍ର, ଦୀପ୍ତିମୟୀ ଗିରି, ସୁବାସ ଚନ୍ଦ୍ର ପ୍ରଧାନ ଓ ମିହିର କୁମାର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ଆଲୋକ କୁମାର ପ୍ରଧାନ ସଭା ସଂଯୋଜନା କରିଥିଲେ।

## ଓକିଲ ସଂଘ ପକ୍ଷରୁ ଆଜି ରାସ୍ତାରୋକୋ

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

ପୁରୀ କୋର୍ଟକୁ ବାଲୁଖଣ୍ଡ ଅଭୟାରଣ୍ୟ ଅଞ୍ଚଳ ନିକଟକୁ ସ୍ଥାନାନ୍ତର ପ୍ରକ୍ରିୟାକୁ ବିରୋଧ କରି ପୁରୀ ଓକିଲ ସଂଘ ପକ୍ଷରୁ ୩୫୦ରୁ ଊର୍ଦ୍ଧ୍ୱ ଦିନ ହେବ ବାର୍ ସମ୍ମୁଖରେ ସତ୍ୟାଗ୍ରହ କରାଯାଇ ଆସୁଅଛି। ଏପରିକି ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲାପାଳ, ମୁଖ୍ୟ ବିଚାରପତିଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସମାଧାନ କରାଯାଇ ନାହିଁ। ତେଣୁ କୋର୍ଟ ସ୍ଥାନାନ୍ତରକୁ ବିରୋଧ କରି ଓକିଲ ସଂଘର ପୂର୍ବ ନିଷ୍ପତ୍ତି ଅନୁଯାୟୀ, ଶୁକ୍ରବାର ସଂଘ ପକ୍ଷରୁ ରାସ୍ତାରୋକୋ କରାଯିବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମାଳତୀପାଟପୁର ଜାତୀୟ ରାଜପଥରେ ପ୍ରତିବାଦ କରି ରାସ୍ତାରୋକୋ ସହ ଆନ୍ଦୋଳନ କରିବେ। ସଂଘର ଶତାଧିକ ଓକିଲ ଏହି ପ୍ରତିବାଦ କରିବା ସହ ମଧୁରଜଳ ଅଞ୍ଚଳରେ ବେଆଇନ ନିର୍ମାଣ ଉଚ୍ଛେଦ କରାଯାଉ ବୋଲି ଓକିଲ ସଂଘ ଦାବି କରିବ। ସଂଘ ପକ୍ଷରୁ କୁହାଯାଇଛି, ପୁରୀ ଜିଲା ଜଜ୍ କୋର୍ଟ ପରିସର ଐତିହ୍ୟ କୋଠା ଆଜିକୁ ୧୬୦ବର୍ଷ ଧରି ଲୋକଙ୍କ ସେବାରେ ରହିଛି। ଜିଲା ବିଭକ୍ତୀକରଣ ପରେ ଗ୍ରାମ୍ୟ ପରିସର ଓ ବ୍ଲକସ୍ତରରେ କୋର୍ଟ ଗଢ଼ି ଉଠିଲା। ବର୍ତ୍ତମାନ ପୁରୀ ଜିଲା କୋର୍ଟକୁ ବାଲୁଖଣ୍ଡକୁ ସ୍ଥାନାନ୍ତର ଉଦ୍ଦେଶ୍ୟରେ ୫ଏକର ଜମି ଆଇନ ବିଭାଗକୁ ହସ୍ତାନ୍ତର ହୋଇଛି, ଯାହାକି ସିଆର୍‌ଜେଡ, ଇକୋ ସେନ୍ସିଟିଭ ମଧୁରଜଳ ଅଞ୍ଚଳରେ ଯାଉଛି ବୋଲି ତହସିଲଦାରଙ୍କ ରିପୋର୍ଟରୁ ସ୍ପଷ୍ଟ ହୋଇଛି।



ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଗୁରୁବାର ବିଦେଶୀ ମହିଳା ଭକ୍ତଙ୍କ ଓଡ଼ିଶୀ ନୃତ୍ୟ ପରିବେଷଣ।

## ସଂକ୍ଷେପରେ

### ନିଖୋଜ ନାବାଳିକାଙ୍କ ସହ ୫ ମହିଳାଙ୍କୁ ଉଦ୍ଧାର କଲା ପୋଲିସ

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

କୁମ୍ଭାରପଡ଼ା ଥାନା ଅଧୀନରେ ଏକ ଲଜ୍ ପରିସରରୁ କୁମ୍ଭାରପଡ଼ା ପୋଲିସ ନିଖୋଜ ଥିବା ଜଣେ ନାବାଳିକାଙ୍କ ସହ ୫ ମହିଳାଙ୍କୁ ଉଦ୍ଧାର କରିଛି। ଘଟଣାରେ ଲଜ୍ ମାଲିକଙ୍କୁ ପୋଲିସ ଅଟକ ରଖିଛି। ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ ହୁଗୁଲିରୁ ଜଣେ ନାବାଳିକା ନିଖୋଜ ଥିବା ନେଇ ଉକ୍ତ ଥାନାରେ ଅଭିଯୋଗ ହୋଇଥିଲା। ନିଖୋଜ ନାବାଳିକାଙ୍କ ଲୋକେସନ ପୁରୀ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ଏକ ଲଜ୍‌ରେ ଥିବା ଜଣାପଡ଼ିଥିଲା। ଖବରପାଇ ପିସିଆର ଭ୍ୟାନ ଓ ଥାନାଧିକାରୀ ଉକ୍ତ ଲଜିଂରେ ଚଢ଼ାଉ କରିଥିଲେ। ଏହିସମୟରେ ନିଖୋଜ ନାବାଳିକାଙ୍କ ସହ ୫ ମହିଳାଙ୍କୁ ପୋଲିସ ଉଦ୍ଧାର କରିଥିଲା। ପୋଲିସ ସନ୍ଦେହ କରୁଛି ଯେ, ନାବଳିକାଙ୍କୁ ଚାକିରି ଦେବା ବାହାନାରେ ଚାଲାଣ କରାଯାଇଥିଲା, ନା ତାଙ୍କୁ ବେଆଇନ କାର୍ଯ୍ୟକଳାପରେ ଲିପ୍ତ ହେବାକୁ ପ୍ରବର୍ତ୍ତାଯାଉଥିଲା ତାହାକୁ ନେଇ ପୋଲିସ ସନ୍ଦେହ କରୁଛି। ପୋଲିସ ଘଟଣାର ତଦନ୍ତ କରିବା ସହ ପଚରାଉଚରା ଜାରି ରଖିଛି। ଅପରପକ୍ଷରେ ନାବାଳିକା ନିଖୋଜ ସମ୍ପର୍କରେ ପଶ୍ଚିମବଙ୍ଗର ହୁଗୁଲିର ମୋଗରା ଥାନାରେ ଅପହରଣ ମାମଲା ପୂର୍ବରୁ ପଞ୍ଜିକୃତ ହୋଇଛି। ପଶ୍ଚିମବଙ୍ଗ ପୋଲିସ ପୁରୀ ଆସି ଘଟଣାର ଅଧିକ ତଦନ୍ତ କରିବା ବୋଲି ଅନୁମାନ କରାଯାଉଛି।

### ବ୍ରହ୍ମଗିରିର ବିଶିଷ୍ଟ ବ୍ୟବସାୟୀଙ୍କ ଦେହାନ୍ତ

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

ବ୍ରହ୍ମଗିରିର ବିଶିଷ୍ଟ ଦୁଗ୍ଧ ଓ ଦୁଗ୍ଧଜାତ ବ୍ୟବସାୟୀ ଭରତ ବେହେରାଙ୍କ ୬୭ ବର୍ଷ ବୟସରେ ବୁଧବାର ଦେହାନ୍ତ ଘଟିଛି। ହୃଦ୍‌ଘାତଜନିତ କାରଣରୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ବ୍ରହ୍ମଗିରିରେ ପ୍ରଥମ ଥର ପାଇଁ ଗୁଣାତ୍ମକ ଖିରା, ଛେନା, ମିଠା, ଜଳଖିଆ ଦୋକାନ କରି ସେ ବିଶେଷ ସଫଳତା ପାଇଥିଲେ। ବ୍ରହ୍ମଗିରି ବଜାରରେ ସେ ଜଣେ ଖୁବ୍ ଜନପ୍ରିୟ ବ୍ୟବସାୟୀ ଭାବେ ସମସ୍ତଙ୍କ ନିକଟରେ ପରିଚିତ ଥିଲେ। ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଭଣ୍ଡାରିକୁଦା ଗାଁରେ ଗୋଟିଏ ସାଧାରଣ ଗରିବ ପରିବାରରେ ଜନ୍ମିତ ଭରତଙ୍କ ପିଲାଦିନ ଥିଲା ଖୁବ୍ ସଙ୍ଘର୍ଷମୟ। ମାତ୍ର ନିଜର କଠିନ ପରିଶ୍ରମ, କର୍ତ୍ତବ୍ୟବୋଧ, ମଧୁର ବ୍ୟବହାର, ଲୋକଙ୍କୁ ଗଭୀର ଭାବେ ଭଲପାଇବା ଓ ଲକ୍ଷ୍ୟ ପଥରେ ସ୍ଥିରତା ଯୋଗୁ ସେ ବ୍ୟବସାୟରେ ସଫଳତା ପାଇବା ସହ ଅଞ୍ଚଳରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ସମର୍ଥ ହୋଇପାରିଥିଲେ। ସେ ଚବିଶକୁଦ ଯାଦବ ସଙ୍ଘର ସଭାପତି ଥିଲେ। ତାଙ୍କ ମୃତ୍ୟୁରେ ନହରପଦା ବଜାର ଏବଂ ସମଗ୍ର ବ୍ରହ୍ମଗିରି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଅତିବଡ଼ୀ ପୀଠ ପରିଦର୍ଶନ କଲେ ପଞ୍ଚସଖା ପରିକ୍ରମା ଯାତ୍ରୀ ଦଳ



ପଞ୍ଚସଖା ପରିକ୍ରମା ଯାତ୍ରୀ ଦଳ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପୀଠ ପରିଦର୍ଶନ କରୁଛନ୍ତି।

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

ସାତଲହଡ଼ିମଠ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ପବିତ୍ର ପୀଠରେ ପଞ୍ଚସଖା ପରିକ୍ରମା ଯାତ୍ରୀ ଦଳ ପହଞ୍ଚି ପୀଠ ପରିଦର୍ଶନ କରିଛନ୍ତି। ପୂଜ୍ୟ ପରମହଂସ ପ୍ରଜ୍ଞାନନ୍ଦ ମହାରାଜ ଓ ପଞ୍ଚସଖା ପୀଠ ପରିକ୍ରମାର ଯାତ୍ରୀଗଣ ଏହି ଯାତ୍ରାରେ ସାମିଲ ହୋଇଥିଲେ। ପ୍ରଜ୍ଞାନନ୍ଦ ମହାରାଜଙ୍କ ସମେତ ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ସାତଲହଡ଼ି ମଠରେ ପହଞ୍ଚି ଅତିବଡ଼ୀଙ୍କ ସାଧନା ପୀଠ ଓ ସମାଧି ପୀଠରେ ପୂଜାର୍ଚ୍ଚନା, ଦର୍ଶନ, ପରିକ୍ରମଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ, ସଂସ୍କୃତି କାର୍ଯ୍ୟାଳୟର କର୍ମଚାରୀମାନେ ପରିକ୍ରମା ଯାତ୍ରୀଙ୍କୁ ସ୍ୱାଗତ କରିଥିଲେ। ପରିକ୍ରମା ଯାତ୍ରାର ସଂଯୋଜକ ପ୍ରିୟବ୍ରତ କରଙ୍କ ସହ ଏହି ପରିକ୍ରମଣରେ ରାଜ୍ୟ, ଦେଶ ଓ ବିଦେଶରୁ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ।

## ମେଗା ରକ୍ତଦାନ ଶିବିର, ୨୦ ୟୁନିଟ୍ ସଂଗ୍ରହ

କୋଣାର୍କ,୧୯।୨(ଜ୍ୟୋତିରାଜ ମହାନ୍ତି)

କୋଣାର୍କ ଥାନା ଅଧୀନସ୍ଥ କୁରୁଜଙ୍ଗ ପଞ୍ଚାୟତର କୁରୁଜଙ୍ଗ ଗ୍ରାମଠାରେ କୋଣାର୍କ ମିଡିଆ ଫୋରମ ଓ ସାମାଜିକ ସଂଗଠନ କୁରୁଜଙ୍ଗ ବିକାଶ ମଞ୍ଚ ମିଳିତ ଆନୁକୂଲ୍ୟରେ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଶିବରରେ ଅତିଥି ଭାବେ ଚମ୍ପାହାର ଅଗ୍ନିଶମ କେନ୍ଦ୍ରର ଅଧିକାରୀ ବିଚିତ୍ର କୁମାର ଚୌଧୁରୀ, କୋଣାର୍କ କିନ୍ନର ସଂଘ ସଭାନେତ୍ରୀ ଦୀପ୍ସା କିନ୍ନର, କୁରୁଜଙ୍ଗ ସରପଞ୍ଚ ରୂପାଲି କାଣ୍ଡି, କୋଣାର୍କ ମିଡିଆ ଫୋରମ ସଭାପତି ମିଲନ ମହାନ୍ତି, କୁରୁଜଙ୍ଗ ବିକାଶ ମଞ୍ଚର ଆବାହକ ଦୁର୍ଗାପ୍ରସାଦ ମହାପାତ୍ର, କୁରୁଜଙ୍ଗ ବିକାଶ ମଞ୍ଚର ସଭାପତି ବିଶ୍ୱାସ ଦେବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ରକ୍ତଦାନ ହେଉଛି ମହତ୍ ଦାନ। ସାମ୍ପ୍ରତିକ ସମୟରେ ସମାଜର ଦୁଃସ୍ଥ ଓ ନିରାଶ୍ରୟ ଶ୍ରେଣୀର ଲୋକ ପାଇଁ ରକ୍ତର ଆବଶ୍ୟକତା ଗୁରୁତ୍ୱପୂର୍ଣ୍ଣ ଥିଲା ବେଳେ ଏହି ଶିବିରର ମହତ୍ତ୍ୱ ବହନ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଦୁର୍ଘଟଣା, ଜରୁରୀ ଚିକିତ୍ସା ଓ ଅପରେଶନ ସମୟରେ ରକ୍ତର ଅଭାବ ଅନେକ ଜୀବନ ପାଇଁ ବିପଦ ସୃଷ୍ଟି କରିଥାଏ। କାର୍ଯ୍ୟକ୍ରମରେ କୋଣାର୍କ ମିଡିଆ ଫୋରମର ସଭ୍ୟ କାହ୍ନୁ ଚରଣ ପାତ୍ର, ସନ୍ତୋଷ ଦାସ, ବିରଞ୍ଚନ ମଲ୍ଲିକ, ଅଜିତ ବାରିକ, ଅବନୀ ଭୂଷଣ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସଂସ୍କୃତି ପରମ୍ପରା ଭିତରେ ସରକାରୀ ଯୋଜନାକୁ ଗୁରୁତ୍ୱ ଦିଅ



ଆମ ବ୍ୟଞ୍ଜନ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିବା ଓଡ଼ିଆ ଘରର ପିଠାପଣା।

ଗୋପ,୧୯।୨(ଭାରତୀ ଭୂଷଣ ଉପାଧ୍ୟାୟ)

**ଜ୍ଞାନ କେନ୍ଦ୍ରରେ ଆମ ବ୍ୟଞ୍ଜନ କାର୍ଯ୍ୟକ୍ରମ**

ପରମ୍ପରା, ସଂସ୍କୃତି ଆମ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ରାଜ୍ୟ ସରକାର ମଧ୍ୟ ଏହି ସଂସ୍କୃତି ପରମ୍ପରାକୁ ସରକାରୀ ଯୋଜନାରେ ଯୋଡ଼ି ଦେବା ସହିତ ଏହାକୁ ଅଧିକ ମାତ୍ରାରେ ଗୁରୁତ୍ୱ ଦେଇଛନ୍ତି ବୋଲି ଗୁରୁବାର ଗୋପ ବ୍ଲକ ବୈଠକ ଗୃହରେ ଅନୁଷ୍ଠିତ ଆମ ବ୍ୟଞ୍ଜନ କାର୍ଯ୍ୟକ୍ରମରେ ଗୋପ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ମିନାକ୍ଷୀ ସାହୁ ଉପସ୍ଥିତ ଗୋପ ବ୍ଲକର ୩୬ଟି ଜ୍ଞାନ କେନ୍ଦ୍ରର ଉପସ୍ଥିତ କର୍ମୀଙ୍କୁ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଘରର ବିଭିନ୍ନ ପ୍ରକାରର ପିଠାପଣା ସହିତ ଅନ୍ୟାନ୍ୟ ସୁସ୍ୱାଦୁ ଖାଦ୍ୟ ପ୍ରଦର୍ଶିତ ହୋଇଥିଲା। ବୈଜ୍ଞାନିକ, ଜୈବିକ ତଥା ଆୟୁର୍ବେଦିକ ଉପାଦାନଗୁଡ଼ିକର ଆବଶ୍ୟକତା ଦୃଷ୍ଟିରୁ ଅନେକ ଓଡ଼ିଆ ବ୍ୟଞ୍ଜନ ଆମମାନଙ୍କ ପାଇଁ ଉପଯୋଗୀ ହୋଇଥିବା ବେଳେ ଆମ ହାଣ୍ଡିଶାଳରୁ ହଜି ଯାଉଥିବା ଏହି ସବୁ ବ୍ୟଞ୍ଜନଗୁଡ଼ିକୁ ଆଜିର ଯୁବ ପିଢ଼ି ଓ ସମସ୍ତ ମହିଳାଙ୍କ ସହିତ ପ୍ରତ୍ୟେକ ପରିବାରରେ ପୁନଃଆଦୃତ ଏହି ଯୋଜନାର ମୂଳ ଉଦ୍ଦେଶ୍ୟ। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନାରେ ୩୬ଟି ଜ୍ଞାନକେନ୍ଦ୍ରର ଶତାଧିକ ଅଙ୍ଗନବାଡ଼ି କର୍ମୀ ଯୋଗ ଦେଇଥିଲେ।

## ଶ୍ରୀମନ୍ଦିରରେ ସ୍ଥାୟୀ ପ୍ରଶାସକ ନିଯୁକ୍ତି ଦାବି

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସ୍ଥାୟୀ ପ୍ରଶାସକ ନିଯୁକ୍ତି ଦାବି କରି ଆଇନଜୀବୀ ଦିଲୀପ କୁମାର ବରାଳ ଜିଲାପାଳଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ବରାଳ ତାଙ୍କ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି, ଶ୍ରୀଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟରେ ପୂର୍ଣ୍ଣକାଳୀନ ମୁଖ୍ୟ ପ୍ରଶାସକ ନିୟୋଜିତ କରିବା ପାଇଁ ସୁପ୍ରିମ୍‌କୋର୍ଟ ୨୦୧୯ ନଭେମ୍ବର ୪ରେ ଆଦେଶ ଦେଇଥିଲେ। ଆଜିପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହେଲା ନାହିଁ। ବର୍ତ୍ତମାନ ମୁଖ୍ୟ ପ୍ରଶାସକ ପଦବୀରେ ଅତିରିକ୍ତ ଦାୟିତ୍ୱ ତୁଲାଇବାକୁ ଡ. ଅରବିନ୍ଦ ପାଢ଼ୀଙ୍କୁ ନିୟୋଜିତ କରାଯାଇଛି। ଗତ ୨ବର୍ଷ ମଧ୍ୟରେ ଅନେକ ଥର ଭିତର ଭଣ୍ଡାର ଖୋଲାଯାଇଛି। କିନ୍ତୁ ଆଜିସୁଦ୍ଧା ପରିଚାଳନା କମିଟି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଇପାରିନାହାନ୍ତି। ତେଣୁ ବର୍ତ୍ତମାନର ମୁଖ୍ୟ ପ୍ରଶାସକଙ୍କୁ ତରନ୍ତ ବଦଳି କରି ଜଣେ ପୂର୍ଣ୍ଣକାଳୀନ ମୁଖ୍ୟପ୍ରଶାସକ ନିଯୁକ୍ତି କରିବା ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

## ଦକ୍ଷତା ବିକାଶ କର୍ମଶାଳା

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)

କଠିନ ପରିଶ୍ରମ ଓ ଅଧ୍ୟବସାୟ ବିନା ସଫଳତା ଅସମ୍ଭବ। ନିଜର ଲକ୍ଷ୍ୟ ହାସଲ ପାଇଁ ନିରନ୍ତର ଉଦ୍ୟମ ସହ ନିଷ୍ଠା ଜାରି ରଖିବାକୁ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଆହ୍ୱାନ ଦେଇଛନ୍ତି। ଗୁରୁବାର ପୂର୍ବାହ୍ନରେ ସର୍କିଟ ହାଉସଠାରେ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଅଦ୍ୱିକା ଯୋଜନା ମାଧ୍ୟମରେ କିଶୋରୀ ବାଳିକାଙ୍କ ଦିନିକିଆ ଜିଲାସ୍ତରୀୟ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପରିଡ଼ା କହିଛନ୍ତି, ପିଲାମାନେ ନିଜ ଇଚ୍ଛା, ଆଗ୍ରହ ବା ଦକ୍ଷତା ଆଧାରରେ ଏହାକୁ ଚୟନ କରି ନିଜକୁ ସକ୍ଷମ ଓ ସୁଦୃଢ଼ କରିବାର ଆବଶ୍ୟକତା ରହିଛି। ସେମାନେ ଚାହିଁଲେ ନିଯୁକ୍ତି ପାଇଁ କାର୍ଯ୍ୟ କରିପାରିବେ ଅଥବା ନିଜର ଉଦ୍ୟୋଗ କରି ନିଯୁକ୍ତିଦାତା ହୋଇପାରିବେ ବୋଲି ସେ କହିଥିଲେ।

ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରତିଟି ପିଲାଙ୍କ ମଧ୍ୟରେ ପ୍ରତିଭା ଭରି ରହିଛି। ଏହାର ଉନ୍ମେଷ ଘଟିଲେ ତାହା ସମାଜର ସମ୍ବଳ ପାଲଟିବ। ଏହିଭଳି ପ୍ରଶିକ୍ଷଣ ଶିବିର ସେମାନଙ୍କୁ ଅଧିକ ଦକ୍ଷ ଓ କ୍ରିୟାଶୀଳ କରିବ ବୋଲି ସେ ଆହ୍ୱାନ ଦେଇଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଏଥିରେ ଅଧ୍ୟକ୍ଷତା କରିବା ସହ ସମସ୍ତଙ୍କୁ ସ୍ୱାଗତ କରି ଏହି କର୍ମଶାଳା କିଶୋରୀକିଶୋରଙ୍କୁ ନୂଆ ସମ୍ଭାବନା ଦିଗରେ ସାହାଯ୍ୟ କରିବ ବୋଲି କହିଥିଲେ। ମାଷ୍ଟର ଟ୍ରେନର ଭାବେ ଦକ୍ଷତା ବିକାଶ ଅଧିକାରୀ ପ୍ରଭାତ କୁମାର ବସ୍ତି, ଇଂଲିଶ ଶିକ୍ଷୟିତ୍ରୀ ପଞ୍ଚମୀ ପଦ୍ମସେନା, କମ୍ପ୍ୟୁଟର ଶିକ୍ଷୟିତ୍ରୀ ପଜ୍ଞା ପାରମିତା ଜେନା, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ସୁପର୍‌ଭାଇଜର ବାଲ୍ୟବତୀ ମହାନ୍ତି, ଜିଲା ସଂଯୋଜକ ବିଦ୍ୟାଧର ମଲ୍ଲିକ, ସମସ୍ତ ସିଡିପିଓ, ସୁପରଭାଇଜର୍ ଓ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀମାନେ ଯୋଗ ଦେଇଥିଲେ।




ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ସମସ୍ତଙ୍କ ସହଯୋଗରେ ଯାତ୍ରା ଶୃଙ୍ଖଳିତ ହେବ

ପୁରୀ,୧୯।୨(ଅଜିତ୍ କୁମାର ମହାନ୍ତି)




ସମନ୍ୱୟ ବୈଠକରେ ଉପସ୍ଥିତ ଅତିଥିମାନେ।

ପୁରୀ ସହରରେ ଆସନ୍ତା ସାହିଯାତକୁ ସୁଚାରୁ ଓ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ଗୁରୁବାର କୁଣ୍ଢେଇବେଣ୍ଟ ସାହି ଅଞ୍ଚଳରେ ଏକ ସାହି କମିଟି ସମନ୍ୱୟ ସଭା ଏସ୍‌ପି ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପୋଲିସ ଅଧିକାରୀଙ୍କ ସହ କୁଣ୍ଢେଇବେଣ୍ଟ ସାହିର ସ୍ଥାନୀୟ କମିଟି ସଦସ୍ୟ ଓ ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ଏହି ସମନ୍ୱୟ ସଭାରେ ଅତିରିକ୍ତ ଏସ୍‌ପି ସଚ୍ଚିନ ପଟେଲ, ଅତିରିକ୍ତ ଏସ୍‌ପି ସୌମ୍ୟରଞ୍ଜନ ମଲ୍ଲିକ, ସିଟି ଡିଏସ୍‌ପି ରଶ୍ମିରଞ୍ଜନ ମହାପାତ୍ର, ଟ୍ରାଫିକ୍ ଡିଏସ୍‌ପି ରାଜକୁମାର ପରିଡ଼ା, ଟାଉନ ଥାନା ଅଧିକାରୀ ଗୋକୁଳ ରଞ୍ଜନ ଦାସ, ଟ୍ରାଫିକ ଥାନାଧିକାରୀ ସଙ୍ଗୀତା ଦାଶ ଓ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ସଭାରେ ସାହିଯାତ ଯାତ୍ରା ଅବସରରେ ଭିଡ଼ ନିୟନ୍ତ୍ରଣ, ଆପାତକାଳୀନ ସେବା ଓ ସାଧାରଣ ଲୋକଙ୍କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ବିଷୟ ଉପରେ ଏକ ବିସ୍ତୃତ ଆଲୋଚନା କରାଯାଇଥିଲା। ଯାତ୍ରା ସମୟରେ ସାହି ମାଧ୍ୟମରେ ଯାଉଥିବା ପ୍ରମୁଖ ରୁଟ୍, ବିକଳ୍ପ ରୁଟ୍ ଚିହ୍ନଟ କରାଯିବାକୁ ନିଷ୍ପତ୍ତି ହୋଇଛି।

ଏସ୍‌ପି ସିଂ କହିଛନ୍ତି, ପୋଲିସ ଜନସାଧାରଣ ସମନ୍ୱୟ ଦ୍ୱାରା ଯାତ୍ରାକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ସମ୍ପନ୍ନ କରିହେବ। ସାହି ଭିତର ରାସ୍ତା ସଫାସୁତୁରା ରଖିବା, ଅବୈଧ ପାର୍କିଂ ରୋକିବା, ବିଦ୍ୟୁତ୍ ତାର ଓ ଅସ୍ଥାୟୀ ଟେଣ୍ଟ ଯାଞ୍ଚ କରିବା ପାଇଁ ସ୍ଥାନୀୟ କମିଟିରେ ସହଯୋଗ କାମନା କରାଯାଇଥିଲା। ଟ୍ରାଫିକ ଡିଏସ୍‌ପିଙ୍କ ପକ୍ଷରୁ ଯାତ୍ରା ଓ ପୂର୍ବରୁ କିଛିଦିନ ବିଶେଷ ଟ୍ରାଫିକ ବ୍ୟବସ୍ଥା ଲାଗୁ କରାଯିବା ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ପ୍ରମୁଖ ସ୍ଥାନରେ ଡାଇଭର୍ସନ କରାଯିବ। ଆବଶ୍ୟକ ଅନୁସାରେ ଅତିରିକ୍ତ ପୋଲିସ ଓ ଟ୍ରାଫିକ କର୍ମଚାରୀ ମୁତୟନ କରାଯିବ। ଯାତ୍ରା ସମୟରେ ସିସିଟିଭି ସହ ପାଟ୍ରୋଲିଂ ଓ କ୍ୱିକ୍ ରେସପନ୍ସ ଟିମ୍ ସଜାଗ ରହିବ। ସ୍ଥାନୀୟ ସାହି ପ୍ରତିନିଧିମାନେ ମଧ୍ୟ ତାଙ୍କର ସମସ୍ୟା ଓ ପ୍ରସ୍ତାବ ସଭାରେ ଉପସ୍ଥାପନ କରିଥିଲେ। ପୋଲିସ ପକ୍ଷରୁ ସେଗୁଡ଼ିକୁ ଗୁରୁତ୍ୱ ସହ ନେଇ ପର୍ଯ୍ୟାୟକ୍ରମେ ସମାଧାନ କରାଯିବ ବୋଲି ଆଶ୍ୱାସନା ଦିଆଯାଇଛି। ସମସ୍ତଙ୍କ ମିଳିତ ପ୍ରୟାସରେ ଯାତ୍ରାଟି ଶାନ୍ତିପୂର୍ଣ୍ଣ ଓ ସୁରକ୍ଷିତ ଭାବେ ପାଳନ ହେବ ବୋଲି ପୁରୀ ପୋଲିସ ଆଶାବ୍ୟକ୍ତ କରିଛି।

**ସାହିଯାତକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ ନେଇ ବୈଠକ**



ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ ' ଆଦ୍ୟାନ୍ତିକା-୨୬' ଅବ୍ୟବହିତ ପୂର୍ବରୁ ଗୁରୁବାର ଛାତ୍ରୀଛାତ୍ରଙ୍କ ଦ୍ୱାରା ଆୟୋଜିତ ପଥୋତ୍ସବ।

# ଜାତୀୟ ସଂହତିର ବାର୍ତ୍ତା ଦେଲେ ଛାତ୍ରୀଛାତ୍ର

କଟକ,୧୯।୨(କାର୍ତ୍ତିକ ସାହୁ)

**ଡ୍ରିମ୍ସ ବିଶ୍ୱବିଦ୍ୟାଳୟରେ ପଥୋତ୍ସବ**

ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ବାର୍ଷିକ ଉତ୍ସବ 'ଆଦ୍ୟାନ୍ତିକା'ର ଅବ୍ୟବହିତ ପୂର୍ବରୁ ଗୁରୁବାର ଅପରାହ୍ନରେ ବିଶାଳ ପଥୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଇଞ୍ଜିନିୟରିଂ, ମ୍ୟାନେଜେମେଣ୍ଟ, ପ୍ରଫେସନାଲ ଷ୍ଟଡିଜ୍, ନର୍ସିଂ, ଫିଜିଓଥେରାପି, ଫାର୍ମାସି, ପାରାମେଡିକାଲ, ଏଗ୍ରିକଲ୍ଚର, ହୋଟେଲ ମ୍ୟାନେଜମେଣ୍ଟ, ଫେଶନ ଡିଜାଇନିଂ ଆଦି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସମେତ ସମସ୍ତ 'ଡିନ୍', ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରମାନେ ଜାତୀୟ ସଂହତି ଓ ଏକତାର ବାର୍ତ୍ତା ଦେଇ ବିଭିନ୍ନ ପ୍ରଦେଶର ପାରମ୍ପରିକ ବେଶଭୂଷା ସହ ସଙ୍ଗୀତର ତାଳେତାଳେ ନୃତ୍ୟ ପ୍ରଦର୍ଶନ କରିଥିଲେ। ପଥ ପାର୍ଶ୍ୱରେ ବହୁସଂଖ୍ୟକ ଦର୍ଶକ ଏହି ସାଂସ୍କୃତିକ ଯାତ୍ରାକୁ ଉପଭୋଗ କରିଥିଲେ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କ ପରିକଳ୍ପନା ଓ ମୁଖ୍ୟ ସଂଯୋଜନାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ (ଛାତ୍ର କଲ୍ୟାଣ) ଲୋକନାଥ ବେହେରା, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ଡିନ୍ (ଗବେଷଣା) ଡ. ବିଶ୍ୱରଞ୍ଜନ ମହାନ୍ତି, ନିର୍ଦ୍ଦେଶକ (ଆଇକ୍ୟୁଏସି) ଡ. ଆଲୋକ ରଞ୍ଜନ ବିଶ୍ୱାଳ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରୋଗ୍ରାମ ମ୍ୟାନେଜର ସୁନୟ ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ଏଥିରେ ଯୋଗଦେଇଥିଲେ।


ମାଟ୍ରିକ ପରୀକ୍ଷା ଦେବା ପାଇଁ ଗୁରୁବାର ଛାତ୍ରୀମାନେ କଟକସ୍ଥିତ ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ ପରୀକ୍ଷା କେନ୍ଦ୍ରକୁ ଯାଉଛନ୍ତି।

## ଏସ୍‌ପିଏଲ୍ ପ୍ରିମିୟର ଲିଗ୍ କ୍ରିକେଟ: ଦଧିବାମନପୁର ବିଜୟୀ

କଟକ ସଦର,୧୯।୨(ସୁଶାନ୍ତ କୁମାର ଜେନା)

ବୟାଳିଶମୌଜା ଅନ୍ତର୍ଗତ ବେଣ୍ଟକାର ଏସ୍‌ପିଏଲ୍ ପ୍ରିମିୟର ଲିଗ୍ କ୍ରିକେଟ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଦଧିବାମନପୁରର ଶ୍ରୀ ଏକାଦଶ ଟିମ୍ ବିଜୟୀ ହୋଇଛି। ପୂର୍ବାହ୍ନରେ ଏହି ମ୍ୟାଚ୍‌କୁ ଶ୍ରମିକ ନେତା ବିଜୟ ଭୂଷଣ ପତି ଉଦ୍‌ଘାଟନ କରିଥିଲେ। ଅପରାହ୍ନରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକକର୍ମୀ ଆରତ ରଞ୍ଜନ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା ଶ୍ରୀ ଏକାଦଶ ଟିମ୍ ଏବଂ ଉପବିଜେତା ଏମ୍‌ଏମ୍‌କୁ କଇଜଙ୍ଗା ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥିଭାବେ ବେଣ୍ଟକାର ସମିତି ସଭ୍ୟ ବିନୋଦ ବେହେରା, ପୂର୍ବତନ ସରପଞ୍ଚ ପ୍ରତାପ ରାଉତ ଏବଂ ଅସିତ ଦାସ ପ୍ରମୁଖ ଯୋଗଦେଇଥିଲେ।

# ୭ଦିନ ହେଲା ପାରାବିଲ ଗ୍ରାମରେ ଜଳ ଯୋଗାଣ ବ୍ୟାହତ

କଟକ ସଦର,୧୯।୨(ସୁଶାନ୍ତ କୁମାର ଜେନା)

**ଠିକାଦାର ପାଇପ ଲାଇନ କାଟିଦେଇଥିବା ଅଭିଯୋଗ**

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ପଞ୍ଚାୟତର ପାରାବିଲ୍ ଗ୍ରାମରେ ପାନୀୟଜଳ ଯୋଗାଣ ବାଧାପ୍ରାପ୍ତ ହୋଇଛି। ୧୧ କେଭି ବିଦ୍ୟୁତଖୁଣ୍ଟ ସ୍ଥାପନ ବେଳେ ଠିକାଦାରଙ୍କ ଅସାବଧାନତା ଯୋଗୁ ପାଇପଲାଇନ କଟିଯାଇଥିଲା। ଫଳରେ ଜଳ ଯୋଗାଣ ହୋଇପାରୁନାହିଁ। ଏହା ଉପରେ ନିର୍ଭରଶୀଳ ଲୋକେ ହନ୍ତସନ୍ତ ହେଉଛନ୍ତି। ସୂଚନା ଅନୁଯାୟୀ, ନୂଆ ବିଦ୍ୟୁତଖୁଣ୍ଟ ପକାଇବା ପାଇଁ କିଶନନଗର ବିଦ୍ୟୁତ ସେକ୍ସନ ପକ୍ଷରୁ ଜଣେ ଠିକାଦାରଙ୍କୁ ନିୟୋଜିତ କରାଯାଇଥିଲା। ସମ୍ପୃକ୍ତ ଠିକାଦାର ମେଶିନ ଦ୍ୱାରା ଗାତ ଖୋଳିବା ସମୟରେ ପାନୀୟ ଜଳ ପାଇପ ଲାଇନ୍‌କୁ କାଟି ଦେଇଥିଲେ। ସେଠାରେ ଉପସ୍ଥିତ ଲୋକେ ଏ ନେଇ ପ୍ରତିବାଦ କରିବାରୁ ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଘରେ ପୂରାଇ ଜରିମାନା କରିଦେବି ବୋଲି ଠିକାଦାର କହିବାରୁ ସମସ୍ତେ ଡରିଯାଇଥିଲେ। ପରେ ଠିକାଦାର ସେଠାରୁ ପଳାଇଥିଲେ ବୋଲି ସାଧାରଣରେ ଶୁଣିବାକୁ ମିଳୁଛି। ପରେ ସ୍ଥାନୀୟ ସରପଞ୍ଚ ରତ୍ନାକର ରାଉତ ଏ ସମ୍ପର୍କରେ କିଶନ ନଗର କନିଷ୍ଠ ଯନ୍ତ୍ରୀଙ୍କୁ ଜଣାଇଲେ ମଧ୍ୟ ଅଦ୍ୟାବଧି ସମସ୍ୟାର ସମାଧାନ ହୋଇପାରିନାହିଁ। କିଛିଦିନ ତଳେ ପାଇପ ଲାଇନ କଟିଥିବା କଥା କେହି ତାଙ୍କୁ ଜଣାଇଥିଲେ ଏବଂ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି କିଶନ ନଗର ସେକ୍ସନର କନିଷ୍ଠ ଯନ୍ତ୍ରୀ ଦେବେନ କୁମାର ପଣ୍ଡା କହିଛନ୍ତି। ତୁରନ୍ତ ପାଇପ ଲାଇନ ମରାମତି ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# ଦାବି ପୂରଣ ନ ହେଲେ ବିଧାନସଭା ଘେରିବେ ଛାତ୍ରୀ


ଛାତ୍ରୀଙ୍କ ଧାରଣାରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ସାମିଲ ହୋଇଛନ୍ତି।

କଟକ,୧୯।୨(ଶିଳ୍ପା ପ୍ରିୟଦର୍ଶିନୀ)

**ଶୈଳବାଳା ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରସଙ୍ଗ**

- ଆନ୍ଦୋଳକୁ ଛାତ୍ର ବିଜେଡି ସଭାନେତ୍ରୀଙ୍କ ସମର୍ଥନ
- ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ବିଧାୟିକା, ମେୟର

ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ୨୬ଦିନ ହେବ ଛାତ୍ରୀଙ୍କ ଧାରଣା ଜାରି ରହିଛି। ଗୁରୁବାର ଧାରଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ସମର୍ଥନ ଜଣାଇଛନ୍ତି। ୨୬ଦିନ ଧରି ଛାତ୍ରୀମାନେ ଧାରଣାରେ ବସିଥିବାବେଳେ ଏଥିପ୍ରତି ସରକାରଙ୍କ ଉଦାସୀନତାକୁ ନେଇ ସେ ବର୍ଷିଛନ୍ତି। ସେ କହିଛନ୍ତି, ଗତ ସରକାରରେ ଶୈଳବାଳାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଲାଗି ସବୁ ପ୍ରକ୍ରିୟା ସରିଥିଲା, ଏପରିକି ଜମି ଅଧିଗ୍ରହଣ ପାଇଁ ଜାଗା ଚିହ୍ନଟ ହୋଇଥିଲା। ଏସବୁ ସତ୍ତ୍ୱେ ବର୍ତ୍ତମାନର ସରକାର କାହିଁକି ଏହାକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବାରେ ବିଳମ୍ବ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଏ ପ୍ରସଙ୍ଗରେ ଛାତ୍ରୀଙ୍କ ସହ ବିଜେଡି ରହିଛି। ବିଧାନସଭାରେ ବିଜେଡି ଶୈଳବାଳା ପ୍ରସଙ୍ଗ ଉଠାଇବ। ଆଗାମୀ ଦିନରେ ଯଦି ସରକାର ଛାତ୍ରୀଙ୍କ ଦାବିକୁ ଗ୍ରହଣ ନ କରନ୍ତି ତେବେ ଆନ୍ଦୋଳନରତ ଛାତ୍ରୀଙ୍କ ସହ ସେ ରାଜଭବନ ଆଗରେ ଧାରଣା ଦେବେ ବୋଲି ଇପ୍‌ସିତା କହିଛନ୍ତି। ଦାବି ପୂରଣ ନ ହେଲା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବା ସହ ଆବଶ୍ୟକ ପଡ଼ିଲେ ବିଧାନସଭା ଘେରାଉ କରାଯିବ ବୋଲି ଛାତ୍ରୀମାନେ କହିଛନ୍ତି। ସେହିପରି ମଧୁସ୍ମୃତି ସୁରକ୍ଷା ମଞ୍ଚର ଅନୁରୋଧକ୍ରମେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, କଟକ ମେୟର ସୁବାସ ସିଂ ଓ କଂଗ୍ରେସ ନେତ୍ରୀ ଗିରିବାଳା ବେହେରା ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବିରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏ ନେଇ ଧାରଣାରେ ମଧୁସ୍ମୃତି ସୁରକ୍ଷା ମଞ୍ଚର ସମ୍ପାଦକ ସନ୍ତୋଷ ମହାରଣା, ଅକ୍ଷୟ ଆଚାଯର୍ୟ, ସୁଚିତ୍ରା ସେଠୀ, କବିନ୍ଦ୍ର ବେହେରା, ଶୈଳବାଳା ପୁରାତନ ଛାତ୍ରୀ ସଂଘର ସଭାନେତ୍ରୀ ପ୍ରଫେସର ଗୋପା ଦାସ, ଛାତ୍ରୀ ମୌସୁମୀ ମହାନ୍ତ, ଅର୍ଚ୍ଚନା ପାଲ୍, ଭୂମିକା ସେନାପତି, ବୈଶାଖୀ ପରିଡ଼ାଙ୍କ ସମେତ ଅନେକ ଛାତ୍ରୀ ଉପସ୍ଥିତ ସାମିଲ ଥିଲେ।

# ଶ୍ୟାମ୍ ଇଲେଭେନ୍ ଆଜମାନ୍ ଚାମ୍ପିୟନ



ଓଡ଼ିଶା ପ୍ରିମିୟର ଲିଗ୍ ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ସହ କଳାକାରମାନେ।

କଟକ,୧୯।୨(କୁମାରଶ୍ରୀ)

**ଶାରଜାରେ ଓଡ଼ିଶା ପ୍ରିମିୟର ଲିଗ୍**

ଶାରଜା ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ପ୍ରିମିୟର୍ ଲିଗ(ଓପିଏଲ)ର ପ୍ରଥମ ସଂସ୍କରଣ ସମାପ୍ତ ହୋଇଯାଇଛି। ଏଥିସହିତ ଓଡ଼ିଶା କ୍ରିକେଟ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। ଶାରଜା ଗ୍ରାଉଣ୍ଡରେ ଆୟୋଜିତ ଫାଇନାଲ ମୁକାବିଲାରେ ଉତ୍କଳ ରାଇଜିଂ ଷ୍ଟାର୍ସକୁ ହରାଇ ଶ୍ୟାମ ଇଲେଭେନ୍ ଆଜମାନ୍ ପ୍ରଥମ ସଂସ୍କରଣର ଟାଇଟଲ୍ ହାସଲ କରିଛି। ୩୧ବଲରୁ ଦ୍ରୁତ ୫୪ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିବା ବିଜୟୀ ଦଳର ଇମ୍ରାନ ଖାନ୍‌ଙ୍କୁ ପ୍ଲେୟାର ଅଫ ଦି ଫାଇନାଲ ଏବଂ ବେଷ୍ଟ ବ୍ୟାଟ୍ସମ୍ୟାନ ଅଫ୍ ସିଜନ ଭାବେ ପୁରସ୍କୃତ କରାଯାଇଥିଲା। ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ସଞ୍ଜୟ ରାଉଳ, ଅଭିନେତ୍ରୀ ସ୍ୱପ୍ନା ପ୍ରିୟଦର୍ଶିନୀ, ୟୁଏଇ ଓଡ଼ିଆ ସମାଜର ଅଧ୍ୟକ୍ଷ ଅମୀୟ ମିଶ୍ର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ସମାଜର ସଦସ୍ୟ ଶୁଭ୍ରାଂଶୁ ଜେନା, ସୁରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶଯୋଗ୍ୟ, ମୋଟ ୧୨ଟି ଦଳକୁ ନେଇ ଓଡ଼ିଶା ପ୍ରିମିୟର ଲିଗ୍ ଆୟୋଜନ ହୋଇଥିଲା। ଫାଇନାଲ୍ ମ୍ୟାଚ ଦେଖିବା ପାଇଁ ୧୦୦୦ ରୁ ଅଧିକ ଓଡ଼ିଆ ଦର୍ଶକ ଶାରଜା ଗ୍ରାଉଣ୍ଡରେ ଉପସ୍ଥିତ ଥିଲେ। ପ୍ରଥମଥର ବିଦେଶୀ ରାଷ୍ଟ୍ରର ଅନ୍ତର୍ଜାତୀୟ ଭେନ୍ୟୁରେ ଓଡ଼ିଶାର କ୍ରିକେଟ ଟୁର୍ନାମେଣ୍ଟ ଆୟୋଜନ କରାଯିବାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି।

# ୧,୧୬୬ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ, ୮୪ ଗିରଫ

କଟକ,୧୯।୨(କାର୍ତ୍ତିକ ସାହୁ)

**ଅପରେଶନ ସାଇବର କବଚର ସପ୍ତମ ଦିନ**

'ଅପରେଶନ ସାଇବର କବଚ'ର ସପ୍ତମ ଦିନ ସମ୍ବଲପୁର, ରାଉରକେଲା ଓ ଝାରସୁଗୁଡ଼ା ପୋଲିସକୁ ଉଲ୍ଲେଖନୀୟ ସଫଳତା ମିଳିଛି। ସାରା ରାଜ୍ୟରେ ଗୋଟିଏ ଦିନରେ ୧,୧୬୬ଟି ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ସହ ୮୪ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

ସୂଚନାନୁଯାୟୀ, ସାଇବର ସେଲ୍, କ୍ରାଇମବ୍ରାଞ୍ଚ ଏବଂ ସମ୍ବଲପୁର ଜିଲା ପୋଲିସ ଏକ ବଡ଼ ଧରଣର ସାଇବର ଠକେଇ ରୋକିବାରେ ସଫଳ ହୋଇଛନ୍ତି। ଏହି ଘଟଣାରେ ପୋଲିସ ୩୦୦ରୁ ଅଧିକ ସନ୍ଦେହଜନକ ବେନାମୀ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରିବା ସହ ସେଥିରୁ ୧୪୦ଟି ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୧୧୦ କୋଟି ୩୦ ଲକ୍ଷରୁ ଅଧିକ ଟଙ୍କା କାରବାର ହୋଇଥିବା ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏହାବ୍ୟତୀତ ୫୨ଟି ଆକାଉଣ୍ଟ ଜରିଆରେ ୭୫ କୋଟି ୩୬ ଲକ୍ଷ ଟଙ୍କା କାରବାର ହୋଇଥିବା ସୂଚନା ମିଳିଛି। ଏହି ଘଟଣାରେ ପୋଲିସ ୨୦ ଜଣଙ୍କୁ ଗିରଫ କରିଥିବାବେଳେ ୩୨ ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। ସେହିପରି ରାଉରକେଲା ପୋଲିସ ଜିଲା ବନ୍ଧମୁଣ୍ଡା ଥାନା ଅଞ୍ଚଳରେ ସକ୍ରିୟ ଥିବା ଏକ ଆନ୍ତଃରାଜ୍ୟ କ୍ରିକେଟ ବେଟିଂ ସିଣ୍ଡିକେଟ୍‌କୁ ଧ୍ୱଂସ କରାଯାଇଛି। ଟି-୨୦ ବିଶ୍ୱକପ୍ ମ୍ୟାଚ୍‌କୁ ଆଧାର କରି ଏହି ବେଆଇନ ବେଟିଂ କାରବାର ଚାଲୁଥିବା ବେଳେ ପୋଲିସ ଚଢ଼ାଉ କରି ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ନଗଦ ୩୦.୬୫ ଲକ୍ଷ ଟଙ୍କା, ଏକ ମହିନ୍ଦ୍ରା ଥାର୍ ଗାଡ଼ି, ୨ଟି ଲାପଟପ ଏବଂ ୭ଟି ଦାମୀ ମୋବାଇଲ ଫୋନ ଜବତ କରାଯାଇଛି। ଝାରସୁଗୁଡ଼ା ଜିଲା ପୋଲିସ ଏକ ସଂଗଠିତ ସାଇବର ସିଣ୍ଡିକେଟ୍‌ର ପର୍ଦ୍ଦାଫାସ କରିଛି। ଏହି ମାମଲାରେ ୧୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୮ ଜଣଙ୍କୁ ନୋଟିସ ଜାରି କରାଯାଇଛି। ଅନୁଗୋଳ ଜିଲା ପୋଲିସ ୧ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ସାଇବର ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଛି। ଝାରସୁଗୁଡ଼ା ଜିଲା ପୋଲିସ ୩୩ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ୫ଟି ମାମଲା ଓ ଚେକ ଉଠାଣ ସମ୍ପର୍କିତ ୧ଟି ମାମଲା ରୁଜୁ କରି ୧୬ଜଣଙ୍କୁ ଗିରଫ କରିବା ସହ ୧ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। କନ୍ଧମାଳ ଜିଲା ପୋଲିସ ୧୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ସାଇବର ମାମଲା ରୁଜୁ କରିଛି। ନୂତନ ଓ ୬ଟି ପୁରୁଣା ମାମଲାରେ ୧୧ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। କେନ୍ଦ୍ରାପଡ଼ା ଜିଲା ପୋଲିସ ୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରି ୨ଜଣଙ୍କୁ ଗିରଫ କରିଛି। କେନ୍ଦୁଝର ଜିଲା ପୋଲିସ ୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ମ୍ୟୁଲ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କିତ ୧ଟି ଓ ଚେକ ଉଠାଣ ସମ୍ପର୍କିତ ୨ଟି ମାମଲା ରୁଜୁ କରି ୩ଜଣଙ୍କୁ ଗିରଫ କରିଛି। ନୂତନ ଓ ୪ଟି ପୁରୁଣା ମାମଲାରେ ୫ଜଣଙ୍କୁ ନୋଟିସ ଜାରି କରିଛି। ନବରଙ୍ଗପୁର ଜିଲା ପୋଲିସ ୮ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିଛି। ନୂତନ ଓ ୪ଟି ପୁରୁଣା ମାମଲାରେ ୭ଜଣଙ୍କୁ ନୋଟିସ ଜାରି କରିଛି। ସୁନ୍ଦରଗଡ଼ ଜିଲା ପୋଲିସ ୧୫ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୨ଟି ମାମଲା ରୁଜୁ କରି ୪ଜଣଙ୍କୁ ଆଇନଗତ ନୋଟିସ ଜାରି କରିଛି। ଢେଙ୍କାନାଳ ଜିଲା ପୋଲିସ ୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ମାମଲା ରୁଜୁ କରିଛି। କଳାହାଣ୍ଡି ଜିଲା ପୋଲିସ ୧୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ପୁରୁଣା ମାମଲାରେ ୧୪ଜଣଙ୍କୁ ନୋଟିସ ଜାରି କରିଛି। ବୌଦ୍ଧ ଜିଲ୍ଲା ପୋଲିସ ୬ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ୧ଟି ପୁରୁଣା ମାମଲାରେ ୬ଜଣଙ୍କୁ ନୋଟିସ ଜାରି କରିଥିବାବେଳେ ଚେକ୍ ଉଠାଣ ସମ୍ପର୍କିତ ୧ଟି ମାମଲା ମଧ୍ୟ ରୁଜୁ କରିଛି। ଗଜପତି, କୋରାପୁଟ, ମୟୂରଭଞ୍ଜ, କଟକ ସହରାଞ୍ଚଳ ଓ ମାଲକାନଗିରି ଜିଲାରେ ମଧ ବେନାମୀ ଆକାଉଣ୍ଟ ଯାଞ୍ଚ କରାଯାଇ ସମ୍ପୃକ୍ତ ପୁରୁଣା ମାମଲାରେ ଆଇନଗତ ନୋଟିସ ଜାରି କରାଯାଇଛି। ଗଞ୍ଜାମ ଜିଲା ପୋଲିସ ୬୮ଟି ଓ ସୁବର୍ଣ୍ଣପୁର ଜିଲା ପୋଲିସ ୧୯ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରିଛି। ବରଗଡ଼ ଜିଲା ପୋଲିସ ୧୨ଟି ବେନାମୀ ଆକାଉଣ୍ଟ ଯାଞ୍ଚ କରି ନକଲି ସିମ୍ ସମ୍ପର୍କିତ ୨ଟି ମାମଲା ରୁଜୁ କରିଛି।

## ଫଟୋରେ ଖବର

**ଜଗତପୁର ବାଣ ବିସ୍ଫୋରଣ ଘଟଣା**



ଜଗତପୁର ଥାନା ଅଧୀନ ମହାଜନପୁର ପଞ୍ଚାୟତର ନାୟକସାହିରେ ଗୁରୁବାର ରାତିରେ ଗୋବିନ୍ଦ ନାୟକଙ୍କ ଘରେ ବାଣ ବିସ୍ଫୋରଣ ଘଟି କାନ୍ଥ ଭୁଶୁଡ଼ି ପଡ଼ିଛି। ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି। (ଫଟୋ: ମାନସ ସାମଲ)

# ଖୋର୍ଦ୍ଧା ଜିଲାରେ ପରୀକ୍ଷା ଦେଲେ ୨୭, ୯୮୨ ଛାତ୍ରୀଛାତ୍ର

## ମାଟ୍ରିକ୍ ପରୀକ୍ଷା ଆରମ୍ଭ

ଭୁବନେଶ୍ୱର,୧୯।୨(ସୁଚିସ୍ମିତା ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଛାତ୍ରୀଛାତ୍ରମାନେ ପ୍ରଥମଥର ଜୀବନର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଥିବା ଏହି ବୋର୍ଡ ପରୀକ୍ଷା ଦେଉଥିବାରୁ ମନ ଭିତରେ ଭୟ ଯେତିକି ଥିଲା, ଉତ୍କଣ୍ଠା ମଧ୍ୟ ସେତିକି ଭରି ରହିଥିଲା। ପ୍ରଥମ ଦିନ ଛାତ୍ରୀଛାତ୍ର ମାତୃଭାଷା ସାହିତ୍ୟରେ ପରୀକ୍ଷା ଦେଇଛନ୍ତି। କଡ଼ା ଯାଞ୍ଚ କରାଯାଇ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା କେନ୍ଦ୍ରକୁ ଛଡ଼ାଯାଇଥିଲା। ତେବେ ଖୋର୍ଦ୍ଧା ଜିଲାରେ ମୋଟ ୨୮ହଜାର ୨୪୪ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବାବେଳେ ୨୭,୯୮୨ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି ଓ ୨୬୨ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ଜଣାପଡିଛି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ପାଇଁ ୩୫୮ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୮୮ ଅନୁପସ୍ଥିତ ରହିଥିଲେ। ବାଲିଅନ୍ତା ନୋଡାଲ ସେଣ୍ଟର ଅଧୀନରେ ୧୪୪୯ଜଣ ବୋର୍ଡ ପରୀକ୍ଷା ଦେଇଥିବା ବେଳେ ୧୧ ଅନୁପସ୍ଥିତ ଅଛନ୍ତି। ବାଲିପାଟଣା ନୋଡାଲ ସେଣ୍ଟର ଅଧୀନରେ ୧୫୪୫ ଛାତ୍ରୀଛାତ୍ର ବୋର୍ଡ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ବେଳେ ୨୯ ଅନୁପସ୍ଥିତ ଅଛନ୍ତି। ସେହିପରି ଭୁବନେଶ୍ୱରରେ ୩ଟି ନୋଡାଲ ସେଣ୍ଟର ହୋଇଥିବା ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍୩ କ୍ୟାପିଟାଲ ହାଇସ୍କୁଲ ଏବଂ ୟୁନିଟ୍-୮ ସରକାରୀ ବିଦ୍ୟାଳୟ ସେଣ୍ଟର ଅଧୀନରେ ୧୨,୨୬୭ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବାବେଳେ ୧୨,୧୮୮ ବିଦ୍ୟାର୍ଥୀ ପରୀକ୍ଷା ଦେଇଛନ୍ତି ଓ ୭୯ ଅନୁପସ୍ଥିତ ଅଛନ୍ତି। ସେହିପରି ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପାଇଁ ଭୁବନେଶ୍ୱରରେ ୧୧୬ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୧୩ ଅନୁପସ୍ଥିତ ଥିଲେ। ଜଟଣୀ ନୋଡାଲ ସେଣ୍ଟର ଅଧୀନରେ ୧୩୭୮ ପିଲା ପରୀକ୍ଷା ଦେଇଥିବା ବେଳେ ୨ଜଣ ଅନୁପସ୍ଥିତ ଥିଲେ। ଖୋର୍ଦ୍ଧା ନୋଡାଲ ସେଣ୍ଟର ଅଧୀନରେ ୨୭୩୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୯ଜଣ ଆସି ନ ଥିଲେ। ଖୋର୍ଦ୍ଧା ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପାଇଁ ୨୪୨ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୧୬୭ଜଣ ପରୀକ୍ଷା ଦେଇଥିବା ବେଳେ ୭୫ଜଣ ଅନୁପସ୍ଥିତ ରହିଛନ୍ତି। ବେଗୁନିଆ ନୋଡାଲ ସେଣ୍ଟର ଅଧୀନରେ ୧୭୪୪ ପରୀକ୍ଷା ଦେଇଥିବା ବେଳେ ୨୨ଜଣ ଅନୁପସ୍ଥିତ, ବୋଲଗଡରେ ୧୪୪୬ ପରୀକ୍ଷା ଦେଇଥିଲା ବେଳେ ୩୬ଜଣ ଅନୁପସ୍ଥିତ ଓ ଟାଙ୍ଗୀରେ ୨୧୦୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୩୦ ଜଣ ପରୀକ୍ଷା ଦେଇ ନ ଥିଲେ। ଚିଲିକାରେ ୧୪୯୦ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨ଜଣ ଅନୁପସ୍ଥିତ ଓ ବାଣପୁରରେ ୧୯୩୩ଜଣ ଛାତ୍ରୀଛାତ୍ର ଦଶମ ପରୀକ୍ଷା ଦେଇଥିବା ବେଳେ ୨୧ଜଣ ଆସି ନ ଥିବା ଜଣାପଡିଛି।


ଭୁବନେଶ୍ୱର ୟୁନିଟ୍-୯ କ୍ୟାପିଟାଲ ଗାର୍ଲସ ହାଇସ୍କୁଲରେ ପରୀକ୍ଷାର୍ଥୀଙ୍କୁ କଡା ଯାଞ୍ଚ କରାଯାଇ ପରୀକ୍ଷା କେନ୍ଦ୍ରକୁ ଛଡାଯାଉଛି। (ଫଟୋ- ବିକାଶ ନାୟକ)

## ଛାତ୍ରୀଛାତ୍ରଙ୍କ ମୁହଁରୁ...

### ପ୍ରଥମ ଦିନ ମନରେ ଭୟ ଥିଲା



ମାତୃଭାଷା ପରୀକ୍ଷା ଭଲ ହୋଇଛି। ଏଥିରେ ଭଲ ନମ୍ବର ରଖିବା ପାଇଁ ସବୁ ବିଷୟକୁ ଧ୍ୟାନ ଦେଇଥିଲି। ଦଶମ ପରୀକ୍ଷାର ପ୍ରଥମଦିନ ଥିବାରୁ ମନରେ ଟିକିଏ ଭୟ ରହିଥିଲା। ପରୀକ୍ଷା ହଲ୍‌ରେ ମଧ୍ୟ କୌଣସି ଅସୁବିଧା ହୋଇ ନ ଥିଲା। ସମସ୍ତେ ନୀରବତାର ରକ୍ଷା କରି ଉତ୍ତର ଲେଖିଥିଲୁ। ଭଲ ନମ୍ବର ରହିବ ବୋଲି ଆଶା ରହିଛି।

-ଦେବସ୍ମିତା ପ୍ରଧାନ, ଛାତ୍ରୀ , ୟୁନିଟ-୬ ବାଳିକା ଉଚ୍ଚ ବିଦ୍ୟାଳୟ

### ମାତୃଭାଷା ପରୀକ୍ଷା ବହୁତ ଭଲ ହୋଇଛି



ବିଦ୍ୟାଳୟରେ ପରୀକ୍ଷା ଆୟୋଜନ ବହୁତ ଭଲ ଥିଲା। ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ପ୍ରଶ୍ନକୁ ଭଲ ଭାବେ ପଢ଼ି ଖାତାରେ ଉତ୍ତର ଲେଖିବାକୁ କହିଥିଲେ। ପ୍ରଥମ ପରୀକ୍ଷା ମାତୃଭାଷା ଥିବାରୁ ପରୀକ୍ଷାଟି ବହୁତ ଭଲ ହୋଇଛି। ପରୀକ୍ଷାରେ ପ୍ରଶ୍ନଗୁଡିକ ମଧ୍ୟ ଭଲ ପଡ଼ିଥିଲା। ବିଦ୍ୟାଳୟର ସମସ୍ତ ନିୟମକୁ ପାଳନ କରି ପରୀକ୍ଷା ଦେଇଥିଲୁ।

-ଅଙ୍କିତା ଦାଶ, ଛାତ୍ରୀ , ଚିନ୍ତାମଣିଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ

### ପ୍ରଶ୍ନଗୁଡିକ ସହଜ ଥିଲା



ସାହିତ୍ୟ ପରୀକ୍ଷା ବହୁତ ଭଲ ହୋଇଛି। ଆଗକୁ ମଧ୍ୟ ସମସ୍ତ ପରୀକ୍ଷା ଭଲ ହେବ ବୋଲି ଆଶା ରହିଛି। ଗେଟ୍ ପାଖରେ ମାଡାମମାନେ ଚେକ୍ କରିଥିଲେ। ପୁଣି କ୍ଲାସ ରୁମ୍ ବାହାରେ ମଧ୍ୟ ଚେକିଂ କରାଯାଉଥିଲା। ଆମ ଶ୍ରେଣୀରେ କୌଣସି ପିଲା କପି କରିନାହାନ୍ତି। ପ୍ରଶ୍ନଗୁଡିକ ସହଜ ରହିଥିଲା। ସିସିଟିଭି ଯାଞ୍ଚ କରାଯାଉଥିବାରୁ ବହୁତ କଡାକଡି ଭାବେ ପରୀକ୍ଷା ଦେବାକୁ ପଡିଥିଲା।

-ନନ୍ଦିନୀ ନାୟକ, ଛାତ୍ରୀ, ବରମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ

### ୮୦%ରୁ ଅଧିକ ନମ୍ବର ରହିବ



ସାହିତ୍ୟ ବହିରୁ ସମସ୍ତ ପ୍ରଶ୍ନ ପଡ଼ିଥିଲା। ପ୍ରଶ୍ନ ସହଜ ପଡ଼ିଥିବାରୁ ପରୀକ୍ଷା ହଲରେ ବହୁତ ଖୁସି ଲାଗୁଥିଲା। ୮୦ ପ୍ରତିଶତରୁ ଅଧିକ ନମ୍ବର ରହିବ ବୋଲି ଆଶା ରଖିଛି। ସମସ୍ତ ସଂକ୍ଷିପ୍ତ ପ୍ରଶ୍ନଗୁଡିକ ଠିକ ରହିବ। ସାହିତ୍ୟ ଭଳି ଇଂରାଜୀ ପରୀକ୍ଷା ମଧ୍ୟ ସରଳ ପଡ଼ିଲେ ବହୁତ ଖୁସି ଲାଗିବ।

-ସାଇପ୍ରସାଦ ସାମନ୍ତରାୟ, ଛାତ୍ର, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ୟୁନିଟ-୩

### ଇଂରାଜୀ ପରୀକ୍ଷା ପାଇଁ ମନରେ ଭୟ ରହିଛି



ସବୁ ବେଳେ ନିଜ ସ୍କୁଲରେ ପରୀକ୍ଷା ଦେଉଥିଲି। ପ୍ରଥମଥର ଅନ୍ୟ ସ୍କୁଲରେ ପରୀକ୍ଷା ଦେଉଥିବାରୁ ମନରେ ଭୟ ରହିଥିଲା। ସାହିତ୍ୟ ପରୀକ୍ଷା ଭଲ ହୋଇଛି। ରଚନା ଓ ଦୀର୍ଘ ପ୍ରଶ୍ନଉତ୍ତରରେ ସାମାନ୍ୟ କଷ୍ଟ ଲାଗିଲା। ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ଚେଷ୍ଟା କରୁଛି। ଇଂଲିଶ ପରୀକ୍ଷା ପାଇଁ ମନରେ ଭୟ ରହିଛି। ସେହି ପରୀକ୍ଷା ମଧ୍ୟ ଭଲରେ ହେଉ।

-ରାଜେନ୍ଦ୍ର କୁମାର ସାହୁ, ୟୁନିଟ ୬ ସରକାରୀ ଉଚ୍ଚ ବିଦ୍ୟାଳୟ

# ମାଟ୍ରିକ୍ ପରୀକ୍ଷା କେନ୍ଦ୍ର ତଦାରଖକଲେ ମନ୍ତ୍ରୀ, ସଚିବ


ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ପରୀକ୍ଷା ତଦାରଖ କରୁଛନ୍ତି।

ଭୁବନେଶ୍ୱର,୧୯।୨(ସୁଚିସ୍ମିତା ସାହୁ)

ରାଜ୍ୟବ୍ୟାପୀ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା (ମାଟ୍ରିକ) ଗୁରୁବାରଠାରୁ ଆରମ୍ଭ ହୋଇଛି। ପରୀକ୍ଷା କେନ୍ଦ୍ରରେ ଶୃଙ୍ଖଳା ଓ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଇଛି। ପ୍ରଥମ ଦିନରେ ରାଜଧାନୀରେ ଛାତ୍ରୀଛାତ୍ର କିଭଳି ପରୀକ୍ଷା ଦେଉଛନ୍ତି ବୋଲି ତାହାର ତଦାରଖ ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଅଚାନକ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟରେ ପହଞ୍ଚିଥିଲେ। ପରୀକ୍ଷା କେନ୍ଦ୍ରରେ ସିସିଟିଭି ଏବଂ ସୁରକ୍ଷା ବ୍ୟବସ୍ଥାକୁ ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ପାଇଁ ମନ୍ତ୍ରୀ ଶୁଭେଚ୍ଛା ଜଣାଇଥିଲେ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଶାସନ ସଚିବ ଡା. ଏନ. ତିରୁମାଲା ନାୟକ ଭୁବନେଶ୍ୱରର ବିଭିନ୍ନ ପରୀକ୍ଷା କେନ୍ଦ୍ର ସହିତ କଟକସ୍ଥିତ ବୋର୍ଡର ମୁଖ୍ୟ କାର୍ଯ୍ୟାଳୟ ମଧ୍ୟ ପରିଦର୍ଶନ କରିଥିଲେ। ଡା. ନାୟକ ସମସ୍ତ ପରୀକ୍ଷା ପରିଚାଳନା ପ୍ରସ୍ତୁତି ତଥା ସିଟିଂ ବ୍ୟବସ୍ଥା, ସୁରକ୍ଷା ବ୍ୟବସ୍ଥା, ପ୍ରଶ୍ନପତ୍ର ବଣ୍ଟନ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗଗୁଡ଼ିକର ସମୀକ୍ଷା କରିଥିଲେ। ଶିକ୍ଷୟିତ୍ରୀଶିକ୍ଷକ, ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ, ପର୍ଯ୍ୟବେକ୍ଷକ ଏବଂ ଜିଲା ଅଧିକାରୀଙ୍କ ସହିତ ଆଲୋଚନା କରି ସମନ୍ୱୟ ଏବଂ ପରୀକ୍ଷା ନିର୍ଦ୍ଦେଶାବଳୀର କଡ଼ାକଡ଼ି ପାଳନ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ପରୀକ୍ଷାକୁ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରିବା ନେଇ ଗୁରୁତ୍ୱାରୋପ କରିଛନ୍ତି। ସେହିପରି ବିଭାଗୀୟ ଶାସନ ସଚିବ ମାଧ୍ୟମିକ ଶିକ୍ଷା ପରିଷଦର କମାଣ୍ଡ କଣ୍ଟ୍ରୋଲ ରୁମ୍ ପରିଦର୍ଶନ କରି ପରୀକ୍ଷା ପରିଚାଳନାର ସମସ୍ତ ପ୍ରକ୍ରିୟା ସମୀକ୍ଷା କରିବା ସହିତ ଶାନ୍ତିପୂର୍ଣ୍ଣ ଓ ତ୍ରୁଟିମୁକ୍ତ ପରୀକ୍ଷା ସୁନିଶ୍ଚିତ କରିବା ନେଇ ସମସ୍ତ ନିରୀକ୍ଷଣ ଓ ସମନ୍ୱୟ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି।

# ବଡି କ୍ୟାମେରା ଲଗାଇବେ ଅବକାରୀ ଅଧିକାରୀ, କର୍ମଚାରୀ

## ଆକ୍ରମଣ ପରେ ଚେତା ପଶିଲା

### ଖୋର୍ଦ୍ଧା, ଭୁବନେଶ୍ୱର ଅବକାରୀ ଜିଲାକୁ ମିଳିଲା ୨୦ ବଡି କ୍ୟାମେରା

ଭୁବନେଶ୍ୱର,୧୯।୨(ତ୍ରିନାଥ ମହାନ୍ତି)

ବାର୍ ହେଉ ଅବା ପବ୍। ରାତିରେ ଅବକାରୀ ବିଭାଗ ଚଢାଉ କଲେ ବାର୍‌ରେ ନିୟୋଜିତ ବାଉନ୍ସରମାନେ ଅଧିକାରୀଙ୍କୁ ଆକ୍ରମଣ କରୁଛନ୍ତି। ସେହିପରି ମଦ ଭାଟିରେ ଚଢାଉ କଲେ ମଦ ମାଫିଆଙ୍କ ଗୁଣ୍ଡାମାନେ ମଧ୍ୟ ନାଲିଆଖି ଦେଖାଇବା ସହ ମାଡ଼ ମାରୁଛନ୍ତି। ଏଭଳି ଘଟଣା ବାରମ୍ବାର ଘଟିବା ପରେ ଅବକାରୀ ବିଭାଗ ନିଜ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ପାଇଁ ବଡ଼ି କ୍ୟାମେରା ଯୋଗାଇ ଦେଇଛି। ଭୁବନେଶ୍ୱର ଏବଂ ଖୋର୍ଦ୍ଧା ଅବକାରୀ ଜିଲାକୁ ୧୦ଟି ଲେଖାଏ ବଡ଼ି କ୍ୟାମେରା ମିଳିଛି। ଏହି କ୍ୟାମେରା ଅବକାରୀ ବିଭାଗର ତଦନ୍ତରେ ସହାୟକ ହେବ। ଏପରିକ ଘଟଣାସ୍ଥଳର ସମସ୍ତ ପ୍ରମାଣ ଭିଡ଼ିଓରେ ରେକର୍ଡିଂ ହୋଇ ରହିବ। ସମସ୍ତ ଅଧିକାରୀଙ୍କୁ ଏହି ବଡ଼ି କ୍ୟାମେରା ଲଗାଇବାକୁ କୁହାଯାଇଛି। ଏହି କ୍ୟାମେରାରେ ରେକର୍ଡିଂ ହେଉଥିବା ଭିଡ଼ିଓ ଏକ ମାସ ପର୍ଯ୍ୟନ୍ତ ରହି ପାରିବେ। ତଦନ୍ତ ସମୟରେ କିଛି ଫୁଟେଜ ଆବଶ୍ୟକ ହେଲେ ଏହି ବଡ଼ି କ୍ୟାମେରାରୁ ନିଆଯିବ। ଏନେଇ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ଦେବାଶିଷ ପଟେଲ କହିଛନ୍ତି, ପୋଲିସ ଭଳି ଆମେ ମଧ୍ୟ ଏହି ବଡ଼ି କ୍ୟାମେରା ଲଗାଇବୁ। ଏହା ତଦନ୍ତରେ ଆମକୁ ସହାୟକ ହେବ। ଅନେକ ସମୟରେ ଚଢାଉ ବେଳେ ଆକ୍ରମଣର ଶିକାର ହେବାକୁ ପଡୁଛି। ବଡ଼ି କ୍ୟାମେରା ଲଗାଇ ଗଲେ ଅପରାଧୀମାନେ ଆକ୍ରମଣ କରିବା ପାଇଁ ସାହାସ କରିପାରିନେ ନାହିଁ। ଆହୁରି ମଧ୍ୟ ଯେଉଁମାନେ ଆକ୍ରମଣ କରିବେ ସେମାନଙ୍କୁ କ୍ୟାମେରାରେ ରେକର୍ଡିଂ ଭିଡ଼ିଓ ମାଧ୍ୟମରେ ଚିହ୍ନଟ କରାଯାଇ ପାରିବ। ତେଣୁ ଅବକାରୀ ବିଭାଗକୁ ଏହା ଅଧିକ ସହାୟକ ହେବ ବୋଲି ସେ କହିଛନ୍ତି।

# ନିଃସଙ୍ଗତାର ଯନ୍ତ୍ରଣା ଦେଲା 'କୁହୁଡ଼ି'


ରବୀନ୍ଦ୍ର ମଣ୍ଡପରେ ଗୁରୁବାର ପରିବେଷିତ ନାଟକ 'କୁହୁଡ଼ି'ର ଏକ ଦୃଶ୍ୟ।

ଭୁବନେଶ୍ୱର,୧୯।୨ (ସୌମ୍ୟରଞ୍ଜନ ରାଉତ)

ଭିଡ଼ ଭିତରେ ମଣିଷଟିଏ କେତେ ଏକା ହୋଇପାରେ, ସମ୍ପର୍କର ଗହଳି ଭିତରେ କେମିତି ନିଃସଙ୍ଗତା ମଣିଷକୁ ତିଳ ତିଳ କରି ଜାଳିପାରେ, ତାହାର ଏକ ମର୍ମସ୍ପର୍ଶୀ କାହାଣୀ ହେଉଛି 'କୁହୁଡ଼ି'। ସଂସ୍କୃତି ଓ ସଂସ୍କୃତି ଅନୁଷ୍ଠାନ ଏବଂ ବିଦ୍ୟାକନକ ସୃଜନାନୁଷ୍ଠାନ ପକ୍ଷରୁ ନାଟ୍ୟକାର ଗୋପୀନାଥ ବାରିକଙ୍କ ରଚିତ ଏହି ନାଟକ ଗୁରୁବାର ରବୀନ୍ଦ୍ର ମଣ୍ଡପଠାରେ ମଞ୍ଚସ୍ଥ ହୋଇଥିଲା। କଳାକାରଙ୍କ ଜୀବନ୍ତ ଅଭିନୟ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ସଂସ୍କୃତି ଓ ସଂସ୍କୃତିର ସମ୍ପାଦକ ଦିଲୀପ ହାଲିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଲୋକସେବକ ମଣ୍ଡଳ ସଭାପତି ତଥା 'ସମାଜ' ପରିଚାଳନା ବୋର୍ଡ ଅଧ୍ୟକ୍ଷ ରାଜ କୁମାର, ରାଜେନ୍ଦ୍ର କୁମାର ଜେନା, ରମାନାଥ ଝା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାକନକ ସୃଜନାନୁଷ୍ଠାନର ସଭାପତି ଇଂ. ସୁଧାକର ପତ୍ରୀ ପ୍ରାରମ୍ଭିକ ସୂଚନା ଦେଇଥିଲାବେଳେ ସମ୍ପାଦକ ଶୁଭକାନ୍ତ ପାଢ଼ୀ ଧନ୍ୟବାଦ ଦେଇଥିଲେ।

# ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗର ଲୋଗୋ ଡିଜାଇନ ପ୍ରତିଯୋଗିତା ପାଇଁ ଆବେଦନ ଅବଧି ବୃଦ୍ଧି

ଭୁବନେଶ୍ୱର,୧୯।୨
(ସୌମ୍ୟରଞ୍ଜନ ରାଉତ)

## ଶ୍ରେଷ୍ଠ ମନୋନୀତ ଲୋଗୋକୁ ୨୫ ହଜାର ପୁରସ୍କାର

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଲୋଗୋ ଡିଜାଇନ୍ ପ୍ରତିଯୋଗିତା ପାଇଁ ଆବେଦନ ଅବଧି ବୃଦ୍ଧି କରାଯାଇଛି। ପୂର୍ବରୁ ଆବେଦନ ପାଇଁ ଶେଷ ତାରିଖ ଫେବୃଆରୀ ୧୫ ରହିଥିବାବେଳେ ଏବେ ଏହାକୁ ୨୮ ତାରିଖକୁ ବଢ଼ାଇ ଦିଆଯାଇଛି। ବିଭାଗ ପାଇଁ ଏହାକୁ ସରକାରୀ ଲୋଗୋ ଭାବରେ ଗ୍ରହଣ କରିବା ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷଙ୍କଠାରୁ ସୃଜନଶୀଳ ଓ ମୌଳିକ ଲୋଗୋ ଡିଜାଇନ୍ ଆହ୍ୱାନ କରାଯାଇଛି। ଏହାର ବିସ୍ତୃତ ତଥ୍ୟ ସହ ଆବେଦନ ଫର୍ମ ସଂସ୍କୃତି ବିଭାଗ ୱେବ୍‌ସାଇଟ୍‌ରେ ଉପଲବ୍ଧ ରହିଛି। ଏଥିସହ ଆବେଦନକାରୀ osa-logodesign@gmail.com ଇ-ମେଲ୍‌ରେ ପିଡିଏଫ୍ ଫର୍ମାଟ୍ କରି ପଠାଇ ପାରିବେ। ଜଣେ ପ୍ରତିଯୋଗୀ ସର୍ବାଧିକ ୨ଟି ଡିଜାଇନ୍ ଦାଖଲ କରିପାରିବେ। ଏହି ଲୋଗୋ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ଐତିହ୍ୟ, ପ୍ରତ୍ନତତ୍ତ୍ୱ, କୀର୍ତ୍ତିରାଜି ସହ ସାଂସ୍କୃତିକ ବୈଭବକୁ ପ୍ରତିଫଳିତ କରୁଥିବା ଆବଶ୍ୟକ। ଏଥିରେ ଶ୍ରେଷ୍ଠ ବିବେଚିତ ୫୦ଟି ପ୍ରବେଶ ପତ୍ରକୁ ପ୍ରଶଂସାପତ୍ର ଦିଆଯାଇ ସମ୍ମାନିତ କରାଯିବ। ଶ୍ରେଷ୍ଠ ମନୋନୀତ ଲୋଗୋ ପାଇଁ ୨୫ ହଜାର ଟଙ୍କାର ପୁରସ୍କାର ରାଶି ରହିଛି ବୋଲି ସଂସ୍କୃତି ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

# 'ଜିରୋ କମିଶନ' ମଡେଲ ମାଧ୍ୟମରେ ଓଡ଼ିଶା ଯାତ୍ରୀ ଚାଳକଙ୍କ ରୋଜଗାର ୧୦କୋଟି ଟପିଲା

ଭୁବନେଶ୍ୱର, ୧୯।୨(ବନ୍ଦନା ସେଠୀ)

## 'ଆମ ବସ୍' ସେବାରେ ଆରମ୍ଭ ହେଲା 'ଫାଷ୍ଟ-ଟିକେଟ' ଅଭିଯାନ

ରାଜ୍ୟ ସରକାରଙ୍କ ପ୍ରମୁଖ ଜନକୈନ୍ଦ୍ରିକ ପରିବହନ ସେବା 'ଓଡ଼ିଶା ଯାତ୍ରୀ' ରାଜ୍ୟରେ ନିଜର ସେବା ସମ୍ପ୍ରସାରଣ ସହ ନାଗରିକ ସୁରକ୍ଷା, ଡିଜିଟାଲ ନବସୃଜନ ଏବଂ ଚାଳକଙ୍କ ସଶକ୍ତୀକରଣ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିଛି। ପରିବହନ କ୍ଷେତ୍ରରେ ଆର୍ଥିକ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ କାର୍ଯ୍ୟକାରୀ ହୋଇଥିବା 'ଜିରୋ କମିଶନ' ମଡେଲ ମାଧ୍ୟମରେ 'ଓଡ଼ିଶା ଯାତ୍ରୀ' ଏକ ବଡ଼ ସଫଳତା ହାସଲ କରିଛି। ଏହି ବ୍ୟବସ୍ଥା ଦ୍ୱାରା ଚାଳକମାନେ ନିଜ ରୋଜଗାରର ଶତପ୍ରତିଶତ ଅଂଶ ପାଇପାରୁଥିବାବେଳେ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ସମୁଦାୟ ଆୟ ୧୦କୋଟି ଟଙ୍କା ଅତିକ୍ରମ କରିଛି। ସେହିପରି ଜନସାଧାରଣଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଏଥିରେ ଅତ୍ୟାଧୁନିକ ଜରୁରିକାଳୀନ ପ୍ରତିକ୍ରିୟା ସୁବିଧା ଅନ୍ତର୍ଭୁକ୍ତ କରାଯାଇଛି। ଏହି ନୂତନ ବ୍ୟବସ୍ଥା ଅଧୀନରେ ପୋଲିସ ସହ ସିଧାସଳଖ ଏସ୍.ଓ.ଏସ୍ ସଂଯୋଗ, ଆପ୍ଲିକେଶନ ନ ଖୋଲି ଜରୁରିକାଳୀନ ସଙ୍କେତ ପ୍ରଦାନ, ଲାଇଭ୍ ଲୋକେଶନ ଶେୟାରିଂ ଏବଂ ନିର୍ଦ୍ଧାରିତ ସମ୍ପର୍କୀୟଙ୍କ ନିକଟକୁ ତୁରନ୍ତ ସୂଚନା ପ୍ରେରଣ ଭଳି ସୁବିଧା ଉପଲବ୍ଧ ହେବ। ଏହି ବୈଷୟିକ ହସ୍ତକ୍ଷେପ ମାଧ୍ୟମରେ ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ପାଇଁ ସୁରକ୍ଷିତ ଯାତ୍ରା ସୁନିଶ୍ଚିତ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଏହାବ୍ୟତୀତ 'ଆମ ବସ୍' ସେବାରେ ଡିଜିଟାଲ କାରବାରକୁ ତ୍ୱରାନ୍ୱିତ କରିବା ପାଇଁ 'ଫାଷ୍ଟ-ଟିକେଟ' ଅଭିଯାନ ଆରମ୍ଭ କରାଯାଇଛି। ଏହାଦ୍ୱାରା ଯାତ୍ରୀମାନେ ବସ୍ ମଧ୍ୟରେ ଥିବା କ୍ୟୁଆର କୋଡ୍ ସ୍କାନ୍ କରି କିଛି ସେକେଣ୍ଡ ମଧ୍ୟରେ ଡିଜିଟାଲ ଟିକେଟ ପାଇପାରୁଛନ୍ତି। ଏହି କ୍ୟାଶଲେସ ବ୍ୟବସ୍ଥା ଯାତ୍ରୀଙ୍କ ସୁବିଧା ବଢ଼ାଇବା ସହ ବିଶେଷ ରିହାତି ପ୍ରଦାନ କରୁଛି। ଏବେ ଭୁବନେଶ୍ୱର ଓ କଟକ ପରେ ସମ୍ବଲପୁର, ରାଉରକେଲା ଭଳି ସହରକୁ ସେବା ସମ୍ପ୍ରସାରଣ କରିବା ପାଇଁ ପ୍ରସ୍ତୁତି ଚାଲିଛି ବୋଲି ସୂଚନା ଦିଆଯାଇଛି।

# ଆମ ବସ୍ ଚଲାଇବା ପୂର୍ବରୁ ସ୍ୱତନ୍ତ୍ର ଟ୍ରାକ୍‌ରେ ଅଭ୍ୟାସ କରିବେ ମହିଳା ଚାଳକ

ଭୁବନେଶ୍ୱର, ୧୯।୨ (ବନ୍ଦନା ସେଠୀ)

## କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକଙ୍କ ସହ ଅନୁଭୂତି ବାଣ୍ଟିଲେ



କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲମଙ୍କ ସହ ପ୍ରଶିକ୍ଷିତ ମହିଳା ଚାଳକମାନେ।

ପୁଣେରୁ ଇଭି ବସ୍ ତାଲିମ ଶେଷକରି ଫେରିଥିବା ୨୦ଜଣ ମହିଳା ଚାଳକ ଆମ ବସ୍ ସେବାରେ ନିୟୋଜିତ ହେବା ପୂର୍ବରୁ ଆମ ବସ୍ ଡିପୋଗୁଡିକରେ ସ୍ୱତନ୍ତ୍ର ଟ୍ରାକରେ ଅଭ୍ୟାସ କରିବାକୁ ଦିଆଯିବ। ଡ୍ରାଇଭିଂ ଅଭ୍ୟାସ, ରୁଟ୍ ଚିହ୍ନଟ ଏବଂ ମୂଲ୍ୟାଙ୍କନ ପରେ ହିଁ ସେମାନଙ୍କୁ ଆମ ବସ୍ ସେବାରେ ନିୟୋଜିତ କରାଯିବ ବୋଲି କ୍ରୁଟ୍ ପକ୍ଷରୁ ସୂଚନା ଦିଆଯାଇଛି। ଗୁରୁବାର ଏହି ମହିଳା ଚାଳକମାନେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲମଙ୍କ ସହିତ ନିଜ ଅନୁଭୂତି ବାଣ୍ଟିଥିଲେ। ମହମ୍ମଦ ଆଲମ୍ ମହିଳା ଡ୍ରାଇଭରଙ୍କ ସହ ପ୍ରଶିକ୍ଷଣ ଅନୁଭବ, ମୁଖ୍ୟ ଶିକ୍ଷାବଳୀ ଓ କାର୍ଯ୍ୟନିଷ୍ଠ ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ। ଜନପରିବହନ ସେବାରେ ମହିଳାଙ୍କ ଅଂଶଗ୍ରହଣକୁ ଆହୁରି ସୁଦୃଢ଼ କରିବା ପାଇଁ କୌଶଳ ନୀତି ଉପରେ ଚର୍ଚ୍ଚା କରିବା ସହ ଆଗାମୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମଗୁଡ଼ିକର ଗୁଣମାନ, ପରିସର ଓ ମାନକ ବୃଦ୍ଧି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ୧୪ଦିନିଆ ଉନ୍ନତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପୁଣେସ୍ଥିତ 'ଏକ୍କା ମୋବିଲିଟି' ପ୍ଲାଣ୍ଟରେ ଫେବୃଆରୀ ୨ରୁ ୧୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଜିଆଇଜେଡ୍‌ର ବୈଷୟିକ ସହାୟତା ଓ ପ୍ରାୟୋଜିତ ଏହି କାର୍ଯ୍ୟକ୍ରମରେ ଇଭି ବସ ଚାଳନା, ସୁରକ୍ଷା ପ୍ରୋଟୋକଲ, ଉନ୍ନତ ଡ୍ରାଇଭିଂ ଅଭ୍ୟାସ ଏବଂ ଆଧୁନିକ ସିଟି ବସ୍ ପରିଚାଳନା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ତ୍ରୟୋଦଶୀ ତିଥିରେ ମଣିସାହୁ ଛକ ମେଳଣ

କଟକ,୧୯।୨(କାର୍ତ୍ତିକ ସାହୁ): ୧୬ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ଆଗାମୀ ଦୋଳଯାତ୍ରା ନିମନ୍ତେ ପାରମ୍ପରିକ ନବମୀ ବୈଠକ ମଣିସାହୁ ଛକସ୍ଥିତ ମଦନମୋହନ ଜୀଉ ମନ୍ଦିରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସର୍ବାଧିକାରୀ ରାକେଶ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ମେଳଣ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା। ସର୍ବପ୍ରଥମେ ଦିଗଭାଗର ବାସୁଳି ସାହି ମହନ୍ତ ପ୍ରସନ୍ନ ତ୍ରିପାଠୀଙ୍କ ପରଲୋକଗତ ଆତ୍ମାର ସଦଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ପରମ୍ପରା ଅନୁଯାୟୀ ଏକାଦଶୀ ଦିନ ଦିଗଭାଗର ସମସ୍ତ ଠାକୁର ବାସୁଳିସାହିରେ ଏକତ୍ରିତ ହୋଇ ବଢ଼େଇ ସାହି ବାସ୍ତରୀ ମଠ ପୀଠ ଛୁଇଁ ମେଲାଣି ନେବେ। ଦ୍ୱାଦଶୀ ତିଥିରେ ନୂଆପାଟଣା ଶ୍ରୀ ଶ୍ରୀ ରାଧାମୋହନଙ୍କ ଚନ୍ଦନ ପଡ଼ିଆରେ ମେଳଣ କରିବେ। ତ୍ରୟୋଦଶୀ ତିଥିରେ ମଣିସାହୁ ଛକସ୍ଥିତ ଶ୍ରୀ ଶ୍ରୀ ମଦନମୋହନ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ମେଳଣ ହେବ। ଚତୁର୍ଦ୍ଦଶୀ ତିଥିରେ ବଣିଆ ସାହି ମଦନମୋହନ ସମିତି ପେଣ୍ଡାଲରେ ମେଳଣ ହେବାକୁ ସର୍ବସମ୍ମତି କ୍ରମେ ସ୍ଥିର କରାଯାଇଛି। ଧୀରେନ୍ଦ୍ର ପୃଷ୍ଟି, ରମାକାନ୍ତ ଦାସ, ମୋହନ ମହାରଣା, ଅଧିକାରୀ ସୁଦାମ ମହାରଣା, ଶ୍ରୀକାନ୍ତ ସାହୁ, ପ୍ରଦୀପ ସାହୁ, ଚକ୍ରଧର ସାହୁ, ମହନ୍ତ ଶିଶିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସର୍ବକଟୁଆଳ ବାନାମ୍ବର ସାହୁ ଧନ୍ୟବାଦ ଦେଇଥିଲେ।

## ବଢୁଛନ୍ତି କିଡ୍‌ନୀ ରୋଗୀ
# ଗଲାଣି ୪ ଜୀବନ, ୩ ଗୁରୁତର

- ଉଆସପଲ୍ଲୀ ଗ୍ରାମ
- ପ୍ରଶାସନର ପଦକ୍ଷେପ ଶୂନ

ବାଙ୍କୀ , ୧୯।୨( ଶୁଭେନ୍ଦୁ ମହାପାତ୍ର ):


ବୋରୱେଲ୍‌ର ଦୂଷିତ ପାଣି ଜମୁଥିବା ସ୍ଥାନ ଲୋକେ ଦେଖାଉଛନ୍ତି ।



କିଡ୍‌ନୀ ରୋଗରେ ଆକ୍ରାନ୍ତ ୨ ଗ୍ରାମବାସୀ ।

ଗ୍ରାମ ଜଳ ଯୋଗାଣ ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଜଳ ଯୋଗାଣ ପ୍ରକଳ୍ପ ପାଣି କିଡ୍‌ନୀ ରୋଗର ବାହକ ସାଜିଛି। ଏହି ପାଣି ପିଇ କେତେଜଣ ଲୋକ ରୋଗରେ ଆକ୍ରାନ୍ତ ହୋଇଯିବାରୁ ସେମାନଙ୍କର ମୃତ୍ୟୁ ଘଟିଥିବାବେଳେ ଅନେକ ଲୋକ ଏବେ ଚିକିତ୍ସାଧୀନ ଥିବା ଆଲୋଚନା ହେଉଛି। ଭୟଭୀତ ହୋଇ ଗାଁ ଲୋକେ ଏବେ ଗ୍ରାମ ଛାଡ଼ିବାକୁ ସ୍ଥିର କଲେଣି। ଏ ପ୍ରସଙ୍ଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବ ବୋଲି କୁହାଯାଉଥିବାବେଳେ କାର୍ଯ୍ୟ କିନ୍ତୁ ଶୂନ ରହିଛି। କଟକ ଜିଲା ବାଙ୍କୀ ବ୍ଲକ କାଳୀପୋଇ ଗ୍ରାମ ପଞ୍ଚାୟତର ୧୦ ନମ୍ବର ୱାର୍ଡ ଅନ୍ତର୍ଗତ ଉଆସପଲ୍ଲୀ ଗ୍ରାମରେ ଏହି ଘଟଣା ଦେଖିବାକୁ ମିଳିଛି। ଏହି ଗ୍ରାମରେ ୪୦୦ରୁ ଊର୍ଦ୍ଧ୍ୱ ଲୋକେ ବସବାସ କରୁଥିବା ବେଳେ ସମସ୍ତେ ଖୋଲା କୂଅରୁ ପିଇବା ପାଇଁ ପାଣି ବ୍ୟବହାର କରୁଥିଲେ। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ୨୦୧୬ରୁ ଭୂତଳ ଜଳ ଖୋଳାଯାଇ ଜଳ ଯୋଗାଣ ହେଉଛି। ଏନେଇ ବୋରୱେଲଟି ଯେଉଁ ସ୍ଥାନରେ ଖୋଳା ଯାଇଛି ବର୍ଷା ଦିନେ ସେହି ସ୍ଥାନରେ ଆବର୍ଜନା ଯୁକ୍ତ ଅପରିଷ୍କାର ପାଣି ଜମି ଭୂତଳ ଜଳ ଯୋଗାଣ ପାଇପରେ ଭର୍ତ୍ତି ହୋଇଯାଏ। ଏହି ଦୂଷିତ ଜଳ ବ୍ୟବହାର କରି ବହୁ ଲୋକ ମୃତ୍ୟୁ ମୁଖରେ ପଡୁଥିବା ଚର୍ଚ୍ଚା ହେଉଛି।

କିଡ୍‌ନୀ ରୋଗରେ ଆକ୍ରାନ୍ତ ହେବାରୁ ଗ୍ରାମର ୪ ଜଣ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ଭିକାରୀ ସାହାଣୀ, ମଧୁସୂଦନ ବାରିକ ଓ ପ୍ରଭାକର ସାହୁ ପ୍ରମୁଖ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି। ଆହୁରି ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମଧ୍ୟରେ ଏହି ରୋଗର ଲକ୍ଷଣ ଦେଖାଯାଇଛି। ଏନେଇ ବାଙ୍କୀ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ କାହ୍ନୁ ଚରଣ ସିଂହ କ୍ଷୋଭ ପ୍ରକାଶ କରିଥିବାବେଳେ ଯଦି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ଗ୍ରାମବାସୀ ଗାଁ ଛାଡ଼ିବାକୁ ବାଧ୍ୟ ହେବ ବୋଲି କହିଛନ୍ତି।

ଅପରପକ୍ଷେ ବାଙ୍କୀ ବିଡିଓ ସଂଗ୍ରାମ କେଶରୀ ଭୋଳ ଗାଁରେ ଥିବା ନଳକୂପ ପାଣି ପରୀକ୍ଷା କରାଯିବା ପରେ ଏହା ଠିକ୍ ଥିବା ଜଣାପଡ଼ିଛି। ହେଲେ ନଳକୂପ ପାଣି ପରିବର୍ତ୍ତେ ବର୍ଷା ଦିନେ ପ୍ରବଳ ବିଷାକ୍ତ ପାଣି ଭୂତଳ ଜଳ ଯୋଗାଣକୁ ବୁଡାଇ ରଖିବାରୁ ସେଠାରେ ଦୂଷିତ ପାଣି ଭର୍ତ୍ତି ହୋଇ ରହିଥିବା ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏନେଇ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗାଁକୁ ପଠାଇ ସମସ୍ତ ପରୀକ୍ଷା କରାଯିବା ସହ କିଡ୍‌ନୀ ରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଚିକିତ୍ସା କରିବାକୁ ଦାବି କରିଛନ୍ତି।

ଏ ସମ୍ପର୍କରେ ସୁବର୍ଣ୍ଣପୁର ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀକ୍ଷକ ଡା. ଅମରେଶ ସାହୁ କହିଛନ୍ତି, ଏବିଷୟକୁ ଗୁରୁତ୍ୱର ସହ ନିଆଯାଇ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି। ଆସନ୍ତା ୨ରୁ ତିନି ଦିନ ମଧ୍ୟରେ କେତେ ଜଣ ଆକ୍ରାନ୍ତ ଅଛନ୍ତି ତାର ସର୍ଭେ କରାଯାଇ ଡାକ୍ତରୀ ଟିମ୍ ପଠାଯିବ ବୋଲି ସେ କହିଛନ୍ତି ।

ମାତ୍ର ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରା ଏହି ପ୍ରସଙ୍ଗକୁ ଗୁରୁତ୍ୱ ନଦେଇ ବ୍ୟସ୍ତତା ଦର୍ଶାଇ ବିଡିଓଙ୍କ ସହ କଥା ହେବେ ବୋଲି କହି ମୋବାଇଲ୍ ଫୋନ କାଟି ଦେଇଥିଲେ। ତେବେ ଭୂତଳ ଜଳ ପରୀକ୍ଷା ପାଇଁ ଗ୍ରାମ୍ୟ ଜଳଯୋଗାଣ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି। ତୁରନ୍ତ ଏହି ସମସ୍ୟାର ସମାଧାନ ନ ହେଲେ ଆଗକୁ କୌଣସି ଜୀବନ ହାନି ହେଲେ ସେଥିପାଇଁ ବାଙ୍କୀ ପ୍ରଶାସନ ଦାୟୀ ରହିବେ ବୋଲି ପୂର୍ବତନ ବ୍ଲକ ଅଧ୍ୟକ୍ଷ ସିଂହ ଚେତାବନୀ ଦେଇଛନ୍ତି।

## ଉନ୍ନୟନ କାର୍ଯ୍ୟ ତଦାରଖ କଲେ ପୌର ନିର୍ବାହୀ ଅଧିକାରୀ

ଚୌଦ୍ୱାର,୧୯।୨(ଆଶୁତୋଷ ଦାସ):

ଚୌଦ୍ୱାର ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର ଗୁରୁବାର ୧୭ ନମ୍ବର ୱାର୍ଡ଼ ପରିଦର୍ଶନ କରିବା ସହ ୱାର୍ଡ଼ରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ୱାର୍ଡ଼ରେ ହେଉଥିବା ରାସ୍ତା ଓ ଡ୍ରେନ୍ କାର୍ଯ୍ୟର ଅଗ୍ରଗତି ଉପରେ ଅଧିକାରୀ ମିଶ୍ର ବୁଲି ଦେଖିବା ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ସ୍ଥାନୀୟ ବାସିନ୍ଦାଙ୍କ ସହିତ ଆଲୋଚନା କରିଛନ୍ତି। ଏଥିସହିତ ଧୁମାବତୀ ନଗରରେ ଉପୁଜିଥିବା ଜଳବନ୍ଦୀ ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀଙ୍କ ସହିତ ଆଲୋଚନା କରିଛନ୍ତି। ସରକାରୀ ନିୟମ ଅନୁଯାୟୀ ବିଭିନ୍ନ ସମସ୍ୟା ସମାଧାନ ଦିଗରେ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ବାସିନ୍ଦାମାନଙ୍କୁ ପ୍ରତିଶ୍ରୁତି ଦେବା ସହ ଏ ଦିଗରେ ସେମାନଙ୍କ ସହଯୋଗ କାମନା କରିଛନ୍ତି।

ସୂଚନାଯୋଗ୍ୟ, ଧୁମାବତୀ ନଗରବାସୀ ଦୀର୍ଘଦିନ ହେଲା ଜଳବନ୍ଦୀ ସମସ୍ୟା ଭୋଗ କରୁଛନ୍ତି। ଏହାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦାମାନଙ୍କ ତରଫରୁ ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସ୍ଥାନୀୟ କାଉନ୍‌ସିଲର ଆଶୁତୋଷ ଦାସ ଓ ମ୍ୟୁନିସିପାଲ ଇଂଜିନିୟର ସଂଜୟ କୁମାର ସାମଲ ଏଥିରେ ଉପସ୍ଥିତ ଥିଲେ।


ପୌର ନିର୍ବାହୀ ଅଧିକାରୀ ଉନ୍ନୟନ କାର୍ଯ୍ୟ ବୁଲି ଦେଖୁଛନ୍ତି ।

## ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ



ଶିବିରରେ ଆତ୍ମସୁରକ୍ଷା ତାଲିମପ୍ରାପ୍ତ ଛାତ୍ରୀ ଓ ଅଧ୍ୟାପିକା, ଅଧ୍ୟାପକ ।

ଟିଗିରିଆ,୧୯।୨(ଜାଫର ଖାଁ):

ଟିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣାସ୍ଥିତ ଚୈତନ୍ୟ ସାହୁ ବିଜ୍ଞାନ ଓ କଳା ସ୍ନାତକ ମହାବିଦ୍ୟାଳୟରେ ଗତ ୫ ତାରିଖଠାରୁ ୯ ଦିନ ଧରି ଚାଲିଥିବା ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ଆତ୍ମସୁରକ୍ଷା ତାଲିମ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ କୁମାର ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟ ଅର୍ଥନୀତି ବିଭାଗ ବରିଷ୍ଠ ଅଧ୍ୟାପିକା ବିଦ୍ୟୁଲତା ବାରିକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗ ଅଧ୍ୟାପିକା ଅନ୍ନପୂର୍ଣ୍ଣା ମହାନ୍ତି ଆତ୍ମରକ୍ଷାର ଗୁରୁତ୍ୱ ଓ ଆବଶ୍ୟକତା ସମ୍ବନ୍ଧୀୟ ଅଭିମତ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପିକା, ଅଧ୍ୟାପକ ତଥା କର୍ମଚାରୀ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ଗୀତା ବେହେରା ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ସମ୍ପର୍କରେ ତାଲିମ ଦେଇଥିଲେ। ଏଥିରେ ପୂର୍ବତନ ଛାତ୍ରୀ ପ୍ରଜ୍ଞା ପରମିତା ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

## ଜଙ୍ଗଲ ନିଆଁ ନିରାକରଣ ନେଇ ସଚେତନତା

କଟକ ସଦର,୧୯।୨
(ସୁଶାନ୍ତ କୁମାର ଜେନା):

ଗ୍ରୀଷ୍ମଋତୁରେ ଜଙ୍ଗଲରେ ଆକସ୍ମିକ ନିଆଁ ଲାଗିବା ସାଧାରଣ କଥା। ଏହି ନିଆଁକୁ ଆୟତ୍ତ ତଥା ନିରାକରଣ କରାଯିବା ନେଇ ଏକ ସଚେତନତା ଏବଂ ମକଡ୍ରିଲ କାର୍ଯ୍ୟକ୍ରମ ବୁଧବାର ଜଙ୍ଗଲ, ପରିବେଶ ସୁରକ୍ଷା ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ଅଗ୍ନିଶମ ବିଭାଗର ମିଳିତ ଉଦ୍ୟମରେ ଆୟୋଜିତ ହୋଇଯାଇଛି। ପୋପରଡ଼ା ଗ୍ରାମ ନଦୀପଠାରେ ଅଗ୍ନିଶମ- କଟକ ରେଞ୍ଜ - ସିଟି ଜଙ୍ଗଲ ଡିଭିଜନ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବୃକ୍ଷ ମାନବ ତଥା ଭାରତୀୟ ଜଳବାୟୁ କଂଗ୍ରେସର ପ୍ରଭାସ ଚନ୍ଦ୍ର ମଙ୍ଗରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ଅନିତା ସେଠୀ, ମୁଖ୍ୟବକ୍ତା ଭାବେ ଚାଉଳିଆଗଞ୍ଜସ୍ଥିତ ଅଗ୍ନିଶମ କେନ୍ଦ୍ରର ଅଗ୍ନିଶମ ଅଧିକାରୀ ବିକାଶ କୁମାର ସାହୁ ଓ ରେଞ୍ଜ ଅଫିସର ଶର୍ମିଳି ନାୟକ ଯୋଗଦେଇଥିଲେ। ଅଗ୍ନିକାଣ୍ଡବେଳେ ପ୍ରାଥମିକ ସଚେତନତା ସହ ଅଗ୍ନିଶମ ବିଭାଗ ଜରିଆରେ ନିଆଁକୁ ଆୟତ୍ତ କରିବାର କୌଶଳ ପ୍ରଦର୍ଶନ କରାଯାଇଥିଲା। ବନ ଅଧିକାରୀ ସୂର୍ଯ୍ୟକାନ୍ତ ସାହୁ, ସମ୍ବିତ ଆଚାର୍ଯ୍ୟ, ମହେନ୍ଦ୍ର ନାୟକ, ଭାସ୍କର ଚନ୍ଦ୍ର ମହାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସ୍ଥାନୀୟ ଜନସାଧାରଣ, ସାମାଜିକ କାର୍ଯ୍ୟକର୍ତ୍ତା ଏବଂ ପରିବେଶବିତ୍‌ଙ୍କ ଉପସ୍ଥିତିରେ ମକ୍‌ଡ୍ରିଲ୍ କରାଯାଇଥିଲା।

## ମେଧାବୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

**ମୋବାଇଲ ବାରଣ କରିଥିଲେ ଜେଜେମା'**

ମଙ୍ଗୁଳି-ଜଗତପୁର,୧୯।୨(ମାନସ ସାମଲ):
ଚୌଦ୍ୱାର ଥାନା ଅଧୀନ ୭ନଂ ୱାର୍ଡ ଓଟିଏମ୍ କଲୋନୀରେ ଗୁରୁବାର ଜଣେ ମେଧାବୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ କଲୋନୀର ଦୀଘା ଭୋଳଙ୍କ ନାତୁଣୀ ତଥା ଅଷ୍ଟମ ଶ୍ରେଣୀ ଛାତ୍ରୀ ଶୁଭଲକ୍ଷ୍ମୀ ଭୋଳ। ଅଭିଯୋଗ ଅନୁଯାୟୀ, ଶୁଭଲକ୍ଷ୍ମୀ ବିଦ୍ୟାଳୟରୁ ଫେରିବା ପରେ ଅପରାହ୍ଣ ପ୍ରାୟ ୩ଟାରେ ତାଙ୍କ ସାଙ୍ଗଙ୍କ ସହ ମୋବାଇଲ୍ ଫୋନରେ କଥା ହେଉଥିଲେ। ତାଙ୍କ ଜେଜେମା' ବାରଣ କରି ମୋବାଇଲ ଛଡ଼ାଇ ଆଣିଥିଲେ। ଏହାପରେ ଶୁଭଲକ୍ଷ୍ମୀ ଶୌଚାଳୟ ଯିବାକୁ କହି ଚାଲିଯାଇଥିଲେ। ମାତ୍ର ଦୀର୍ଘସମୟ ଧରି ଫେରି ନ ଥିଲେ। ସନ୍ଦେହ ହେବାରୁ ଜେଜେମା ଯାଇ ଶୁଭଲକ୍ଷ୍ମୀଙ୍କୁ ଆଜ୍‌ବେଷ୍ଟସ୍ ପାଇପ୍‌ରେ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତାଙ୍କୁ ମେଡିକାଲ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବିଦ୍ୟାଳୟ ପ୍ରତିଷ୍ଠାତା ଡ. ଗଣେଶ ପ୍ରସାଦ ବେହେରା ପହଞ୍ଚି ପରିବାରକୁ ସମବେଦନା ଜଣାଇଛନ୍ତି।

## ମା' ସନ୍ତୋଷୀ ମନ୍ଦିରର ୩ୟ ବାର୍ଷିକୋତ୍ସବ

ଖୁଣ୍ଟୁଣୀ,୧୯।୨(ସଚ୍ଚିଦାନନ୍ଦ ପଣ୍ଡା):
ଖୁଣ୍ଟୁଣୀ ଥାନା ଅଧୀନ ଡାଳଭାଗ ପଞ୍ଚାୟତ ଅନ୍ତର୍ଗତ ଛେନାଖିଆ ନୂଆଗାଁଠାରେ ପ୍ରତିଷ୍ଠିତ ମା' ସନ୍ତୋଷୀ ମନ୍ଦିରର ୩ୟ ବାର୍ଷିକୀ ପ୍ରତିଷ୍ଠା ଉତ୍ସବ ଫେବୃଆରୀ ୨୨ରେ ଅନୁଷ୍ଠିତ ହେବ। ଏନେଇ ଶନିବାର ଛେନାଖିଆ ନୂଆଗାଁ, ଗଉଡ଼ଝରି, ଡାଳଭାଗ, ତଳଗଡ଼ ଗ୍ରାମର ମହିଳାମାନଙ୍କ ଦ୍ୱାରା ୧୦୮ ପୂର୍ଣ୍ଣ କଳସୀ ଜଳ ମହାନଦୀରୁ ଅଣାଯାଇ ଘଟସ୍ଥାପନା କରାଯିବ। ଏହି ୨ଦିନିଆ ପ୍ରତିଷ୍ଠା ଉତ୍ସବରେ କର୍ତ୍ତ୍ରୀ ଭାବେ ଜ୍ୟୋତିର୍ମୟୀ ସେନାପତି ଓ କର୍ତ୍ତାଭାବେ ସଦାନନ୍ଦ ସେନାପତି ସସ୍ତ୍ରିକ କାର୍ଯ୍ୟ ସମ୍ପାଦନ କରିବେ। ପ୍ରତ୍ୟହ ପୂଜା ଷୋଡ଼ଶ ଉପଚାର, ଯଜ୍ଞ, ନାମ ସଂକୀର୍ତ୍ତନ ସାଙ୍ଗକୁ ଗୀତାଯଜ୍ଞ ଓ ପ୍ରସାଦ ସେବନର ଆୟୋଜନ କରାଯାଇଛି। ମା'ଙ୍କର ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଜନସାଧାରଣ ସାହାଯ୍ୟ ସହଯୋଗ କରିବାକୁ ଉଦ୍ୟୋକ୍ତା ସଦାନନ୍ଦ ସେନାପତି ଓ ଛେନାଖିଆ ନୂଆଗାଁ ଗ୍ରାମବାସୀ ଜଣାଇଛନ୍ତି।

## କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ଉପରେ ଶିଖର ସମ୍ମିଳନୀ 'ଭାରତ-୨୦୨୬'

ତ୍ରିଶୂଳିଆ,୧୯।୨(ତୁଷାର କାନ୍ତ ବେହେରା):

କୃତ୍ରିମ ବୁଦ୍ଧିମତ୍ତା କେବଳ ବୈଷୟିକ ପ୍ରଗତିର ମାଧ୍ୟମ ନ ସାଜି ସାମାଜିକ ରୂପାନ୍ତରଣର ମାଧ୍ୟମ ପାଲଟୁ। ସେଥିପାଇଁ ଏହାକୁ ସୁଲଭ, ନୈତିକ ଏବଂ ଲୋକାଭିମୁଖୀ କରିବା ଲାଗି ଉଦ୍ୟମ କରାଯାଉ। ଫେଡେରେଶନ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରୀ-ଫିକ୍କି ପକ୍ଷରୁ ଫେବୃଆରୀ ୧୬ରୁ ୨୦ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀଠାରେ ଆୟୋଜିତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ଉପରେ ଶିଖର ସମ୍ମିଳନୀ 'ଭାରତ-୨୦୨୬'ରେ ଅତିଥି ବକ୍ତାଭାବରେ ଯୋଗଦେଇ ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର କୁଳାଧକ୍ଷା ପ୍ରଫେସର ରଂଜିତା କୁଲକର୍ଣ୍ଣୀ କହିଛନ୍ତି। ପ୍ରଫେସର କୁଲକର୍ଣ୍ଣୀ ଉଦୀୟମାନ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ଯୋଗଦେଇ କହିଛନ୍ତି, ସମଗ୍ର ଶିକ୍ଷା କାର୍ଯ୍ୟକ୍ରମର ରୂପାୟନ ସହ ବିଭିନ୍ନ ବିଭାଗରେ କୃତ୍ରିମ ବୁଦ୍ଧିମତ୍ତାକୁ ସାମିଲ କରାଯାଉଛି। ଏଥିସହ ଅଗ୍ରଣୀ ଶିଳ୍ପାନୁଷ୍ଠାନ ଏବଂ ଶିକ୍ଷାନୁଷ୍ଠାନମାନଙ୍କ ସହ ଏହାର ସହଭାଗିତା ମଧ୍ୟ ଗଢ଼ିଉଠିଛି। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ସମକାରୀ ସଂସ୍ଥାମାନଙ୍କ ସହ ସମନ୍ୱୟ ରଖି କାର୍ଯ୍ୟକରୁଛି। ସାଇବର ସୁରକ୍ଷା ଏବଂ ଡିଜିଟାଲ ମାନବବାଦ କ୍ଷେତ୍ରରେ ଉତ୍କୃଷ୍ଟ କେନ୍ଦ୍ର ସ୍ଥାପନ ପାଇଁ ପଦକ୍ଷେପ ନେଉଛି। ମହିଳା, ଗ୍ରାମାଞ୍ଚଳର ଉଦ୍ୟୋଗୀ ଏବଂ କ୍ଷୁଦ୍ର ବ୍ୟବସାୟୀମାନଙ୍କ ପର୍ଯ୍ୟନ୍ତ କୃତ୍ରିମ ବୁଦ୍ଧିମତ୍ତା କିଭଳି ପହଞ୍ଚିପାରିବ, ସେଥିପାଇଁ ପ୍ରୟାସ ଜାରି ରହିଛି ବୋଲି ସେ କହିଛନ୍ତି। ଏହି ଅବସରରେ ଏପିସିଓର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ମିଷ୍ଟର ବ୍ରାଡ ଷ୍ଟେପଲ୍ସ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ୨୫ରୁ ଊର୍ଦ୍ଧ୍ୱ ରାଷ୍ଟ୍ରାଧ୍ୟକ୍ଷ ତଥା ୧୦୦ରୁ ଊର୍ଦ୍ଧ୍ୱ ଦେଶର ୩୫ ହଜାରରୁ ଅଧିକ ପ୍ରତିନିଧିଙ୍କ ସହଭାଗିତାରେ ଏହି ସମ୍ମିଳନୀ ବିଶ୍ୱର ଏକ ପ୍ରମୁଖ କୃତ୍ରିମ ବୁଦ୍ଧିମତ୍ତା ସମ୍ମିଳନୀ ପାଲଟିଥିଲା। ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କରଙ୍କ ଦ୍ୱାରା ପରିକଳ୍ପିତ 'ପରମ ବୁଦ୍ଧିମତ୍ତା ସଂସ୍ଥାନ'ଠାରୁ ପ୍ରେରଣା ନେଇ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ କିଭଳି ବୈଷୟିକ ଶିକ୍ଷାରେ ନୂତନତ୍ୱକୁ ମାନବୀୟ ମୂଲ୍ୟବୋଧ ସହ ଯୋଡ଼ି ଅଗ୍ରସର ହେଉଛି, ପ୍ରଫେସର କୁଲକର୍ଣ୍ଣୀ ତାହା ପୁନର୍ବାର ପ୍ରମାଣିତ କରିଥିଲେ ।



ସମ୍ମିଳନୀରେ ଯୋଗଦେଇଥିବା ଅତିଥି ।

# ୫୮୦୬ ଛାତ୍ରୀଛାତ୍ର ଦେଲେ ମାଟ୍ରିକ୍ ପରୀକ୍ଷା


ସାଲେପୁର ବ୍ଲକର ଏକ କେନ୍ଦ୍ରକୁ ମାଟ୍ରିକ୍ ପରୀକ୍ଷା ଦେବାକୁ ଆସିଥିବା ଛାତ୍ରୀଛାତ୍ର ।


ତାଳବସ୍ତସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଛାତ୍ରୀଛାତ୍ର ପରୀକ୍ଷା ଦେବାକୁ ଯାଉଛନ୍ତି ।

ସାଲେପୁର,୧୯।୨(ଅରବିନ୍ଦ ଭୂୟାଁ):

କଟକ ଜିଲାର ସାଲେପୁର, ଟିଗିରିଆ, ଆଠଗଡ଼ ଓ ତାଳବସ୍ତରେ ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିନରେ ୫,୮୦୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୫୦ ଜଣ ଅନୁପସ୍ଥିତ ଥିଲେ।

**ସାଲେପୁର,୧୯।୨(ଅରବିନ୍ଦ ଭୂୟାଁ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ବୋର୍ଡ ପରୀକ୍ଷା ଆରମ୍ଭ ହୋଇଯାଇଛି। ସାଲେପୁର ଶିକ୍ଷା ମଣ୍ଡଳରେ ୨,୪୬୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ନିମନ୍ତେ ନାମ ପଞ୍ଜୀକୃତ କରିଥିଲେ। ମାତ୍ର ସେଥିମଧ୍ୟରୁ ଶିକ୍ଷାମଣ୍ଡଳ ଅଧୀନରେ ଥିବା ୧୨ ପରୀକ୍ଷା କେନ୍ଦ୍ରରେ ଗୁରୁବାର ୨,୪୫୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ତେବେ କୌଣସି କାରଣରୁ ୧୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାଯାଇଛି।

**ଟିଗିରିଆ,(ଜାଫର ଖାଁ):** ଟିଗିରିଆ ବ୍ଲକରେ ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିନରେ ସାହିତ୍ୟ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ବ୍ଲକର ମୋଟ ୭ ବିଦ୍ୟାଳୟରେ ଏହିପରୀକ୍ଷା ଅନୁଷ୍ଠିତ ହୋଇଥିଲା। ପରୀକ୍ଷା ପାଇଁ ନାମ ପଞ୍ଜୀକୃତ କରିଥିବା ୧,୧୫୫ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧,୧୪୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୨ଜଣ ଅନୁପସ୍ଥିତ ଥିବା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ଅନୁପସ୍ଥିତ ଥିବା ପରୀକ୍ଷା କେନ୍ଦ୍ର ମଧ୍ୟରୁ ପୁରୁଣା ଟିଗିରିଆ ମହେଶ୍ୱର ନୋଡାଲ ବିଦ୍ୟାପୀଠରେ ୩ ଜଣ, ପବିତ୍ର ମୋହନ ବିଦ୍ୟାପୀଠରେ ଜଣେ, ବିନ୍ଧାଣିମା ବାଳିକା ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୮ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିଲେ।

**ଆଠଗଡ଼,(ସତ୍ୟ ପ୍ରସାଦ ରଥ):** ଆଠଗଡ଼ ବ୍ଲକ ଅଧୀନ ୮ ପରୀକ୍ଷା କେନ୍ଦ୍ରରେ ୧୯ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ବ୍ଲକ ଅନ୍ତର୍ଗତ ୧୦ ପରୀକ୍ଷା କେନ୍ଦ୍ରରେ ୨୦୩୨ ଜଣ ପରୀକ୍ଷାର୍ଥୀଙ୍କ ପାଇଁ ପରୀକ୍ଷା ଦେବାକୁ ପ୍ରସ୍ତୁତି ହୋଇ ଥିବା ବେଳେ ସେମାନଙ୍କ ମଧ୍ୟରୁ ୨୦୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ଜଣାପଡ଼ିଛି। ଅନୁପସ୍ଥିତ ରହିଥିବା ପରୀକ୍ଷା କେନ୍ଦ୍ରଗୁଡ଼ିକ ମଧ୍ୟରେ ବେଣ୍ଟପଦା ଉଚ୍ଚ ବିଦ୍ୟାଳୟରେ ୩, ମହାକାଳବସ୍ତ ହାଇସ୍କୁଲରେ ୩, ଖୁଣ୍ଟୁଣୀ ହାଇସ୍କୁଲରେ ୨, ବାଳୀ ହାଇସ୍କୁଲରେ ୧, ବିଶ୍ୱନାଥ ବିଦ୍ୟାପୀଠରେ ୧, ଆଠଗଡ଼ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୬, ସର୍ପେଶ୍ୱର ହାଇସ୍କୁଲରେ ୨ ଏବଂ ଗୁରୁଡିଝାଟିଆ ବାଳିକା ଉଚ୍ଚ ବିଦ୍ୟାଳୟରେ ୧ ଜଣ ଅନୁପସ୍ଥିତ ଥିବା ଆଠଗଡ଼ ବ୍ଲକ ଶିକ୍ଷା ଅଧିକାରୀ କବିରାଜ ଜେନା ସୂଚନା ଦେଇଛନ୍ତି। ପରୀକ୍ଷା ସୁପରିଚାଳନା ପାଇଁ ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ପର୍ଯ୍ୟବେକ୍ଷକ ଏବଂ ସ୍ୱତନ୍ତ୍ର ସ୍କ୍ୱାଡ୍‌ର ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି।

**ତାଳବସ୍ତ,(ସୁବ୍ରତ କୁମାର ନାୟକ):** ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାର ପ୍ରଥମ ଦିନର ମାତୃଭାଷ ବିଷୟଟି ବିଦ୍ୟାର୍ଥୀମାନେ ଭଲ କରିଛନ୍ତି ବୋଲି ଡମପଡ଼ା ବ୍ଲକର ତାଳବସ୍ତ ପିଏମ୍‌ଶ୍ରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରର ମୁଖ୍ୟ ନିୟନ୍ତ୍ରକ ଦେବାଶିଷ ପାଣି କହିଛନ୍ତି।

ଡମପଡ଼ା ବ୍ଲକର ୫ଟି ଗ୍ରାମାଞ୍ଚଳ ଉଚ୍ଚ ବିଦ୍ୟାଳୟର ୨୦୦ ଛାତ୍ରୀଛାତ୍ର ତାଳବସ୍ତ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଦେଇଛନ୍ତି। ସେଥିମଧ୍ୟରୁ ପ୍ରଥମ ଦିନରେ ୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଛନ୍ତି। ସେହିପରି ଦୁଲଣାପୁର ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ମୁକ୍ତ ବିଦ୍ୟାଳୟ ଅଧୀନରେ ପଢୁଥିବା ବୟୋଜ୍ୟେଷ୍ଠ ନାଗରିକମାନେ ଦଶମ ପରୀକ୍ଷା ଦେଉଛନ୍ତି। ଉଭୟ କେନ୍ଦ୍ର ବିନା ଚୋରି ପ୍ରଶ୍ନର ଉତ୍ତର କାଗଜରେ ଶାନ୍ତି ଶୃଙ୍ଖଳା ସହ ଚାଲିଛି ବୋଲି ଦୁଲଣାପୁର ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ବେଉରା କହିଛନ୍ତି। କୌଣସି ପ୍ରକାର ବିଶୃଙ୍ଖଳା ନ ହେବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ଓ ସ୍କୁଲ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ସଜାଗ ଅଛନ୍ତି ବୋଲି କେନ୍ଦ୍ର ପରୀକ୍ଷା ସହ ନିୟନ୍ତ୍ରକ ପ୍ରଦୀପ୍ତ କୁମାର ପୋଥାଳ ଏବଂ ଶିକ୍ଷକ ମାନସ କୁମାର ନନ୍ଦ କହିଛନ୍ତି। ସିସିଟିଭି ବଳୟରେ ଥିବା ପରୀକ୍ଷା କେନ୍ଦ୍ରରେ ବିଦ୍ୟାର୍ଥୀ ଏବଂ ପ୍ରଶ୍ନ ଉତ୍ତର ଖାତା ନବା ଆଣିବା, ସୁରକ୍ଷା ପାଇଁ ତାଳବସ୍ତ ଫାଣ୍ଡି ଓ ବାଙ୍କୀ ଥାନା ତରଫରୁ କର୍ମଚାରୀ ନିୟୋଜିତ ରହିଥିବା ସେ କହିଛନ୍ତି।

**କଟକ ଜିଲାର ସାଲେପୁର, ଟିଗିରିଆ, ଆଠଗଡ଼ ଓ ତାଳବସ୍ତରେ ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିନରେ ୫୮୦୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୫୦ ଅନୁପସ୍ଥିତ ଥିଲେ**

# ପରୀକ୍ଷା ଦେଲେ ୨୭,୯୮୨ ଛାତ୍ରୀଛାତ୍ର: ୨୬୨ ଅନୁପସ୍ଥିତ

## ମାଟ୍ରିକ୍ ପରୀକ୍ଷାର ପ୍ରଥମ ଦିନ



ଖୋର୍ଦ୍ଧା, ୧୯।୨ (ପ୍ରଭାତ ପାଣିଗ୍ରାହୀ)

ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଗୁରୁବାରଠାରୁ ଆରମ୍ଭ ହୋଇଛି। ଛାତ୍ରୀଛାତ୍ରମାନେ ପ୍ରଥମଥର ବୋର୍ଡ ପରୀକ୍ଷା ଦେଉଥିବାରୁ ମନ ଭିତରେ ଭୟ ରହିଥିଲା। ପିଲାମାନେ ଉତ୍ସାହର ସହିତ ପରୀକ୍ଷା କେନ୍ଦ୍ର ଭିତରକୁ ଯାଇଥିଲେ। ପ୍ରଥମ ଦିନରେ ଖୋର୍ଦ୍ଧା ଜିଲାରେ ହଜାର ହଜାର ସଂଖ୍ୟାର ଛାତ୍ରୀଛାତ୍ରମାନେ ମାତୃଭାଷା(ଓଡିଆ)ରେ ପରୀକ୍ଷା ଦେଇଛନ୍ତି। ଚଳିତ ଦଶମ ବୋର୍ଡ ପରୀକ୍ଷା ପାଇଁ ଖୋର୍ଦ୍ଧା ଜିଲାରେ ମୋଟ ୨୮ହଜାର ୨୪୪ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ହେଲେ ପ୍ରଥମ ଦିନରେ ୨୭ହଜାର ୯୮୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୬୨ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଛନ୍ତି। ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପାଇଁ ୩୫୮ଜଣ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ। ୨୭୦ଜଣ ପରୀକ୍ଷା ଦେଇଥିବା ବେଳେ ୮୮ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିବା ଜିଲା ଶିକ୍ଷା ଅଧିକାରୀ(ଡିଇଓ) ସୋନାମିକା ରାୟ ସୂଚନା ଦେଇଛନ୍ତି।

ବାଲିଅନ୍ତା ବ୍ଲକ ବାଲକାଟୀ ପି.ଏସ୍ ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ହୋଇଥିବା ବେଳେ ୧୪୬୦ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ୧୪୪୯ଜଣ ପରୀକ୍ଷା ଦେଇଥିବା ବେଳେ ବେଳେ ୧୧ ଅନୁପସ୍ଥିତ ଅଛନ୍ତି। ସେହିପରି ବାଲିପାଟଣା ବ୍ଲକ ଏସ୍.ବି ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟର ହୋଇଥିବା ବେଳେ ୧୫୪୫ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ୧୫୧୬ ଜଣ ପରୀକ୍ଷା ଦେଇଥିବା ବେଳେ ବେଳେ ୨୯ ଅନୁପସ୍ଥିତ ଅଛନ୍ତି। ସେହିପରି ଭୁବନେଶ୍ୱରରେ ୩ଟି ନୋଡାଲ ସେଣ୍ଟର ହୋଇଥିବା ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟ, ୟୁନିଟ୍ ୩ କ୍ୟାପିଟାଲ ହାଇସ୍କୁଲ ଏବଂ ୟୁନିଟ୍-୮ ସରକାରୀ ବିଦ୍ୟାଳୟ ସେଣ୍ଟର ଅଧୀନରେ ୧୨,୨୬୭ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବାବେଳେ ୧୨,୧୮୮ ବିଦ୍ୟାର୍ଥୀ ପରୀକ୍ଷା ଦେଇଛନ୍ତି ଓ ୭୯ ଅନୁପସ୍ଥିତ ଅଛନ୍ତି। ସେହିପରି ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପାଇଁ ଭୁବନେଶ୍ୱରରେ ୧୧୬ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୧୩ ଅନୁପସ୍ଥିତ ଥିଲେ। ଜଟଣୀ ପିଏନ୍ ହାଇସ୍କୁଲ ନୋଡାଲ ସେଣ୍ଟର ହୋଇଥିବା ବେଳେ ୧୩୭୮ ପିଲା ପରୀକ୍ଷା ଦେଇଥିବା ବେଳେ ୨ଜଣ ଅନୁପସ୍ଥିତ ଥିଲେ। ଖୋର୍ଦ୍ଧା ବିଜେବି ହାଇସ୍କୁଲ ନୋଡାଲ ସେଣ୍ଟର ହୋଇଥିବା ବେଳେ ୨୭୩୮ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୯ଜଣ ଆସି ନ ଥିଲେ। ଖୋର୍ଦ୍ଧା ରାଜ୍ୟମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପାଇଁ ୨୪୨ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିବା ବେଳେ ୧୬୭ଜଣ ପରୀକ୍ଷା ଦେଇଥିବା ବେଳେ ୭୫ଜଣ ଅନୁପସ୍ଥିତ ରହିଛନ୍ତି। ବେଗୁନିଆ ଗୋପବନ୍ଧୁ ହାଇସ୍କୁଲ ନୋଡାଲ ସେଣ୍ଟର ହୋଇଥିବା ବେଳେ ୧୭୪୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୨ଜଣ ଅନୁପସ୍ଥିତ, ବୋଲଗଡ଼ରେ ୧୪୪୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୩୭ଜଣ ଅନୁପସ୍ଥିତ ଏବଂ ଟାଙ୍ଗୀରେ ୨୧୦୦ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୩୦ ଜଣ ପରୀକ୍ଷା ଦେଇ ନ ଥିଲେ। ଚିଲିକାରେ ୧୪୯୦ ଜଣ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨ଜଣ ଅନୁପସ୍ଥିତ ଏବଂ ବାଣପୁରରେ ୧୯୩୩ଜଣ ଛାତ୍ରୀଛାତ୍ର ଦଶମ ପରୀକ୍ଷା ଦେଇଥିବା ବେଳେ ୨୧ଜଣ ଆସି ନ ଥିବା ଜଣାପଡିଛି।

ଡିଇଓ ରାୟଙ୍କ ସୂଚନା ପ୍ରକାରେ, ଜିଲାରେ ୧୨ଟି ନୋଡାଲ କେନ୍ଦ୍ର ଏବଂ ପ୍ରଶ୍ନପତ୍ର ପହଞ୍ଚାଇବା ପାଇଁ ୩୦ଟି ଟିମ୍ ଗଠନ କରାଯାଇଛି। ସମସ୍ତ କେନ୍ଦ୍ର ସିସିଟିଭି ସର୍ଭେଲାନ୍ସ ରହିଥିବା ବେଳେ ୫୦ଟି ସମ୍ବେଦନଶୀଳ ଓ ଅତି ସମ୍ବେଦନଶୀଳ କେନ୍ଦ୍ର ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଶୃଙ୍ଖଳିତ ପରୀକ୍ଷା ପରିଚାଳନା ପାଇଁ ତିନିସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଛି। ଜିଲା ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ରହିଛି। ସମସ୍ତ ପରୀକ୍ଷା କେନ୍ଦ୍ର ଶହେ ମିଟର ଅଞ୍ଚଳକୁ ନିଷେଧାଞ୍ଚଳ ଘୋଷଣା କରାଯାଇଛି। ପରୀକ୍ଷା କେନ୍ଦ୍ରକୁ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ମୋବାଇଲ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଏହାକୁ ଅବମାନନା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଗ୍ରହଣ କରାଯିବ।

ଜିଲାପାଳ ଅମ୍ରିତ୍ ଋତୁରାଜ କହିଛନ୍ତି ଯେ, ମାଟ୍ରିକ ପରୀକ୍ଷା ଛାତ୍ର ଜୀବନରେ ଏକ ପ୍ରମୁଖ ଭୂମିକା ରହିଛି। ଶିକ୍ଷାକ୍ଷେତ୍ରରେ ଏହା ଏକ ଟର୍ନିଂ ପଏଣ୍ଟ। ପରୀକ୍ଷା କେନ୍ଦ୍ରରେ ପିଲାମାନେ ପ୍ରଶ୍ନ ଭଲ ଭାବେ ବୁଝି, ଅଧୈର୍ଯ୍ୟ ନ ହୋଇ ସ୍ଥିର ମସ୍ତିଷ୍କରେ ପରୀକ୍ଷା ଦେବା ପାଇଁ ପରାମର୍ଶ ଦେଇଛନ୍ତି। ସେହିପରି ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା କହିଛନ୍ତି ଯେ, ସମସ୍ତ ପରୀକ୍ଷା କେନ୍ଦ୍ରରେ ପୋଲିସ ମୁତୟନ କରାଯାଇଛି। ପରୀକ୍ଷା କେନ୍ଦ୍ରର ଶହେ ମିଟର ଅଞ୍ଚଳରେ କାହାରିକୁ ରହିବାକୁ ବାରଣ କରାଯାଇଛି। ଅନ୍ୟପଟେ ଏତେ ସଂଖ୍ୟକ ପରୀକ୍ଷାର୍ଥୀଙ୍କ ଅନୁପସ୍ଥିତିକୁ ନେଇ ବୁଦ୍ଧିଜୀବୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ମାଟ୍ରିକ ପରୀକ୍ଷା ପୂର୍ବରୁ ପିଲାଙ୍କୁ ଠିକ୍ ଭାବେ କାଉନସେଲିଂ କରାଯିବା, ସେମାନଙ୍କୁ ପରୀକ୍ଷା ପ୍ରସ୍ତୁତି ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ଜରୁରୀ ଥିଲା। ତେବେ ଏହାର ତର୍ଜମା ଆବଶ୍ୟକ ରହିଛି ବୋଲି ମତପ୍ରକାଶ ପାଇଛି ।

# କବାଟ ଭାଙ୍ଗି ଟଙ୍କା, ସୁନାରୁପା ଅଳଙ୍କାର ନେଇଗଲେ



ବୋଲଗଡ଼, ୧୯।୨ (ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅଧୀନ ବାଙ୍କୋଇ ଫାଣ୍ଡି ଅନ୍ତର୍ଗତ କଅଁରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଘରୁ ଗତ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ତାଙ୍କ ଘର କବାଟ ଭାଙ୍ଗି ୫୦ ହଜାର ଟଙ୍କା ଏବଂ ୮ଲକ୍ଷ ଟଙ୍କାର ସୁନାରୁପା ଅଳଙ୍କାର ନେଇଯାଇଛନ୍ତି। ଏନେଇ ପୂର୍ଣ୍ଣଚନ୍ଦ୍ର ବୋଲଗଡ଼ ଥାନାରେ ଅଭିଯୋଗ କରିବା ପରେ ପୋଲିସ ସାଇଣ୍ଟିଫିକ ଟିମ୍ ସହାୟତାରେ ଘଟଣାର ତଦନ୍ତ କରିଛି। ଅଭିଯୋଗ ମୁତାବକ, ପୂର୍ଣ୍ଣଚନ୍ଦ୍ର ଓ ତାଙ୍କ ପରିବାର ଉକ୍ତ ଦିନ ରାତିରେ ନିକଟସ୍ଥ ଶିବମନ୍ଦିର ପ୍ରାଙ୍ଗଣରେ ଯାତ୍ରା ଦେଖିବାକୁ ଯାଇଥିଲେ। ତେବେ ସେଠାରୁ ଭୋରୁ ଘରକୁ ଫେରି ତାଙ୍କ ଦାଣ୍ଡ କବାଟ ଭଙ୍ଗା ଯାଇଥିବା ଏବଂ ଆଲାମିରା ଓ କାଠସିନ୍ଦୁକ ତାଡ଼ି ଦୁର୍ବୃତ୍ତମାନେ ଟଙ୍କା ସହିତ ସୁନାରୁପା ଅଳଙ୍କାର ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏନେଇ ଅଭିଯୋଗ ପରେ ଏକ ମାମଲା (ନଂ.୬୮/୨୬)ରୁଜୁ କରାଯାଇ ଘଟଣାର ତଦନ୍ତ ଜାରି ରହିଛି ବୋଲି ତଦନ୍ତ ଅଧିକାରୀ ଏସ୍ଆଇ ହାଡୁବନ୍ଧୁ ଦାସ କହିଛନ୍ତି।

ସେହିପରି ଏହି ଫାଣ୍ଡି ଅଧୀନ ସାଗରଗୁଆଁ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖାର ଏକ ଏଟିଏମ୍‌ରେ ଲାଗିବା ପାଇଁଥିବା ଦୁଇଟି ନୂଆ ବ୍ୟାଟେରି ଚୋରି ହୋଇଥିବା ଅଭିଯୋଗ ହୋଇଛି। ଶାଖା ପରିଚାଳକ କୈଳାସ ପାଣିଗ୍ରାହୀଙ୍କ ଅଭିଯୋଗ ମୁତାବକ, ସୋମବାର ରାତି ୧୧ଟା ୨୫ରେ ଜଣେ ଦୁର୍ବୃତ୍ତ ବ୍ୟାଙ୍କ ପରିସରରେ ପ୍ରବେଶ କରି ଏହା ଚୋରି କରିଥିବା ସିସିଟିଭି କ୍ୟାମେରାରେ ରେକର୍ଡ ହୋଇଛି। ସେହିପରି ଉକ୍ତ ଦିନ ମଧ୍ୟ ସେହି ସାଗରଗୁଆଁ ଗ୍ରାମର କେତେଜଣଙ୍କ ଘରୁ ସୁନାରୁପା ଅଳଙ୍କାର, ଟଙ୍କା ଚୋରି ହୋଇଥିବା ନେଇ ଫାଣ୍ଡିରେ ଅଭିଯୋଗ ହୋଇଛି।

# ହରମୋହନ ସଭାପତି, ଜିତେନ୍ଦ୍ରୀୟ ସମ୍ପାଦକ

## ଜଟଣୀ ମ୍ୟୁନିସିପାଲିଟି ଠିକାଦାର ସଂଘର ନୂତନ କର୍ମକର୍ତ୍ତା ଚୟନ

ଜଟଣୀ, ୧୯।୨ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ମ୍ୟୁନିସିପାଲିଟି ଠିକାଦାର ସଂଘର ବୈଠକ ଏବଂ ନୂତନ କର୍ମକର୍ତ୍ତା ଚୟନ ସଂଘର ଆବାହକ ଶୈଳେନ୍ଦ୍ର କୁମାର ପଟ୍ଟନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତିଭାବେ ହରମୋହନ ରାଉତରାୟ ମନୋନୀତ ହୋଇଛନ୍ତି। ସେହିପରି ସମ୍ପାଦକଭାବେ ଜିତେନ୍ଦ୍ରୀୟ ରଥ, କୋଷାଧ୍ୟକ୍ଷ ଅଭିଜିତ୍ ସାମନ୍ତରାୟ, ଉପସଭାପତି ବିଜୟ କୁମାର ସେଠୀ, ସହ ସମ୍ପାଦକ ଜୟନ୍ତ କୁମାର ପଲେଇ, ଆବାହକ ଶୈଳେନ୍ଦ୍ର କୁମାର ପଟ୍ଟନାୟକ, ଉପଦେଷ୍ଟା ପ୍ରମୋଦ ବଳିୟାରସିଂ, ବିରଞ୍ଚି ନାୟକ, ସୁରେନ୍ଦ୍ର ବେହେରା ପ୍ରମୁଖ ମନୋନୀତ ହୋଇଛନ୍ତି। ବୈଠକରେ ସମସ୍ତ ଠିକାଦାର ଟେଣ୍ଡରକୁ ସିଡିୟୁଲ ରେଟରେ ପକାଇବା, ଅନୁସୂଚିତ ଜାତି ଜନଜାତିର ସଦସ୍ୟ ଅଧିକ ୧୦% ବଢ଼ାଇ ଟେଣ୍ଡର ପକାଇବା, କୌଣସି ଠିକାଦାର ମାଇନସ କରି ଟେଣ୍ଡର ନ ପକାଇବା, ଠିକାଦାର ସିଡିୟୁଲ ରେଟରେ ସମସ୍ତ କାର୍ଯ୍ୟ ପାଇଁ ଟେଣ୍ଡର ପକାଇ ପାରିବା ଆଦି ଉପରେ ଆଲୋଚନା କରାଯାଇଥିବା ସଂଘର ସମ୍ପାଦକ ରଥ କହିଛନ୍ତି।

# ନିରପେକ୍ଷ ତଦନ୍ତ ସହ ପଦକ୍ଷେପ ନିଆଯାଉ



ବିଜେଡି ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

## ବୋଲଗଡ଼ ବିଡିଓଙ୍କ ଅଗଣତାନ୍ତ୍ରିକ କାର୍ଯ୍ୟକୁ ବିଜେଡିର ନିନ୍ଦା

ଖୋର୍ଦ୍ଧା, ୧୯।୨ (ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବିଡିଓ ସୁମନ ସୁଧା କୁଣ୍ଡୁଙ୍କ ଦ୍ୱାରା ଅଗଣତାନ୍ତ୍ରିକ କାର୍ଯ୍ୟ ଓ ଦଳୀୟ ଭିତ୍ତିରେ ପକ୍ଷପାତ ବ୍ୟବହାର, ପ୍ରଶାସନିକ ଅନିୟମିତାକୁ ନିନ୍ଦା କରିଛି ବିଜୁ ଜନତା ଦଳ(ବିଜେଡି)। ଉକ୍ତ ବ୍ଲକରେ ଘଟୁଥିବା ଘଟଣାକୁ ନେଇ ଚିନ୍ତା ପ୍ରକାଶ କରିବା ସହ ଏହା ପଞ୍ଚାୟତସ୍ତରରେ ଲୋକତାନ୍ତ୍ରିକ କାର୍ଯ୍ୟପ୍ରଣାଳୀ ପାଇଁ କ୍ଷତିକାରକ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଗତ ୮ଦିନ ଧରି ବିଭିନ୍ନ ରାଜନୈତିକ ଦଳର ଜନପ୍ରତିନିଧିମାନେ ଉକ୍ତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସି ସାଧାରଣ ବିକାଶମୂଳକ ସମସ୍ୟାଗଡ଼ିକୁ ଉଠାଇ ଆସୁଥିଲେ। ତେବେ ଧାରଣା ସମୟରେ ନିର୍ବାଚିତ ବ୍ଲକ ଚେୟାରମ୍ୟାନଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରକୁ ପ୍ରବେଶ କରିବାରୁ ବଞ୍ଚିତ କରାଯାଇଥିଲା। ଏହା ଯଦି ସତ୍ୟ ପ୍ରମାଣିତ ହୁଏ, ତେବେ ଏହା ଗୋଟିଏ ସାମ୍ବିଧାନିକ ପଦବୀ ପ୍ରତି ଅସମ୍ମାନ ଏବଂ ପଞ୍ଚାୟତିରାଜ ପ୍ରଣାଳୀରେ ଉଦ୍ଦିଷ୍ଟ ଲୋକତାନ୍ତ୍ରିକ ବିକେନ୍ଦ୍ରୀକରଣର ଆତ୍ମାକୁ କ୍ଷତିଗ୍ରସ୍ତ କରୁଛି। ନିର୍ବାଚିତ ପ୍ରତିନିଧିଙ୍କୁ ତାଙ୍କ କର୍ତ୍ତବ୍ୟ ପାଳନରୁ ବଞ୍ଚିତ କରିବା ଏକ ଅଗଣତାନ୍ତ୍ରିକ କାର୍ଯ୍ୟ ଏବଂ ପ୍ରଚଳିତ ପ୍ରଶାସନିକ ମାନଦଣ୍ଡଙ୍କୁ ବିରୋଧ କରୁଛି। ସରକାରୀ କର୍ମଚାରୀମାନେ ରାଜନୈତିକ ନିରପେକ୍ଷତା ରକ୍ଷା କରି ଜନପ୍ରତିନିଧିମାନଙ୍କ ସହ ସମନ୍ୱୟରେ ଲୋକଙ୍କ କଲ୍ୟାଣ ଓ ବିକାଶ ପାଇଁ କାମ କରିବାକୁ ଦାବି ହୋଇଛି। ଏନେଇ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ନାରାୟଣ ଜେନା ଏବଂ ରିତାଞ୍ଜଳି ପ୍ରଧାନଙ୍କ ସମେତ ବିଜେଡି ନେତାମାନଙ୍କ ଏକ ପ୍ରତିନିଧିମଣ୍ଡଳୀ ଖୋର୍ଦ୍ଧା ଜିଲାପାଳଙ୍କ ଉଦ୍ଦେଶ୍ୟରେ ପିଡିଡିଆରଡିଏଙ୍କ ମାଧ୍ୟମରେ ଏକ ସ୍ମାରକପତ୍ର ପ୍ରଦାନ କରିବା ସହିତ ଏହି ବିଷୟରେ ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି କରିଛନ୍ତି। ବିଡିଓଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ସ୍ୱଚ୍ଛ ଓ ସମୟସୀମାବଦ୍ଧ ତଦନ୍ତ, କଥିତ ଭାବେ ବ୍ଲକ ଚେୟାରମ୍ୟାନଙ୍କୁ ପ୍ରବେଶ ଅନୁମତି ନ ମିଳିବା ପରିସ୍ଥିତିର ଅନୁଧ୍ୟାନ ଏବଂ ପ୍ରଶାସନିକ ନିରପେକ୍ଷତା ଓ ସାଧାରଣ ଲୋକଙ୍କ ଆତ୍ମବିଶ୍ୱାସ ପୁନରୁଦ୍ଧାର ପାଇଁ ଉଚିତ ପଦକ୍ଷେପ ନେବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି।

# ୨୦କେଜି ଗଞ୍ଜେଇ ସହ ବାଇକ୍ ଜବତ, ଯୁବକ ଗିରଫ

ବେଗୁନିଆ, ୧୯।୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ଥାନା ଅଧୀନ ଗେଡ଼ିଆପଲ୍ଲୀ ବଜାର ନିକଟରୁ ଗୁରୁବାର ୨୦କେଜି ୩ଶହ ଗ୍ରାମ ଗଞ୍ଜେଇ, ଗୋଟିଏ ବାଇକ୍ ଏବଂ ମୋବାଇଲ ଫୋନ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତି ଥିବା ଜଣେ ଯୁବକକୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ସେ ହେଲେ କଟକ ଜିଲା ବୈଦେଶ୍ୱର ଥାନା କଢ଼ାମଲ୍ଲ ଗ୍ରାମର ସୌମ୍ୟଜିତ୍ ମଙ୍ଗରାଜ(୨୦)। ସୂଚନା ମୁତାବକ, ଗୁରୁବାର ପୂର୍ବାହ୍ନରେ ବାଇକ୍ (ଓଡି ୦୫ପି ୬୧୫୭)ରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଖୋର୍ଦ୍ଧା ଅବକାରୀ ପୋଲିସକୁ ସୂଚନା ମିଳିଥିଲା। ଅବକାରୀ ଅଧୀକ୍ଷିକା ସୁମତୀ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ମୋବାଇଲ ୟୁନିଟ୍ ନିରୀକ୍ଷକ ତପସ୍ୱିନୀ ବରାଳ, ଉପ ନିରୀକ୍ଷକ ମିତ୍ରବିନ୍ଦା ପରିଡ଼ା, ସଞ୍ଜୟ କୁମାର ରାଉତ, ଜିତେନ୍ଦ୍ର ହେମ୍ବ୍ରମ, ସତ୍ୟବନ୍ତ ମାଝୀ, ବିକାଶ ଚନ୍ଦ୍ର ରାଉତ, ସ୍ୱପ୍ନାରାଣୀ ବେହେରା, ସୁବ୍ରତ କୁମାର ମହାପାତ୍ରଙ୍କୁ ନେଇ ଏକ ଟିମ୍ ଗେଡ଼ିଆପଲ୍ଲୀ ବଜାର ନିକଟରେ ଛକି ରହିଥିଲା। ପରେ ଉକ୍ତ ଟିମ୍ ସୌମ୍ୟଜିତ୍‌ଙ୍କୁ ଧରିବା ସହ ଗଞ୍ଜେଇ ଏବଂମୋବାଇଲ ଫୋନଜବତ କରିଥିଲା। ଏନେଇ ବିଭାଗ ପକ୍ଷରୁ ଏକ ମାମଲା (୪୫୪/୨୫-୨୬) ରୁଜୁ ହୋଇଛି।

# ବ୍ଲକ କାର୍ଯ୍ୟାଳୟ ଫାଟକ ଆଗରେ ଗାଡ଼ି ରଖିବାରୁ ବିରୋଧ



## ଜିଲାପାଳଙ୍କୁ ଅଭିଯୋଗପତ୍ର ପ୍ରଦାନ

ଜଟଣୀ, ୧୯।୨ (ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ କାର୍ଯ୍ୟାଳୟ ମୁଖ୍ୟ ଫାଟକ ଆଗରେ ବିଡିଓଙ୍କ ସମେତ ଅନ୍ୟ କର୍ମଚାରୀମାନଙ୍କ ଗାଡ଼ି ରହୁଛି। ଫଳରେ ବିଭିନ୍ନ କାମ ପାଇଁ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଲୋକେ ଭିତରକୁ ଯିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଦିବ୍ୟାଙ୍ଗମାନେ କାର୍ଯ୍ୟାଳୟ ଭିତରକୁ ଯିବା ପାଇଁ ନାହିଁ ନ ଥିବା ହଇରାଣ ହେଉଛନ୍ତି। ସେହିପରି ବ୍ଲକ ପରିସଂଖ୍ୟାନ କାର୍ଯ୍ୟାଳୟ ଫାଟକ ଆଗରେ ବାଇକ୍ ରଖିବା ଦ୍ୱାରା ସେହି ସ୍ଥାନକୁ ସମ୍ପୂର୍ଣ୍ଣ ଭାବେ ଅବରୋଧ କରାଯାଉଛି। ଏନେଇ ସୂଚନା ଅଧିକାର ଅଭିଯାନର ଖୋର୍ଦ୍ଧା ଜିଲା ଶାଖାର ସଦସ୍ୟ ପ୍ରଶାନ୍ତ ମହାପାତ୍ର, ରବୀନ୍ଦ୍ରନାଥ ମହାକୁଡ଼, ହୃଦାନନ୍ଦ କୋଦମାସିଂହ, ସଲୀଳ ପଟ୍ଟନାୟକ ପ୍ରମୁଖ ଗୁରୁବାର ଜିଲାପାଳ ଅମ୍ରିତ୍ ଋତୁରାଜଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣା ଉପରେ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ବିଡିଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ବୋଲଗଡ଼ରେ ଭିବି-ଜି ରାମ ଜି ଜନଜାଗରଣ ଅଭିଯାନ

ବୋଲଗଡ଼, ୧୯।୨ (ଦେବବ୍ରତ ହୋତା)

ସ୍ଥାନୀୟ ନନ୍ଦିଘୋଷ ଭବନ ପ୍ରେକ୍ଷାଳୟରେ ବୁଧବାର ଭିବି-ଜି ରାମ ଜି ସମ୍ପର୍କିତ ସଚେତନତାପାଇଁ ଜନଜାଗରଣ ଅଭିଯାନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଭାଜପା ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ ଯୋଗଦେଇ ଗାନ୍ଧିଜୀଙ୍କ ଗ୍ରାମ ସ୍ୱରାଜ ସ୍ୱପ୍ନ ପୂରଣ କରିବ ଭିବି ଜୀ ରାମ ଜୀ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ କୃଷକ ମୋର୍ଚ୍ଚା କୋଷାଧ୍ୟକ୍ଷ ବିଶ୍ୱଜିତ୍ ସ୍ୱାଇଁ, ଭାଜପା ଜିଲା ସମ୍ପାଦିକା ସୁମିତ୍ରା ବାହିନୀପତି, ଭାଜପା ନେତା ରୁଦ୍ର ବାହିନୀପତି, ସମିତି ମେମ୍ବର ଦିଲୀପ ମହାପାତ୍ର ଓ ମନସ୍ୱିତା ଦଳାଇ, ଶ୍ରମିକନେତା ଅକ୍ଷୟ ରାଉତରାୟ, ପୂର୍ବତନ ମଣ୍ଡଳ ସଭାପତି ସୌମ୍ୟରଞ୍ଜନ ବଳିୟାରସିଂହ, ଶରତ ଦଳାଇ, ଚନ୍ଦ୍ରଭାନୁ ମହାରଥା, ଚିନ୍ମୟ ହୋତାଙ୍କ ସମେତ ଅନ୍ୟମାନେ ଯୋଗଦେଇ ନୂତନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ସମସ୍ତ ଅତିଥିଙ୍କୁ ରାଜ ସୁନାଖଳା ବଜାରଠାରୁ ବାଇକ ଶୋଭାଯାତ୍ରାରେ ବୋଲଗଡ଼ ଗୋପବନ୍ଧୁ ଛକ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଦଳୀୟ କର୍ମୀ ଓ ଅନ୍ୟମାନେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ସେଠାରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରି ଅତିଥିମାନେ ପଦଯାତ୍ରାରେ ବସ୍‌ଷ୍ଟାଣ୍ଡ, ବଜାର ଅତିକ୍ରମ କରି ନନ୍ଦିଘୋଷ ଭବନଠାରେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ରାମକୃଷ୍ଣ ଶିକ୍ଷାକେନ୍ଦ୍ରର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଟାଙ୍ଗୀ, ୧୯।୨ (ରଘୁନାଥ ସାହୁ)

ଟାଙ୍ଗୀ ରାମକୃଷ୍ଣ ଶିକ୍ଷାକେନ୍ଦ୍ରରେ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସଂଯମତା, ସମୟାନୁବର୍ତ୍ତିତା, ସଙ୍କଳ୍ପ ଓ ସଦ୍‌ଚିନ୍ତା ଶିକ୍ଷାର୍ଥୀମାନଙ୍କୁ ବିକାଶର ବାଟ ଦେଖାଇଥାଏ ବୋଲି କହିଥିଲେ। ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର ନାରାୟଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ବକ୍ତା ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର ସଭାପତି ନାରାୟଣ ମହାପାତ୍ର, ସମ୍ମାନିତ ଅତିଥିଭାବେ ଓଡ଼ଗାଁ ସହଗୋଷ୍ଠୀ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକ ଯୋଗଦେଇ ପିତାମାତାଙ୍କ ଶିଶୁ ପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧକ୍ଷା ମୋନାଲି ଦାସ ବିବରଣୀ ପାଠ କରିଥିଲେ। ଏହି ଅବସରରେ ୧୬୦ଜଣ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ସାହୁ, ଦେବଯାନୀ ସ୍ୱାଇଁ ଏବଂ ସନ୍ତୋଷୀ ବେହେରାଙ୍କ ନିର୍ଦ୍ଦେଶନାରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦୀପକ କୁମାର ମହାପାତ୍ର ସଂଯୋଜନା କରିଥିଲେ। ସ୍ୱାଗତିକା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିଙ୍କ ଗହଣରେ ପୁରସ୍କାର ପାଇଥିବା ଛାତ୍ରୀଛାତ୍ର।

# ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଆଦିତ୍ୟ ଏକାଦଶ ବିଜୟୀ




ଅତିଥିଙ୍କଠାରୁ ଅରବିନ ସିଂ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି।

ଯାଁଳା, ୧୯।୨ (ବୁଲା ବାରିକ)

ତମାଣ୍ଡୋ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୮ମ ତମାଣ୍ଡୋ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଗୁରୁବାର ମାଇଟି ୟଙ୍ଗଷ୍ଟାରକୁ ହରାଇ ଆଦିତ୍ୟ ଏକାଦଶ ବିଜୟୀ ହୋଇଛି। ଟସ୍ ଜିତି ମାଇଟି ୟଙ୍ଗଷ୍ଟାର ପ୍ରଥମେ ବ୍ୟାଟିଂ କରି ୨୦ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୪୪ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଂଶୁମାନ ସାହୁ ୨୭, ଶାଶ୍ୱତ ରାଉତ ୩୧ରନ କରିଥିଲେ। ବିପକ୍ଷ ଟିମ୍‌ର ହରସିତ୍ ରାଠୋର ୩ଟି ଏବଂ ଆନନ୍ଦ ଭରଦ୍ୱାଜ ୨ଟି ଉଇକେଟ ନେଇଥିଲେ। ଆଦିତ୍ୟ ଏକାଦଶ ଟିମ୍ ୧୦ଓଭରରେ ୫ଉଇକେଟ ବିନିମୟରେ ୧୪୫ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଅରବିନ ସିଂ ୫୬ ଏବଂ ବିପ୍ଳବ ସାମନ୍ତରାୟ ୪୫ ରନ କରିଥିଲେ। ଅତିଥିଭାବେ ଅଶ୍ୱିନୀ ପୃଷ୍ଟି ଯୋଗଦେଇ ବିଜୟୀ ଟିମ୍‌ର ଅରବିନ ସିଂଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସୁମେନ୍ଦ୍ର ପାତ୍ର ଏବଂ ଆଶୁତୋଷ ପାଣି ମ୍ୟାଚ ପରିଚାଳନା କରିଥିଲେ। ଶୁକ୍ରବାର ଟିସିସି ଭୁବନେଶ୍ୱର ଏବଂ ଏମ୍ଏମ୍‌ସିସି ସମ୍ବଲପୁର ମଧ୍ୟରେ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

# କୁସୁମାଟି ଫୁଟ୍‌ବଲ କ୍ଲବ୍ ସେମିଫାଇନାଲରେ

ବାଘମାରୀ, ୧୯।୨
(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ କଣ୍ଟାମଳିମ ଜୟଦୁର୍ଗା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଗ୍ରାମ୍ୟ ଖେଳପଡ଼ିଆରେ ଚାଲିଥିବା ୩୧ତମ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଗୁରୁବାର କୁସୁମାଟି ଫୁଟ୍‌ବଲ କ୍ଲବ ଜଟଣୀ ଏବଂ ବଜରଙ୍ଗୀ ଫୁଟ୍‌ବଲ କ୍ଲବ୍ ଘାଟିକିଆ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ମ୍ୟାଚ୍ ଅମୀମାଂସିତ ରହିବା ପରେ ଟାଇବ୍ରେକରରେ ୫-୪ ଗୋଲରେ କୁସୁମାଟି ଫୁଟ୍‌ବଲ କ୍ଲବ୍ ଜଟଣୀ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ବିଦେଶୀ ନାୟକ ରେଫରି, ପ୍ରଫୁଲ୍ଲ ବେହେରା, ସଖୱାତ ଖାନ ଲାଇନ୍‌ରେ ସହାୟତା କରିଥିଲେ। ଚତୁର୍ଥ ଅଫିସିଆଲ ଭାବେ ଅମଜାଦ ଖାଁ ଏବଂ ମ୍ୟାଚ କମିଶନର ଭାବେ ଦୟାନ ଖାଁ ଦାୟିତ୍ୱ ତୁଲାଇଥିଲେ। ଅଜୟ ମାର୍ଥା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର ଗୋଲ୍ଡେନ କ୍ଲବ୍ ଅରଗୁଳ ଏବଂ ଆଥ୍‌ଲେଟିକ ଆସୋସିଏଶନ ବାଙ୍କୀ ମଧ୍ୟରେ ପ୍ରଥମ ସେମି ଫାଇନାଲ ମ୍ୟାଚ୍ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ଗ୍ରାମ୍ୟ କମିଟି ସଭାପତି ଯଜ୍ଞେଶ୍ୱର ରାଉତରାୟ, ଉପସଭାପତି ଅଜୟ ମାର୍ଥା, ସମ୍ପାଦକ ଆର୍ତ୍ତବନ୍ଧୁ ମାଝୀ, କୋଷାଧ୍ୟକ୍ଷ ବାଉରିବନ୍ଧୁ ପାଇକରାୟଙ୍କ ସମେତ ଜୟଦୁର୍ଗା ଫୁଟ୍‌ବଲ କ୍ଲବର ସଦସ୍ୟ ସହଯୋଗ କରିଥିଲେ।

**ଆଇଆଇସିଙ୍କ ନୟାହାଟ ଫାଣ୍ଡି ପରିଦର୍ଶନ**

ଯୋଗେଶରପୁର,(ରଶ୍ମିରଞ୍ଜନ ସାହୁ)- ଗୋପ ଥାନାର ନୂତନ ଆଇଆଇସି ଦୁର୍ଗାଚରଣ ମହାପାତ୍ର ଗୁରୁବାର ରାତିରେ ନୟାହାଟ ଫାଣ୍ଡି ପରିଦର୍ଶନ କରିଛନ୍ତି। ଧୂମାଳ ସରପଞ୍ଚଙ୍କ ପ୍ରତିନିଧି ଓ ସାମାଜିକ କର୍ମୀ ଅଭିମନ୍ୟୁ ସିଂହ ଫୁଲତୋଡ଼ା ଦେଇ ସମ୍ବର୍ଦ୍ଧିତ କରିବା ସହ ନୟାହାଟରେ ଭ୍ୟାନ୍ ନଥିବାରୁ ବିଭିନ୍ନ ସମସ୍ୟା ଉପୁଜୁଛି। ଏ ସମ୍ପର୍କରେ ପୁରୀ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ଆଇଆଇସି ମହାପାତ୍ର କହିଥିଲେ। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କୁ ରାତ୍ରିକାଳୀନ ପାଟ୍ରୋଲିଂ ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ସଂକ୍ଷେପରେ

### ଡେଲାଙ୍ଗ ବ୍ଲକ ବିଜେଡି ସଭାପତି ହେଲେ ବିପନ

ଡେଲାଙ୍ଗ,୧୯।୨(ରଶ୍ମିରଞ୍ଜନ ପ୍ରଧାନ)

ପୁରୀ ଜିଲାର ୧୧ ବ୍ଲକ ଓ ୩ ପୌରାଞ୍ଚଳ ସଭାପତିଙ୍କ ନାମ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଉପସଭାପତି ଦେବୀ ମିଶ୍ର ବୁଧବାର ଘୋଷଣା କରିଛନ୍ତି। ଡେଲାଙ୍ଗ ବ୍ଲକରେ ଦୀର୍ଘଦିନ ଧରି ବିଜେଡି ଦଳରେ କାର୍ଯ୍ୟ କରିଆସୁଥିବା ପୁରୁଖା ତଥା ଟାଣୁଆ ସଂଗଠକ ଅରିସଲ ପଞ୍ଚାୟତର ବିପନ ପଟ୍ଟନାୟକଙ୍କୁ ବ୍ଲକ ସଭାପତି ଭାବେ ମନୋନିତ କରାଯାଇଛି। ବିପନଙ୍କ ନାମ ଘୋଷଣା ପରେ ଦଳର ସଂଗଠକ ଓ ସମର୍ଥକ ଉତ୍ସାହିତ ହୋଇ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସମସ୍ତଙ୍କୁ ସାଥିରେ ନେଇ ବିଜୁ ବାବୁଙ୍କ ଆଦର୍ଶ ଓ ନବୀନ ବାବୁଙ୍କ ନିର୍ଦ୍ଦେଶରେ ଅଞ୍ଚଳର ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେ ଦଳପାଇଁ କାର୍ଯ୍ୟ କରିବେ ବୋଲି ମତପ୍ରକାଶ କରିଛନ୍ତି।

### ଦନ୍ତା ଉଜାଡ଼ିଲା ଫସଲ

କଣାସ,୧୯।୨(ବିଭୂତି ଭୂଷଣ ତ୍ରିପାଠୀ)

ପ୍ରତ୍ୟେକ ବର୍ଷ ଧାନ ଫସଲ ଖାଇବା ପାଇଁ ବରୁଣେଇ ଜଙ୍ଗଲରୁ ହାତୀମାନେ କଣାସ ବ୍ଲକର ବିଭିନ୍ନ ପଞ୍ଚାୟତକୁ ଆସି ବ୍ୟାପକ ଫସଲ କ୍ଷତିଗ୍ରସ୍ତ କରିବା ସହିତ କେତେକ ଜୀବନ ନେଇଛନ୍ତି। ବୁଧବାର ବିଳମ୍ବିତ ରାତିରେ ବରୁଣେଇ ଜଙ୍ଗଲରୁ ଏକ ହାତୀ ନିଜ ମେଳଠାରୁ ଅଲଗା ହୋଇ କଣାସ ବ୍ଲକରେ ପ୍ରବାହିତ ହେଉଥିବା ରାଜୁଆ, ମକରାନଦୀ ପାର ହୋଇ ଆଜି କୋଟକଣା ମୌଜାର ଧାନ ବିଲରେ ଦିନ ସାରା ରହିଥିବା ଦେଖିବାକୁ ମିଳିଛି। ହାତୀଟି ଗଡ଼ସାନପୁଟ, ଗଡ଼ବଡ଼ପୁଟ, କଣାସ ଗୋଲାବଜାର ଦେଇ ସିରେଇ, ଜଘାର, ଗୁଡ଼ିପୁର ମୌଜା ଦେଇ କୋଟକଣା ମୌଜାରେ ଦିନ ସାରା ରହିଛି। କଣାସ, ଡେଲାଙ୍ଗ ବନବିଭାଗ ରେଞ୍ଜର ଓ ବନକର୍ମଚାରୀମାନେ ଦିନତମାମ ହାତୀ ଚାରିପଟେ ଜଗି ରହିଛନ୍ତି। ଚାଷୀମାନେ ଖରାଟିଆ ଧାନ ଫସଲ ପାଇଁ ଜମିରେ ଆଛାର ପକାଇବା ସହିତ ଧାନ ରୁଆଇଛନ୍ତି। ଅନେକ ଜମିରେ ଧାନ ଥୋଡ଼ ହୋଇଥିବାରୁ ହାତୀ ଖୋଜରେ ଦଳିଦେବାରୁ ବ୍ୟାପକ ଫସଲ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି। ପ୍ରତିବର୍ଷ ହାତୀ କଣାସ ଅଞ୍ଚଳକୁ ଆସି ବ୍ୟାପକ ଫସଲ କ୍ଷତି କରିବା ସହିତ ଧନଜୀବନ ନଷ୍ଟ କରୁଥିବାରୁ ଏହାର ସ୍ଥାୟୀ ପ୍ରତିକାର ପାଇଁ ବନବିଭାଗ ଅଧିକାରୀ ଧ୍ୟାନଦେବାକୁ କଣାସ ଅଞ୍ଚଳବାସୀ ଦାବି କରିଛନ୍ତି।

### ବ୍ଲକ ବିଜେଡି ସଭାପତି ହେଲେ ପଞ୍ଚାନନ

ଅସ୍ତରଙ୍ଗ,୧୯।୨(ମମତା ଜେନା)

କାକଟପୁର ନିର୍ବାଚନମଣ୍ଡଳୀ ଅସ୍ତରଙ୍ଗ ବ୍ଲକ ବିଜେଡିର ବରିଷ୍ଠ ନେତା ପଞ୍ଚାନନ ସ୍ୱାଇଁଙ୍କୁ ସଭାପତି ଭାବେ ଦଳ ନିଯୁକ୍ତ କରିଛି। ଅସ୍ତରଙ୍ଗ ବ୍ଲକର ଜଣେ ପରିଚିତ ବ୍ୟକ୍ତିତ୍ୱ, ଶିକ୍ଷକ ନେତା, ଦୃଢ଼ ସଂଗଠକ ଓ ପୂର୍ବତନ ଜିଲାପରିଷଦ ସଭ୍ୟ ଏବଂ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ସୁରେନ୍ଦ୍ର ନାଥ ନାୟକଙ୍କ ଘନିଷ୍ଠ ସହଯୋଗୀ ଭାବେ ଜଣାଶୁଣା। ଦଳର ରାଜ୍ୟ ରାଜନୈତିକ ସଂଗଠନ ବ୍ୟାପାର ପକ୍ଷରୁ ତାଙ୍କ ନାମକୁ ଘୋଷଣା କରାଯାଇଛି। ମୋର କାର୍ଯ୍ୟ ଶୈଳୀ ଓ ସାଙ୍ଗଠନିକ ଦକ୍ଷତା ଉପରେ ଦଳ ଭରସା କରି ନିଯୁକ୍ତି ଦେଇଥିବାରୁ ରାଜ୍ୟ ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ଜିଲ୍ଲା ସଭାପତି ଉମାକାନ୍ତ ସାମନ୍ତରାୟ, କାକଟପୁର ବିଧାୟକ ତୁଷାରକାନ୍ତି ବେହେରା ଓ ପୁରୀ ଜିଲାପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକଙ୍କୁ ସ୍ୱାଇଁ କୃତଜ୍ଞତା ଜଣାଇବା ସହ ଅସ୍ତରଙ୍ଗବାସୀଙ୍କ ପାଇଁ କାର୍ଯ୍ୟ କରିବି ବୋଲି କହିଛନ୍ତି।

# ୩୦ କିଗ୍ରା ବାସିଖାଦ୍ୟ ନଷ୍ଟ, ୨୬, ୫୦୦ ଜରିମାନା ଆଦାୟ

- ହୋଟେଲଗୁଡ଼ିକର ଖାଦ୍ୟ ଲାଇସେନ୍ସ ଯୋଗାଡ଼ କରିବାକୁ ନିର୍ଦ୍ଦେଶ
- ସାକ୍ଷୀଗୋପାଳରେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଚଢ଼ାଉ

ସାକ୍ଷୀଗୋପାଳ,୧୯।୨(ପ୍ରଶାନ୍ତ କୁମାର ବାରିକ/ କିଶୋର ମହାପାତ୍ର/ଭରତ ରାଉତ)

ସାକ୍ଷୀଗୋପାଳ ବଜାରରେ କିଛି ମିଠା ଓ ଜଳଖିଆ ଦୋକାନ, ଫାଷ୍ଟ ଫୁଡ୍ ଦୋକାନ ଓ କିଛି ହୋଟଲ ଅତି ଅସ୍ୱାସ୍ଥକର ପରିବେଶ ମଧ୍ୟରେ ନିମ୍ନମାନର ଅର୍ଥାତ ଅପମିଶ୍ରଣ ଖାଦ୍ୟ ବ୍ୟବସାୟ କରି ଗ୍ରାହକଙ୍କୁ ଆର୍ଥିକ ଶୋଷଣ କରୁଥିବା ଅଭିଯୋଗ ବିଭିନ୍ନ ସମୟରେ ହୋଇଥିଲା।

ଏ ନେଇ ଗୁରୁବାର ପୁରୀ ଖାଦ୍ୟ ସୁରକ୍ଷା ଅଧିକାରୀ ରାଜେଶ୍ୱରୀ ପତି ଓ ତାଙ୍କ ଟିମ୍, ସତ୍ୟବାଦୀ ତହସିଲ ପକ୍ଷରୁ ଅତିରିକ୍ତ ତହସିଲଦାର ଓମ୍ ପ୍ରକାଶ ପରିଡ଼ା, ରାଜସ୍ୱ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ସତ୍ୟବାଦୀ ପୋଲିସ ପକ୍ଷରୁ ଏକ ଟିମ୍ ମିଳିତ ଭାବେ ସାକ୍ଷୀଗୋପାଳ ବଜାରରେ ଚଢ଼ାଉ କରିଥିଲେ। ଏହି ସମୟରେ ଏମାନଙ୍କ ଠାରୁ ୨୬ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରାଯିବା ସହ ୩୦ କି.ଗ୍ରା.ରୁ ଅଧିକ ବାସୀଖାଦ୍ୟ ନଷ୍ଟ କରାଯାଇଛି। ସାକ୍ଷୀଗୋପାଳ ଗେଟ୍ ବଜାରରେ ଥିବା ଗୋବିନ୍ଦ ମହାପାତ୍ରଙ୍କ ହୋଟେଲରେ ଚଢ଼ାଉ କରି ପ୍ରସ୍ତୁତ ହୋଇଥିବା କିଛି ଖାଦ୍ୟରମାନ ଠିକ୍ ନ ଥିବା ସହ ପ୍ରସ୍ତୁତିଶୈଳୀ ଠିକ୍ ନ ଥିବା ଦେଖିବାକୁ ପାଇଥିଲେ। ଉକ୍ତ ହୋଟେଲର ଖାଦ୍ୟ ଲାଇସେନ୍ସ ମଧ୍ୟ ନ ଥିଲା। ତେଣୁ ଉକ୍ତ ଯାଞ୍ଚକାରୀ ଦଳ ଉକ୍ତ ହୋଟେଲ ମାଲିକଙ୍କ ଠାରୁ ୯ ହଜାର ଟଙ୍କା ଜରିମାନା ଆଦାୟ କରିବା ସହ ନିମ୍ନମାନର ଖାଦ୍ୟଗୁଡ଼ିକ ନଷ୍ଟ କରି ଶୀଘ୍ର ଲାଇସେନ୍ସ ଯୋଗାଡ଼ କରିବା ପାଇଁ ପରାମର୍ଶ ଦେଇଥିଲେ।

ସେହିଭଳି ସାକ୍ଷୀଗୋପାଳ ବଜାର ଚନ୍ଦନପୋଖରୀ ନିକଟରେ ଥିବା ଏକ ପୁରାତନ ମିଠା ଦୋକାନ ଉପରେ ଚଢ଼ାଉ କରିଥିଲେ। ଏହି ସମୟରେ ଦୋକାନରେ ମହଜୁଦ ଥିବା ବିପୁଳ ପରିମାଣର ବାସୀମିଠା ଓ ଜଳଖିଆଗୁଡ଼ିକ ଯାଞ୍ଚକାରୀ ଦଳ ନଷ୍ଟ କରିଥିଲେ। ଦୋକାନରେ ଅତି ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ମିଠା ପ୍ରସ୍ତୁତ ଓ ଗ୍ରାହକଙ୍କୁ ଦିଆଯାଉଥିବାରୁ ବିରକ୍ତି ପ୍ରକାଶ କରିବା ସହ ମିଠା ଦୋକାନ ମାଲିକଙ୍କ ଠାରୁ ୭ ହଜାର ୫୦୦ ଟଙ୍କା ଜରିମାନା ଆଦାୟ କରିଥିଲେ। ସାକ୍ଷୀଗୋପାଳ କଲେଜ ଛକରେ ଥିବା ଏକ ହୋଟେଲରେ ମଧ୍ୟ ଏହି ଦଳ ଚଢ଼ାଉ କରି ଅସ୍ୱାସ୍ତ୍ୟସ୍ଥକର ପରିବେଶ ମଧ୍ୟରେ ହୋଟେଲ ବ୍ୟବସାୟ କରୁଥିବାରୁ ଉକ୍ତ ହୋଟେଲ ମାଲିକଙ୍କ ଠାରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ କରିବା ସହ ହୋଟେଲରେ ଗ୍ରାହକଙ୍କୁ ଉପଯୁକ୍ତ ସେବା ଯୋଗାଇଦେବା ପାଇଁ ସଫାସୁତୁରା ଓ ଉପଯୁକ୍ତ ପରିବେଶ ସୃଷ୍ଟି ପାଇଁ ନୋଟିସ୍ ଜାରି କରିଥିଲେ।


ଖାଦ୍ୟ ସୁରକ୍ଷା ଅଧିକାରୀ ରାଜେଶ୍ୱରୀ ପତି ଓ ଟିମ୍ ମିଠାଦୋକାନରେ ବାସି ସାମଗ୍ରୀକୁ ଜବତ କରୁଛନ୍ତି।

# ଡେଲାଙ୍ଗରେ ପରୀକ୍ଷା ଦେଲେ ୧୦୬୧ ପରୀକ୍ଷାର୍ଥୀ


ଡେଲାଙ୍ଗ ପରୀକ୍ଷା କେନ୍ଦ୍ରକୁ ଯିବା ପୂର୍ବରୁ ନୋଟିସ ବୋର୍ଡ ଚେକ୍ କରୁଛନ୍ତି।

ଡେଲାଙ୍ଗ,୧୯।୨(ରଶ୍ମିରଞ୍ଜନ ପ୍ରଧାନ)

ଡେଲାଙ୍ଗ ବ୍ଲକର ୭ଟି ପରୀକ୍ଷା କେନ୍ଦ୍ରରେ ଗୁରୁବାର ୧୦୭୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୦୬୧ ଜଣ ଉପସ୍ଥିତ ରହି ପରୀକ୍ଷା ଦେଇଥିବା ବେଳେ ୧୦ ଜଣ ଅନୁପସ୍ଥିତ ରହିଥିବା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ଡେଲାଙ୍ଗ ହାଟ ବଜାରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୩୯ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧ ଅନୁପସ୍ଥିତ, ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ବେରବୋଇରେ ୧୦୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧, ସୋମନାଥଦେବ ବିଦ୍ୟାପୀଠ ହରିରାଜପୁରରେ ୨୦୬ରୁ ୨, ଘୋରଡ଼ିଆ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୪୬ରୁ ୩, ବିଶ୍ୱନାଥ ଦେବ ନୋଡାଲ ଉଚ୍ଚ ବିଦ୍ୟାଳୟରେ ୧୬୩ରୁ ୩ ଜଣ ଅନୁପସ୍ଥିତ ଥିବା ବେଳେ ସରକାରୀ ରାଧାକାନ୍ତ ବିଦ୍ୟାପୀଠରେ ୧୨୯ ଓ ମହତାବ ଉଚ୍ଚ ବିଦ୍ୟାଳୟରେ ୧୮୨ ଜଣ ପରୀକ୍ଷା ଦେଇଥିଲେ। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଡେଲାଙ୍ଗ ହାଟ ବଜାରସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଥିବା ବେଳେ ଡେଲାଙ୍ଗ ତହସିଲଦାର ଦେବୀପ୍ରସାଦ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା ସକାଳ ୭ଟା ସମୟରେ ସେଣ୍ଟର ଖୋଲିବା ସହିତ ୬ଟି ପରୀକ୍ଷା କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଇଥିଲେ। ପିପିଲି ନୋଡାଲ ସେଣ୍ଟରରୁ ସୋମନାଥ ଦେବ ଉଚ୍ଚ ବିଦ୍ୟାଳୟକୁ ପ୍ରଶ୍ନପତ୍ର ଆସିଥିଲା। ଚଳିତ ବର୍ଷ ପରୀକ୍ଷା କେନ୍ଦ୍ରଗୁଡ଼ିକରେ ସିସିଟିଭି, ପାନୀୟ ଜଳର ସୁବିଧା କରାଯାଇଛି।

# ପଞ୍ଚଦେବଙ୍କ ସ୍ତୁତିରେ ଆତ୍ମବିଭୋର ଦର୍ଶକ


କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

**୪୦ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ**

କୋଣାର୍କ,୧୯।୨(ଜ୍ୟୋତିରାଜ ମହାନ୍ତି)

ସ୍ୱର୍ଗତ ପଦ୍ମଶ୍ରୀ ଗୁରୁ ଗଙ୍ଗାଧର ପ୍ରଧାନଙ୍କ ପ୍ରତିଷ୍ଠିତ କୋଣାର୍କ ନାଟ୍ୟମଣ୍ଡପ ପରିସରରେ ଗୁରୁବାର ମନୋଜ୍ଞ ସନ୍ଧ୍ୟାରେ ୪୦ତମ କୋଣାର୍କ ନୃତ୍ୟ ଓ ସଙ୍ଗୀତ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ଗୁରୁ ନିମାକାନ୍ତ ରାଉତରାୟ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟ ଜେନା, ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଜାତା ମହାପାତ୍ର, ଗୁରୁ ରମଣୀ ରଞ୍ଜନ ଜେନା, ନିମାପଡ଼ା ପ୍ରେସ କ୍ଲବ ସଭାପତି ଅକ୍ଷୟ ବେହେରା, ନାଟ୍ୟମଣ୍ଡପ ସମ୍ପାଦକ ଶିବାଶିଷ ପ୍ରଧାନ, ସୁଲୋଚନା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ନାଟ୍ୟମଣ୍ଡପ ଓ ନୃତ୍ୟାଳୟା ଡାନ୍ସ ଏକାଡେମୀର କଳାକାରମାନେ ପରିବେଷଣ କରିଥିଲେ ପଞ୍ଚଦେବ ସ୍ତୁତି।

ଦ୍ୱିତୀୟ ପର୍ଯ୍ୟାୟରେ ମୁମ୍ବାଇର କୈଳାସ ପାତ୍ରଙ୍କ ସୀତାର ବାଦନ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ କଳାକାରଙ୍କ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ ହୋଇଥିଲା। ଶେଷରେ ବାଙ୍ଗାଲୋରର ଶ୍ୱେତା ପ୍ରସନ୍ନ ଓ ଶିବରାଜନ ହରିଶ ପରିବେଷଣ କରିଥିଲେ କୁଚିପୁଡ଼ି ଓ ଭାରତନାଟ୍ୟମ ନୃତ୍ୟ। ଏହି ଅବସରରେ ୩୦ତମ କୋଣାର୍କ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମକୁ ହୃଷିକେଶ ପାଣିଗ୍ରାହୀ, ସୁଦୀପ୍ତା ପାଣିଗ୍ରାହୀ ସଞ୍ଚାଳନ କରିଥିବାବେଳେ ନାଟ୍ୟମଣ୍ଡପର ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

# ସେବକ ସମିତି ତରଫରୁ ମା' ତାରିଣୀଙ୍କୁ ଦର୍ଶନ

କାକଟପୁର/ଅସ୍ତରଙ୍ଗ,୧୯।୨ (ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭ ଦର୍ଶନ ମିଶ୍ର)

କାକଟପୁର ମା' ମଙ୍ଗଳା ମନ୍ଦିର ପ୍ରତ୍ୟେକ ପୂଜାର ରୀତିନୀତିରେ ସଂଶ୍ଳିଷ୍ଟ ସେବକ ସମିତି। ଦୀର୍ଘ ବର୍ଷ ଧରି ଏହି ସେବକ ସମିତି ମା'ଙ୍କର ପ୍ରତ୍ୟେକ ପୂଜା ପର୍ବାଣିରେ ଓସେବକ ସମିତିକୁ ମନ୍ଦିର ପ୍ରଶାସନ ଖୋଜି ଆସିଛି। ଏହି ପରିପ୍ରେକ୍ଷୀରେ ସେବକ ସମିତି ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ସେବକ ସମିତିର ସଭାପତି ମନୋରଞ୍ଜନ ପଣ୍ଡା, ସମ୍ପାଦକ ପବିତ୍ର କୁମାର ଦୀକ୍ଷିତ, ଉପସଭାପତି କମଳଲୋଚନ ଦୀକ୍ଷିତ, ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ସେବକ ସମିତି ସଦସ୍ୟ ହିମାଂଶୁ ଭୂଷଣ ଦୀକ୍ଷିତ, ସୁକାନ୍ତ ଦାସ, ପ୍ରଦୀପ୍ତ ଦୀକ୍ଷିତ, ତୁଷାର ରଞ୍ଜନ ଦୀକ୍ଷିତ, ସନ୍ତୋଷ ଦୀକ୍ଷିତଙ୍କ ସମେତ ବରିଷ୍ଠ ଉପଦେଷ୍ଟା ସଦସ୍ୟ ରମେଶ ଚନ୍ଦ୍ର ଦୀକ୍ଷିତ, ଅନିଲ ଦୀକ୍ଷିତ, ଅଶୋକ ଦୀକ୍ଷିତ, ମାନସ ଦୀକ୍ଷିତ, ବିଭୂତି ଭୂଷଣ ପଣ୍ଡା, ପାରେଶ୍ୱର ପାଢ଼ୀ, ହରିହର ଦୀକ୍ଷିତ, ତୀର୍ଥ ଚନ୍ଦ୍ର ଦୀକ୍ଷିତ ମା' ମଙ୍ଗଳାଙ୍କଠାରୁ ଆଜ୍ଞାମାଳ ଧରି ମା' ତାରିଣୀଙ୍କ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ପହଞ୍ଚିବା ପରେ ତାରିଣୀ ମନ୍ଦିର ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇ ମନ୍ଦିରରେ ଥିବା ଗେଷ୍ଟ ହାଉସଠାରେ ରହିବାର ବ୍ୟବସ୍ଥା କରାଯାଇଛି।

# ଦେସ୍ଥଳୀ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଯୋଗେଶ୍ୱରପୁର,୧୯।୨(ରଶ୍ମି ରଞ୍ଜନ ସାହୁ)

ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳୀ ପ୍ରକଳ୍ପ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିକ୍ଷକ ସମନ୍ୱୟ ଶିକ୍ଷକ ସଂଘର ସମ୍ପାଦକ ସରୋଜ କୁମାର ମିଶ୍ର ଯୋଗଦେଇ କହିଛନ୍ତି, ପ୍ରଥମେ ମାତାପିତା ହେଉଛନ୍ତି ପ୍ରଥମ ଗୁରୁ, ତା'ପରେ ଶିକ୍ଷକ। ପିଲାମାନଙ୍କୁ ଶ୍ରଦ୍ଧା ଓ ସ୍ନେହ କଲେ ସେମାନେ ଆଦର ସହିତ ବିଦ୍ୟାଳୟକୁ ପାଠ ପଢ଼ିବାକୁ ଆସିବେ। ମୁଖ୍ୟବକ୍ତା ଭାବେ ଦେସ୍ଥଳୀର ସାଧନ କର୍ମୀ ଲିଙ୍ଗରାଜ ସ୍ୱାଇଁ, ଦେସ୍ଥଳୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରଜିତ ସାହୁ ବାର୍ଷିକ ବିବରଣୀ ପାଠ କରିବା ସହିତ ମାତାପିତାଙ୍କୁ ଭକ୍ତି କରିବା, ଗୁରୁଜନମାନଙ୍କୁ ଉତ୍ତମ ବ୍ୟବହାର ଦେଖାଉଥିବା ପିଲାମାନେ ଭବିଷ୍ୟତରେ ଜଣେ ଭଲ ମଣିଷ ହୋଇପାରିବେ। ବିଦ୍ୟାଳୟର ସଭାପତି ମାନସ ନାୟକ ସଭାପତିତ୍ୱ କରିଥିଲେ। ଶେଷରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# ପଞ୍ଚଦିବସୀୟ ପ୍ରବୋଧନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଅସ୍ତରଙ୍ଗ,୧୯।୨(ମମତା ଜେନା)

ଅସ୍ତରଙ୍ଗ ବ୍ଲକ ସୁରେନ୍ଦ୍ରନାଥ ନୋଡାଲ୍ ଉଚ୍ଚ ବିଦ୍ୟାଳୟ ଠାରେ ୫ଦିନ ଧରି ଚାଲିଥିବା ପ୍ରଶିକ୍ଷଣ ଶିବିର 'ପ୍ରବୋଧନ' ଗୁରୁବାର ଶେଷ ହୋଇଛି। ଶିବିରରେ ବିଭିନ୍ନ ବିଦ୍ୟାଳୟର ୫୦ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ଭାଗ ନେଇଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ସହ ଶିକ୍ଷାଧିକାରୀ ପ୍ରିୟବ୍ରତ ବିଶ୍ୱାଳ ଏବଂ ମଙ୍ଗୁଳି ଚରଣ ଦାସ, ପ୍ରଧାନଶିକ୍ଷକ ଶୁଭେନ୍ଦୁ କୁମାର ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହୋଇଥିଲା। ସାଧନ କେନ୍ଦ୍ର କର୍ମୀ ସଞ୍ଜୟ କୁମାର ନାୟକ, ଧୀରେନ୍ଦ୍ର ପ୍ରଧାନ, ଆଲୋକ ରଞ୍ଜନ ମହାନ୍ତି ଏବଂ ଅଭିମନ୍ୟୁ ନାୟକ ବିଭିନ୍ନ ତଥ୍ୟ ଫର୍ଦ୍ଦ ଓ ସୂଚନା ପ୍ରଯୁକ୍ତି ବିଦ୍ୟାର ଉପଯୋଗ କରି ପ୍ରଶିକ୍ଷଣ ଶିବିରଟିକୁ ସାର୍ଥକ କରିଥିଲେ। ଆସନ୍ତା ଶିକ୍ଷାବର୍ଷରୁ ନୂତନ ପାଠ୍ୟ ପୁସ୍ତକ, ନୂତନ ପାଠ୍ୟକ୍ରମ ପ୍ରଚଳନ ହେବାକୁ ଥିବାରୁ ଜାତୀୟ ଶିକ୍ଷାନୀତିର ସଫଳ କାମନା କରି ଶିକ୍ଷାଦାନରେ ବ୍ରତୀହେବାକୁ ଶିକ୍ଷକଶିକ୍ଷୟିତ୍ରୀମାନେ ସଂକଳ୍ପବଦ୍ଧ ହୋଇଥିଲେ।

# ବେଆଇନ ଇଟାଭାଟି ଭାଙ୍ଗିଲା ପ୍ରଶାସନ

କାକଟପୁର/ଅସ୍ତରଙ୍ଗ,୧୯।୨ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)



ଅସ୍ତରଙ୍ଗ ତହସିଲ ଅଞ୍ଚଳରେ ବେଧଡ଼କ ଭାବେ ଇଟାଭାଟି ଗଢ଼ିଚାଲିଛି। ଫଳରେ ଇଟାଭାଟି ଧୂଆଁରେ ପରିବେଶ ପ୍ରଦୂଷିତ ହେଉଛି। ଗ୍ରୀଷ୍ମ ଆରମ୍ଭରୁ ହିଁ ଗରମ ଏବଂ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇଯାଉଛି। ଏହାକୁ ନେଇ ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ଆକ୍ସନ ମୋଡ୍‌ରେ। ଗୁରୁବାର ଅଚାନକ ତାଳଦା ପଞ୍ଚାୟତ ଅଞ୍ଚଳରେ ଥିବା ବେଆଇନ ଇଟାଭାଟିକୁ ପ୍ରଶାସନ ବୁଲଡୋଜର୍ ଚଢ଼ାଇ ମାଟିରେ ମିଶାଇ ଦେଇଛି।

ସୂଚନାଯୋଗ୍ୟ, ଗ୍ରୀଷ୍ମଋତୁ ତେଣୁ ଇଟାଭାଟିଗୁଡ଼ିକ ଯୋଗୁ ପ୍ରଦୂଷଣ ସହ ତାପମାତ୍ରା ବହୁ ପରିମାଣରେ ବୃଦ୍ଧି ପାଇବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ଜିଲାପ୍ରଶାସନ ନିର୍ଦ୍ଦେଶକ୍ରମେ ଅସ୍ତରଙ୍ଗ ତହସିଲଦାର ପତିଙ୍କ ନିର୍ଦ୍ଦେଶରେ ପୋଲିସ ଫୋର୍ସ ଓ ଅସ୍ତରଙ୍ଗ ଅଗ୍ନିଶମ ବାହିନୀ ସହଯୋଗରେ ଚଢ଼ାଉ କରି ତାଳଦା ପଞ୍ଚାୟତରେ ଥିବା ୩ ବେଆଇନ ଇଟାଭାଟିକୁ ଜେସିବି ସହାୟତା ଓ ଅଗ୍ନିଶମ ବାହିନୀ ମିଳିତ ଉଦ୍ୟମରେ ଭାଙ୍ଗି ନଷ୍ଟ କରାଯାଇଥିବା ସୂଚନା ମିଳିଛି।

ଅସ୍ତରଙ୍ଗ ତହସିଲଦାର ପତି କହିଛନ୍ତି, ପ୍ରଦୂଷଣ ବିଭାଗର ନିୟମକୁ ଉଲ୍ଲଂଘନ କରି ସରକାରୀ ଜମିରେ ବେଆଇନ ଭାବେ ଇଟାଭାଟି ପ୍ରସ୍ତୁତ କରୁଛନ୍ତି। ଆଗାମୀ ଦିନରେ ଅନ୍ୟସ୍ଥାନରେ ଥିବା ଏହି ଭାଟିଗୁଡ଼ିକ ଭଙ୍ଗାଯିବ। ଏହି ସମୟରେ ତହସିଲଦାର ପତି, ଅତିରିକ୍ତ ତହସିଲଦାର ଅମିତ ରାୟ, ଅଶୋକ କୁମାର ପ୍ରଧାନ, ରାଜସ୍ୱ ନିରୀକ୍ଷକ ବାଣିଶ୍ରୀ ନାୟକ, ଅସ୍ତରଙ୍ଗ ଅଗ୍ନିଶମ ଷ୍ଟେଶନ ଅଧିକାରୀ ପ୍ରହଲ୍ଲାଦ ରାୟ, ଅସ୍ତରଙ୍ଗ ପୋଲିସ ଉପସ୍ଥିତିରେ ଅଗ୍ନିସଂଯୋଗ ହୋଇଥିବା ଇଟାଭାଟିକୁ ଜେସିବି ଓ ଅଗ୍ନିଶମ ବାହିନୀ ଜଳ ସିଞ୍ଚନ କରି ଭାଙ୍ଗିଥିଲେ। ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଏବଂ ସରକାରୀ ନିୟମକୁ ଉଲ୍ଲଂଘନ କରି ବ୍ୟବସାୟ ପାଇଁ ଇଟା ନିର୍ମାଣ ଚାଲିଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ରାଜ୍ୟରେ ମାଟି ତିଆରି ଇଟାଭାଟି ଉପରେ ନିଷେଧାଦେଶ ଜାରି କରିଛନ୍ତି। କେବଳ ଫ୍ଲାଇ ଆଶ୍‌ରେ ଇଟା ନିର୍ମାଣକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଥା ରାଜ୍ୟ ସରକାର ଅନୁମତି ପ୍ରଦାନ କରିଛନ୍ତି। ଇଟାର ଚାହିଦା ମେଣ୍ଟାଇବା ପାଇଁ ଫ୍ଲାଇ ଆଶ୍ ଇଟା ନିର୍ମାଣକୁ ସରକାର ପ୍ରୋତ୍ସାହନ ଦେବାକୁ ସବୁଜ ସଙ୍କେତ ଦେଇଛନ୍ତି। ବେଆଇନ ଇଟାଭାଟି ବୃଦ୍ଧି ପାଉଥିବାରୁ ସରକାରଙ୍କ ରାଜସ୍ୱ ହାନି ହେଉଛି। ତେଣୁ ଆଗାମୀ ଦିନରେ ମଧ୍ୟ ଏଭଳି ଚଢ଼ାଉ ଜାରି ରହି ଅନ୍ୟ ସବୁ ବେଆଇନ ଇଟାଭାଟି ଭଙ୍ଗାଯିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି।

# ପିପିଲି ବ୍ଲକରେ ମାଟ୍ରିକ ପରୀକ୍ଷା ଦେଲେ ୨୫୭୯ ଛାତ୍ରୀଛାତ୍ର

ପିପିଲି,୧୯।୨(ଦୁର୍ଗା ମାଧବ ମିଶ୍ର)

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଦଶମ ବୋର୍ଡ (ମାଟ୍ରିକ) ପରୀକ୍ଷା ଗୁରୁବାରଠାରୁ ସମଗ୍ର ରାଜ୍ୟରେ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପିପିଲି ବ୍ଲକରେ ମାଟ୍ରିକ ପରୀକ୍ଷା ପାଇଁ ୧୧ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ବେଳେ ପିପିଲି ନୋଡାଲ୍ ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି। ବ୍ଲକରେ ମୋଟ ପରୀକ୍ଷାର୍ଥୀ ସଂଖ୍ୟା ୨୫୯୩ ହୋଇଥିବା ବେଳେ ସେଥିମଧ୍ୟରୁ ପ୍ରଥମ ଦିନରେ ୨୫୭୯ ଛାତ୍ରୀଛାତ୍ର ଦଶମ ବୋର୍ଡ ପରୀକ୍ଷା ଦେଇଛନ୍ତି। ୧୪ ଜଣ ପ୍ରଥମ ଦିନରେ ଅନୁପସ୍ଥିତ ରହିଥିବା ନେଇ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ସମସ୍ତ ପରୀକ୍ଷା କେନ୍ଦ୍ରରେ ସକାଳ ୮ଟାରେ ପ୍ରଶ୍ନପତ୍ର ପହଞ୍ଚିଥିବା ବେଳେ କେନ୍ଦ୍ରଗୁଡ଼ିକରେ ସିସିଟିଭି, ପାନୀୟ ଜଳ ସୁବିଧା କରାଯାଇଥିବା ନେଇ ମଣ୍ଡଳ ସହ ଶିକ୍ଷାଧିକାରୀ ସାହେବ ପାତ୍ର ସୂଚନା ଦେଇଛନ୍ତି।

# ସୁସ୍ଥ ସମାଜ ଗଠନରେ ସହାୟକ ହେବେ କିଶୋରୀ

ସାକ୍ଷୀଗୋପାଳ,୧୯।୨(କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ସତ୍ୟବାଦୀ ବ୍ଲକ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପର କିଶୋରୀ ମେଳା ସିଡିପିଓ ରାଜଲକ୍ଷ୍ମୀ ଦାସଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ସେକ୍ଟରରେ ପର୍ଯ୍ୟାୟକ୍ରମେ ସଫଳତାର ସହ ଶେଷ ହୋଇଛି। ବୁଧବାର ବୀରରାମଚନ୍ଦ୍ରପୁର ଓ କାଦୁଆ ପଞ୍ଚାୟତର କିଶୋରୀ ମେଳାର ମୁଖ୍ୟ ଅତିଥି ଭାବେ ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଯୋଗଦେଇ ଆଜିର କିଶୋରୀ ଆସନ୍ତା କାଲିର ମା'। ଏଣୁ ପ୍ରତିଟି କ୍ଷେତ୍ରରେ ସୁସ୍ଥ, ସଚେତନ କିଶୋରୀ ମାନଙ୍କୁ ଗଢିତୋଳିବା ଅପରିହାର୍ଯ୍ୟ ବୋଲି କହିଥିଲେ। ଏଥିରେ କାଦୁଆ ସରପଞ୍ଚ ଗାୟତ୍ରୀ ମହାପାତ୍ର ସଭାପତିତ୍ୱ କରିଥିଲାବେଳେ ମୁଖ୍ୟବକ୍ତା ଭାବେ କନକଲତା ପଣ୍ଡା, ସମ୍ମାନିତ ଅତିଥି ଭାବେ ସ୍ୱାସ୍ଥ୍ୟ ଅଧିକାରୀ ସୁଧାବତି କିସାନ, ଯୋଗ ଶିକ୍ଷକ ପ୍ରଶାନ୍ତ କୁମାର ବିଶ୍ୱାଳ ଯୋଗ ଦେଇଥିଲେ। ସୁପରଭାଇଜର୍ ବିରଜା ଲକ୍ଷ୍ମୀ ମହାନ୍ତି ପରିଚାଳନା କରିଥିଲେ।

ସେହିପରି ଜୟପୁର, ପେଣ୍ଠପଡ଼ା, ଦୁଗଲ ଓ ବିଶ୍ୱନାଥପୁର ପଞ୍ଚାୟତ କିଶୋରୀ ମେଳାରେ ସରକାରୀ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିରଞ୍ଜନ କର ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଆଲ୍‌ମୁନି କମିଟି ସଭାପତି ସବିତା ପଣ୍ଡା, ସ୍ୱାସ୍ଥ୍ୟ ଅଧିକାରୀ ସୁଜାତା ମହାନ୍ତି ଯୋଗ ଦେଇଥିଲେ। କିଶୋରୀଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ମ୍ୟୁଜିକ ଚେୟାର, ଯୋଗ ପ୍ରଦର୍ଶନ କରାଯାଇଥିଲା। ସାଇବର ଠକେଇ, ବାଲ୍ୟବିବାହ, ପୃଷ୍ଟିକର ଖାଦ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁପରଭାଇଜର ମିତା ନାଗ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ମେଳାରେ ଉପସ୍ଥିତ କିଶୋରୀମାନେ ।

# ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ବେଆଇନ ମାଟି ଚାଲାଣ

**ଘଣ୍ଟା ଘଣ୍ଟା ଧରି ଅଟକୁଛନ୍ତି ଦେଶ ବିଦେଶର ପର୍ଯ୍ୟଟକ**

ଗୋପ,୧୯।୨(ଭାରତୀ ଭୂଷଣ ଉପାଧ୍ୟାୟ)

ଜିଲା ଖଣି ବିଭାଗ, ରାଜସ୍ୱ ବିଭାଗ ଓ ପୋଲିସ ମଧ୍ୟରେ ସମନ୍ୱୟ ଅଭାବରୁ ଗୋପ ବ୍ଲକ ଅଞ୍ଚଳରେ ବେଆଇନ ଭାବେ ମାଟି ଓ ବାଲି ଚାଲାଣ ହେଉଛି। ଏପରିକି ଦିନ ଦ୍ୱିପ୍ରହରରେ ଗୋପ-କୋଣାର୍କ, ଗୋପ - ବାଲିଘାଇ ଓ ଗୋପ - ପିପିଲି ରାସ୍ତାରେ ବେଆଇନ ଭାବେ ଶହଶହ ଟ୍ରାକ୍ଟର ଯୋଗେ ମାଟିଚାଲାଣ ହେଉଛି। ଫଳରେ ଦୈନନ୍ଦିନ ପୁରୀ, କୋଣାର୍କ ବୁଲି ଯାଉଥିବା ଦେଶବିଦେଶର ପର୍ଯ୍ୟଟକମାନେ ଘଣ୍ଟା ଘଣ୍ଟା ଧରି ଅଟକି ରହିବା ଯୋଗୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ପ୍ରକାଶ ଯେ, କିଛିଦିନ ଧରି ଗୋପ ଥାନା ଅଞ୍ଚଳରେ ବିଳମ୍ବିତ ରାତ୍ର ସହିତ ଭୋର୍ ସମୟରେ ବେଆଇନ ଭାବେ ହାଇୱା ଯୋଗେ ବାଲିଚାଲାଣ ହେଉଛି। ନୂତନ ଭାବେ ଯୋଗଦେଇଥିବା ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶ ଚଢ଼ାଉ କରି ୪ ହାଇୱା ସହିତ ଗୋଟିଏ ଟ୍ରାକ୍ଟର ଜବତ କରିଥିବା ଜଣାପଡ଼ିଛି। ଏହି ବେଆଇନ ବାଲି ମାଟି ଚୋରାଚାଲାଣ ଉପରେ ଜିଲା ଖଣି ବିଭାଗ ଓ ସ୍ଥାନୀୟ ପୋଲିସ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ପ୍ରତ୍ୟେକ ଦିନ ଏହି ବେଆଇନ ମାଟି ଚୋରାଚାଲାଣ ହେଉଥିବାରୁ ଦେଶ ବିଦେଶର ପର୍ଯ୍ୟଟକ ଓ ଛାତ୍ରୀଛାତ୍ରଙ୍କ ସହ ଲୋକମାନେ ମଧ୍ୟ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗୁରୁବାର କୋଣାର୍କ-ନିମାପଡ଼ା ରାସ୍ତାର ଗୋପ ଛକ ଦେଇ ବ୍ୟାପକ ଭାବେ ବେଆଇନ ମାଟି ଟ୍ରାକ୍ଟର ଯା'ଆସ କରୁଥିବା ବେଳେ ପୁରୀ, କୋଣାର୍କ ବୁଲି ଯାଉଥିବା ପର୍ଯ୍ୟଟକମାନେ ଅଟକି ରହୁଥିବା ଦେଖିବାକୁ ମିଳିଥିଲା।



ଏମିତିକି ଏହି ରାସ୍ତାରେ ରୋଗୀ ନେଇ ଯାଉଥିବା ଆମ୍ବୁଲାନ୍ସ ଅଟକି ରହିବା ଭଳି ଅଭିଯୋଗ ହୋଇଥିଲା। ତୁରନ୍ତ ଏହି ବାଲି ମାଟି ଚୋରାଚାଲାଣ ଉପରେ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି କରାଯାଇଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ୩ଟି ବିଭାଗର ସମନ୍ୱୟ ଅଭାବରୁ ମାଟି ବାଲି ଚୋରାଚାଲାଣ ବଢୁଛି ବୋଲି ଜଣାପଡ଼ିଛି। ଏ ସମ୍ପର୍କରେ ଜିଲା ଖଣି ବିଭାଗ ଅଧିକାରୀ ସମୀର ମିଶ୍ର କହିଛନ୍ତି, ଖଣି ବିଭାଗ କେବଳ ବେଆଇନ ବାଲି ମାଟି ଧରିବ ନାହିଁ। ପୋଲିସ, ରାଜସ୍ୱ ବିଭାଗ ଧରିପାରିବ ବୋଲି କହିବା ସହ ଜିଲାର ସମସ୍ତ ବ୍ଲକ ମୋ ଅଧୀନରେ ରହିଛି।

# ଓଡ଼ିଶା ସରକାର
# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବଲାଙ୍ଗୀର
## (ଜଳସମ୍ପଦ ସମ୍ପର୍କିତ ପ୍ରକଳ୍ପ)
## ଅଧିସୂଚନା

ପତ୍ରସଂଖ୍ୟା–୨୭ ତାରିଖ–୨୦.୦୧.୨୦୨୬

**No.32001/103/2526**: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ ବଲାଙ୍ଗୀର ଜିଲ୍ଲାର ଅପରଲାନ୍ତ ଜଳସେଚନ ପ୍ରକଳ୍ପର ଜଳଭଣ୍ଡାର ନିମନ୍ତେ ମୌଜା–ଭାଲୁଚୁଆଁ, ଥାନା–ଖପରାଖୋଲ ନଂ.୩୮, ତହସିଲ–ଖପରାଖୋଲ, ନଂ–୩୮ ଜିଲ୍ଲା–ବଲାଙ୍ଗୀରରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୮୧.୦୮୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧) ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ ।

**୧.ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ** – ଅପରଲାନ୍ତ ଜଳସେଚନ ପ୍ରକଳ୍ପ, ବେଲପଡା, ବଲାଙ୍ଗୀର

**୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ** – ନିର୍ବାହୀ ଯନ୍ତ୍ରୀ, ଅପରଲାନ୍ତ ଜଳସେଚନ ବିଭାଜନ, ବେଲପଡା, ବଲାଙ୍ଗୀର ।

**୩.କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ** – ଅପର ଲାନ୍ତ ଜଳସେଚନ ଯୋଜନାର ଜଳଭଣ୍ଡାର ନିମନ୍ତେ ବିସ୍ଥାପନ କରିବା ଆବଶ୍ୟକ ହେଉଅଛି ।

**୪.ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ** – ଉକ୍ତ ମୌଜା ପାଇଁ ପ୍ରଯୁଜ୍ୟ ନୁହେଁ ।

**୫.ଥଇଥାନ ଓ ପୁନର୍ବାସ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ** – ସ୍ୱତନ୍ତ୍ର ଭୂ–ଅର୍ଜନ ଓ ଥଇଥାନ ଅଧିକାରୀ, ଅପର ଲାନ୍ତ ଜଳସେଚନ ପ୍ରକଳ୍ପ, ବେଲପଡା, ବଲାଙ୍ଗୀର ।

**୬.ଜମିର ବିବରଣୀ:**

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ବଲାଙ୍ଗୀର | ଖପରାଖୋଲ | ଭାଲୁଚୁଆଁ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୮୧.୦୮୫ | ଏଥି ସହିତ ସଂଲଗ୍ନ |

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ ଅଧିକାରୀ, ଅପର ଲାନ୍ତ ଜଳସେଚନ ପ୍ରକଳ୍ପ, ବେଲପଡା, ବଲାଙ୍ଗୀରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗୀର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ଧାରା ୧୫ର ବ୍ୟବସ୍ଥା ଅନୁଯାୟୀ ବଲାଙ୍ଗୀର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./–ଜିଲ୍ଲାପାଳ, ବଲାଙ୍ଗୀର**

**Mouza: Bhaluchuan, Thana No.38, Thana Khaprakhol, Dist:Balangir**
**Private Land**

| କ୍ରମିକ ନଂ. | ଖତିୟାନ ର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | 1 | ଅନାଦି ମାଝୀ, ପି:କୁମ୍ଭ ମାଝୀ, ଜା:ଗଣ୍ଡ, ବା:ନିଜଗାଁ | 219 | ଆଟ ମାମୁଲି | 2.2800 | 1.6800 |
| | | | 218/275 | ବାହାଲ ମାମୁଲି | 0.1500 | 0.1500 |
| 2 | 2 | ଅନାଦି ମାଝୀ, ବୁଟିତାଙ୍ଗ ମାଝୀ, ପି:କୁମ୍ଭ ମାଝୀ,ନରସିଂହ ମାଝୀ, ପି:ଭଗବାନ ମାଝୀ, ଜା:ଗଣ୍ଡ, ବା:ନିଜଗାଁ | 213 | ଆଟ ମାମୁଲି | 0.8700 | 0.8700 |
| | | | 214 | ବେର୍ଣ୍ଣା ମାମୁଲି | 0.2500 | 0.2500 |
| | | | 215 | ବାହାଲ ମାମୁଲି | 1.3100 | 1.3100 |
| | | | 218 | ବାହାଲ ମାମୁଲି | 0.1800 | 0.1800 |
| | | | 228 | ଆଟ ମାମୁଲି | 0.8500 | 0.4400 |
| | | | 242 | ଆଟ ମାମୁଲି | 4.0000 | 1.2500 |
| | | | 244 | ଆଟ ମାମୁଲି | 1.0100 | 1.0100 |
| | | | 217/274 | ଆଟ ମାମୁଲି | 0.1700 | 0.1700 |
| | | | 219/276 | ଆଟ ମାମୁଲି | 0.2400 | 0.2400 |
| 3 | 5 | କରଞ୍ଜ ବରିହା, ପି:ହର୍ଷ ବରିହା, ଜା:ବିଂଝାଲ,ବା:ନିଜଗାଁ | 82 | ବେର୍ଣ୍ଣା ମାମୁଲି | 0.1900 | 0.1900 |
| 4 | 6 | କୟା ବରିହା, ପି:ଘନ ବରିହା, ଜା:ବିଂଝାଲ, ବା:ନିଜଗାଁ | 87 | ବାହାଲ ମାମୁଲି | 0.3200 | 0.3200 |
| | | | 88 | ବେର୍ଣ୍ଣା ମାମୁଲି | 0.2300 | 0.2300 |
| | | | 185 | ବାହାଲ ମାମୁଲି | 0.3800 | 0.3800 |
| | | | 187 | ବାହାଲ ମାମୁଲି | 0.0900 | 0.0900 |
| | | | 196/270 | ବାହାଲ ମାମୁଲି | 0.4200 | 0.4200 |
| | | | 197/272 | ବାହାଲ ମାମୁଲି | 0.1600 | 0.1600 |
| | | | 196/292 | ବାହାଲ ମାମୁଲି | 0.7200 | 0.7200 |
| | | | 196/293 | ବାହାଲ ମାମୁଲି | 0.1000 | 0.1000 |
| 5 | 7 | ଗଜିନ୍ଦ୍ର ବରିହା, ପି:ଭିମ ବରିହା, ଜା: ବିଂଝାଲ, ବା:ନିଜଗାଁ | 82/285 | ବେର୍ଣ୍ଣା ମାମୁଲି | 0.0600 | 0.0600 |
| | | | 83/288 | ବାହାଲ ମାମୁଲି | 0.4400 | 0.4400 |
| | | | 88/290 | ବେର୍ଣ୍ଣା ମାମୁଲି | 0.0800 | 0.0800 |
| 6 | 8 | ଘନ ବରିହା, ପି:ଦେବାଧି ବରିହା, ଜା:ବିଂଝାଲ, ବା:ନିଜଗାଁ | 184 | ବାହାଲ ମାମୁଲି | 0.1100 | 0.1100 |
| | | | 197 | ବାହାଲ ମାମୁଲି | 0.1000 | 0.1000 |
| | | | 198 | ବେର୍ଣ୍ଣା ମାମୁଲି | 0.5500 | 0.5500 |
| | | | 200 | ବାହାଲ ମାମୁଲି | 0.4000 | 0.4000 |
| | | | 196/249 | ଆଟ ମାମୁଲି | 0.2300 | 0.2300 |
| | | | 192/268 | ଆଟ ମାମୁଲି | 0.1200 | 0.1200 |
| | | | 196/271 | ବାହାଲ ମାମୁଲି | 0.1000 | 0.1000 |
| 7 | 9 | ଘନ ବରିହା, ଦୁଂଖୁ ବରିହା, ଚିତ୍ର ବରିହା, ପି:ଦେବାଧି ବରିହା, ଜା:ବିଂଝାଲ, ବା:ନିଜଗାଁ | 182 | ବାହାଲ ମାମୁଲି | 0.1200 | 0.1200 |
| | | | 186 | ବାହାଲ ମାମୁଲି | 0.2300 | 0.2300 |
| | | | 188 | ବାହାଲ ମାମୁଲି | 0.1900 | 0.1900 |
| | | | 189 | ବାହାଲ ମାମୁଲି | 0.1200 | 0.1200 |
| | | | 196 | ବାହାଲ ମାମୁଲି | 0.9000 | 0.9000 |
| | | | 196/294 | ବାହାଲ ମାମୁଲି | 0.0300 | 0.0300 |
| 8 | 11 | ଛିନୁ ପଧାନ, ପି:ଜଗତ ପଧାନ, ଜା:କୁଲତା, ବା:ବେନ୍ଦେର | 35 | ଆଟ ମାମୁଲି | 0.4800 | 0.3400 |
| | | | 37 | ବାହାଲ ମାମୁଲି | 0.7300 | 0.7300 |
| | | | 38 | ବାହାଲ ମାମୁଲି | 0.7900 | 0.7900 |
| | | | 40 | ବାହାଲ ମାମୁଲି | 1.0200 | 1.0000 |
| | | | 42 | ଆଟ ମାମୁଲି | 2.0200 | 2.0200 |
| | | | 45 | ବାହାଲ ମାମୁଲି | 2.1700 | 2.1700 |
| | | | 46 | ବେର୍ଣ୍ଣା ମାମୁଲି | 0.2600 | 0.2600 |
| | | | 57 | ବେର୍ଣ୍ଣା ମାମୁଲି | 0.3800 | 0.3800 |
| | | | 68 | ଆଟ ମାମୁଲି | 1.5500 | 1.5500 |
| | | | 81 | ବାହାଲ ମାମୁଲି | 1.9000 | 1.9000 |
| | | | 166 | ଅନ୍ୟାନ୍ୟ | 0.1100 | 0.1100 |
| | | | 178 | ବେର୍ଣ୍ଣା ମାମୁଲି | 0.2100 | 0.2100 |
| | | | 181 | ବାହାଲ ମାମୁଲି | 0.9500 | 0.9500 |
| | | | 190 | ଆଟ ମାମୁଲି | 0.6500 | 0.6500 |
| | | | 191 | ମାଳ ମାମୁଲି | 0.1700 | 0.1700 |
| | | | 192 | ଆଟ ମାମୁଲି | 0.3200 | 0.3200 |
| | | | 188/266 | ବାହାଲ ମାମୁଲି | 0.1000 | 0.1000 |
| | | | 189/267 | ବାହାଲ ମାମୁଲି | 0.0400 | 0.0400 |
| | | | 81/284 | ବାହାଲ ମାମୁଲି | 0.3000 | 0.3000 |
| 9 | 12 | ଛିନୁ ପଧାନ, ମଣି ପଧାନ, ପି:ଜଗତ ପଧାନ, ଆଲି ପଧାନ, ତିଥି ପଧାନ, ଗଦି ପଧାନ, ପି:ଦାଶ ପଧାନ, ଜା:କୁଲତା, ବା:ବେନ୍ଦେର | 36 | ଆଟ ମାମୁଲି | 1.0100 | 1.0100 |
| | | | 43 | ବାହାଲ ମାମୁଲି | 0.1100 | 0.1100 |
| | | | 44 | ଆଟ ମାମୁଲି | 1.0800 | 1.0800 |
| | | | 49 | ବାହାଲ ମାମୁଲି | 0.1000 | 0.1000 |
| | | | 50 | ଅନ୍ୟାନ୍ୟ | 0.0300 | 0.0200 |
| | | | 51 | ଅନ୍ୟାନ୍ୟ | 0.0500 | 0.0500 |
| | | | 53 | ବାହାଲ ମାମୁଲି | 0.2200 | 0.2200 |
| | | | 55 | ଆଟ ଉଦ୍ଧାରି | 0.6800 | 0.6800 |
| | | | 58 | ବେର୍ଣ୍ଣା ମାମୁଲି | 0.1700 | 0.1700 |
| | | | 59 | ଆଟ ମାମୁଲି | 0.4200 | 0.4200 |
| | | | 64 | ଆଟ ମାମୁଲି | 0.0700 | 0.0700 |
| | | | 65 | ବାହାଲ ମାମୁଲି | 1.3800 | 1.3800 |
| | | | 66 | ବେର୍ଣ୍ଣା ମାମୁଲି | 0.6400 | 0.6400 |
| | | | 67 | ଆଟ ମାମୁଲି | 0.5300 | 0.5300 |
| | | | 37/254 | ବାହାଲ ମାମୁଲି | 0.1200 | 0.1200 |
| | | | 54/257 | ଆଟ ମାମୁଲି | 0.0800 | 0.0800 |
| | | | 54/282 | ଆଟ ମାମୁଲି | 0.0400 | 0.0400 |
| 10 | 13 | ଜଗବନ୍ଧୁ ଗଣ୍ଡା, ପି:ଧନକରାଏ ଗଣ୍ଡା, ଜା:ଗଣ୍ଡା, ବା:ବେନ୍ଦେର | 32 | ଆଟ ମାମୁଲି | 0.4000 | 0.4000 |
| | | | 34 | ଆଟ ମାମୁଲି | 1.0500 | 0.0700 |
| | | | 35/253 | ଆଟ ମାମୁଲି | 0.0800 | 0.0600 |
| | | | 89 | ବେର୍ଣ୍ଣା ମାମୁଲି | 0.2900 | 0.2900 |
| | | | 90 | ଆଟ ମାମୁଲି | 0.1100 | 0.1100 |
| | | | 91 | ବାହାଲ ମାମୁଲି | 0.9100 | 0.9100 |
| 11 | 14 | ଦାନି ବରିହା,ପି:ହର୍ଷ ବରିହା, ଜା:ବିଂଝାଲ, ବା:ନିଜଗାଁ | 81/258 | ବାହାଲ ମାମୁଲି | 0.3200 | 0.3200 |
| | | | 54/281 | ଆଟ ମାମୁଲି | 0.2900 | 0.2900 |
| 12 | 16 | ନରସିଂହ ବରିହା, ପି:ଗଜିନ୍ଦ୍ର ବରିହା, ଜା:ବିଂଝାଲ, ବା:ନିଜଗାଁ | 123 | ଆଟ ମାମୁଲି | 0.3200 | 0.2500 |
| | | | 127 | ଆଟ ମାମୁଲି | 1.0500 | 0.1600 |
| | | | 124 | ଆଟ ମାମୁଲି | 0.2000 | 0.2000 |
| | | | 125 | ବେର୍ଣ୍ଣା ମାମୁଲି | 0.6300 | 0.3800 |
| | | | 159 | ଘରବାରି | 0.6000 | 0.0100 |
| | | | 83/286 | ବାହାଲ ମାମୁଲି | 0.6900 | 0.6900 |
| | | | 86/289 | ଅନ୍ୟାନ୍ୟ | 0.0500 | 0.0500 |
| 13 | 17 | ନିରଞ୍ଜନ ବରିହା, ପି:ହର୍ଷ ବରିହା, ଜା:ବିଂଝାଲ, ବା:ନିଜଗାଁ | 83 | ବାହାଲ ମାମୁଲି | 0.6600 | 0.6600 |
| | | | 86 | ଅନ୍ୟାନ୍ୟ | 0.0600 | 0.0600 |
| 14 | 18 | ନୁତନ ଷାଣ୍ଡେ, ପି:ଲିଟି ଷାଣ୍ଡେ, ଜା:ଗଉଡ, ବା:ନିଜଗାଁ | 74 | ଆଟ ମାମୁଲି | 0.2800 | 0.2800 |
| 15 | 23 | ଲାଲମନ ବରିହା, ପି:ଧନସାଏ ବରିହା, ଜା:ବିଂଝାଲ, ବା:ନିଜଗାଁ | 54 | ଆଟ ମାମୁଲି | 0.2900 | 0.2900 |
| | | | 83/287 | ବାହାଲ ମାମୁଲି | 0.3200 | 0.3200 |
| 16 | 24 | ହର ବରିହା ନିଆଲ, ଲୋଚନ ନିଆଲ, ପି:ମାଲ ନିଆଲ, ଗୁଞ୍ଜି ନିଆଲ, ସ୍ୱା:ଲଇଖନ ନିଆଲ, ଜିତ ନିଆଲ, ସନ୍ୟାସି ନିଆଲ, ଦୁର୍ଯ୍ୟଦନ ନିଆଲ, ପି:ସାନ ନିଆଲ, ଶୁକରୁ ନିଆଲ, ପି:ବୁଧୁ ନିଆଲ, ଭିକ ନିଆଲ, ପି:କଇରୁ ନିଆଲ, ଜା:ଗଉଡ, ବା:ଭରୁଆମୁଣ୍ଡା | 153 | ଆଟ ମାମୁଲି | 0.5000 | 0.1800 |
| | | | 160 | ଆଟ ମାମୁଲି | 0.5300 | 0.5200 |
| | | | 161 | ବେର୍ଣ୍ଣା ମାମୁଲି | 0.9200 | 0.9200 |
| | | | 164 | ଆଟ ମାମୁଲି | 0.9100 | 0.9100 |
| | | | 165 | ବାହାଲ ମାମୁଲି | 0.5400 | 0.5400 |
| | | | 167 | ଆଟ ମାମୁଲି | 2.2200 | 2.2200 |
| | | | 168 | ବାହାଲ ମାମୁଲି | 0.2300 | 0.2300 |
| | | | 169 | ଆଟ ମାମୁଲି | 0.0500 | 0.0500 |
| | | | 170 | ବାହାଲ ମାମୁଲି | 1.4500 | 1.4500 |
| | | | 174 | ବେର୍ଣ୍ଣା ମାମୁଲି | 0.4600 | 0.4600 |
| | | | 180 | ଅନ୍ୟାନ୍ୟ | 0.0900 | 0.0900 |
| | | | 160/353 | ଘରବାରି | 0.4000 | 0.4000 |
| | | | 202 | ବେର୍ଣ୍ଣା ମାମୁଲି | 0.6500 | 0.6500 |
| | | | 203 | ମାଳ ମାମୁଲି | 0.2000 | 0.2000 |
| | | | 205 | ମାଳ ମାମୁଲି | 0.7500 | 0.7500 |
| | | | 206 | ମାଳ ମାମୁଲି | 0.8500 | 0.8500 |
| | | | 206/355 | ଘରବାରି | 0.2000 | 0.2000 |
| | | | 208 | ଆଟ ମାମୁଲି | 0.7400 | 0.5700 |
| | | | 210 | ଆଟ ମାମୁଲି | 0.8300 | 0.8300 |
| | | | 210/354 | ଘରବାରି | 0.3000 | 0.3000 |
| | | | 212 | ଆଟ ମାମୁଲି | 0.4400 | 0.4400 |
| | | | 221 | ଆଟ ମାମୁଲି | 0.1800 | 0.1800 |
| | | | 229 | ଆଟ ମାମୁଲି | 1.7500 | 0.4500 |
| | | | 172/265 | ଆଟ ମାମୁଲି | 0.2200 | 0.2200 |
| | | | 171/264 | ଆଟ ମାମୁଲି | 0.0600 | 0.0600 |
| 17 | 25 | ହର୍ଷ ବରିହା, ପି:ଧ୍ରୁବ ବରିହା, ଜା:ବିଂଝାଲ, ବା:ନିଜଗାଁ | 54/280 | ଆଟ ମାମୁଲି | 0.2800 | 0.2800 |
| | | | 81/283 | ବାହାଲ ମାମୁଲି | 0.3200 | 0.3200 |
| 18 | 25/2 | ରୁକୁଣି ବରିହା, ସ୍ୱା: ମାକ ବରିହା, ଜା:ବିଂଝାଲ, ବା:ନିଜଗାଁ | 196/295 | ବାହାଲ ମାମୁଲି | 0.2500 | 0.2500 |
| | | | 294/298 | ବାହାଲ ମାମୁଲି | 0.0500 | 0.0500 |
| 19 | 25/7 | ଦାମୋଦର ବରିହା, ପିତାମ୍ବର ବରିହା, ବିଶମ୍ବର ବରିହା, ପି:ଶତ୍ରୁ ବରିହା, ଜା:ବିଂଝାଲ, ବା:ନିଜଗାଁ | 197/300 | ବାହାଲ ମାମୁଲି | 0.1200 | 0.1200 |
| | | | 198/301 | ବେର୍ଣ୍ଣା ମାମୁଲି | 0.5500 | 0.5500 |
| | | | 199 | ଅନ୍ୟାନ୍ୟ | 0.0800 | 0.0800 |
| 20 | 25/11 | ଖଗେଶ୍ୱର ସିରଦାର, ହିରାଧର ସିରଦାର, ପି:ଆସାରାମ ସିରଦାର, ମୁନସି ରାମ ସିରଦାର, ପି:କୁସ୍ତମ ସିରଦାର, ଜା:କଲଙ୍ଗା, ବା:ନିଜଗାଁ | 93 | ବାହାଲ ମାମୁଲି | 2.1600 | 1.5300 |
| | | | 94 | ବେର୍ଣ୍ଣା ମାମୁଲି | 1.0500 | 0.3500 |
| | | | 95 | ଆଟ ମାମୁଲି | 0.7000 | 0.0100 |
| | | | 111 | ଅନ୍ୟାନ୍ୟ | 0.1000 | 0.0100 |
| | | | 112 | ଆଟ ମାମୁଲି | 1.1500 | 0.5700 |
| 21 | 25/12 | କୁମାରୀ ଯଶୋବନ୍ତି ବରିହା, ପି:ନିରଞ୍ଜନ ବରିହା, ଜା:ବିଂଝାଲ, ବା:ନିଜଗାଁ | 84 | ଆଟ ମାମୁଲି | 3.9200 | 3.6200 |
| | | | 85 | ବେର୍ଣ୍ଣା ମାମୁଲି | 0.3300 | 0.3300 |
| 22 | 25/13 | କୌଶଳ ସାହୁ, ଦୁଲ ସାହୁ, ଜଗଜୀବନ ସାହୁ, ପି:ଗଙ୍ଗାଧର ସାହୁ, ଜା:କୁଲତା, ବା:ବେନ୍ଦେର | 201 | ବେର୍ଣ୍ଣା ମାମୁଲି | 0.1800 | 0.1800 |
| | | | 203/302 | ମାଳ ମାମୁଲି | 0.2000 | 0.2000 |
| | | | 212/303 | ଆଟ ମାମୁଲି | 0.4400 | 0.4400 |
| | | | 221/304 | ଆଟ ମାମୁଲି | 0.5700 | 0.5700 |
| | | | 160/305 | ଆଟ ମାମୁଲି | 0.1200 | 0.1200 |
| | | | 167/306 | ଆଟ ମାମୁଲି | 1.2300 | 1.2300 |
| | | | 202/307 | ବେର୍ଣ୍ଣା ମାମୁଲି | 0.2000 | 0.2000 |
| | | | 170/308 | ବାହାଲ ମାମୁଲି | 0.6000 | 0.6000 |
| | | | 173 | ଆଟ ମାମୁଲି | 0.1900 | 0.1900 |
| 23 | 25/22 | ଅତବଲ ମାଝୀ, ପି:ଭଜ ମାଝୀ, ଜା:ଗଣ୍ଡ, ବା:ବେନ୍ଦେର | 31 | ବାହାଲ ମାମୁଲି | 0.9500 | 0.5500 |
| | | | 33 | ଆଟ ମାମୁଲି | 0.2000 | 0.2000 |
| | | | 34/318 | ଆଟ ମାମୁଲି | 0.5000 | 0.2300 |
| 24 | 25/25 | ଦାନୀ ବରିହା, ପି:ଉର୍ଦ୍ଧ ବରିହା, ଜା:ବିଂଝାଲ, ବା:ନିଜଗାଁ | 242/321 | ଆଟ ମାମୁଲି | 4.0000 | 2.3000 |
| | | | 243 | ବେର୍ଣ୍ଣା ମାମୁଲି | 0.1700 | 0.1700 |
| | | | 244/322 | ଆଟ ମାମୁଲି | 0.9300 | 0.9300 |
| 25 | 25/26 | ଧନସିଂ ମେହେର, ପି: କପଟ ମେହେର, ଜା:ଭୁଲିଆ, ବା:ବେନ୍ଦେର | 79 | ବେର୍ଣ୍ଣା ମାମୁଲି | 0.3900 | 0.3900 |
| | | | 80 | ଆଟ ମାମୁଲି | 2.1900 | 2.1900 |
| 26 | 25/33 | ଗୋବର୍ଦ୍ଧନ ଷାଣ୍ଡେ, ପି: ଗୌତମ ଷାଣ୍ଡେ, ଜା:ଗଉଡ, ବା:ବେନ୍ଦେର | 74/323 | ଆଟ ମାମୁଲି | 2.4200 | 2.4200 |
| | | | 73 | ମାଳ ମାମୁଲି | 0.3000 | 0.3000 |
| | | | 75 | ବେର୍ଣ୍ଣା ମାମୁଲି | 0.2600 | 0.2600 |
| | | | 76 | ବେର୍ଣ୍ଣା ମାମୁଲି | 0.4000 | 0.4000 |
| 27 | 25/34 | ଖଗେଶ୍ୱର ପଧାନ, ଭଜ ପଧାନ, ପି:ରତନ ପଧାନ, ଜା:କୁଲତା, ବା:ବେନ୍ଦେର | 194 | ବେର୍ଣ୍ଣା ମାମୁଲି | 0.0600 | 0.0600 |
| | | | 192/269 | ଆଟ ମାମୁଲି | 0.0200 | 0.0200 |
| | | | 194/356 | ଘରବାରି | 0.1300 | 0.1300 |
| 28 | 25/35 | ମହେନ୍ଦ୍ର ସାହୁ, ପି:କପୁର୍ଜନ ସାହୁ, ଜା:କୁଲତା, ବା:ବେନ୍ଦେର | 194/330 | ଘରବାରି | 0.0400 | 0.0400 |
| 29 | 25/36 | କୁଞ୍ଜବନ ପଧାନ, ପି:ଥବିର ପଧାନ, ଜା:କୁଲତା, ବା:ଭାଲୁଚୁଆଁ | 194/331 | ଘରବାରି | 0.0400 | 0.0400 |
| 30 | 25/37 | ସହଦେବ ଷାଣ୍ଡେ, ପି:ବିକ୍ରମ ଷାଣ୍ଡେ, ଜା:ଗଉଡ, ବା:ଚହକପରା | 194/332 | ଘରବାରି | 0.0400 | 0.0400 |
| 31 | 25/38 | ସୁରେନ୍ଦ୍ର ପଧାନ, ପି:ଉଦ୍ଧବ ପଧାନ, ଜା:କୁଲତା, ବା:ବେନ୍ଦେର | 194/333 | ଘରବାରି | 0.0400 | 0.0400 |
| 32 | 25/39 | ଉଜଳ ନିଆଲ, ପି:ଚୈତନ ନିଆଲ, ଜା:ଗଉଡ, ବା:ଭରୁଆମୁଣ୍ଡା | 194/334 | ଘରବାରି | 0.0400 | 0.0400 |
| 33 | 25/40 | ସନକ ବାରିକ, ପି:ତପିମଣି ବାରିକ, ଜା:କୁଲତା, ବା:ବଡଗୁର୍ଜିଭଟା | 194/335 | ଘରବାରି | 0.0400 | 0.0400 |
| 34 | 25/41 | ପ୍ରଦୀପ ଭଇଁସାଲ, ପି:ଚୈତନ୍ୟ ଭଇଁସାଲ, ଜା:ଗଉଡ, ବା:କହ୍ନେଇଛାପର | 151/336 | ଘରବାରି | 0.0400 | 0.0400 |
| 35 | 25/42 | ଦେବାନନ୍ଦ ଭଇଁସାଲ, ପି:ସୁବନ ଭଇଁସାଲ, ଜା:ଗଉଡ, ବା:ବେନ୍ଦେର | 151/337 | ବେର୍ଣ୍ଣା ମାମୁଲି | 0.0400 | 0.0400 |
| 36 | 25/43 | କେଶବ ପ୍ରଧାନ, ପି:ଦୟା ପ୍ରଧାନ, ଜା:କୁଲତା, ବା:ବେନ୍ଦେର | 212/303 /338 | ଆଟ ମାମୁଲି | 0.0500 | 0.0500 |
| 37 | 25/44 | ପଞ୍ଚାନନ ସାହୁ, ପି:ଗଜିନ୍ଦ୍ର ସାହୁ, ଜା:ବିନ୍ଧାଣି, ବା:ମାଳପରା, ଥାନା:ଲାଠୋର | 212 /303 /339 | ଆଟ ମାମୁଲି | 0.0500 | 0.0500 |
| 38 | 25/45 | କୋମଳ ରୁଇୟା, ପି:ବଜରଙ୍ଗ ରୁଇୟା, ଜା: ବଣିଆ, ବା:ଜୋଙ୍କ (ଖରିଆର ରୋଡ) ଜିଲ୍ଲା:ନୂଆପଡା | 151/340 | ଘରବାରି | 0.0400 | 0.0400 |
| 39 | 25/46 | ସୁମନ୍ତ କୁମାର ପଟ୍ଟନାୟକ, ପି:ବେଣୁଧର ପଟ୍ଟନାୟକ, ଜା:କରଣ, ବା:ପାଟଣାଗଡ | 151/341 | ବେର୍ଣ୍ଣା ମାମୁଲି | 0.0400 | 0.0400 |
| 40 | 25/47 | ଶୋଭାକର ସିର୍ଦାର, ପି:ଦୟା ସିର୍ଦାର, ଜା:କଲଙ୍ଗା, ବା:ନିଜଗାଁ | 194/342 | ଘରବାରି | 0.0400 | 0.0400 |
| 41 | 25/48 | ହେମସାଗର ପଧାନ, ପି:ଉଦ୍ଧବ ପଧାନ, ଜା:କୁଲତା,ବା:ବେନ୍ଦେର | 151/343 | ଘରବାରି | 0.0400 | 0.0400 |
| 42 | 25/49 | ପ୍ରବୀଣା ବାରିକ, ପି:କପୂର୍ଜନ ସାହୁ, ଜା: କୁଲତା,ବା:ଧଣ୍ଡାମୁଣ୍ଡା | 151/344 | ଘରବାରି | 0.0400 | 0.0400 |
| 43 | 25/50 | ରଙ୍କ ଭଇଁସାଲ, ପି:ସୁବନ ଭଇଁସାଲ, ଜା: ଗଉଡ,ବା:ବେନ୍ଦେର | 192/ 269 /345 | ଆଟ ମାମୁଲି | 0.0200 | 0.0200 |
| 44 | 25/51 | ମଧୁ ଭଇଁସାଲ, ପି:ଥବିର ଭଇଁସାଲ, ଜା: ଗଉଡ,ବା:ବେନ୍ଦେର | 192/ 269 /346 | ଆଟ ମାମୁଲି | 0.0200 | 0.0200 |
| 45 | 25/52 | ସୁବାଷ ମେହେର, ପି: ବୃନ୍ଦାବନ ମେହେର, ଜା:ଭୁଲିଆ, ବା:ଲାଠୋର | 151/347 | ଘରବାରି | 0.1000 | 0.1000 |
| 46 | 25/53 | ଖଗେଶ୍ୱର ପଧାନ, ପି:ରତନ ପଧାନ, ଜା:କୁଲତା, ବା:ନିଜଗାଁ | 151 | ବେର୍ଣ୍ଣା ମାମୁଲି | 0.0200 | 0.0150 |
| 47 | 25/54 | ତପେଶ୍ୱର ପଧାନ, ପି:ଆର୍ତ୍ତ ପଧାନ, ଶୁଭକେଶି ପଧାନ, ନନ୍ଦରାମ ପଧାନ, ପି:ତୀର୍ଥ ପଧାନ, ଜଲନ୍ଧର ସାହୁ, ପି:ମକାରୁ ସାହୁ, ଜା:କୁଲତା, ବା:ବେନ୍ଦେର | 151/348 | ଘରବାରି | 0.0800 | 0.0700 |
| 48 | 25/55 | ଜିତେନ ଗହିର, ଆଶିସ ଗହିର, ପି:ସଦାନନ୍ଦ ଗହିର, ଜା:ଗଉଡ, ବା:ବଲାଙ୍ଗିର, ରୁଗୁଡିପଡା | 151/349 | ବେର୍ଣ୍ଣା ମାମୁଲି | 0.0300 | 0.0300 |
| 49 | 25/57 | ମହେନ୍ଦ୍ର ସାହୁ, ପି:ପଞ୍ଚା ସାହୁ, ଜା:ବିନ୍ଧାଣି, ବା:ମାଲପଡା, ଥାନା:ଲାଠୋର | 151/350 | ବେର୍ଣ୍ଣା ମାମୁଲି | 0.0400 | 0.0200 |
| 50 | 25/59 | ଦେବେନ୍ଦ୍ର ପ୍ରଧାନ, ପି:ରଘୁନାଥ ପ୍ରଧାନ, ଜା:କୁଲତା, ବା:ପଥରଖଣ୍ଡି, ଥାନା:ଡୁଙ୍ଗୁରିପାଲି, ଜିଲ୍ଲା–ସୁବର୍ଣ୍ଣପୁର | 194/356 /357 | ଘରବାରି | 0.0400 | 0.0400 |
| 51 | 25/60 | ପରମେଶ୍ୱର ବିଶ୍ୱାଳ, ପି:ମୋତିରାମ ବିଶ୍ୱାଳ, ଜା:କୁଲତା, ବା:ସରେଇବାହାଲ | 194/ 356 /358 | ଘରବାରି | 0.0300 | 0.0300 |
| 52 | 25/61 | ବ୍ରଜ ମୋହନ ବିଶ୍ୱାଳ, ପି:ବିଦ୍ୟାଧର ବିଶ୍ୱାଳ, ଜା:କୁଲତା, ବା:ସରେଇବାହାଲ | 194/ 356 /359 | ଘରବାରି | 0.0400 | 0.0400 |

# କମ୍ପାନୀର ଭୂମିପୂଜାକୁ ରୋକିଲେ ଅଞ୍ଚଳବାସୀ



ପଚାଙ୍ଗି ବ୍ଲକ୍ ୪ ଗ୍ରାମର ଗ୍ରାମବାସୀ ରାସ୍ତା ଅବରୋଧ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସେରୁବନ୍ଧ ବକ୍ସାଇଟ ପାହାଡ଼ ରାସ୍ତା ନିର୍ମାଣକୁ ବିରୋଧ

ପଚାଙ୍ଗି,୧୯।୨(ଶରତ କୁମାର ଧଳ)

କୋରାପୁଟ ଜିଲା ପଚାଙ୍ଗି ବ୍ଲକ ମାଳିପୁଟ ପଞ୍ଚାୟତ ଅଧୀନ ସେରୁବନ୍ଧ ବକ୍ସାଇଟ ପାହାଡ଼କୁ ରାସ୍ତା ତିଆରି କରିବାକୁ ଏକ ଘରୋଇ କମ୍ପାନୀ ପକ୍ଷରୁ ଭୂମିପୂଜା ପାଇଁ କରାଯାଉଥିବା ପ୍ରସ୍ତୁତି ପୂର୍ବରୁ ଅଞ୍ଚଳବାସୀ ଗୁରୁବାର ବିରୋଧ କରିଛନ୍ତି। ମାଳିପୁଟ ଗ୍ରାମ ଛକ ନିକଟରେ ୩, ୪ ଗ୍ରାମର ଗ୍ରାମବାସୀ ଏକତ୍ର ହୋଇ ବିକ୍ଷୋଭ ପ୍ରଦର୍ଶନ କରିଥିବା ଦେଖିବାକୁ ମିଳିଛି। ବ୍ଲକ୍‌ର ମାଳିପୁଟ, କୋଟିଆ, ପଚାଙ୍ଗି, ନୂଆଗାଁ ସହ ସେମିଳିଗୁଡା ବ୍ଲକର ୨ ପଞ୍ଚାୟତବାସୀ ଏହି ବକ୍ସାଇଟ ଖଣି ଖନନକୁ ବିରୋଧ କରି ଆସୁଥିବା ବେଳେ ଏବେ ପଲ୍ଲୀ ଓ ଗ୍ରାମସଭାକୁ ବିରୋଧ କରିଆସୁଛନ୍ତି।

ବୁଧବାର ବିଳମ୍ବିତ ରାତିରୁ ଖଣି ଖନନ ଓ ରାସ୍ତା ନିର୍ମାଣ ପାଇଁ ଘରୋଇ କମ୍ପାନୀର କେତେଜଣ ଗ୍ରାମବାସୀଙ୍କୁ ଟଙ୍କା ଦେଇଥିବା ଅଞ୍ଚଳବାସୀ ଖବର ପାଇଥିଲେ। ପାହାଡ଼ ଉପରକୁ ଖଣି ଖନନ ରାସ୍ତା ପାଇଁ ସର୍ଭେ କରାଯାଉଥିବା ଶୁଣି ଅଞ୍ଚଳବାସୀ ଭୂମିପୂଜା କରିବାକୁ ଦେଇ ନ ଥିଲେ। ପ୍ରକାଶ ଯେ, ମାଳିପୁଟ ଦେଇ ସେରୁବନ୍ଧ ପାହାଡ଼କୁ ଯାଇଥିବା ରାସ୍ତାକୁ ଓସାରିଆ କରିବା ପାଇଁ ଏକ ଘରୋଇ କମ୍ପାନୀକୁ ନାଲ୍‌କୋ ପକ୍ଷରୁ ଟେଣ୍ଡର ମିଳିଛି। କିନ୍ତୁ ଏହି କାମ ଆଗେଇ ପାରୁ ନ ଥିବାରୁ ରାସ୍ତା ନିର୍ମାଣ ପାଇଁ ଭୂମିପୂଜା ପୂର୍ବରୁ ଟଙ୍କା ବାଣ୍ଟି ଠିକା ସଂସ୍ଥା କାମ ଆରମ୍ଭ କରିବ ବୋଲି ଗାଁ ସାରା ପ୍ରଚାର ହେବା ପରେ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଅଞ୍ଚଳବାସୀଙ୍କ ବିରୋଧ ପରେ ଘରୋଇ କମ୍ପାନୀ ଫେରିଯାଇଥିବା ସୂଚନା ମିଳିଛି।

# ହାତୀ ଛୁଆ ମୃତଦେହ ଠାବ: ତଦନ୍ତକଲେ ଡିଏଫ୍‌ଓ

ମୋରଡ଼ା,୧୯।୨ (ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ରେଞ୍ଜ ତଥା ମୋରଡ଼ା ବ୍ଲକ୍ ଅଧୀନ ପଳାସମୁଣ୍ଡୁଳି ପଞ୍ଚାୟତର ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ଏକ ହାତୀ ଛୁଆର ଗଳିତ ମୃତଦେହ ଜବତ କରିଛି। ଖବରପାଇ ଡିଏଫ୍‌ଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଏସ୍‌ସିଏଫ୍ ମେହେରବାନ ଅଲ୍ଲୀ ଏବଂ ରାସଗୋବିନ୍ଦପୁର ରେଞ୍ଜର ଘନଶ୍ୟାମ ସିଂ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଡାକ୍ତରୀ ଦଳ ଅନୁଧ୍ୟାନ କରିବା ପରେ ହାତୀ ଛୁଆ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ବନ ବିଭାଗ କହିଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ଣ ୩ଟା ସମୟରେ ସ୍ଥାନୀୟ ଲୋକେ ପଳାସମୁଣ୍ଡୁଳି ଜଙ୍ଗଲକୁ ପତ୍ର ତୋଳିବା ପାଇଁ ଯାଇଥିଲେ। ଜଙ୍ଗଲକୁ ଅଗ୍ନି ଦାଉରୁ ରକ୍ଷାକରିବା ଦାୟିତ୍ୱରେ ଥିବା କାଳୀଚରଣ ଟୁଡୁ ମଧ୍ୟ ଯାଇଥିଲେ। ଉକ୍ତ ଜଙ୍ଗଲର ମହିଷାସୁରି ନିକଟରେ ଏକ ହାତୀ ଛୁଆର ମୃତଦେହ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ବର୍ତ୍ତମାନ ଉକ୍ତ ଜଙ୍ଗଲରେ ୧୩ଟି ଶିମିଳିପାଳ ହାତୀ ରହିଥିବା ରେଞ୍ଜର ସିଂ ସୂଚନା ଦେଇଛନ୍ତି।

# ଲାଞ୍ଚ: ସୋର ତହସିଲଦାର ଗିରଫ

ସୋର, ୧୯।୨(ଜନ୍ମେଜୟ ମିଶ୍ର)

ଜବତ ପଥର ବୋଝେଇ ଟ୍ରକ ଛାଡ଼ିବା ପାଇଁ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଦ୍ୱାରା ଧରାପଡିଛନ୍ତି ସୋର ତହସିଲଦାର ଦୈତାରୀ ମଲ୍ଲିକ। ଶୁକ୍ରବାର ଅପରାହ୍ଣରେ ତାଙ୍କୁ ଗିରଫ କରାଯାଇଛି।



ଦୈତାରୀ ମଲ୍ଲିକ

ଗତ କିଛିଦିନ ତଳେ ମହୁମୁହାଣ ଖଞ୍ଜାମାହାଲ ପଥରଖାଦାନରୁ ପଥର ଚୋରି ହେଉଥିବା ଖବରପାଇ ତହସିଲଦାର ମଲ୍ଲିକ ଚଢାଉ କରିଥିଲେ। ଚଢାଉ ବେଳେ ୫ଟି ବେଆଇନ ପଥର ବୋଝେଇ ଡମ୍ପରକୁ ଜବତ କରି ସୋର ତହସିଲ ପରିସରରେ ରଖାଯାଇଥିଲା। ଉକ୍ତ ପଥର ଗାଡିକୁ ଛାଡିଦେବା ପାଇଁ ଟ୍ରକ ମାଲିକମାନଙ୍କଠାରୁ ୪୦ହଜାର ଟଙ୍କା ସୋର ଟ୍ରକ ଆସୋସିଏଶନର ଉପସଭାପତି ଦୟାନିଧି ଜେନାଙ୍କ ମାଧ୍ୟମରେ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଗିରଫ କରିଛି। ଏହାପରେ ତାଙ୍କ ଭଡାଘର ଓ ଅଫିସ କାର୍ଯ୍ୟାଳୟରେ ବିଭିନ୍ନ କାଗଜପତ୍ର ଯାଞ୍ଚ କରାଯାଇଥିଲା। ଶେଷରେ ଉଭୟ ଜେନା ଓ ତହସିଲଦାର ମଲ୍ଲିକଙ୍କୁ ବାଲେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଛି। ସୂଚନାଯୋଗ୍ୟ, ସୋର ତହସିଲଦାର ମଲିକ ଗତ ୧୧ ତାରିଖରେ ୫ଟି ପଥର ବୋଝେଇ ଟ୍ରକକୁ ଅଟକ ରଖି ଖଣି ବିଭାଗକୁ ହସ୍ତାନ୍ତର ନ କରି ମୋଟା ଅଙ୍କର ଜରିମାନା ପାଇଁ ୧ଲକ୍ଷ ଟଙ୍କା ଦାବି କରିଥିଲେ। ଟ୍ରକମାଲିକ ଜଣକ ମୂଳଚାଲ କରି ଦଲାଲଙ୍କ ସହାୟତା ୪୦ହଜାର ଟଙ୍କା ଦେଇଥିଲେ। ସେହି ଅନୁସାରେ ଟ୍ରକ ମାଲିକ ଜଣକ ଭିଜିଲାନ୍ସକୁ ଜଣାଇ ସହଯୋଗୀ ଦଲାଲଙ୍କୁ ଟଙ୍କା ଦେଇଥିଲେ।

## ପଦ୍ମପୁର ତହସିଲଦାର ନିଲମ୍ବିତ



ବିପିନ କୁମାର ପ୍ରଧାନ

ବରଗଡ଼,୧୯।୨ (ପ୍ରେମାନନ୍ଦ ଖମାରୀ)

ଦୁର୍ନୀତି ଅଭିଯୋଗରେ ଗୁରୁବାର ରାଜ୍ୟ ସରକାର ବରଗଡ଼ ଜିଲା ପଦ୍ମପୁର ତହସିଲଦାର ବିପିନ ପ୍ରଧାନଙ୍କୁ ନିଲମ୍ବନ କରିଛନ୍ତି। ବରଗଡ଼ ଜିଲାପାଳଙ୍କ ରିପୋର୍ଟ ଆଧାରରେ ତାଙ୍କୁ ନିଲମ୍ବନ କରାଯାଇଛି। ରାଜସ୍ୱ ବିଭାଗରେ କୌଣସି ପ୍ରକାର ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ, ରାଜସ୍ୱ ସଚିବ ଡ. ଅରବିନ୍ଦ ପାଢ଼ୀ ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରାଯିବ ବୋଲି ନିକଟରେ ବିଭାଗର ସମସ୍ତ କାର୍ଯ୍ୟାଳୟକୁ ନିର୍ଦ୍ଦେଶନାମା ଜାରି କରିଥିଲେ।

# ଉଠିଲା ୧୫୦ କୁଇଣ୍ଟାଲ 'କ୍ୟାପ୍': ଯୋଗାଣମନ୍ତ୍ରୀ

## ଗୋଟିଏ ବି ଟୋକନ ଲାପ୍ସ ହେବନାହିଁ

ଭୁବନେଶ୍ୱର,୧୯।୨ (ରବିନାରାୟଣ ଜେନା)

ଚଳିତବର୍ଷ ଖରିଫ୍ ଧାନ ସଂଗ୍ରହରେ ଜଣେ ଚାଷୀଙ୍କଠାରୁ ଅତି ବେଶିରେ ୧୫୦ କୁଇଣ୍ଟାଲ ଧାନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ଦରରେ କିଣିବା ପାଇଁ ଥିବା ପ୍ରତିବନ୍ଧକ ହଟିଛି। ବିଧାନସଭାର ବଜେଟ ଅଧିବେଶନ କାଳରେ ବିରୋଧୀ ବିଜେଡି ଓ କଂଗ୍ରେସ ପକ୍ଷରୁ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବା ତଥା ଗୃହ ଅଚଳ କରିବା ପରେ ରାଜ୍ୟ ଖାଦ୍ୟଯୋଗାଣ ଓ ଖାଉଟିକଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହା ସ୍ପଷ୍ଟ କରିଛନ୍ତି। ଗୁରୁବାର ବିଧାନସଭା ପ୍ରକୋଷ୍ଠରେ ମନ୍ତ୍ରୀ ପାତ୍ର କହିଛନ୍ତି, ଚଳିତବର୍ଷ ଚାଷୀମାନେ ପ୍ରଚୁର ଉତ୍ପାଦିତ ଧାନ ମଣ୍ଡିକୁ ଆଣିଥିବାରୁ ଏବଂ ତାହାକୁ ନେଇ ଜଣେ ଚାଷୀ ଅତିବେଶିରେ ୧୫୦ କୁଇଣ୍ଟାଲ ଧାନ ଏମ୍‌ଏସ୍‌ପି ଦରରେ ସରକାରଙ୍କୁ ବିକ୍ରି କରିପାରିବେ ବୋଲି କହିଥିଲି। ମାତ୍ର ଏନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିକଟରେ ମନ୍ତ୍ରିସ୍ତରୀୟ ବୈଠକରେ ସ୍ପଷ୍ଟ କରିଛନ୍ତି, ସବୁ ଧାନ ଚାଷୀଙ୍କଠାରୁ କିଣାଯିବ। ଅଦ୍ୟାବଧି ରାଜ୍ୟ ସରକାର ୬୧ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିସାରିଲେଣି; ଯାହାକି ପୂର୍ବବର୍ଷ ୫୮ଲକ୍ଷ ମେଟ୍ରିକ୍ ଟନ୍ ଧାନ ତୁଳନାରେ ବହୁତ ଅଧିକ। ଏହାବାଦ୍ ସରକାରଙ୍କ ହାତରେ ୪୦ଦିନ ରହିଛି। ତେଣୁ ବିରୋଧୀ କେବଳ ମିଛଟାରେ ଛାନିଆ ହେଉଛନ୍ତି। ମନ୍ତ୍ରୀ ଆହୁରି କହିଛନ୍ତି, ମାଲକାନଗିରି ସମେତ ୭ଟି ଜିଲାରେ ଚାଷୀଙ୍କ ଟୋକନ ଲାପ୍ସ ନେଇ ଅଭିଯୋଗ ଆସିଥିଲା। ତାହାକୁ ମଧ୍ୟ ପୁନର୍ବାର ବୈଧ କରିବାକୁ ସମ୍ପୃକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚଳିତବର୍ଷ ଗୋଟିଏ ବି ଟୋକନ ଲାପ୍ସ ହେବାକୁ ଦିଆଯିବ ନାହିଁ। ସବୁଚାଷୀଙ୍କଠାରୁ କୁଇଣ୍ଟାଲ ପିଛା ୩୧୦୦ଟଙ୍କାରେ ଧାନ କିଣାଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ୧୭ ଓଏଏସ୍ ଅଧିକାରୀଙ୍କୁ ବଦଳି, ୧୬ଙ୍କୁ ପଦୋନ୍ନତି

## ବଦଳିଲେ ସିଡିଏ ସଚିବ

ଭୁବନେଶ୍ୱର,୧୯।୨ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୧୬ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇଥିବାବେଳେ ଦୁଇଟି ନିର୍ଦ୍ଦେଶନାମାରେ ୧୭ ଓଏଏସ୍ ଅଧିକାରୀଙ୍କୁ ବଦଳି କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଗୁରୁବାର ପ୍ରଥମଥର ପାଇଁ ଓଡ଼ିଆରେ ଜାରି ବିଜ୍ଞପ୍ତି ଅନୁଯାୟୀ, ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ପିଛିଲା ଭାବେ ୧୬ ବିଭିନ୍ନ ବର୍ଗର ଅଧିକାରୀଙ୍କୁ ଓଏଏସ୍ ବରିଷ୍ଠତା ତାଲିକାକୁ ଅଣାଯାଇ ପଦୋନ୍ନତି ସହ ବଦଳି କରାଯାଇଛି। ତେବେ ସିଦ୍ଧାର୍ଥ ଶଙ୍କର ପାଣି ସ୍ୱେଚ୍ଛାକୃତ ଅବସର ଗ୍ରହଣ କରିଥିବାରୁ ତାଙ୍କୁ କେବଳ ପଦୋନ୍ନତି ତାଲିକାରେ ସ୍ଥାନିତ କରାଯାଇଛି। ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ, ପଦୋନ୍ନତି ପରେ ଅର୍ଥବିଭାଗ ନିର୍ଦ୍ଦେଶକ ପୀୟୂଷକାନ୍ତ ପାଣିଙ୍କୁ କଟକସ୍ଥିତ ପରିବହନ କାର୍ଯ୍ୟାଳୟକୁ ଅତିରିକ୍ତ ଆୟୁକ୍ତ ଭାବେ ବଦଳି କରାଯାଇଥିବାବେଳେ ସବୀର କୁମାର ପଣ୍ଡା, ସୁଶାନ୍ତ କୁମାର ପଣ୍ଡା ଓ ଗାୟତ୍ରୀ ପଟ୍ଟନାୟକଙ୍କୁ ସମବାୟ ବିଭାଗକୁ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ସେହିପରି ସତ୍ୟନାରାୟଣ ପଣ୍ଡାଙ୍କୁ ଅର୍ଥ ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଥିବାବେଳେ ଫାଲ୍‌ଗୁନୀ ସହାୟ ନାୟକଙ୍କୁ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅତିରିକ୍ତ ସଚିବ, ଶ୍ରୀକାନ୍ତ କୁମାର ବେହୁରାଙ୍କୁ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ, ସ୍ମିତା ମହାନ୍ତିଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ସଚିବ, ରମେଶଚନ୍ଦ୍ର ପଣ୍ଡାଙ୍କୁ ଶକ୍ତି ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଏହାସହିତ ସୁରଜ କୁମାର ପଟ୍ଟନାୟକଙ୍କୁ ସୁନ୍ଦରଗଡ଼ ଏଡିଏମ୍, ସୁଚେତା ମହାପାତ୍ରଙ୍କୁ ଓଏଆଇସି ସାଧାରଣ ପରିଚାଳକ, ହରପ୍ରିୟା ଦାଶଙ୍କୁ କଟକସ୍ଥିତ ଡିଟିଇଟି ଯୁଗ୍ମ ନିର୍ଦ୍ଦେଶକ, ପ୍ରିୟବ୍ରତ ପାଢ଼ୀଙ୍କୁ ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ ଅତିରିକ୍ତ ସଚିବ, ଅମୀୟ କୁମାର ରାଉତଙ୍କୁ ସରକାରୀଦଳ ଉପମୁଖ୍ୟସଚେତକଙ୍କ ବ୍ୟକ୍ତିଗତ ସଚିବ ଏବଂ ବିଜୟଲକ୍ଷ୍ମୀ ପାଟଶାଣୀଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଭାବେ ବଦଳି କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ପୃଥକ ନିର୍ଦ୍ଦେଶନାମାରେ ମନୋଜ କୁମାର ପାଢ଼ୀଙ୍କୁ ଉଚ୍ଚଶିକ୍ଷା ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଥିବାବେଳେ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ) ସଚିବ ଡ. ଶ୍ୱେତ କୁମାର ଦାଶଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି।

ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ

| କ୍ରମିକ ନଂ. | ଖତିୟାନ ର କ୍ରମିକ ନଂ. | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ | ପ୍ଲଟ ନଂ. | କିସମ | ରକବା (ଏକର) | ଅଧିଗ୍ରହଣ ପାଇଁ ପ୍ରସ୍ତାବିତ ରକବା (ଏକର) |
|---|---|---|---|---|---|---|
| 53 | 25/62 | ସନ୍ତୋଷ କୁମାର ରାଓ, ପି: ରାଜକୁମାର ରାଓ, ଜା:କ୍ଷତ୍ରିୟ, ବା:ଲାଠୋର | 194/ 356 / 360 | ଘରବାରି | 0.0400 | 0.0400 |
| 54 | 25/63 | ଜିତେନ୍ଦ୍ର ଭୋଇ, ପି:ଜଳଧର ଭୋଇ, ଜା:କୁଳତା, ବା:ବେନ୍ଦେର | 194/ 356 /361 | ଘରବାରି | 0.0200 | 0.0200 |
| 55 | 25/64 | ଗଣେଶ ଗୁପ୍ତା, ପି:ରାମସିଂ ଗୁପ୍ତା, ଜା:ବଣିଆ, ବା:କଣ୍ଟାବାଞ୍ଜି | 212/ 303 /362 | ଆଟ ମାମୁଲି | 0.1000 | 0.1000 |
| 56 | 25/65 | ଦୁର୍ଜନ ମାଝୀ, ପି:ଗଣେଶ୍ୱର ମାଝୀ, ଜା:ଗଣ୍ଡ, ବା: ଯୁବା, ଥାନା:ବେଲପଡା | 223/363 | ବେର୍ଣ୍ଣା ମାମୁଲି | 0.1500 | 0.1500 |
| | | | 225/364 | ବାହାଲ ମାମୁଲି | 0.1600 | 0.1600 |
| | | | 226 | ବେର୍ଣ୍ଣା ମାମୁଲି | 0.2500 | 0.2500 |
| | | | 227 | ମାଳ ମାମୁଲି | 0.4400 | 0.4400 |
| | | | 213/ 300 | ଆଟ ମାମୁଲି | 0.2100 | 0.2100 |
| 57 | 25/66 | ରାଜକୁମାର ବରିହା, ପି:କୃଷ୍ଣ ବରିହା, ଜା:ବିଂଝାଲ, ବା:ଭେଲୁଆଁଖୋଲ | 222 | ଆଟ ମାମୁଲି | 1.1700 | 1.1100 |
| | | | 223 | ବେର୍ଣ୍ଣା ମାମୁଲି | 0.2800 | 0.2800 |
| | | | 224 | ଅନ୍ୟାନ୍ୟ | 0.1000 | 0.1000 |
| | | | 225 | ବାହାଲ ମାମୁଲି | 0.7500 | 0.7500 |
| | | | | | | 81.0850 |
| Govt. Land | | | | | | |
| 58 | 26 | ରକ୍ଷିତ | 16 | ଗୋଚର | 6.000 | 0.500 |
| | | | 25 | ଗୋଚର | 1.560 | 0.500 |
| | | | 26 | ଗୋଚର | 0.320 | 0.100 |
| | | | 27 | ଗୋଚର | 4.110 | 2.000 |
| | | | 39 | ଗୋଚର | 0.170 | 0.150 |
| | | | 41 | ଗୋଚର | 0.230 | 0.230 |
| | | | 47 | ଗୋଚର | 1.130 | 0.400 |
| | | | 48 | ଗୋଚର | 0.360 | 0.260 |
| | | | 52 | ଗୋଚର | 0.160 | 0.150 |
| | | | 60 | ଗୋଚର | 5.800 | 3.950 |
| | | | 61 | ଗୋଚର | 0.530 | 0.530 |
| | | | 62 | ଗୋଚର | 0.160 | 0.160 |
| | | | 63 | ଗୋଚର | 0.520 | 0.520 |
| | | | 150 | ଉନ୍ନତ ଯୋଜନା ଯୋଗ୍ୟ | 1.550 | 0.400 |
| | | | 163 | ସର୍ବସାଧାରଣ ଯୋଗ୍ୟ | 1.450 | 1.450 |
| | | | 175 | ବସ୍ତି ଯୋଗ୍ୟ | 3.630 | |
| | | | 246 | ଗୋଚର | 21.200 | 10.480 |
| | | | 27/251 | ଗୋଚର | 5.030 | 0.530 |
| | | | 27/252 | ଗୋଚର | 1.960 | 0.360 |
| | | | 49/255 | ଗୋଚର | 0.080 | 0.080 |
| | | | 50/256 | ଗୋଚର | 0.040 | 0.040 |
| | | | 247/277 | ସର୍ବସାଧାରଣ ଯୋଗ୍ୟ | 3.000 | 3.000 |
| | | | 38/279 | ଗୋଚର | 0.060 | 0.060 |
| 59 | 27 | ସର୍ବସାଧାରଣ | 92 | ରାସ୍ତା | 1.860 | 1.060 |
| | | | 176 | ବିଜେସ୍ଥଳି | 0.040 | 0.040 |
| | | | 204 | ରାସ୍ତା | 0.900 | 0.900 |
| | | | 209 | ରାସ୍ତା | 0.440 | 0.430 |
| | | | 152 | ରାସ୍ତା | 0.550 | 0.320 |
| | | | 220 | ରାସ୍ତା | 0.850 | 0.600 |
| 60 | 29 | ଆବାଦ ଯୋଗ୍ୟ ଅନାବାଦୀ | 56 | ପଥର ଚଟାଣ | 0.070 | 0.070 |
| | | | 162 | ପଥର ଚଟାଣ | 1.130 | 1.130 |
| | | | 245 | ନଦୀ | 20.400 | 20.400 |
| | | | 159/ 278 / 365 | ପତିତ | 0.070 | 0.020 |
| | | | | | | 50.820 |

This land schedule has been prepared based on the Certified ROR copies obtained from the Tahasildar, Khaprakhol, vide his Letter No.2365, Dt.30.12.2024 and on Dt.27.02.2025. The area of all private partial.

**Sd./- Asst. Engineer**
**U L Irr. Sub-Div. No-II**
**Belpada**

**Sd./- Asst. Executive Engineer**
**U L Irr. Sub-Div. No-II**
**Belpada**

**Sd./- Executive Engineer**
**Upper Lanth Irr.Division**
**Belpada**

**Spl. Land Acquisition &**
**Rehabilitation Officer, ULIP, Belpada**

**OIPR-32001/32557/3/25-26/0003**

# ବିରୋଧୀ ଯେଉଁ ଅପଚେଷ୍ଟା କରୁଛନ୍ତି ସେଥିରେ ବିଫଳ ହେବେ: ମନମୋହନ

ଭୁବନେଶ୍ୱର, ୧୯।୨ (ସୁନିତ୍ ମିଶ୍ର)

ଧାନର ଅଭାବୀ ବିକ୍ରି ନ ହେବା ଏବଂ ଚାଷୀ ତା'ର ଉଚିତ ମୂଲ୍ୟ ପାଇବା ପାଇଁ ଭାଜପା ସବୁବେଳେ ପ୍ରୟାସ କରୁଛି। ଧାନ ଅମଳରେ ଓଡ଼ିଶା ଗୋଟିଏ ସମୟରେ ୧୯ ନମ୍ବରରେ ଥିବାବେଳେ ଏବେ ୨ୟ ନମ୍ବର ସ୍ଥାନରେ ରହିଛି। ପ୍ରଧାନମନ୍ତ୍ରୀ ୨୦୧୪ରେ ଶପଥ ନେଲାବେଳକୁ ଧାନ କୁଇଣ୍ଟାଲ ପିଛା ୧୩୧୦ ଟଙ୍କା ଥିବାବେଳେ ବର୍ତ୍ତମାନ ଓଡ଼ିଶାରେ ଭାଜପାର ଡବଲ ଇଞ୍ଜିନ ସରକାର ଗଠନ ହେବାପରେ ୩୧୦୦ ଟଙ୍କା କୁଇଣ୍ଟାଲରେ ଧାନ କିଣା ହେଉଛି। ୨୦୨୪ ପୂର୍ବରୁ ଅର୍ଥାତ୍ ପୂର୍ବ ସରକାର ସମୟରେ ୨୦୨୩-୨୪ ଆର୍ଥିକ ବର୍ଷରେ ୫୮ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଥିଲା। ସେତେବେଳେ ୧୩ ହଜାର କୋଟି ଟଙ୍କାର ଧାନ କିଣା ହୋଇଥିଲା। ଓଡ଼ିଶାରେ ଭାଜପା ସରକାର ୨୦୨୪-୨୫ ଆର୍ଥିକ ବର୍ଷରେ ଖରିଫ ରବି ଫସଲକୁ ମିଶାଇ ୧୬ ଲକ୍ଷ ୬୦ ହଜାର ଚାଷୀଙ୍କଠାରୁ ୨୭ ହଜାର କୋଟି ଟଙ୍କାର ୯୨ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଛି। ଏହା ବ୍ୟତୀତ ଚାଷୀଙ୍କ ରୋଜଗାରକୁ ଦ୍ୱିଗୁଣା କରିବା ପାଇଁ ପିଏମ୍ କିଷାନ ଓ ସିଏମ୍ କିଷାନ ଯୋଜନାରେ ବାର୍ଷିକ ୧୦ ହଜାର କୋଟି ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଉଛି। ବିରୋଧୀ ସରକାରଙ୍କ କାମକୁ ବିଫଳ କରିବାକୁ ଯେଉଁ ଚେଷ୍ଟା କରୁଛନ୍ତି ସେଥିରେ ବିଫଳ ହେବେ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମନମୋହନ କହିଛନ୍ତି, ଓଡ଼ିଶାରେ ଭାଜପା ସରକାର ଆସିବା ପରେ ଧାନ କିଣାବିକା ପାଖାପାଖି ୨ ଗୁଣା ବୃଦ୍ଧି ପାଇଛି। ଏଭଳି ସ୍ଥିତିରେ ଧାନ କିଣାକୁ ନେଇ ଲୋକଙ୍କ ମଧ୍ୟରେ ବିଭ୍ରାନ୍ତ କରି ଦ୍ୱନ୍ଦ୍ୱ ସୃଷ୍ଟି କରିବାକୁ ଉଭୟ ବିରୋଧୀ ବିଜେଡି ଓ କଂଗ୍ରେସ ଅପଚେଷ୍ଟା କରୁଛନ୍ତି। ରାଜ୍ୟର ଅଧିକାଂଶ ଜିଲାରେ ଧାନକିଣା ୯୦ରୁ ୯୫% ଅତିକ୍ରମ କରିସାରିଲାଣି। ଧାନକିଣା ଏବେ ବି ଅବ୍ୟାହତ ରହିଛି। ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଟୋକନ ବ୍ୟବସ୍ଥା ଅନୁସାରେ ଧାନ କିଣାଯାଇଛି। ଆବଶ୍ୟକ ପଡ଼ିଲେ ୪ର୍ଥ ପର୍ଯ୍ୟାୟରେ ଟୋକନ ପ୍ରଦାନ କରାଯିବ।

## ଅବଶିଷ୍ଟାଂଶ

### କଂଗ୍ରେସ ଲାଭ ...

ଗତ ୨୪ ବର୍ଷ ଶାସନ କାଳରେ ଗଣମାଧ୍ୟମ ଏପରି ଏକ ଖୋଲା ମଞ୍ଚ ପାଇଥିଲା ଭଳି ମନେହେଉନାହିଁ। ଓଡ଼ିଶା ବିଧାନସଭାରେ ଏକ ବିଚିତ୍ର ପରିସ୍ଥିତି ଦେଖିବାକୁ ମିଳୁଛି। ସାଧାରଣ ଭାବେ ବିରୋଧୀଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହେଇ ନ ପାରି ଶାସକ ଦଳ ସୁଯୋଗ ଖୋଜନ୍ତି। କିନ୍ତୁ ଏଠାରେ ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟା। ସରକାର ସବୁ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ, ହେଲେ ବିରୋଧୀ ଛତ୍ରଭଙ୍ଗ ଦେଉଛନ୍ତି ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, କଂଗ୍ରେସ ଯେତେବେଳେ କକ୍ଷତ୍ୟାଗ କରୁଛି ବିଜେଡି ତାକୁ ଲକ୍ଷ୍ୟ କରି ସେମିତି କରୁଥିବା ଲକ୍ଷ୍ୟ କରାଯାଉଛି। ୨୪ ବର୍ଷ ଶାସନକରି କ୍ଷମତାରୁ ଯିବାର ୨ ବର୍ଷ ପରେ ଆଶ୍ଚର୍ଯ୍ୟକର କଥା ଦେଖିବାକୁ ମିଳୁଛି। ମୀନ ଯେପରି ଜଳରୁ ବାହାରି ଛଟପଟ ହୁଏ, ଏମାନେ ଏବେ ସରକାରରୁ ଯିବାପରେ ସେମିତି ହେଉଛନ୍ତି। ବିରୋଧୀ ଦଳକୁ ଅନୁରୋଧ ସେମାନେ ସମାଲୋଚନା କରନ୍ତୁ ଏବଂ ବିଭିନ୍ନ ପ୍ରସ୍ତାବ ଦିଅନ୍ତୁ। ବିରୋଧୀ ଦଳର ପ୍ରସ୍ତାବ ଗ୍ରହଣ କରିବାକୁ ସରକାର ପ୍ରସ୍ତୁତ। ତାଙ୍କ ଅମଳରେ ଚାଷୀ ଆୟ କଥା ଟିକେ ଲୋକଙ୍କୁ ଜଣାଇ ଦେଇଥିଲେ ଭଲ ହୋଇଥାଆନ୍ତା। ସରକାରୀ ତଥ୍ୟ ଅନୁଯାୟୀ ୨୪ ବର୍ଷର ସରକାରଙ୍କ ସମୟରେ ଓଡ଼ିଶାର ଚାଷୀଙ୍କ ଆୟ ସାରା ଭାରତରେ ଶେଷ ଆଡୁ ୨ୟ ଥିଲା। ଚାଷୀଙ୍କ ମାସିକ ଆୟ ୫୧୧୫ ଟଙ୍କା ଥିଲା। ଏକଥା ବିରୋଧୀ ଭୁଲିଯାଉଥିବାରୁ ବାରମ୍ବାର ସେମାନଙ୍କୁ ମନେପକାଇବାକୁ ପଡୁଛି। ହେଲେ ଭାଜପା ସରକାର ନିଜ ପ୍ରତିଶ୍ରୁତି ଭଲ ଭାବେ ପାଳନ କରିଛି। ବିଜେଡି ସରକାର ସମୟରେ ସେମାନେ ୧୦୦ ଟଙ୍କା ଦେବେ କହି ଦେଲେ ନାହିଁ। ହେଲେ ଭାଜପା ସରକାର ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ ଚାଷୀଙ୍କୁ ମାସିକ ୩୧୦୦ ଟଙ୍କା ଦେବ ବୋଲି କହିଥିଲା ତାହା ପାଳନ କଲା। ଭାଜପା ସରକାର ଚାଷୀଙ୍କ ଆୟ ବଢ଼ାଇବାର ଏହି ନିଷ୍ପତ୍ତିରେ ସମସ୍ତେ ଖୁସି ହେବା କଥା ହେଲେ ବିରୋଧୀଙ୍କୁ କାହିଁକି ଏତେ ପୀଡ଼ା ଦେଇଛି ସେକଥା ବୁଝିହେଉନାହିଁ। ଏବେ ବିରୋଧୀ ଦଳ ମଣ୍ଡି ଅବ୍ୟବସ୍ଥା କଥା କହୁଛନ୍ତି। ୨୪ ବର୍ଷରେ କିନ୍ତୁ ଏମାନେ ଗୋଟିଏ ହେଲେ ମଣ୍ଡିର ଉନ୍ନତୀକରଣ କରିନାହାନ୍ତି। ଯଦି ଏ ସରକାର କିଛି କରିଥାଆନ୍ତେ ତେବେ ବର୍ତ୍ତମାନ ଏଭଳି ସମସ୍ୟା ଉପୁଜି ନ ଥାଆନ୍ତା। ବିରୋଧୀ ଦଳ ସରକାରରେ ଥିବାବେଳେ କେତେ ଧାନ କିଣିବାକୁ ଲକ୍ଷ୍ୟ ରଖିଥିଲେ ଏବଂ କେତେଜଣ ଚାଷୀଙ୍କଠାରୁ ଉଠାଇଥିଲେ ତା'ର ରେକର୍ଡ ବାହାରକଲେ ସେମାନେ ଲଜ୍ଜିତ ହେବେ। ବିଭିନ୍ନ ଆଡୁ ଖବର ଆସୁଛି, ଅନେକ ସ୍ଥାନରେ ୨୪ ବର୍ଷିଆ ସରକାରର ଇକୋସିଷ୍ଟମ ଏବେ ମଧ୍ୟ ସକ୍ରିୟ ରହିଛି। ସେମାନଙ୍କୁ କହୁଛି, ସେମାନେ ସୁଧୁରିଯାଆନ୍ତୁ, ଅନ୍ୟଥା ଅନ୍ନଦାତାଙ୍କୁ ହଇରାଣ କଲେ ଫଳ ଭୋଗିବେ। ଏହାକୁ ସେମାନେ ଚେତାବନୀ ବା ପରାମର୍ଶ ଯାହା ଭାବିପାରନ୍ତି। ଗଲା ସରକାରରେ ମନ୍ତ୍ରୀମାନଙ୍କ ଅବସ୍ଥା ଭଲ ନ ଥିଲା। କ୍ୟାବିନେଟ୍ ୫ ମିନିଟ୍‌ରେ ସରିଯାଉଥିଲା। ହେଲେ ଭାଜପା ଶାସନରେ ମନ୍ତ୍ରୀମାନେ ସେମାନଙ୍କ କ୍ୟାବିନେଟ୍ ପ୍ରସ୍ତାବ ରଖୁଛନ୍ତି ଏବଂ ତାହାକୁ ମଞ୍ଜୁର କରାଯାଉଛି। ବିରୋଧୀ ଦଳର ସଦସ୍ୟମାନେ ତାଙ୍କ ମୁଖିଆଙ୍କୁ କେତେଥର ଭେଟିପାରୁଛନ୍ତି ସେକଥା ଜଣାନାହିଁ। ହେଲେ ଏ ପବିତ୍ର ଗୃହର ସବୁ ସଦସ୍ୟା ସଦସ୍ୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦୁଆର ସବୁବେଳେ ଖୋଲା। ବିରୋଧୀ ଦଳର ସଦସ୍ୟମାନଙ୍କୁ ଅନୁରୋଧ ସେମାନେ ଗୃହକୁ ଆସନ୍ତୁ ଏବଂ ସବୁ କାର୍ଯ୍ୟକ୍ରମରେ ଭାଗନିଅନ୍ତୁ। ସେମାନଙ୍କ ସବୁ ପ୍ରଶ୍ନର ଉତ୍ତରଦେବାକୁ ରାଜି ଅଛନ୍ତି। ଶେଷରେ ବାସ୍ତବଧର୍ମୀ ଅଭିଭାଷଣ ଲାଗି ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

### 'ଫ୍ରିବିଜ୍' ନିର୍ବାଚନୀ ...

ବ୍ୟବଧାନକୁ ୩ ପ୍ରତିଶତରେ ସୀମିତ କରିବାକୁ ବ୍ୟବସ୍ଥା ରହିଛି। ତେବେ ସ୍ଥାୟୀ ନିର୍ଦ୍ଦେଶନାମା ରାଜ୍ୟର ମାଗଣା ଏବଂ ସବ୍‌ସିଡି ବିଦ୍ୟୁତ୍ ଯୋଗାଣ ନୀତିକୁ ସିଧାସଳଖ ପ୍ରଭାବିତ କରୁଥିବା ତାମିଲନାଡୁ ସରକାର ଯୁକ୍ତି ଦର୍ଶାଇଥିଲେ। ସୁପ୍ରିମକୋର୍ଟ ଏନେଇ କେନ୍ଦ୍ର ଓ ଅନ୍ୟ ପ୍ରତିପକ୍ଷମାନଙ୍କୁ ନୋଟିସ ଜାରିକରି ଜବାବ ମାଗିଛନ୍ତି।

### ବାଣ ବିସ୍ଫୋରଣରେ ...

ପାଗା ଫାଣ୍ଡିଠୁ ମାତ୍ର ୨କିଲୋମିଟର ଦୂରରେ ବେଆଇନ ବାଣ ତିଆରି ହେଉଥିବା ବେଳେ ପୋଲିସର ଭୂମିକା ସନ୍ଦେହ ଘେରକୁ ଆସୁଛି। ଗତ ଜାନୁଆରୀ ୧୮ରେ କଟକ ସଦର ଥାନା ଅନ୍ତର୍ଗତ ଖଲର୍ଦ୍ଧା ପଞ୍ଚାୟତର ହାତୀଗଡ଼ା ଗ୍ରାମରେ ବେଆଇନ ବାଣ ତିଆରିବେଳେ ବିସ୍ଫୋରଣ ଘଟି ସୁରେଶ ଭୋଇ ନାମକ ଦିବ୍ୟାଙ୍ଗ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୧୦ ବର୍ଷ ତଳେ ଜଗତପୁର ଅଞ୍ଚଳରେ ବାଣ ବିସ୍ଫୋରଣରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା। ଅଧିକାଂଶ ସମୟରେ ଏପରି ଘଟଣା ଘଟୁଥିଲେ ମଧ୍ୟ ପ୍ରଶାସନ ଓ ପୋଲିସ ଚୁପ୍ ବସୁଛି।

# ସବୁଠି ନ୍ୟାୟକୁ ସମର୍ଥନ

ସାରା ବିଶ୍ୱରେ ଆର୍ଥିକ ଅଭିବୃଦ୍ଧି ସର୍ବଦା ସମାନ ସୁଯୋଗ କିମ୍ବା ସହଭାଗୀ ସମୃଦ୍ଧିରେ ପରିଣତ ହୋଇନାହିଁ। ଗଠନମୂଳକ ଅସମାନତା ଜାରି ରହିଛି, ଯାହା ଉତ୍ତମ କାର୍ଯ୍ୟ, ସାମାଜିକ ସୁରକ୍ଷା, ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଭେଦଭାବମୁକ୍ତ ଜୀବନକୁ ପ୍ରଭାବିତ କରୁଛି। ଏହି ପରିପ୍ରେକ୍ଷୀରେ ପ୍ରତିବର୍ଷ ଫେବୃଆରୀ ୨୦ରେ ପାଳନ ହୋଇଆସୁଛି ବିଶ୍ୱ ସାମାଜିକ ନ୍ୟାୟ ଦିବସ, ଯାହା ପ୍ରତ୍ୟେକ ବ୍ୟକ୍ତି ଉନ୍ନତି କରିବା ସହ କିପରି ସମ୍ମାନର ସହିତ ବଞ୍ଚିପାରିବେ, ଏଭଳି ଏକ ନିରପେକ୍ଷ, ଅଧିକ ଅନ୍ତର୍ଭୁକ୍ତ ସମାଜ ଗଠନ ପାଇଁ ସମ୍ମିଳିତ କର୍ତ୍ତବ୍ୟକୁ ସ୍ମରଣ କରେ। ୨୦୦୭ରେ ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ମନୋନୀତ ତଥା ୨୦୦୯ ଫେବୃଆରୀ ୨୦ରେ ପ୍ରଥମେ ପାଳିତ ଏହି ଅନ୍ତର୍ଜାତୀୟ ଦିବସ ସାମାଜିକ ନ୍ୟାୟ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଏବଂ ସ୍ଥାୟୀ ବିକାଶ ମଧ୍ୟରେ ଅପରିହାର୍ଯ୍ୟ ସଂଯୋଗକୁ ଗୁରୁତ୍ୱଦିଏ। ସାମାଜିକ ନ୍ୟାୟ ହେଉଛି ଲିଙ୍ଗ, ଜାତିଗତ, ସାମାଜିକ-ଆର୍ଥିକ ପୃଷ୍ଠଭୂମି କିମ୍ବା ଅକ୍ଷମତା ନିର୍ବିଶେଷରେ ସମସ୍ତଙ୍କ ପାଇଁ ନ୍ୟାୟପୂର୍ଣ୍ଣ ସୁଯୋଗ ଏବଂ ଫଳାଫଳ ସୁନିଶ୍ଚିତ କରିବା। ଏହା ଦାରିଦ୍ର୍ୟ ଦୂର କରିବା, ଉପଯୁକ୍ତ କାର୍ଯ୍ୟ ବିସ୍ତାର, ସାମାଜିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ମାନବାଧିକାରକୁ ବଜାୟ ରଖିବା ପାଇଁ ପ୍ରୟାସକୁ ପ୍ରେରଣାଦିଏ।



**ଆଜି ବିଶ୍ୱ ସାମାଜିକ ନ୍ୟାୟ ଦିବସ**

ଏହି ଦିବସ କ୍ୟାଲେଣ୍ଡରରେ କେବଳ ଏକ ତାରିଖ ନୁହେଁ; ଏହାକୁ ପ୍ରତିଫଳିତ କରିବା, ନିୟୋଜିତ ହେବା ଏବଂ କାର୍ଯ୍ୟ କରିବା ପାଇଁ ଏକ ଆମନ୍ତ୍ରଣ। ଦ୍ରୁତ ଗତିରେ ପରିବର୍ତ୍ତିତ ବିଶ୍ୱରେ ଅସମାନତା ବୃଦ୍ଧି ପାଉଥିବାରୁ ଏହି ଦିନଟି ଆମର ସମାନତା ଏବଂ ପାରସ୍ପରିକ ସମ୍ମାନର ସମାନ ମୂଲ୍ୟବୋଧକୁ ପୁନଃ ନିର୍ଦ୍ଦିଷ୍ଟ କରିବା ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡୁଛି। ତେବେ ଚଳିତବର୍ଷ ତଥା ପରବର୍ତ୍ତୀ ସମୟରେ ଉକ୍ତ ଦିବସ ଲାଗି ଆହ୍ୱାନ ସ୍ପଷ୍ଟ ରହିଛି, ଯାହା ହେଲା 'ଅନ୍ତର୍ଭୁକ୍ତିକୁ ସଶକ୍ତ କରିବା, ବ୍ୟବଧାନକୁ ପୂରଣ କରିବା ଏବଂ ପ୍ରତ୍ୟେକ ବ୍ୟକ୍ତି ପାଇଁ, ସବୁଠି ନ୍ୟାୟକୁ ସମର୍ଥନ କରିବା'।

**ଫାଙ୍କା ଗୁଳି ଫୁଟାଇ ୫୦ଲକ୍ଷ ଟଙ୍କାର ଗହଣା ଲୁଟ୍**

ନୀଳଗିରି, (ପ୍ରଶାନ୍ତ ବିଶ୍ୱାଳ): ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ସନ୍ତରାଗଡ଼ିଆ ବଜାରର ଜଣେ ଗହଣା ଦୋକାନୀ ଉପରକୁ ଫାଙ୍କା ଗୁଳି ଚଳାଇ ନଗଦ ୧୫ହଜାର ଟଙ୍କା ଓ ୫୦ଲକ୍ଷ ଟଙ୍କାର ଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ବୁଧବାର ରାତି ପ୍ରାୟ ୯ଟା ବେଳେ ଏହି ଘଟଣା ଘଟିଛି। ଲୁଟ୍‌ର ଶିକାର ଗହଣା ବ୍ୟବସାୟୀ କୃପାସିନ୍ଧୁ ରଣା ଗୁରୁବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଗୁଳିର ଖୋକା ଜବତ ସହ ତଦନ୍ତ ଆରମ୍ଭ କରିଛି। ନୀଳଗିରି ଥାନା ପକ୍ଷରୁ ଏକ ମାମଲା (ନଂ. ୮୫/୨୬) ରୁଜୁ ହୋଇଛି। ସାଇଣ୍ଟିଫିକ ଟିମ୍ ଓ ସିସି କ୍ୟାମେରା ସହଯୋଗରେ ତଦନ୍ତ ଜାରି ରହିଛି।



**କଟକ ନୂଆପଡ଼ା ପ୍ରେସ୍ କଲୋନି ଗୁଳିମାଡ଼ ଘଟଣା**

# ଜଣେ ଗିରଫ, ମୁଖ୍ୟ ଅଭିଯୁକ୍ତ ଫେରାର

କଟକ,୧୯।୨(କାର୍ତ୍ତିକ ସାହୁ)

କଟକ ନୂଆପଡ଼ା ପ୍ରେସ୍ କଲୋନି ଗୁଳିମାଡ଼ ଘଟଣାରେ କମିଶନରେଟ୍ ପୋଲିସ ଜଣକୁ ଗିରଫ କରିଛି। ଗୁଳିମାଡ଼ ଘଟଣାରେ ୨ଜଣ ସମ୍ପୃକ୍ତ ଅଛନ୍ତି। ତେବେ ମୁଖ୍ୟ ଅଭିଯୁକ୍ତ ଫେରାର ଥିବା ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ଗୁରୁବାର ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଡିସିପି ଆହୁରି କହିଛନ୍ତି, ଭୋଜି ବେଳେ ଉପସ୍ଥିତ ଯୁବକମାନଙ୍କ ମଧ୍ୟରେ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା। ଯୁକ୍ତିତର୍କରୁ ରାଗ ଚରମସୀମାରେ ପହଞ୍ଚିଯାଇଥିଲା। ତତ୍‌ପରେ ଜଣେ ଯୁବକ ବନ୍ଧୁକ ଉଠାଇ ଅନ୍ୟ ସାଙ୍ଗଙ୍କ ଛାତିକୁ ଗୁଳି ଚଳାଇଥିଲେ। ସାଇଣ୍ଟିଫିକ ଟିମ୍ ସହ ପୋଲିସ ତଦନ୍ତ ସମୟରେ ଘଟଣାସ୍ଥଳରୁ ଗୋଟିଏ ଖୋକା ମିଳିଥିବା ଡିସିପି କହିଛନ୍ତି। ଅନ୍ୟପକ୍ଷରେ ପୋଲିସ ବର୍ତ୍ତମାନ ସୁଦ୍ଧା ଗିରଫ ଅଭିଯୁକ୍ତ ଓ ଫେରାର ମୁଖ୍ୟ ଅଭିଯୁକ୍ତଙ୍କ ନାମ ପ୍ରକାଶ କରିନାହିଁ। ସ୍ଥାନୀୟ ଅଞ୍ଚଳର ସମସ୍ତଙ୍କ ପ୍ରିୟପାତ୍ର ଥିବା ସୌମ୍ୟରଞ୍ଜନ ଜେନା ଓରଫ ରିଙ୍କୁଙ୍କ ଭଳି ଜଣେ ଭଲ ଟେନିସବଲ୍ କ୍ରିକେଟ ଖେଳାଳିଙ୍କୁ ଗୁଳିମାଡ଼ର ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯିବା ପରେ ମଧ ମୁଖ୍ୟ ଅଭିଯୁକ୍ତଙ୍କୁ ପୋଲିସ ଧରିପାରିନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ପୋଲିସର କାର୍ଯ୍ୟ ଦକ୍ଷତା ପ୍ରତି ପ୍ରଶ୍ନ ଉଠିଛି।

## ଅଭିଯୁକ୍ତଙ୍କ ନାମ ପ୍ରକାଶ କରୁନି ପୋଲିସ



ମଧୁପାଟଣା ଥାନା ଆଗରେ ଧାରଣା ଦେଇଥିବା ସୌମ୍ୟରଞ୍ଜନଙ୍କ ପରିବାର ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

### ଥାନା ଆଗରେ ମୃତଦେହ ରଖି ପ୍ରତିବାଦ

ଏସ୍‌ସିବି ମେଡିକାଲରେ ସୌମ୍ୟରଞ୍ଜନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସେଠାରୁ ମୃତଦେହ ନେଇ ପରିରାର ସଦସ୍ୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ବହୁ ଲୋକ ମଧୁପାଟଣା ଥାନା ନିକଟରେ ପହଞ୍ଚିଥିଲେ। ସମସ୍ତେ ଏକଜୁଟ ହୋଇ ଥାନା ଆଗରେ ଧାରଣା ଦେବା ସହ ପ୍ରତିବାଦ ଜଣାଇଥିଲେ। ପୋଲିସ ତୁରନ୍ତ ହତ୍ୟାକାରୀଙ୍କୁ ଗିରଫକରିବା ନିମନ୍ତେ ସେମାନେ ପୋଲିସ ନିକଟରେ ଦାବି କରିଥିଲେ। ଦୀର୍ଘ ସମୟ ଧରି ଲୋକେ ଧାରଣାରେ ବସିରହିବା ପରେ ପୋଲିସ ବୁଝାଶୁଝା କରିଥିଲା। ଏହାପରେ ସେମାନେ ଧାରଣାରୁ ଓହରିଯାଇଥିଲେ।

### ଜେଲ ଫେରନ୍ତା ନାଣ୍ଟୁ ହିଁ ଗୁଳି କରିଛନ୍ତି

ଅଭିଯୁକ୍ତଙ୍କ ସଂକ୍ରାନ୍ତରେ ପୋଲିସ କିଛି ସୂଚନା ଦେଉ ନ ଥିବା ବେଳେ ଜେଲ ଫେରନ୍ତା ନାଣ୍ଟୁ ହିଁ ଗୁଳିମାଡ଼ କରିଥିବା ଚର୍ଚ୍ଚା ହେଉଛି। ସେ କିଛିଦିନ ତଳେ ଚୌଦ୍ୱାର ଜେଲରୁ ମୁକୁଳି ଆସିଥିବାବେଳେ ସାଙ୍ଗମାନଙ୍କ ସହ ମିଶି ନୂଆପଡ଼ା ପ୍ରେସ୍ କଲୋନିରେ ଭୋଜି କରୁଥିଲେ। ସେ ପ୍ରତିଦିନ ଖଟିକୁ ଆସିବାବେଳେ ବନ୍ଧୁକ ଆଣି ଆସୁଥିଲେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ମଦ ନିଶାରେ ଚୁର୍‌ହୋଇ ସେ ସୌମ୍ୟରଞ୍ଜନଙ୍କ ଛାତିକୁ ଗୁଳିମାଡ଼ କରିଥିଲେ ବୋଲି ଏକ ପ୍ରକାର ସ୍ପଷ୍ଟ ହୋଇଯାଇଛି।

### ୭ ସାଙ୍ଗଙ୍କୁ ପୋଲିସର ପଚରାଉଚରା

ଗୁଳିମାଡ଼ ଘଟଣା ପରେ ଭୋଜିରେ ସାମିଲ ୨ଜଣଙ୍କୁ ପୋଲିସ ବୁଧବାରଠାରୁ ଅଟକ ରଖି ପଚରାଉଚରା କରୁଥିଲା। ଗୁରୁବାର ଆହୁରି ୫ଜଣଙ୍କୁ ଥାନାକୁ ଆଣି ପଚରାଉଚରା ଜାରି ରଖିଛି। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଗିରଫ କରାଯାଇଛି। ହେଲେ ତାଙ୍କ ନାମ ପୋଲିସ ପକ୍ଷରୁ ପ୍ରକାଶ କରାଯାଇନାହିଁ। ସେହିପରି ଅଦ୍ୟାବଧି ହତ୍ୟାକାଣ୍ଡର ନିର୍ଦ୍ଦିଷ୍ଟ କାରଣ ଅନ୍ଧାରରେ ରହିଛି। ସୌମ୍ୟରଞ୍ଜନଙ୍କ ଭଳି ଜଣେ ଭଲ ପିଲାଙ୍କ ସହ କାହାର ଶତ୍ରୁତାକୁ ପରିବାର ଲୋକେ ଅଥବା ଅଞ୍ଚଳବାସୀ ସହଜରେ ଗ୍ରହଣ କରିପାରୁନାହାନ୍ତି। ସେ ସେଠାକୁ ନିଜେ ଯାଇଥିଲେ ନା ତାଙ୍କୁ କେହି ସାଥିରେ ନେଇଥିବା ବା ଡାକିଥିଲେ ତାହା ସ୍ପଷ୍ଟ ହୋଇନାହିଁ। ପ୍ରେସ୍ କଲୋନି ପରିତ୍ୟକ୍ତ କ୍ୱାର୍ଟର୍ସ ୨ଆର୍-୧୧୭ରେ ଦୀର୍ଘଦିନ ଧରି ଆଡ୍ଡା ଜମୁଥିବାବେଳେ ପୋଲିସ କିପରି ଜାଣିପାରିଲା ନାହିଁ ତାକୁ ନେଇ ମଧ ପ୍ରଶ୍ନ ଉଠିଛି। ଫେରାର ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ସହ ତନାଘନା ଚଳାଇଛି।

# ୧୧୦କୋଟିର ସାଇବର ଠକେଇ, ୨୦ଗିରଫ



ସାଇବର ଠକେଇରେ ଗିରଫ ଅଭିଯୁକ୍ତମାନେ।

## ସମ୍ବଲପୁର ପୋଲିସର 'ଅପରେଶନ ସାଇବର କବଚ'

ସମ୍ବଲପୁର,୧୯।୨(ପ୍ରମୋଦ ବହିଦାର)

ସାଇବର କବଚ ସ୍ୱତନ୍ତ୍ର ଅଭିଯାନ ମାଧ୍ୟମରେ ସମ୍ବଲପୁର ପୋଲିସ ବଡ଼ ଧରଣର ଆନ୍ତଃ ରାଜ୍ୟ ସାଇବର ଠକେଇ ଘଟଣାର ପର୍ଦ୍ଦାଫାଶ କରିଛି। ଏଥିରେ ପ୍ରାୟ ୧୧୦ କୋଟି ଟଙ୍କାର ବେଆଇନ କାରବାର ହୋଇଥିବା ତଦନ୍ତରୁ ଜଣାପଡିଛି। ଏହି ମାମଲାରେ ପୋଲିସ ୨୦ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୫ ଜଣ ମୁଖ୍ୟ ଏଜେଣ୍ଟ ରହିଛନ୍ତି। ସେମାନଙ୍କ ମଧ୍ୟରୁ ଟାଉନ୍ ଥାନାରେ ୫, ଅଇଁଠାପାଲି ଥାନାରେ ୫, ସଦର ଥାନାରେ ୩, ବୁର୍ଲା ଥାନାରେ ୩ ଓ କ୍ଷେତରାଜପୁର, ରେଙ୍ଗାଲି, କତରବଗା ଓ ରେଢ଼ାଖୋଲ ଥାନାରେ ଜଣେ ଲେଖାଏ ଏଜେଣ୍ଟଙ୍କୁ ଗିରଫ କରାଯାଇଛି ବୋଲି ଏସ୍‌ପି ମୁକେଶ କୁମାର ଭାମୁ ସୂଚନା ଦେଇଛନ୍ତି।

ସ୍ଥାନୀୟ ପୋଲିସ ମୁଖ୍ୟାଳୟରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଭାମୁ କହିଛନ୍ତି, ସାଇବର ଅପରାଧୀମାନେ ସାଧାରଣ ଲୋକଙ୍କୁ ମୋଟା ଅଙ୍କର କମିଶନି ପ୍ରଲୋଭନରେ ସେମାନଙ୍କ ନାମରେ କରେଣ୍ଟ ଆକାଉଣ୍ଟ(ମ୍ୟୁଲ୍ ଆକାଉଣ୍ଟ) ଖୋଲୁଥିଲେ। ସାଧାରଣତଃ ଅର୍ଥନୈତିକ ସୁରକ୍ଷା କ୍ଷେତ୍ରରେ ସଚେତନତା ଅଭାବରୁ ଉକ୍ତ ଲୋକମାନେ ସାଇବର ଠକଙ୍କ ଜାଲରେ ଫସି ଯାଉଛନ୍ତି। ଯଦ୍ୱାରା ଏଭଳି ମ୍ୟୁଲ୍ ଆକାଉଣ୍ଟଗୁଡ଼ିକୁ ବ୍ୟବହାର କରି ରାଜସ୍ଥାନ, ପଞ୍ଜାବ, ହରିୟାଣା, ଦିଲ୍ଲୀ, ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଆଦି ବିଭିନ୍ନ ରାଜ୍ୟରୁ ଠକେଇ ଟଙ୍କା ସମ୍ବଲପୁରକୁ ଅଣାଯାଉଥିଲା। ଅପରେଶନ୍ ସାଇବର କବଚ ଅଭିଯାନରେ ସମ୍ବଲପୁର ଜିଲା ପୋଲିସର ହସ୍ତଗତ ହୋଇଥିବା ୩୦୦ ମ୍ୟୁଲ୍ ଆକାଉଣ୍ଟ ମଧ୍ୟରୁ ମୋଟ ୧୪୦ଟି ବ୍ୟାଙ୍କ ଆକାଉଣ୍ଟର ଯାଞ୍ଚ କରାଯାଇଥିବା ବେଳେ ସେଥିମଧ୍ୟରୁ ୫୨ଟି ଆକାଉଣ୍ଟରେ ଏହିପରି ସନ୍ଦେହଜନକ କାରବାର ହେଉଥିବା ପ୍ରାଥମିକ ଭାବେ ଜଣାପଡ଼ିଛି। ଏହି ଆକାଉଣ୍ଟଗୁଡ଼ିକରେ ୭୫ ଥର ପ୍ରାୟ ୧୧୦ କୋଟି ଟଙ୍କାର ସାଇବର ଠକେଇଜନିତ ଟ୍ରାଞ୍ଜାକ୍ସନ ହୋଇଥିବା ଜଣାପଡ଼ିଥିଲା। ସେ ସମସ୍ତ ଆକାଉଣ୍ଟକୁ ବ୍ଲକ୍ କରାଯାଇଛି ବୋଲି ଏସ୍‌ପି କହିଛନ୍ତି।

## ବରଗଡ଼ରେ ୧୫କୋଟି

### ୭ ଦିନରେ ଧରାପଡ଼ିଲେଣି ୯ ଅଭିଯୁକ୍ତ

ବରଗଡ଼,୧୯।୨(ପ୍ରେମାନନ୍ଦ ଖମାରୀ)

ରାଜ୍ୟରେ ଚାଲିଥିବା ସାଇବର କବଚ ଅଭିଯାନକୁ ବରଗଡ଼ ଜିଲା ପୋଲିସ୍ ଜୋରଦାର୍ କରିଛି। ୭ଦିନ ମଧ୍ୟରେ ପୋଲିସ ଏଭଳି ପ୍ରାୟ ୧୫କୋଟି ଟଙ୍କାର ସାଇବର ଠକେଇ ପଦାକୁ ଆଣିଛି। ଏ ନେଇ ଜିଲାର ବିଭିନ୍ନ ଥାନାରେ ପୋଲିସ ମାମଲା ରୁଜୁ ସହିତ ଅଭିଯୁକ୍ତଙ୍କୁ ଧରିବା ପାଇଁ ଧରପଗଡ଼ ଚଳାଇଛି। ଏପର୍ଯ୍ୟନ୍ତ ଜିଲା ପୋଲିସ ୯ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଅତାବିରା ଓ ଝାରବନ୍ଧ ଥାନା ଅଞ୍ଚଳରୁ ୨ଜଣ ଲେଖାଏଁ, ଭଟଲି ଓ ବରଗଡ଼ ଟାଉନ ଥାନା ଅଞ୍ଚଳରୁ ଜଣେ ଲେଖାଏଁ ଏବଂ ଅନ୍ୟ ଅଞ୍ଚଳରୁ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗୁରୁବାର ଜିଲା ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପି.ଏସ୍ ମୀନା ଏହି ସୂଚନା ଦେଇଛନ୍ତି।

# ନିଲାମ ସୁନା ଦେଇ ଠକିଲା ବ୍ୟାଙ୍କ

ଚାନ୍ଦବାଲି,୧୯।୨(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସି ଅଧୀନ ଏକ ଘରୋଇ ବ୍ୟାଙ୍କ ଶାଖାରୁ ନିଲାମ ସୁନା କିଣି ଜଣେ ସୁନା ବ୍ୟବସାୟୀ ଠକେଇର ଶିକାର ହୋଇଛନ୍ତି। ଘଟଣାକୁ ନେଇ ଗୁରୁବାର ମଧ୍ୟାହ୍ନରେ ବ୍ୟାଙ୍କ ଭିତରେ ଉତ୍ତେଜନା ଦେଖାଦେଇଛି। ଠକେଇର ଶିକାର ସୁନା ବ୍ୟବସାୟୀ ପଞ୍ଚାନନ ସାହୁ ପରିବାର ସହ ବ୍ୟାଙ୍କ ଆଗରେ ଧାରଣା ଦେଇଥିଲେ। ଏଥିସହ ସେ ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ପଞ୍ଚାନନ ଅଭିଯୋଗରେ ଦର୍ଶାଇଛନ୍ତି, ବ୍ୟାଙ୍କରେ ବନ୍ଧକ ରଖାଯାଇଥିବା ସୁନା ଋଣ ଆଦାୟ ନ ହେଲେ ନିଲାମ ହୋଇଥାଏ। ଏହି ପ୍ରକ୍ରିୟାରେ ଚାନ୍ଦବାଲି ଶାଖା ବ୍ୟାଙ୍କର ସୁନା ଋଣ ବିଭାଗର କର୍ମଚାରୀ ନିଲାମ ସୁନା ବିକ୍ରୟ ସମ୍ପର୍କରେ ତାଙ୍କ ସହ ଯୋଗାଯୋଗ କରିଥିଲେ। ପରେ ବ୍ୟାଙ୍କ ନିର୍ଦ୍ଧାରିତ ମୂଲ୍ୟ ୮,୯୨,୬୯୦ ଟଙ୍କା ପୈଠ କରି ସେ ସୁନା ଅଳଙ୍କାର କିଣିଥିଲେ। ପୂର୍ବରୁ ଦୁଇଥର ଏହି ଶାଖାରୁ ନିଲାମ ସୁନା କିଣିଥିବାରୁ ବିଶ୍ୱାସରେ ସେ କୌଣସି ପରୀକ୍ଷା ନ କରି ଅଳଙ୍କାର ନିଜ ଦୋକାନକୁ ନେଇଥିଲେ। କିନ୍ତୁ କାଟିବା ପରେ ଏହା ସୁନା ନୁହେଁ, ବରଂ ରୁପା ଉପରେ ସୁନା କୋଟିଂ କରାଯାଇଥିବା ଜଣାପଡ଼ିଥିଲା। ଘଟଣାଟି ଗତ ଡିସେମ୍ବର ୨୬ରେ ଘଟିଥିବା ବେଳେ ସେ ଏନେଇ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିଲା। ଗୁରୁବାର ସେ ଓ ତାଙ୍କ ପରିବାର ବ୍ୟାଙ୍କରେ ପହଞ୍ଚି ମ୍ୟାନେଜରଙ୍କୁ ଖୋଜିଥିଲେ। ପୂର୍ବରୁ ଖବର ପାଇ ମ୍ୟାନେଜର ବ୍ୟାଙ୍କ ଛାଡ଼ି ଯାଇଥିବା ଜଣାପଡ଼ିବା ପରେ ପଞ୍ଚାନନ ଓ ତାଙ୍କ ପରିବାର ସଦସ୍ୟମାନେ ବ୍ୟାଙ୍କ ସମ୍ମୁଖରେ ଧାରଣାରେ ବସିବା ସହ ଦୋଷୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

## ନଦୀଘାଟରେ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ

ତାଳଚେର,୧୯।୨ (ମନୋଜ ନନ୍ଦ)

ଅନୁଗୋଳ ଜିଲା ସନ୍ଥପଡ଼ା ସ୍ଥିତ ବ୍ରାହ୍ମଣୀ ନଦୀ ଘାଟରେ ଗୁରୁବାର ଜଣେ ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ତାଳଚେର ଥାନାରେ ଅଭିଯୋଗ ହୋଇଛି। ଗୁରୁତର ଖବରଦାତା ତାଳଚେର ସନ୍ଥପଡ଼ା ଗ୍ରାମର ଶାନ୍ତନୁ ଭୁକ୍ତା। ସେ ଏକ ଦୈନିକ ଖବରକାଗଜର ପରଜଙ୍ଗ ପ୍ରତିନିଧି ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବାହ୍ନରେ ଶାନ୍ତନୁ ଘର ନିକଟ ନଦୀ ଘାଟକୁ ଗାଧୋଇବାକୁ ଯାଇଥିବା ବେଳେ ବାଇକ୍‌ରେ ଆସିଥିବା ୬ଜଣ ଦୁର୍ବୃତ୍ତ ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ।

# ଆନ୍ତଃ ରାଜ୍ୟ ସାଇବର ଠକେଇ ର୍‍ୟାକେଟ୍‌ର ପର୍ଦ୍ଦାଫାଶ, ୫ ଗିରଫ

କେନ୍ଦୁଝର,୧୯।୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ପୋଲିସ ଏକ ସଙ୍ଗଠିତ ଆନ୍ତଃ ରାଜ୍ୟ ସାଇବର ଆର୍ଥିକ ଠକେଇ ର୍‍ୟାକେଟ୍‌ର ପର୍ଦ୍ଦାଫାଶ କରିଛି। ଓଡ଼ିଶା ଏବଂ ଅନ୍ୟାନ୍ୟ ରାଜ୍ୟରେ ଅନ୍ୟଠାରୁ ଠକେଇ କରି ଟଙ୍କା ଲୁଟିବା ପାଇଁ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ(ଅନ୍ୟ ନାମରେ ବ୍ୟାଙ୍କ ଆକାଉଣ୍ଟ ଚଳାଇବା) ପରିଚାଳନା କରିବାରେ ଏହି ର୍‍ୟାକେଟ୍ ଜଡ଼ିତ ଥିଲା। ପୋଲିସ ମୁଖ୍ୟାଳୟ, ବିଭିନ୍ନ ବ୍ୟାଙ୍କ ଏବଂ ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲରୁ ମିଳିଥିବା ଆର୍ଥିକ ଠକେଇ ଅଭିଯୋଗର ତଦନ୍ତ ସମୟରେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ପରିଚାଳନା କରୁଥିବା ର୍‍ୟାକେଟ୍ ଚିହ୍ନଟ କରାଯାଇଥିଲା। ଟାଉନ ଥାନାରେ ମାମଲା(ନଂ. ୧୪୦/୨୦୨୬) ରୁଜୁ କରି ୫ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଝାଡ଼ଖଣ୍ଡ ଗିରିଡିହ ଜିଲାର ଅଲି ହୁସେନ, ମହମ୍ମଦ ମନୋୱର ଆନସାରି, ମହମ୍ମଦ ସରତାଜ ଆନସାରି, ଗିରିଡିହ ଜିଲାର ମହମ୍ମଦ ସରଫରାଜ ଏବଂ କେନ୍ଦୁଝରର ଅଲେଖ କୁମାର ପାତ୍ର। ଟାଉନ ଥାନାରେ ଖବରଦାତା ସମ୍ମିଳନୀ କରି ସଦର ଏସ୍‌ଡିପିଓ ସୁଦର୍ଶନ ଗଙ୍ଗୋଇ, ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁଙ୍କ ଉପସ୍ଥିତିରେ ଏହି ସୂଚନା ଦେଇଛନ୍ତି।

**Business**

# ତୁସି ମୋଟର୍ସ, ସ୍କାଏ ଅଟୋମୋବାଇଲ୍ସରେ ମାରୁତି ଇ-ଭିଟାରା

ଭୁବନେଶ୍ୱର,୧୯।୨(ଅନୁରାଧା ମହାରଣା)

ମାରୁତି ସୁଜୁକି ପ୍ରାଧିକୃତ ଡିଲର ଭୁବନେଶ୍ୱର ଗଜପତିନଗର ନେକ୍ସା ତୁସି ମୋଟର୍ସ ପ୍ରାଇଭେଟ୍ ଲିମିଟେଡ୍ ଓ ହଂସପାଳସ୍ଥିତ ସ୍କାଏ ଅଟୋମୋବାଇଲ୍ସ ପକ୍ଷରୁ ମାରୁତି ଇ-ଭିଟାରା ଏସ୍‌ୟୁଭି କାର୍ ଉନ୍ମୋଚିତ ହୋଇଯାଇଛି। ଏହି ଯାନଟି ବ୍ୟାଟେରି-ଆଜ୍-ଏ-ସର୍ଭିସ୍ (ବାସ୍) ମଡେଲ ଅଧୀନରେ ୧୦.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ମୂଲ୍ୟରେ ଉପଲବ୍ଧ ହେବ। ପ୍ରତି କିଲୋମିଟର ପାଇଁ ୩.୯୯ ଟଙ୍କା ପୃଥକ୍ ଭାବରେ ବ୍ୟାଟେରି ବ୍ୟବହାର ପାଇଁ ଚାର୍ଜ କରାଯିବ। କମ୍ପାନୀ ପକ୍ଷରୁ କୁହାଯାଇଛି, ଏହି କାର୍ ୫୪୩ କିଲୋମିଟରରୁ ଅଧିକ ଏକ ପ୍ରଶଂସନୀୟ ଡ୍ରାଇଭିଂ ରେଞ୍ଜ ପ୍ରଦାନ କରୁଛି ଯାହା ଇ ଫର୍ ମି ଚାର୍ଜିଂ ଇକୋସିଷ୍ଟମ ଦ୍ୱାରା ସମର୍ଥିତ। ୧୫୦୦ରୁ ଅଧିକ ଇଭି-ପ୍ରସ୍ତୁତ ସେବା କେନ୍ଦ୍ର, ବିଶେଷ ଭାବରେ ପ୍ରଶିକ୍ଷିତ ନେକ୍ସା ଇଭି ସମ୍ପର୍କ ପରିଚାଳକ ଏବଂ ଉତ୍ସର୍ଗୀକୃତ ଚାର୍ଜିଂ ପରିଚାଳକମାନଙ୍କ ସହ ଏହି କାର୍ ସମ୍ପୂର୍ଣ୍ଣ ମନର ଶାନ୍ତି ପ୍ରଦାନ କରିବ। ଇ ଭିଟାରା ୬୧ କିଲୋୱାର୍ଟ ଏବଂ ୪୯ କିଲୋୱାର୍ଟ ବ୍ୟାଟେରି ପ୍ୟାକ୍ ବିକଳ୍ପ ସହ ଉପଲବ୍ଧ ରହିଥିବା ବେଳେ ୱାରେଣ୍ଟି ୮ ବର୍ଷ ରହୁଛି। ଯାନର ୩ ବର୍ଷ ୱାରେଣ୍ଟି କମ୍ପାନୀ ତରଫରୁ ଦିଆଯାଇଥିବା ବେଳେ ଏହା ୮ ବର୍ଷକୁ ବୃଦ୍ଧି କରିବାର ବିକଳ୍ପ ରହିଛି। ଡ୍ରାଇଭର ସହାୟତା ସିଷ୍ଟମ ଅନୁକୂଳ କ୍ରୁଜ୍ ନିୟନ୍ତ୍ରଣ, ଲେନ୍ କିପ୍ ଆସିଷ୍ଟ, ବ୍ଲାଇଣ୍ଡ ସ୍ପଟ୍ ମନିଟରିଂ, ସ୍ୱୟଂଚାଳିତ ଜରୁରିକାଳୀନ ବ୍ରେକିଂ ସୁବିଧା ରହିଛି। ଏଥିରେ ୭ଟି ଏୟାରବ୍ୟାଗ୍ ସୁରକ୍ଷା ମାନକ ଉପକରଣ ଭାବରେ ପ୍ରଦାନ କରାଯାଇଛି।



ତୁସି ମୋଟର୍ସ ପକ୍ଷର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିବହନ କମିଶନର ଅମିତାଭ ଠାକୁର, ତୁସି ମୋଟର୍ସର ପରିଚାଳନା ନିର୍ଦ୍ଦେଶିକା ପ୍ରୀତି ପଲ୍ଲବୀ ପଟ୍ଟନାୟକ, ନିର୍ଦ୍ଦେଶକ ଅଂଶୁମାନ ପଟ୍ଟନାୟକ , ଭିପି ହରମୋହନ ମହାନ୍ତି, ଆଞ୍ଚଳିକ ନିର୍ଦ୍ଦେଶକ ଗୌରବ ଦାବେ ପ୍ରମୁଖ ଉପସ୍ଥିତ ଅଛନ୍ତି। (ଫଟୋ- ବିକାଶ ନାୟକ)




ସ୍କାଏ ଅଟୋମୋବାଇଲ୍ସ ଠାରେ ପରିବହନ ଡେପୁଟି କମିଶନର ରଶ୍ମିରଞ୍ଜିତ ଦଳବେହେରା, ଏସ୍‌ବିଆଇର ଏଜିଏମ୍ ବିଜୟ କୁମାର ଶତପଥୀ, ମାରୁତି ସୁଜୁକିର ଟିଏସ୍‌ଏମ୍ ସୌରଭ ଯାଦବ, ନେକ୍ସା ସିଓଓ ପ୍ରବୀଣ କୁମାର ଲାଥ, ଆରେନା ସିଓଓ ତୁଷାର ରଞ୍ଜନ ବେହେରା, ସ୍କାଏ ଅଟୋମୋବାଇଲ୍ସର ଜିଏମ୍ ସଞ୍ଜୟ କୁମାର ଗୁପ୍ତା, ସ୍କାଏ ଗ୍ରୁପର କ୍ୟୁସିଏମ୍ ରଶ୍ମିରେଖା ଉପସ୍ଥିତ ଅଛନ୍ତି। (ଫଟୋ- ରାଜକିଶୋର ମହାନ୍ତି)

# ପଶ୍ଚିମ ଓଡ଼ିଶାରେ ସୃଷ୍ଟି ହୋଇପାରିବ ୩୫ ହଜାର ନିଯୁକ୍ତି

ଭୁବନେଶ୍ୱର,୧୯।୨(ଅନୁରାଧା ମହାରଣା)

ପଶ୍ଚିମ ଓଡ଼ିଶାରେ ବିଦ୍ୟମାନ ପ୍ରକଳ୍ପ କାର୍ଯ୍ୟକାରୀ ହେବା ସହ ଅନ୍ୟାନ୍ୟ ପ୍ରକଳ୍ପ ଦ୍ୱାରା ୩୫ ହଜାର ନିଯୁକ୍ତି ସୃଷ୍ଟି ସମ୍ଭାବନା ରହିଛି। ନିଯୁକ୍ତି, ଜୀବିକା ଏବଂ ଆଞ୍ଚଳିକ ସମାନତା ଉପରେ କାର୍ଯ୍ୟ କରୁଥିବା ସଂଗଠନ 'ପ୍ରହାର' ପକ୍ଷରୁ କଳାହାଣ୍ଡି, ବଲାଙ୍ଗୀର, କୋରାପୁଟ, ନୂଆପଡ଼ା, ରାୟଗଡା, ନବରଙ୍ଗପୁର ଏବଂ ସଂଲଗ୍ନ ଅଞ୍ଚଳକୁ ନେଇ ଗଠିତ କେବିକେ ଅଞ୍ଚଳରେ ଏହାର ଗ୍ରାଉଣ୍ଡ କନେକ୍ଟ ପଦକ୍ଷେପର ଫଳାଫଳ ଉପସ୍ଥାପନ କରିଛି। ଏଥିରେ ଦର୍ଶାଯାଇଛି, ଉପକୂଳ ଓଡ଼ିଶା ଅଭିବୃଦ୍ଧି ହେଉଥିଲେ ମଧ ପଶ୍ଚିମ ଏବଂ ଦକ୍ଷିଣ-ପଶ୍ଚିମ ଓଡ଼ିଶାର ଏକ ବଡ଼ ଅଂଶ ନିମ୍ନ ଆୟ, ଦୁର୍ଦ୍ଦିନ ପ୍ରବାସ ଏବଂ ଆନୁଷ୍ଠାନିକ କ୍ଷେତ୍ରର ଚାକିରିର ଅନୁପସ୍ଥିତିରେ ଫସିରହିଛି। ପ୍ରହାରର ସଭାପତି ଏବଂ ଜାତୀୟ ସଂଯୋଜକ ଅଭୟରାଜ ମିଶ୍ର କହିଛନ୍ତି, କଳାହାଣ୍ଡି ଭଳି ଜିଲାଗୁଡ଼ିକରେ ମୁଣ୍ଡ ପିଛା ଆୟ ପ୍ରାୟ ୩୨,୦୦୦ ଟଙ୍କା ଯାହା ରାଜ୍ୟ ହାରାହାରି ପ୍ରାୟ ଟ.୧.୮ ଲକ୍ଷ ତୁଳନାରେ ଆଞ୍ଚଳିକ ଅସମାନତାର ପରିମାଣକୁ ସ୍ପଷ୍ଟ କରୁଛି। କୃଷି ପ୍ରାୟ ୮୦% ସ୍ଥାନୀୟ କର୍ମଚାରୀଙ୍କୁ ନିଯୁକ୍ତି ଦେଇଆସୁଛି। ସୀମାନ୍ତ ଏବଂ ଋତୁକାଳୀନ ଶ୍ରମିକ ଭାବରେ, ଯେତେବେଳେ ଅଣ-କୃଷି ନିଯୁକ୍ତି ବିକଳ୍ପ ଅତ୍ୟନ୍ତ ସୀମିତ ରହିଛି। ଅଣ-ସରକାରୀ ଆକଳନ ଅନୁଯାୟୀ କେବଳ କଳାହାଣ୍ଡିରୁ ୬୦,୦୦୦ ଋତୁକାଳୀନ ପ୍ରବାସୀ ଏବଂ ସମଗ୍ର ଓଡ଼ିଶାରେ ୨୮.୧୬ ଲକ୍ଷରୁ ଅଧିକ ପ୍ରବାସୀ ଶ୍ରମିକ ଅଛନ୍ତି। ତାମିଲନାଡୁରେ ପ୍ରବାସୀ ଶ୍ରମିକଙ୍କ ପ୍ରତି ନିର୍ଯାତନା ଏବଂ ନିର୍ଯାତନାର ସାମ୍ପ୍ରତିକ ରିପୋର୍ଟ ପୁଣି ଥରେ ଏହି ନିଯୁକ୍ତି ଅଭାବର ମାନବିକ ମୂଲ୍ୟକୁ ପ୍ରକାଶ କରିଛି। ସରକାର ସମ୍ପ୍ରତି ୪,୧୧୧ କୋଟି ଟଙ୍କାର ନୂତନ ପ୍ରକଳ୍ପ ଘୋଷଣା କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକୁ ଘୋଷଣାରୁ ପ୍ରକୃତ ନିଯୁକ୍ତିରେ ପରିଣତ କରିବାକୁ ୪ରୁ ୫ବର୍ଷ ଲାଗିବ ବୋଲି ଆଶା କରାଯାଉଛି। ମାତ୍ର ପୂର୍ବରୁ ଅନୁମୋଦନ ପାଇ କାର୍ଯ୍ୟାନ୍ୱୟନରେ ଅଟକିଥିବା ପ୍ରକଳ୍ପଗୁଡ଼ିକୁ କାର୍ଯ୍ୟକ୍ଷମ ହେଲେ ତୁରନ୍ତ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିପାରିବେ।

# ଚନ୍ଦ୍ରଶେଖରପୁରରେ ଖୋଲିଲା ଶ୍ରୀଲେଦର୍ସ ଶୋ'ରୁମ୍




ଚନ୍ଦ୍ରଶେଖରପୁରସ୍ଥିତ ଶ୍ରୀଲେଦର୍ସ ଶୋ'ରୁମ୍ ଉଦ୍‌ଘାଟନ ଅବସରରେ ଅତିଥିମାନେ ଉପସ୍ଥିତ ଅଛନ୍ତି। (ଫଟୋ- ବିକାଶ ନାୟକ)

ଭୁବନେଶ୍ୱର,୧୯।୨(ଅନୁରାଧା ମହାରଣା)

ଦୀର୍ଘ ୭୦ ବର୍ଷର ପୁରାତନ ଫୁଟ୍‌ୱେୟାର୍ ବ୍ରାଣ୍ଡ ଭାବେ ପରିଚିତ ଶ୍ରୀଲେଦର୍ସର ନୂଆ ଶୋ'ରୁମ୍ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳରେ ଖୋଲିଛି। ଏହି ଶୋ'ରୁମ୍‌ରେ ବିଶ୍ୱସ୍ତରୀୟ ଜୋତା, ଚମଡ଼ାରେ ନିର୍ମିତ ବ୍ୟାଗ୍, ଟ୍ରାଭେଲ୍ ବ୍ୟାଗ୍, ସ୍ପୋର୍ଟ ଜୋତା, ଆକ୍ଟିଭ୍ ୱେର୍ ଆଦି ଉପଲବ୍ଧ ହେଉଛି। ଗୁରୁବାର ଶୋ'ରୁମ୍‌ର ଉଦ୍‌ଘାଟନୀ ଉତ୍ସବରେ ଶ୍ରୀଲେଦର୍ସର ଅଂଶୀଦାର ଶେଖର ଦେ କହିଛନ୍ତି, ସମସ୍ତ ବର୍ଗର ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ବିଶ୍ୱସ୍ତରୀୟ ଜୋତା, ବ୍ୟାଗ୍ ଓ ନିତ୍ୟବ୍ୟବହାର୍ଯ୍ୟ ଚମଡ଼ା ସାମଗ୍ରୀ ଯୋଗାଇବାରେ 'ଶ୍ରୀଲେଦର୍ସ' ଜୋତା ବଜାରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। 'ଏସ୍‌ଏଲ୍ ପ୍ରିମିୟମ' ହେଉଛି ଏହାର ଏକ ନୂତନ ବର୍ଗ, ଯାହାକୁ ଗ୍ରାହକମାନଙ୍କଠାରୁ ବେଶ୍ ଭଲ ଫିଡ୍‌ବ୍ୟାକ୍ ମିଳିଛି। ଶ୍ରୀଲେଦର୍ସ ଏବେ ପିଲାମାନଙ୍କ ପାଇଁ ସ୍ୱତନ୍ତ୍ର ଛୋଟା ଭୀମ୍ କଲେକ୍ସନ୍ ନେଇଆସିଛି। ସମଗ୍ର ଦେଶରେ ଏହି କଲେକ୍ସନ୍ ଉନ୍ମୋଚନ ହେବାରେ ଭୁବନେଶ୍ୱର ହେଉଛି ପ୍ରଥମ ସହର। ଉଦ୍‌ଘାଟନୀ ଉତ୍ସବରେ ମାସ୍କଟ୍‌ମାନେ ଉପସ୍ଥିତ ଥିବାବେଳେ ପିଲାମାନେ ସେମାନଙ୍କ ପ୍ରିୟ କାର୍ଟୁନ୍ ଚରିତ୍ରଙ୍କ ସହ ଫଟୋ ଉଠାଇବାର ମଜା ନେଇଥିଲେ। ଶ୍ରୀଲେଦର୍ସର ଅଂଶୀଦାର ସୁଶାନ୍ତୋ ଦେ କହିଛନ୍ତି, କ୍ରୀଡ଼ାଭିତ୍ତିକ ଜୋତା ଉତ୍ପାଦନ ଉପରେ କମ୍ପାନୀ ଧ୍ୟାନ କେନ୍ଦ୍ରିତ କରିବାକୁ ଚାହୁଁଛି। ଗତ ୧ ବର୍ଷ ମଧ୍ୟରେ 'ଶ୍ରୀଲେଦର୍ସ' ପୂର୍ବ ଓ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟ ଯଥା ଝାଡ଼ଖଣ୍ଡ, ବିହାର, ଓଡ଼ିଶା ଆଦି ସ୍ଥାନରେ ପ୍ରାୟ ୧୦ରୁ ଅଧିକ ଷ୍ଟୋର ସଫଳତାର ସହ ପରିଚାଳନା କରୁଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂଜାରିଣୀ ଦେଙ୍କ ସମେତ ଶ୍ରୀଲେଦର୍ସ ମାର୍କେଟିଂ ମୁଖ୍ୟ ସୌରଭ ବିଶ୍ୱାସ, ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଫ୍ରାଞ୍ଚାଇଜ୍ ମାଲିକ ମାଣିକ୍ ହଂସ ଏବଂ ପପୁ ହଂସ ଉପସ୍ଥିତ ଥିଲେ ।

## 'ଏଆଇ ସଖୀ' କାର୍ଯ୍ୟକ୍ରମରେ ଓଡ଼ିଶାରୁ ୩୧୫ ମହିଳା ସାମିଲ

ଭୁବନେଶ୍ୱର,୧୯।୨(ଅନୁରାଧା ମହାରଣା)

ନୂଆଦିଲ୍ଲୀର ଭାରତମଣ୍ଡପମ୍‌ରେ ଚାଲିଥିବା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ ୨୦୨୬'ରେ ଟାଟା ଷ୍ଟିଲ୍ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେଶନ ପକ୍ଷରୁ 'ଏଆଇ ସଖୀ' ଇମର୍ସନ କାର୍ଯ୍ୟକ୍ରମରେ ୧୬୦୦ରୁ ଅଧିକ ମହିଳା ସାମିଲ ହୋଇଛନ୍ତି। ଏଥଇରେ ଓଡ଼ିଶାରୁ ୩୧୫ ଜଣ ମହିଳା ଯୋଗଦେଇ ନୂତନ ଜ୍ଞାନକୌଶଳ ଶିକ୍ଷା କରିଛନ୍ତି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସିଆଇଆଇର 'ଆଲାଇନ୍ସ ଫର୍ ଗ୍ଲୋବାଲ ଗୁଡ୍, ଜେଣ୍ଡର, ଇକ୍ୱିଟି ଆଣ୍ଡ ଇକ୍ୱାଲିଟି'ର ଅଧକ୍ଷା ସ୍ମୃତି ଇରାନୀ ଯୋଗଦେଇଥିଲେ। ଏଥିସହ ଟାଟା ଷ୍ଟିଲ୍ ଫାଉଣ୍ଡେଶନର ସିଇଓ ସୌରଭ ରୟ, ସରକାରୀ ଅଧିକାରୀ, ଏବଂ ଟାଟା ଗ୍ରୁପ୍‌ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୋଟ ୧୬୦୦ ମହିଳା ସାମିଲ ହୋଇଥିବା ବେଳେ ଓଡ଼ିଶାର ୩୧୫ ମହିଳା, ଝାଡ଼ଖଣ୍ଡର ୩୧୧ ମହିଳା ଓ ଲୁଧିଆନାର ୯ ଜଣ ମହିଳା ସାମିଲ ହୋଇଥିଲେ।

# ତନେଇରାର ନୂଆ ଷ୍ଟୋର ଉଦ୍‌ଘାଟିତ



ଭୁବନେଶ୍ୱର,୧୯।୨(ଅନୁରାଧା ମହାରଣା)

ଟାଟା ପ୍ରଡକ୍ଟ ତନେଇରା ଭୁବନେଶ୍ୱରରେ ଏହାର ସମ୍ପ୍ରସାରଣକୁ ଜାରି ରଖିଛି। ବ୍ରାଣ୍ଡ ପକ୍ଷରୁ ଚନ୍ଦ୍ରଶେଖରପୁରରେ ଏହାର ନୂତନ ଷ୍ଟୋର ଉଦ୍‌ଘାଟନ କରାଯାଇଛି। ୩,୩୩୭ ବର୍ଗଫୁଟ ସ୍ଥାନରେ ନିର୍ମିତ ଏହି ଷ୍ଟୋରକୁ ଅଭିନେତ୍ରୀ ଭୂମିକା ଦାଶ, ତନେଇରାର ସିଏସ୍‌ଏମ୍‌ଓ ସୋମପ୍ରଭ ସିଂହ, ଟାଇଟନ କମ୍ପାନୀ ଲିମିଟେଡ୍‌ର ଆର୍‌ବିଏଚ୍ (ପୂର୍ବ) ଶାହ ଗୌରବ କ୍ରିଷ୍ଣ, ବ୍ୟବସାୟ ସହଯୋଗୀ ଯୋଗେନ୍ଦ୍ର ହଂସ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ମେଗା ଲଞ୍ଚ ଅବସରରେ ତନେଇରା ଏକ ସ୍ୱର୍ଣ୍ଣମୁଦ୍ରା ଅଫର ଆଣିଛି। ଏହା ଅନ୍ତର୍ଗତ ଗ୍ରାହକ

### ୨୫,୦୦୦ ଟଙ୍କାର କ୍ରୟ ଉପରେ ସ୍ୱର୍ଣ୍ଣମୁଦ୍ରା ଉପହାର

ସର୍ବନିମ୍ନ ୨୫,୦୦୦ ଟଙ୍କାର କ୍ରୟ ଉପରେ ଏକ ସ୍ୱର୍ଣ୍ଣମୁଦ୍ରା ପାଇପାରିବେ। ଏ ଅଫର ଫେବୃଆରୀ ୧୯ରୁ ୨୩ ଯାଏ ଉପଲବ୍ଧ। ଭୁବନେଶ୍ୱରର ସାଂସ୍କୃତିକ ପରିଚୟକୁ ପ୍ରତିଫଳନକରି ଡିଜାଇନ ହୋଇଥିବା ଏ ଷ୍ଟୋର ସ୍ଥାନୀୟ କଳା ପଟ୍ଟଚିତ୍ର, ଚାନ୍ଦୁଆ ଏବଂ ଡୋକ୍ରା ହସ୍ତଶିଳ୍ପରୁ ଅନୁପ୍ରାଣିତ। ସହରର ଜଣାଶୁଣା ବୟନ କାରିଗରୀକୁ ପାଳନ କରିବା ଲାଗି ଷ୍ଟୋରରେ ଏକ ଉତ୍ସର୍ଗୀକୃତ ୱେଡିଂ ଜୋନ୍ ରହିଛି। ବିବାହ ପାଇଁ ପ୍ରସ୍ତୁତ ହେଉଥିବା ବଧୂମାନଙ୍କ ପାଇଁ ଏଠାରେ ବ୍ୟାପକ ବିବାହ ସମ୍ଭାର ରହିଛି। ଗ୍ରାହକ ଏଠାରେ ଇକତ, ଦୋଲବେଦି, ସମ୍ବଲପୁରୀ, ସୂତା, ପ୍ୟୋର୍ ସିଲ୍କ, ଟସର, କୋଟା ଦୋରିଆ, ବନାରସୀ, ଜାମଦାନୀ, ଚନ୍ଦେରୀ ଏବଂ ମାହେଶ୍ୱରୀ, କାଞ୍ଜିବରମ, ସାଉଥ୍ ସିଲକ୍ ଏବଂଭେଗାନ୍ କଲେକ୍ସନ ମଧ୍ୟରୁ ନିଜ ମନ ପସନ୍ଦର ଶାଢ଼ି ପାଇପାରିବେ। ହସ୍ତତନ୍ତ ଶାଢ଼ି ସହ ବ୍ଲାଉଜ୍, ରେଡି-ଟୁ-ୱେର୍ ଆଉଟ୍‌ଫିଟ୍, କୁର୍ତ୍ତା, ଅନ୍‌ଷ୍ଟିଚ୍‌ଡ କୁର୍ତ୍ତା ସେଟ୍, ଇନର୍ ସ୍କର୍ଟ ଏବଂ ଟ୍ରାଉଜର ମାଧ୍ୟମରେ ଏହି ଷ୍ଟୋର ପାରମ୍ପରିକ କଳା ଏବଂ ଆଧୁନିକ ସମ୍ବେଦନଶୀଳତାକୁ ଏକତ୍ରିତ କରୁଛି। ସମସ୍ତ ପୋଷାକ ଶୁଦ୍ଧ ଏବଂ ପ୍ରାକୃତିକ ଫେବ୍ରିକ୍ସରେ ପ୍ରସ୍ତୁତ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆକାଶ, ଅଭିଷେକଙ୍କ ଶତକ

## କଳାହାଣ୍ଡି କପ୍

**କଟକ,୧୯।୨(କୁମାରଶ୍ରୀ)**

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ସିନିୟ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ନାମେଣ୍ଟ କଳାହାଣ୍ଡି କପ୍‌ର ପ୍ରଥମ ପର୍ଯ୍ୟାୟ ଲିଗ୍‌ରେ ଗୁରୁବାର ଦୁଇଟି ଶତକୀୟ ଇନିଂସ ଦେଖିବାକୁ ମିଳିଛି। କେନ୍ଦ୍ରାପଡାର ଆକାଶ ନାୟକ ଏବଂ ପୂର୍ବତଟ ରେଳପଥର ଅଭିଷେକ ଯାଦବ ଶତକ ହାସଲ କରିଛନ୍ତି। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ା ଏବଂ ସମ୍ବଲପୁର-ବି ମଧ୍ୟରେ ମଧ୍ୟରେ ମୁକାବିଲା ହୋଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କେନ୍ଦ୍ରାପଡ଼ା ୮ ଉଇକେଟ ହରାଇ ୨୭୬ରନ ସଂଗ୍ରହ କରିଥିଲା। ଆକାଶ ନାୟକ ୧୦୩ବଲରୁ ୧୪୫ରନର ଶତକୀୟ ପାଳି ଖେଳିଥିଲେ। ଜବାବରେ ସମ୍ବଲପୁର-ବି ୧୭୧ରନରେ ଅଲଆଉଟ ହୋଇଥିଲା। କେନ୍ଦ୍ରାପଡ଼ାର ଅଭିଜିତ ରାଉତ ୫୫ରନ ବ୍ୟୟ କରି ପାଞ୍ଚ ଉଇକେଟ ସଫଳତା ପାଇଥିଲେ। ଖୋର୍ଦ୍ଧା ଗ୍ରାଉଣ୍ଡରେ ପୂର୍ବତଟ ରେଳପଥ ୧୧୭ରନରେ ଖୋର୍ଦ୍ଧାକୁ ପରାସ୍ତ କରିଛି। ଅଭିଷେକ ଯାଦବଙ୍କ ୧୫୮ରନର ପାଳି ବଳରେ ପ୍ରଥମେ ବ୍ୟାଟିଂ କରିଥିବା ରେଳବାଇ ୩୩୦ରନରେ ଅଲଆଉଟ ହୋଇଥିଲା। ଖୋର୍ଦ୍ଧା ୯ ଉଇକେଟରେ ୨୧୩ରନ ସଂଗ୍ରହ କରି ପରାଜୟର ସମ୍ମୁଖୀନ ହୋଇଛି। ରେଳପଥର ବାମହାତୀ ଅର୍ଥୋଡକ୍ସ ଜୟନ୍ତ ବେହେରା ୪ଟି ଉଇକେଟ ଦଖଲ କରିଥିଲେ।

# ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ବିଜୟୀ

## ଏସିଆ କପ୍ ବଧିର କ୍ରିକେଟ ଆରମ୍ଭ

### ଓଡ଼ିଆ ଖେଳାଳି ଶିବୁନ, ସନ୍ତୋଷଙ୍କ ପ୍ରଭାବୀ ପ୍ରଦର୍ଶନ

**କଟକ,୧୯।୨(କୁମାରଶ୍ରୀ)**

ଏସିଆନ ବଧିର କ୍ରିକେଟ ସଂଘ(ଏଡିସିଏ) ଏବଂ ଭାରତୀୟ ବଧିର କ୍ରିକେଟ ସଂଘର ମିଳିତ ଆନୁକୂଲ୍ୟରେ ଗୁରୁବାର ଠାରୁ କଟକରେ ଏସିଆ କପ୍ ଆରମ୍ଭ ହୋଇଛି। ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଉଦ୍‌ଘାଟନୀ ମୁକାବିଲାରେ ଆୟୋଜକ ଭାରତ ୪ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛି। ଟସ୍ ହାରି ବ୍ୟାଟିଂ ନିମନ୍ତ୍ରଣ ପାଇଥିବା ଭ୍ରମଣକାରୀ ଶ୍ରୀଲଙ୍କା ଦଳ ୧୮.୪ ଓଭରରେ ୧୩୨ରନରେ ଅଲଆଉଟ ହୋଇଥିଲା। ହଶିଥା ପ୍ରସନ୍ନା ସର୍ବାଧିକ ୨୮ରନ କରିଥିଲେ। ଉଦୟ ଲକମଲ ୨୫ରନ ଏବଂ ରଜିଥା ଅସଙ୍କା ୨୦ରନ ସଂଗ୍ରହ କରିଥିଲେ। ଭାରତ ପକ୍ଷରୁ ପ୍ରଣିଲ ମୋରେଙ୍କୁ ୩ଟି ଏବଂ ହିଲାଲ ୱାନି ଓ ଓଡ଼ିଆ ଖେଳାଳି ଶିବୁନ ନନ୍ଦ ୨ଟି ଲେଖାଏ ଉଇକେଟ ଦଖଲ କରିଥିଲେ। ଜବାବରେ ୧୮.୫ ଓଭରରେ ୬ ଉଇକେଟ ବିନିମୟରେ



ଅତିଥିଙ୍କ ଗହଣରେ ଟ୍ରଫି ସହ ଅଂଶଗ୍ରହଣକାରୀ ଦଳର ଅଧିନାୟକ।

ଭାରତ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସାଇ ଆକାଶ ସର୍ବାଧିକ ୩୫ରନ କରିଥିବା ବେଳେ ଓଡ଼ିଆ ଖେଳାଳି ସନ୍ତୋଷ କୁମାର ମହାପାତ୍ର ୨୮ରନର ଉପଯୋଗୀ ଇନିଂସ ଖେଳିଥିଲେ। ଏହାଛଡ଼ା ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ହିଲାଲ ୮ଟି ବଲରୁ ୨୩ରନର ବିସ୍ଫୋରକ ପାଳି ଖେଳିଥିଲେ। ସାଇ ଆକାଶ ପ୍ଲେୟର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶୁକ୍ରବାର ଦ୍ୱିତୀୟ ମୁକାବିଲାରେ ଭାରତ ନେପାଳକୁ ଭେଟିବ।

ମ୍ୟାଚ୍ ପୂର୍ବର ଉଦ୍‌ଘାଟନୀ ଉତ୍ସବରେ ଜିନ୍ଦଲ ଷ୍ଟିଲ ଲିମିଟେଡର ଉପସଭାପତି ରିଶି ପଠାନିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଡିସିଏ ସଭାପତି ସୁମିତ ଜୈନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ବଧିର କ୍ରିକେଟକୁ ନେଇ ଆରମ୍ଭ ହୋଇଥିବା ପ୍ରଥମ ସଂସ୍କରଣର ସଫଳତା ଦିଗରେ ମତବ୍ୟକ୍ତ କରିଥିଲେ। ଆଇଡିସିଏ ସିଇଓ ରୋମା ବଲୱାନି ଯୋଗ ଦେଇ ବଧିର କ୍ରିକେଟ ସଫଳ ଯାତ୍ରା ବାବଦରେ କହିଥିଲେ। ଜିନ୍ଦଲ ଫାଉଣ୍ଡେସନର ସିଏସଆର ମୁଖ୍ୟ ଜୟନ୍ତ କୁମାର ମହାନ୍ତି, ଟାଟା ମୋଟର୍ସର ବରିଷ୍ଠ ପଦାଧିକାରୀ ଶୈଳେଶ ରାୟ, ହିରୋ ମୋଟୋ କର୍ପର ଆସିଷ୍ଟାଣ୍ଟ ସିଏସଆର ମ୍ୟାନେଜର କୁନାଲ ଗୁପ୍ତା, ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟର ସମ୍ପାଦକ ଡଃ ବଙ୍କିମ ମହାନ୍ତି ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ।



ବିହାରୀଲାଲ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ପୂର୍ବରୁ ଦୁଇ ଦଳର ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ।




*Happy Birthday*
**NIRANJAN BISWAL**
General Manager - Civil

Levenus Management extends warm birthday wishes on 20th February to a visionary leader whose experience and dedication continue to strengthen every foundation he builds for our society.

ଧ-୩୪୨୪


# ବିହାରୀଲାଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପୁରୁଣା ଭୁବନେଶ୍ୱର, ୧୯।୧**
**(ସୁବାସ ଚନ୍ଦ୍ର ପ୍ରଧାନ)**

ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ଆନୁକୂଲ୍ୟରେ ଗୁରୁବାର ଆରମ୍ଭ ହୋଇଛି ୨୭ତମ ବିହାରୀଲାଲ କ୍ରିକେଟ ଟୁର୍ନାମେଣ୍ଟ। ସ୍ଥାନୀୟ ବିହାରୀଲାଲ ସ୍ପୋର୍ଟ୍ସ ଗ୍ରାଉଣ୍ଡରେ ଏହା ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ରାଜ୍ୟର ୧୬ଟି କ୍ଲବ ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ବିଧାୟକ ବାବୁ ସିଂ, ଭୁବନେଶ୍ୱର ଜିଲା ଭାଜପା ସଭାପତି ନିରଞ୍ଜନ ମିଶ୍ର, ବିହାରୀଲାଲ ସ୍ପୋର୍ଟ୍ସ ଟ୍ରଷ୍ଟ ସଭାପତି ଅକ୍ଷୟ କୁମାର ଜେନା, ତୋଫାନ ସାମନ୍ତରାୟ, ତାପସ ଦଳେଇ, କ୍ରିକେଟ କୋଚ କ୍ଷୀରୋଦ ବେହେରା, ବରିଷ୍ଠ କ୍ରୀଡା ଖବରଦାତା ସୁରେଶ ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଛନ୍ତି। ପ୍ରଥମ ଦିବସରେ ମୋଟ ୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ପ୍ରଥମ ୨ଟି ମ୍ୟାଚରେ ରାମେଶ୍ୱର ୬ ଉଇକେଟରେ ପାରାମାଉଣ୍ଟ ଏବଂ ମୁକ୍ତେଶ୍ୱର ୭ ଉଇକେଟରେ ପ୍ରଗତୀ ସ୍ପୋର୍ଟିଂକୁ ପରାସ୍ତ କରିଛି। ଭେଟେରାନ ବର୍ଗରେ ସହିଦ ସ୍ପୋର୍ଟିଂ ୪ ରନରେ ଏମସିସି ଏବଂ ପୁରୀର ଜେପି ବ୍ଲାଷ୍ଟର୍ସ ୮ ଉଇକେଟରେ ଯଦୁପୁରକୁ ପରାସ୍ତ କରିଛି। ଅତିଥିମାନେ ଏହି ପ୍ରତିଯୋଗିତାକୁ ପ୍ରଂଶସା କରିବା ସହ ଯୁବ ପିଢ଼ିଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ଉପଯୁକ୍ତ ପ୍ଲାଟଫର୍ମ ବୋଲି ମତ ପ୍ରକାଶ କରିଛନ୍ତି।

# ଦ୍ୱିତୀୟ ମ୍ୟାଚରେ ଅଷ୍ଟ୍ରେଲିଆ ବିଜୟୀ

**କାନବେରା, ୧୯।୨ (ପି.ଟି.)**

ଅଷ୍ଟ୍ରେଲିଆ ଏଠାରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ୧୯ରନରେ ଭାରତକୁ ପରାସ୍ତ କରିଛି। ଏଥିସହିତ ଦଳ ଦୁଇ ଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୧ ବରାବର ସ୍ଥିତିକୁ ଚାଲି ଆସିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଅଷ୍ଟ୍ରେଲିଆ ପ୍ରଥମ ଉଇକେଟରେ ଜର୍ଜିଆ ଭଲ୍ (୮୮ରନ) ଓ ବେଥ୍ ମୁନି (୪୬ରନ)ଙ୍କ ୧୨୮ରନ ଭାଗୀଦାରି ସହାୟତାରେ ୫ଉଇକେଟ ବିନିମୟରେ ୧୬୩ ରନ କରିଥିଲା। ଭାରତ ବିପକ୍ଷ କୌଣସି ମହିଳା ଅନ୍ତର୍ଜାତୀୟ ଟି୨୦ କ୍ରିକେଟରେ ପ୍ରଥମ ଉଇକେଟ ପାର୍ଟନରଶିପ୍‌ରେ ଏହା ହେଉଛି ସର୍ବୋଚ୍ଚ ସ୍କୋର। ପୂର୍ବରୁ ଏହି ରେକର୍ଡ ଏଲିସା ହିଲି ଓ ମୁନିଙ୍କ ନାମରେ ରହିଥିଲା। ଦୁହେଁ ୨୦୨୦ରେ ମେଲବୋର୍ନଠାରେ ଏକ ଭାରତ ବିପକ୍ଷ ମ୍ୟାଚରେ ପ୍ରଥମ ଉଇକେଟ ପାର୍ଟନରଶିପ୍‌ରେ ୧୧୫ରନ ସଂଗ୍ରହ କରିଥିଲେ।

ଜବାବରେ ଭାରତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୪ ରନ କରିଥିଲା। ଭାରତୀୟ ଇନିଂସରେ ପ୍ରମୁଖ ଅବଦାନ ରଖିଥିବା ବ୍ୟାଟରମାନେ ହେଲେ ହରମନପ୍ରୀତ୍ କୌର (୩୬), ସ୍ମୃତି ମନ୍ଧାନା (୩୧) ଓ ଶେଫାଳି ବର୍ମା (୨୯)। ଅଷ୍ଟ୍ରେଲିଆ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ଆସ୍‌ଲେ ଗାର୍ଡନର ତାଙ୍କ ୪ ଓଭର ବୋଲିଂରେ ୨୨ ରନ ବିନିମୟରେ ୩ ଉଇକେଟ ନେଇଥିବା ବେଳେ କିମ୍ ଗ୍ୟାରେଥ୍, ସୋଫି ମୋଲିନେକ୍ସ ଓ ଆନାବେଲ୍ ସଦରଲାଣ୍ଡ ପ୍ରତ୍ୟେକ ୨ଟି ଲେଖାଏ ଉଇକେଟ ଆକ୍ତିଆର କରିଥିଲେ। ଦୁଇ ଦଳ ମଧ୍ୟରେ ତୃତୀୟ ଅନ୍ତର୍ଜାତୀୟ ଟି୨୦ ଶନିବାର ଆଡିଲେଡ୍ ଓଭାଲଠାରେ ଖେଳାଯିବ।



ବଡ଼ ଶଟ୍ ଖେଳିବା ଅବସରରେ ଜର୍ଜିଆ ଭଲ୍।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ମହିଳା ଦଳ: ୨୦ ଓଭରରେ ୧୬୩/୫ (ଜର୍ଜିଆ ଭୋଲ୍-୮୮, ବେଥ୍ ମୁନି-୪୬ ; ଅରୁନ୍ଧତୀ ରେଡ୍ଡୀ-୨/୩୦)।
ଭାରତ ମହିଳା ଦଳ: ୨୦ ଓଭରରେ ୧୪୪/୯ (ହରମନପ୍ରୀତ୍ କୌର୍-୩୬, ସ୍ମୃତି ମନ୍ଧାନା-୩୧, ଶେଫାଳି ବର୍ମା-୨୯ ; ଆଶଲେ ଗାର୍ଡନର-୩/୨୨)।

# ହରମନଙ୍କ ବିଶ୍ୱ ରେକର୍ଡ

**କାନବେରା,୧୯।୨:** ଭାରତୀୟ ମହିଳା ଦଳର ଅଧିନାୟିକା ହରମନପ୍ରୀତ କୌର ଗୁରୁବାର ଏକ ସ୍ୱତନ୍ତ୍ର ରେକର୍ଡର ଅଧିକାରୀ ହୋଇଛନ୍ତି। ମାନୁକା ଓଭାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଖେଳାଯାଇଥିବା ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ସେ ଫିଲ୍ଡକୁ ଓହ୍ଲାଇ ମହିଳା ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ମ୍ୟାଚ୍ ଖେଳିଥିବା ଖେଳାଳି ହୋଇପାରିଛନ୍ତି। ଏହା ଭାରତ ପାଇଁ ତାଙ୍କର ୩୫୬ତମ ମ୍ୟାଚ୍ ଥିଲା। ପୂର୍ବରୁ ଏହି ରେକର୍ଡ ନ୍ୟୁଜିଲାଣ୍ଡର କିମ୍ବଦନ୍ତୀ ସୁଜି ବେଟ୍ସଙ୍କ ନାମରେ ଥିଲା। ସେ ୩୫୫ ମ୍ୟାଚ୍ ଖେଳିଥିଲେ। ଏହି ତାଲିକାରେ ଅଷ୍ଟ୍ରେଲିଆର ଏଲିସେ ପେରୀ (୩୪୯ ମ୍ୟାଚ୍), ଭାରତର ପୂର୍ବତନ ଅଧିନାୟିକା ମିତାଲି ରାଜ (୩୩୩ ମ୍ୟାଚ୍) ଓ ଇଂଲଣ୍ଡର କିମ୍ବଦନ୍ତୀ ଚାର୍ଲଟ ଏଡୱାର୍ଡ୍ସ (୩୦୯ ମ୍ୟାଚ୍) ରହିଛନ୍ତି।

## ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସ

# ଓଡ଼ିଶା-ପଶ୍ଚିମବଙ୍ଗ ମ୍ୟାଚ୍ ଡ୍ର ରହିଲା

**କଟକ,୧୯।୨(କୁମାରଶ୍ରୀ):** ଖେଲୋ ଇଣ୍ଡିଆ ଟ୍ରାଇବାଲ୍ ଗେମ୍ସର ପଶ୍ଚିମବଙ୍ଗ ବିପକ୍ଷ ପ୍ରଥମ ମ୍ୟାଚକୁ ଡ୍ର ରଖିଛି ଓଡ଼ିଶା ସିନିୟର ମହିଳା ଫୁଟବଲ ଦଳ। କୋଲକାତାର ଏଆଇଏଫ୍‌ଏଫ୍ ଏନସିଇ ଗ୍ରାଉଣ୍ଡରେ ଗୁରୁବାର ଏହି ମ୍ୟାଚ୍ ଖେଳାଯାଇଥିଲା। ଉଭୟ ଦଳ ଗୋଟିଏ ଲେଖାଏ ଗୋଲ ସ୍କୋର କରି ପଏଣ୍ଟ ଭାଗ କରିଛନ୍ତି। ତେବେ ଗ୍ରୁପ-ଡିରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ୨୧ରେ ଉତ୍ତରପ୍ରଦେଶ ଏବଂ ୨୩ରେ ଝାଡଖଣ୍ଡ ବିପକ୍ଷରେ ପରବର୍ତ୍ତୀ ଦୁଇଟି ମ୍ୟାଚ୍ ଖେଳିବ ବୋଲି ଫୁଟବଲ ଆସୋସିଏଶନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ପ୍ରେସ୍ ବିବୃତି ମାଧ୍ୟମରେ ସୂଚନା ଦିଆଯାଇଛି।


# Classified Everyday
0674-2580101, 9692975378



REAL ESTATE
SALE

ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537.
D-3215



CONSTRUCTION

Construct your home @970/- 1499/- include architecture structure with branded materials, Provide plan approval, Boring, Bastu complaints, Interior work- SNV Engineering- 9439295469.
D-3190





All types of physiotherapy and massage contact 9556924059 / 7656969134.
D-3416

LOST

ମୁଁ, ଶ୍ରୀ ନରେଶ ବେହେରା, ପିତା- ମଧୁ ବେହେରା, ଗାଁ- ଆରଖକୁଦା, ପୋ- ଆରଖକୁଦା, ଥାନା- ଆରଖକୁଦା ଜିଲ୍ଲା-ପୁରୀ। ବିଜ୍ଞାପନ ଦ୍ୱାରା ସୂଚନା ଦେଉଛୁ, ଆମର ପଟ୍ଟା ଖାତା ନଂ.- ୧୧୯/୪୫୩, ମୌଜା- ମାଣିକପାଟଣା, ତା.୨୫।୦୧।୨୦୨୫ରିଖ ଦିନ ଆମ୍ଭର ଅସାବଧାନତା ଯୋଗୁଁ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ପଟ୍ଟାଟିକୁ ପାଇବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ କରୁଛୁ। ଓକିଲ- ବିଶ୍ୱଜିତ୍ ପଟ୍ଟନାୟକ, ମୋ- ୯୪୩୮୦୮୦୦୨୩
ଧ-୩୪୩୧

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

ଏଠାରେ ଜଣାଇ ଦିଆଯାଉଛି ଯେ ଇନ୍ଦ୍ର ପ୍ରସାଦ ଅଗ୍ରୱାଲଙ୍କ ସପକ୍ଷରେ ମଣି ଧରୁଆଙ୍କ ଦ୍ୱାରା ସମ୍ପାଦିତ ଖାତା ନଂ. ୩୨୦ ପାଇଁ ମୂଳ ପଞ୍ଜୀକୃତ ସେଲ୍ ଡିଡ୍ ନଂ. ୪୬୫/୧୯୯୯ ତା.୦୬।୦୩।୧୯୯୯, ମୋ ଦ୍ୱାରା ତା.୧୮।୦୨।୨୦୨୬ ଦିନ ୧.୩୦ ସମୟରେ ହଜିଯାଇଛି। ମୋର ବାସସ୍ଥାନ: ପ୍ରଧାନପଡା, ପୋଷ୍ଟ- ବୁଢ଼ାରାଜା, ଜିଲ୍ଲା- ସମ୍ବଲପୁର, ପିନ୍- ୭୬୮୦୦୪ ରୁ ଖାତା ନଂ. ୪୩୩/୪୨୦, ପ୍ଲଟ୍ ନଂ. ୩୩୬୫/୪୩୭୪, ମୌଜା- ସମ୍ବଲପୁର ଟାଉନ, ୟୁନିଟ୍ ନଂ. ୧୨ (ରେମେଡ), ପି.ଏସ୍./ଜିଲ୍ଲା- ସମ୍ବଲପୁର, ପିନ୍- ୭୬୮୦୦୬ ସ୍ଥିତ ଅଫିସକୁ ଯିବା ବାଟରେ ହଜି ଯାଇଛି। ଯଦି କୌଣସି ବ୍ୟକ୍ତି ପାଆନ୍ତି, ମୋତେ ହସ୍ତାନ୍ତର କରିବାକୁ ଅନୁରୋଧ ଏବଂ ଅପବ୍ୟବହାର ନକରିବାକୁ ଅନୁରୋଧ କରୁଛି।
ସ୍ୱା./- ଆସିସ କୁମାର ପଟ୍ଟନାୟକ
(Advocate)
ମୋ- 9438086775
ଧ-୩୪୨୯

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

୨୬ ସେପ୍ଟେମ୍ବର, ୨୦୨୫ ତାରିଖରେ ନୋଟାରୀ, ଓଡ଼ିଶା ସରକାରଙ୍କ ସମ୍ମୁଖରେ ଶପଥ ଗ୍ରହଣ କରାଯାଇଥିବା ଏକ ଶପଥପତ୍ର ଅନୁଯାୟୀ ମୁଁ, ଭାରତ ଭୂଷଣ ପାଣିଗ୍ରାହି, ଠିକଣା ଆଟ୍/ପୋ- ଟିକାବାଲି, ଜିଲ୍ଲା- କନ୍ଧମାଳ, ପିନ୍- ୭୬୨୦୧୦, ଓଡ଼ିଶା ଘୋଷଣା କରୁଛି ଯେ, ମୁଁ ମୋ ପୁଅର ନାମ ଦେବଦତ୍ତ ପାଣିଗ୍ରାହିରୁ ଦେବ ପାଣିଗ୍ରାହିକୁ ପରିବର୍ତ୍ତନ କରିଛି। ବର୍ତ୍ତମାନଠାରୁ, ସେ ସମସ୍ତ ଉଦ୍ଦେଶ୍ୟରେ ଦେବ ପାଣିଗ୍ରାହି ଭାବରେ ପରିଚିତ ହେବେ।
ଭାରତ ଭୂଷଣ ପାଣିଗ୍ରାହି
ଧ-୩୪୩୦

By virtue of an affidavit No.- 178 sworn before The Executive Magistrate, Baripada, I, Sanghamitra Giri, W/o.- Late Padmolochan Giri, At- Bisoi, P.O.- Bisoi, P.S.- Bisoi, Dist.- Mayurbhanj, Odisha 757033 have changed my daughter's name from Mousumi Giri (Old name) to Suswati Giri (New name). Henceforth, she shall be known as Suswati Giri (New name) for all purpose.
D-3432

By virtue of an affidavit sworn before (Executive Magistrate), Sonepur, dated 18.02.2026, I, Dharmendra Bagarty, At/P.O.- Khaliapali, P.S.- Lachhipur, Dist.- Subarnapur, Odisha-767017 declare that I have changed the name of my daughter SUNAM BAGARTY (Old name) to RESHMARANI BAGARTY (New name). Henceforth, she shall be known as RESHMARANI BAGARTY (New name) for all purposes.
Dharmendra Bagarty
D-3428

By virtue of an affidavit, I, Gitanjali Das, W/o.- Rabi Narayan Das of Penthakata, Bhudan Nagar, Puri declare that in Aadhaar card bearing No. xxxx xxxx 9271 my name has been recorded as Gita rani Das instead of Gitanjali Das. That Gitanjali Das and Gita rani Das is one and same person. Hence this declaration.
D-3427

By virtue of an affidavit sworn before the Executive Magistrate, Balangir, dated- 13.02.2026, I, Manakanti Dharua, W/o. Tejaraj Dharua, R/o. Village- Kundapathar, P.O.- Sahajbahal, P.S.- Deogaon, Dist.- Balangir, PIN- 767024, Odisha declare that I have changed my name from Rashmita Dharua to Manakanti Dharua. Henceforth, I shall be known as Manakanti Dharua for all purposes.
Manakanti Dharua
D-3426

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

# ଭଲ୍ୟୁଣ୍ଟରରୁ ଜାତୀୟ ଜର୍ସି




## ସିନିୟର ହକିରେ ରୋଶନ କୁଜୁରଙ୍କ ଯାତ୍ରା

ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ରାଉରକେଲା ଚରଣ ଫେବୃଆରୀ ୧୦ରୁ ୧୫ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରତ, ବେଲଜିୟମ ଓ ଆର୍ଜେଣ୍ଟିନା ମଧ୍ୟରେ ମୁକାବିଲା ହୋଇଥିଲା। ଏହି ପ୍ରତିଯୋଗିତା ଲାଗି ଭାରତୀୟ ଦଳରେ ଓଡ଼ିଶାର ୫ ଖେଳାଳି ସ୍ଥାନ ପାଇଥିଲେ। ସେମାନେ ହେଲେ ଅମିତ ରୋହିଦାସ, ଶିଳାନନ୍ଦ ଲାକ୍ରା, ନିଲମ ସଞ୍ଜୀପ ଖେସ୍, ଅମନଦୀପ ଲାକ୍ରା ଓ ରୋଶନ କୁଜୁର। ପ୍ରତିଯୋଗିତାରେ ଭାରତ ଯଦିଓ ଆଶାନୁରୂପ ପ୍ରଦର୍ଶନ କରିପାରି ନ ଥିଲା ତେବେ ଘରୋଇ ପରିବେଶରେ ୨ ଜଣ ଓଡ଼ିଆ ଖେଳାଳି ସିନିୟର ସ୍ତରରେ ପ୍ରଥମ ପଦାର୍ପଣ କରିବାର ସୁଯୋଗ ପାଇଥିଲେ। ସେମାନେ ହେଲେ ଅମନଦୀପ ଲାକ୍ରା ଓ ରୋଶନ କୁଜୁର। ୧୫ ତାରିଖରେ ଅନୁଷ୍ଠିତ ଆର୍ଜେଣ୍ଟିନା ବିପକ୍ଷ ମ୍ୟାଚରେ ଡେବ୍ୟୁ କରିଥିଲେ ରାଜ୍ୟର ପ୍ରତିଭାସମ୍ପନ୍ନ ମିଡ୍‌ଫିଲ୍ଡର ରୋଶନ କୁଜୁର। ଏହି ମ୍ୟାଚରେ ଭାରତ ୨-୪ ଗୋଲରେ ହାରିଥିଲେ ହେଁ ରୋଶନ ନିଜ ପ୍ରଦର୍ଶନ ମାଧ୍ୟମରେ ଦର୍ଶକଙ୍କ ହୃଦୟ ଜିତିଥିଲେ। ମିଡ୍‌ଫିଲ୍ଡର ଭାବେ ଖେଳୁଥିବା ରୋଶନଙ୍କ ଲାଗି ଏହା ଏକ ସ୍ମରଣୀୟ ମୁହୂର୍ତ୍ତ ଥିଲା। ଜୁନିୟରସ୍ତରରେ ଉଲ୍ଲେଖନୀୟ ପ୍ରଦର୍ଶନ ବଳରେ ସେ ନିଜ ଘରୋଇ ଟର୍ଫରେ ଭାରତ ପାଇଁ ସିନିୟର ସ୍ତରରେ ପଦାର୍ପଣ କରିଥିଲେ, ଯାହାକି ପାନପୋଷ ହଷ୍ଟେଲରେ ରହିବା ବେଳଠାରୁ ତାଙ୍କର ସ୍ୱପ୍ନ ଥିଲା। ଏବେ ତାହା ସାକାର ହୋଇଛି।

୨୦୦୪ ମେ'୩ରେ ଜନ୍ମିତ ରୋଶନଙ୍କ ଘର ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର। ପାନପୋଷ ସ୍ପୋର୍ଟ୍ସ ହଷ୍ଟେଲରୁ ହକିରେ ନିଜ ପ୍ରଦର୍ଶନକୁ ମାର୍ଜିତ କରିଥିବା ରୋଶନ ପରେ ହକି ଆସୋସିଏଶନ ଅଫ୍ ଓଡ଼ିଶା କୋଚ୍ କାରିଆପ୍ପା ଜୋୟାପ୍ପା ବୋଲ୍ଲେପାଣ୍ଡାଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିଥିଲେ। ସମ୍ପ୍ରତି ଭୁବନେଶ୍ୱରସ୍ଥିତ ଓଡ଼ିଶା ନାଭାଲ ଟାଟା ହକି ହାଇପର୍‌ଫର୍ମାନ୍ସ ସେଣ୍ଟରରେ ଟ୍ରେନିଂ ନେଇ ନିଜ ପ୍ରଦର୍ଶନକୁ ମାର୍ଜିତ କରୁଛନ୍ତି। ନିଜ ଲୋକଙ୍କ ସାମ୍ନାରେ ସିନିୟର ସ୍ତରରେ ପ୍ରଥମଥର ଇଣ୍ଡିଆ ଜର୍ସି ପିନ୍ଧିବାର ଅନୁଭୂତି ସମ୍ପର୍କରେ ରୋଶନ କହିଛନ୍ତି, ''ମୋ ପାଇଁ ନିଜ ରାଜ୍ୟରେ ସିନିୟର ଦଳରେ ସ୍ଥାନ ପାଇବା ଏକ ଗର୍ବର ମୁହୂର୍ତ୍ତ। ଘରୋଇ ଦର୍ଶକଙ୍କ ସମ୍ମୁଖରେ ଖେଳିବାର ଖୁସି ହିଁ କିଛି ଅଲଗା। ଯେଉଁ ଲୋକଙ୍କ ସାମ୍ନାରେ ମୁଁ ହଷ୍ଟେଲରେ ଖେଳି ଖେଳି ବଡ଼ ହୋଇଥିଲି, ଏବେ ସେମାନେ ଦେଖିଲେ ମୁଁ କେତେଦୂର ଆସିପାରିଛି। ଖେଳ ଦେଖୁଥିବା ପ୍ରତ୍ୟେକ ପିଲାଙ୍କ ଲାଗି ଏହା ଏକ ପ୍ରେରଣା। ସେମାନେ ଚିନ୍ତା କରିବେ ଯେ, ଯଦି ରୋଶନ କରିପାରୁଛନ୍ତି, ତେବେ ମୁଁ କାହିଁକି ନୁହେଁ''।

ରୋଶନ ତାଙ୍କ ସ୍ଥିର ପ୍ରଦର୍ଶନ ବଳରେ ଜୁନିୟର ସ୍ତରରୁ ଭାରତ ପାଇଁ ପଦାର୍ପଣ କରିଥିଲେ। ୨୦୧୯ରେ ଜାତୀୟ ସବ୍‌ଜୁନିୟର ଟୁର୍ନାମେଣ୍ଟ ବେଳେ ସେ ଲୋକଲୋଚନକୁ ଆସିଥିଲେ। ପରେ ଓଡ଼ିଶା ନାଭାଲ ଟାଟା ହାଇ ପର୍‌ଫର୍ମାନ୍ସ ସେଣ୍ଟରରେ ପ୍ରଶିକ୍ଷଣ ନେଇଥିଲେ। ସେଠାରେ ତାଙ୍କ ଦୌଡ଼ିବାର ଗତି ଓ ବଳ ଉପରେ ନିୟନ୍ତ୍ରଣ କୋଚ୍‌ଙ୍କୁ ପ୍ରଭାବିତ କରିଥିଲା। ସେଠାରେ ସେମାନେ ତାଙ୍କୁ ଡିଫେନ୍ସିଭ ବଦଳରେ ଆଟାକିଂ ମିଡ୍‌ଫିଲ୍ଡର ଭାବେ ଗଢ଼ିତୋଳିଥିଲେ। ତାଙ୍କ ଖେଳରେ ଏହି ପରିବର୍ତ୍ତନ ଯୋଗୁ ସେ ଜୁନିୟରସ୍ତରରୁ ଶୀଘ୍ର ଆଗେଇ ଚାଲିଥିଲେ।

ତାଙ୍କ ପ୍ରତିନିଧିତ୍ୱରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ନିକଟରେ ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ଚାମ୍ପିୟନ ହୋଇଥିଲା। ଏଚ୍‌ଆଇଏଲ୍‌ରେ ଭାରତୀୟ ସିନିୟର ଓ ବିଦେଶୀ ଖେଳାଳିଙ୍କ ସହ ଖେଳିବା ତାଙ୍କ ପ୍ରସ୍ତୁତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଏହାଦ୍ୱାରା ତାଙ୍କର ଟାକ୍ଟିକାଲ ପ୍ରଦର୍ଶନରେ ଉନ୍ନତି ଆସିବା ସହ ସେ ଚାପରେ ଖେଳିବା ଶିକ୍ଷା କରିଥିଲେ। ଏ ସମ୍ପର୍କରେ କୁଜୁର ପ୍ରକାଶ କରିଛନ୍ତି, ଏଚ୍‌ଆଇଏଲ୍‌ରେ ଆର୍ଥର ଭାନ୍ ଡୋରେନଙ୍କ ଭଳି ଖେଳାଳି ମୋତେ ମୋ ପୋଜିଶନକୁ ଭଲଭାବେ ବୁଝିବାରେ ସାହାଯ୍ୟ କରିଥିଲେ। ସେ ସର୍ବଦା ମୋତେ ସମର୍ଥନ କରନ୍ତି ଏବଂ କେଉଁଭଳି ମୋ ଜୋନ୍‌କୁ ମୁଁ ନିଜ ନିୟନ୍ତ୍ରଣରେ ରଖିବି, ତାହା ଶିଖାଇଥିଲେ। ଏଭଳି ଛୋଟ ଛୋଟ ଟେକ୍ନିକାଲ ତଥ୍ୟ ଯୋଗୁ ମୁଁ ଏବେ ପିଚ୍‌ରେ ଅଧିକ ଆତ୍ମବିଶ୍ୱାସର ସହ ଖେଳିପାରୁଛି।

ପ୍ରୋ ଲିଗ୍ ପୂର୍ବରୁ ରୋଶନଙ୍କ ପ୍ରତିନିଧିତ୍ୱରେ ଭାରତୀୟ ଦଳ ଜୁନିୟର ହକି ବିଶ୍ୱକପ୍‌ରେ ବ୍ରୋଞ୍ଜ୍ ପଦକ ଜିତିଥିଲା। ସେ ଅନ୍ତର୍ଜାତୀୟ ସ୍ତରର ଆବଶ୍ୟକତାକୁ ବୁଝିବା ପାଇଁ ମନପ୍ରୀତ ସିଂ ଓ ପିଆର୍ ଶ୍ରୀଜେଶଙ୍କ ଭଳି ପୂର୍ବତନ ଖେଳାଳିଙ୍କୁ ଶ୍ରେୟ ଦେଇଛନ୍ତି। ''ମୋତେ କୁହାଯାଇଥିଲା ଯେ, ଜାତୀୟ ଦଳରେ ପହଞ୍ଚିବା ପାଇଁ ଏହା ହେଲା ଶେଷ ପର୍ଯ୍ୟାୟ। ଯଦି ମୁଁ ଏହାର ଫାଇଦା ନ ଉଠାଏ, ତେବେ ମୋତେ ଫେରିବାକୁ ପଡ଼ିବ ଏବଂ ପୁଣିଥରେ ଦୁଇରୁ ୩ଟି ପର୍ଯ୍ୟାୟ ଦେଇ ଆସିବାକୁ ପଡ଼ିବ। ଏହା ମୋତେ ଅଭିଜ୍ଞ ଖେଳାଳିଙ୍କ ତୀବ୍ରତା ସହ ନିଜକୁ ମେଳ କରିବାକୁ ଏବଂ ପ୍ରମାଣ କରିବାରୁ ମୋଟିଭେଶନ ଯୋଗାଇଥିଲା।

ଖୁବ୍ କମ୍ ବୟସରେ ଅନ୍ତର୍ଜାତୀୟ ସ୍ତରରେ ପଦାର୍ପଣ ରୋଶନଙ୍କ ନିଷ୍ଠାକୁ ଦର୍ଶାଉଛି। ୨୦୧୮ ବିଶ୍ୱକପ୍ ବେଳେ ସେ ଜଣେ ଭଲ୍ୟୁଣ୍ଟର ଭାବେ ଅତି ନିକଟରୁ ଶୀର୍ଷସ୍ତରର ହକି ଦେଖିଥିଲେ। ସେତେବେଳେ ଅନ୍ତର୍ଜାତୀୟ ଦଳଗୁଡ଼ିକର ଲଗେଜ୍ ମ୍ୟାନେଜ୍ କରିବା ଏବଂ ସେମାନଙ୍କୁ ଯାତ୍ରାରେ ସହଯୋଗ କରିବା ତାଙ୍କର ଦାୟିତ୍ୱ ଥିଲା। ଏହି ଅନୁଭୂତି ତାଙ୍କୁ ନିଜ ଖେଳ ଉପରେ ଅଧିକ ପରିଶ୍ରମ କରିବାକୁ ପ୍ରେରଣା ଦେଇଥିଲା। ଏ ସମ୍ପର୍କରେ ସେ କହିଛନ୍ତି, ୨୦୧୮ ବିଶ୍ୱକପ୍ ବେଳେ ମୁଁ ଜଣେ ଭଲ୍ୟୁଣ୍ଟର ଥିଲି। ଅନ୍ତର୍ଜାତୀୟ ଖେଳାଳିଙ୍କ ଲଗେଜ୍ ବସ୍‌ରେ ରଖିବା ମୋ କାମ ଥିଲା। ଅମିତ୍ ରୋହିଦାସ ଭାଇଙ୍କୁ ଦେଖି ମୁଁ ଭଲ ଖେଳ ଶିଖିବା ଓ ଖେଳିବାକୁ ଚାହୁଁଥିଲି, ଯାହାଫଳରେ ମୁଁ ଜାତୀୟ ଦଳରେ ସାମିଲ ହୋଇପାରିବି। ସେତେବେଳେ ସିନିୟର ସ୍ତର ଏତେବଡ଼ ବୋଲି ମୁଁ ଚିନ୍ତା କରି ନ ଥିଲି। ଏତେଶୀଘ୍ର ମୁଁ ଜୁନିୟର ସ୍ତରରୁ ଡେଇଁ ସିନିୟର ଭାରତୀୟ ଦଳରେ ପହଞ୍ଚିଯିବି ବୋଲି ଚିନ୍ତା କରି ନ ଥିଲି। କିନ୍ତୁ ବର୍ତ୍ତମାନ ମୁଁ ଦଳରେ ଅଛି ଏବଂ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ପ୍ରସ୍ତୁତ।

**୨୦୧୮ ବିଶ୍ୱକପ୍ ବେଳେ ଜଣେ ଭଲ୍ୟୁଣ୍ଟର ଭାବେ ନାମୀ ଖେଳାଳିଙ୍କୁ ଅତି ନିକଟରୁ ଦେଖିବା ସୁଯୋଗ ପାଇଥିଲେ ରୋଶନ। ସେତେବେଳେ ଅନ୍ତର୍ଜାତୀୟ ଦଳଗୁଡ଼ିକର ଲଗେଜ୍ ମ୍ୟାନେଜ୍ କରିବା ଏବଂ ସେମାନଙ୍କୁ ଯାତ୍ରାରେ ସହଯୋଗ କରିବା ତାଙ୍କର ଦାୟିତ୍ୱ ଥିଲା। ଏହି ଅନୁଭୂତି ତାଙ୍କୁ ନିଜ ଖେଳ ଉପରେ ଅଧିକ ପରିଶ୍ରମ କରିବାକୁ ପ୍ରେରଣା ଦେଇଥିଲା...**


ଓଡ଼ିଶାର ୫ ଖେଳାଳି (ବାମରୁ) ଶୀଳାନନ୍ଦ ଲାକ୍ରା, ନିଲମ ସଞ୍ଜୀବ ଖେସ୍, ରୋଶନ କୁଜୁର, ଅମନଦୀପ ଲାକ୍ରା ଓ ଅମିତ ରୋହିଦାସ।

### ଜୁନିୟର ସ୍ତରରେ ସଫଳତା

- **୨୦୨୪ ମେ' ୨୦ରୁ ୨୯:** ୟୁରୋପ ଟୁର୍‌ରେ ଅନ୍ତର୍ଜାତୀୟ ଜୁନିୟର ପଦାର୍ପଣ।
- **୨୦୨୪ ଅକ୍ଟୋବର ୨୬:** ମାଲେସିଆର ଜୋହର ବାହରୁ ଷ୍ଟାଡିୟମରେ ଅନୁଷ୍ଠିତ ସୁଲତାନ ଜୋହର କପ୍ (୨୧ ବର୍ଷରୁ କମ୍) ହକି ଟୁର୍ନାମେଣ୍ଟରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ।
- **୨୦୨୪ ଡିସେମ୍ବର ୧:** ଓମାନର ମୁସ୍କାଟରେ ଅନୁଷ୍ଠିତ ଜୁନିୟର ଏସିଆ କପ୍ (୨୧ ବର୍ଷରୁ କମ୍) ହକି ଟୁର୍ନାମେଣ୍ଟରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ଦଳରେ ସାମିଲ।
- **୨୦୨୫ ଅକ୍ଟୋବର ୧୧ରୁ ୧୮:** ମାଲେସିଆର ଜୋହର ବାହରୁସ୍ଥିତ ତାମାନ ଦୟା ହକି ଷ୍ଟାଡିୟମରେ ଅନୁଷ୍ଠିତ ସୁଲତାନ ଜୋହର କପ୍ (୨୧ ବର୍ଷରୁ କମ୍) ହକି ଟୁର୍ନାମେଣ୍ଟରେ ଭାରତକୁ ରୌପ୍ୟ ପଦକ ବିଜୟୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ।
- **୨୦୨୫ ଡିସେମ୍ବର ୧୦:** ଚେନ୍ନାଇରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସଦସ୍ୟ।


ଅରାଇଜିତ ସିଂ ହୁଣ୍ଡାଲଙ୍କ ସହ ରୋଶନ କୁଜୁର।

### ଏକତା

ବାହାନା ଦେଖାଇ ପାକ୍ ଭାବିଥିଲା
ଇଣ୍ଡିଆଠୁଁ ଯିବ ଖସି
ଆଇସିସି ଲକ୍ ଡାଉନ ଆଗରେ
ମୁଣ୍ଡ ନୁଁଆଇଲା ଆସି
ସୂର୍ଯ୍ୟ ସେନା ଦେଲେ କଷି
କଲମ୍ବୋରେ ମେଘ ନ ହେବାରୁ ପାକ୍
ଆଘା ଯାଇଥିଲା ଫସି... ୧

ଏଲିମିନେଶନରେ ଅଷ୍ଟ୍ରେଲିଆ ଟିମ୍
ଟି ଟ୍ୱେଣ୍ଟିରୁ ଗଲା କଟି
ବାର ବର୍ଷପରେ ଏ ଇଭେଣ୍ଟରେ ଏକ
ମ୍ୟାଚରେ ଜିତି ଏଠି
ନେପାଳକୁ ଦେଇ ଭେଟି
ରୋହିତ ପୌଦେଲ ଉଚ୍ଚା କରିଅଛି
ନିଜ ଦେଶ ନିଜ ମାଟି.. ୨

ଆମେରିକା, ପାକ୍, ନେଦରଲାଣ୍ଡ୍ସ ଠୁଁ
ସୂର୍ଯ୍ୟ ଏଣ୍ଡ କୋ ଜିତି
ଅନ୍ ବିଟେନ ଟିମ୍ ସୁପର ଆଠରେ
ଖେଳିବ ପାହିଲେ ରାତି
ଏକତା ହିଁ ବଡ ଶକ୍ତି
ଏଗେନ ଟି ଟ୍ୱେଣ୍ଟି ଚାମ୍ପିୟନ ହୁଅ
ବେଷ୍ଟ ଅପ ଲକ୍ ସାଥୀ... ୩

–ସୁବାସ ଚନ୍ଦ୍ର ପ୍ରଧାନ

# ରେକର୍ଡ ବ୍ରେକର ଅଲ୍‌କାରାଜ

ସ୍ପେନ୍‌ର କାର୍ଲୋସ ଅଲ୍‌କାରାଜ କ୍ୟାରିୟରରେ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ପୁରୁଷ ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି। ୨୨ ବର୍ଷୀୟ ଏହି ସ୍ପାନିଶ ଖେଳାଳି ୨୦୨୬ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ସର୍ବାଧିକ ୧୦ ଥର ଅଷ୍ଟ୍ରେଲିଆନ ଓପନ ଚାମ୍ପିୟନ ସର୍ବିୟାର ନୋଭାକ ଜୋକୋଭିଚ୍‌ଙ୍କୁ ୨-୬, ୬-୨, ୬-୩, ୭-୫ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ଏହି ମ୍ୟାଚ୍ ଜିତିବା ସହ ସେ ୨୨ ବର୍ଷ ୨୭୨ ଦିନରେ ସର୍ବକନିଷ୍ଠ ଖେଳାଳିଭାବେ କ୍ୟାରିୟର ସ୍ଲାମ ପୂରଣ କରିବା ସହ ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି। ପୂର୍ବରୁ ଅଲ୍‌କାରାଜ ଅନ୍ୟ ୩ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଫ୍ରେଞ୍ଚ ଓପନ, ୱିମ୍ବେଲଡନ ଓ ୟୁଏସ୍ ଓପନରେ ଦୁଇ ଥର ଲେଖାଏ ଟାଇଟଲ ହାସଲ କରିଥିଲେ। ଅଲ୍‌କାରାଜଙ୍କ ପୂର୍ବରୁ ସର୍ବକନିଷ୍ଠ ଖେଳାଳି ଭାବେ କ୍ୟାରିୟର ସ୍ଲାମ ପୂରଣ କରିବାର ରେକର୍ଡ ଆମେରିକାର ଜନ ଡୋନାଲ୍ଡ ବଜ୍‌ଙ୍କ ନାମରେ ଥିଲା। ସେ ଓପନ ଏରା ଆରମ୍ଭ ହେବାର ୩୦ ବର୍ଷ ପୂର୍ବରୁ ୧୯୩୮ ଜୁନ ୧୧ରେ ୨୨ ବର୍ଷ ୩୬୩ ଦିନରେ ଫ୍ରେଞ୍ଚ ଚାମ୍ପିୟନଶିପ୍‌ରେ ଏହି ରେକର୍ଡର ଅଧିକାରୀ ହୋଇଥିଲେ।

**୨୦୨୬ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହେବା ସହ ସ୍ପେନ୍‌ର କାର୍ଲୋସ ଅଲ୍‌କାରାଜ ଅନେକ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ୨୨ ବର୍ଷ ୨୭୨ ଦିନରେ ସର୍ବକନିଷ୍ଠ ଖେଳାଳିଭାବେ କ୍ୟାରିୟର ସ୍ଲାମ ପୂରଣ କରିଛନ୍ତି। ପୂର୍ବରୁ ସର୍ବକନିଷ୍ଠ ଖେଳାଳି ଭାବେ କ୍ୟାରିୟର ସ୍ଲାମ ପୂରଣ କରିବାର ରେକର୍ଡ ଆମେରିକାର ଜନ୍ ଡୋନାଲ୍ଡ ବଜ୍‌ଙ୍କ ନାମରେ ଥିଲା। ସେ ଓପନ ଏରା ଆରମ୍ଭ ହେବାର ୩୦ ବର୍ଷ ପୂର୍ବରୁ ଅର୍ଥାତ୍ ୧୯୩୮ ଜୁନ ୧୧ରେ ୨୨ ବର୍ଷ ୩୬୩ ଦିନରେ ଫ୍ରେଞ୍ଚ ଚାମ୍ପିୟନଶିପ୍‌ରେ ଏହି ରେକର୍ଡର ଅଧିକାରୀ ହୋଇଥିଲେ...**

ଅଲ୍‌କାରାଜ ବିଶ୍ୱର ପ୍ରଥମ ଖେଳାଳି ଭାବେ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ଜୋକୋଭିଚ୍‌ଙ୍କୁ ଚକ୍‌ମା ଦେଇଥିଲେ। ଏଥିପୂର୍ବରୁ ସର୍ବିୟାର ଏହି ୩୮ ବର୍ଷୀୟ କିମ୍ବଦନ୍ତୀ କେବେହେଲେ ଅଷ୍ଟ୍ରେଲିଆନ ଓପନ ଫାଇନାଲ ଖେଳି ପରାଜିତ ହୋଇ ନ ଥିଲେ। ଅଲ୍‌କାରାଜ ବିଶ୍ୱର ୯ମ ଖେଳାଳି ଭାବେ କ୍ୟାରିୟର ସ୍ଲାମ ହାସଲ କରିଛନ୍ତି। ଏହି ତାଲିକାରେ ଜୋକୋଭିଚ୍, ରାଫାଲ ନାଡାଲ, ରୋଜର ଫେଡେରରଙ୍କ ଭଳି ମହାନ୍ ଖେଳାଳି ରହିଛନ୍ତି।

ଗତ ସିଜନ ଶେଷରେ ସ୍ପାନିଶ ଖେଳାଳି ତାଙ୍କ ଦୀର୍ଘଦିନର କୋଚ୍ ଜୁଆନ କାର୍ଲୋସ ଫେରେରୋଙ୍କଠାରୁ ଅଲଗା ହୋଇଥିଲେ। ଏହାପରେ ସେ ସାମୁଏଲ ଲୋପେଜଙ୍କୁ ତାଙ୍କ କୋଚିଂ ଟିମ୍‌ରେ ସାମିଲ କରିଥିଲେ। ଅଷ୍ଟ୍ରେଲିଆନ ଓପନରେ ଅଲକାରାଜ କ୍ୟାରିୟରର ସପ୍ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ୨୩ ବର୍ଷ ବୟସରେ ପାଦ ଦେବା ପୂର୍ବରୁ ସର୍ବାଧିକ ସଂଖ୍ୟକ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିବାର ରେକର୍ଡ ମଧ୍ୟ ତାଙ୍କ ନାମରେ ରହିଛି। ପୂର୍ବରୁ ବିଜର୍ନ ବର୍ଗ ୨୩ ବର୍ଷରେ ପାଦ ଦେବା ପୂର୍ବରୁ ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଥିଲେ। କିନ୍ତୁ ୧୯୭୯ରେ ବର୍ଗ ୨୩ ବର୍ଷରେ ରୋଲାଣ୍ଡ ଗାରୋସଠାରେ ସପ୍ତମ ଗ୍ରାଣ୍ଡସ୍ଲାମ ଟ୍ରଫି ଉଠାଇଥିଲେ। ଅଷ୍ଟ୍ରେଲିଆନ ଓପନ ଜିତିବା ସହ ଅଲ୍‌କାରାଜ ୱାର୍ଲ୍ଡ ର୍‍ୟାଙ୍କିଙ୍ଗ୍ସ ଶୀର୍ଷରେ ନିଜ ସ୍ଥିତିକୁ ସୁଦୃଢ଼ କରିଛନ୍ତି।

–ଅନାଦି କର

### ଅଲ୍‌କାରାଜଙ୍କ ରେକର୍ଡ

ପେସାଦାର ଟେନିସ: ୨୦୧୮
କ୍ୟାରିୟର ରେକର୍ଡ: ୨୮୭-୬୫ (ବିଜୟ-ପରାଜୟ)
ବର୍ତ୍ତମାନ ର୍‍ୟାଙ୍କିଙ୍ଗ- ନଂ-୧
ମୋଟ ଟାଇଟଲ: ୨୫
ଗ୍ରାଣ୍ଡସ୍ଲାମ ଟାଇଟଲ: ୭

### ଗ୍ରାଣ୍ଡସ୍ଲାମ ରେକର୍ଡ

ଅଷ୍ଟ୍ରେଲିଆନ ଓପନ- ୨୦୨୬
ଫ୍ରେଞ୍ଚ ଓପନ- ୨୦୨୪ ଓ ୨୦୨୫
ୱିମ୍ବେଲଡନ- ୨୦୨୩ ଓ ୨୦୨୪
ୟୁଏସ୍ ଓପନ- ୨୦୨୨ ଓ ୨୦୨୫


ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟ୍ରଫି ସହ କାର୍ଲୋସ ଅଲକାରାଜ।

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୨୦/୨୦୨୬ Bhubaneswar, Friday, February 20/ 2026

# ପୁଣି ବିପର୍ଯ୍ୟୟ ଘଟାଇଲା ଜିମ୍ବାୱେ


ମ୍ୟାଚ୍ ବିଜୟୀ ଇନିଂସ୍ ଅବସରରେ ସିକନ୍ଦର ରାଜା।

## ଶ୍ରୀଲଙ୍କାକୁ ହରାଇ ଗ୍ରୁପ୍ 'ବି'ରେ ଅପରାଜେୟ

**କଲମ୍ବୋ, ୧୯।୨**

ଚଳିତ ଟି୨୦ କ୍ରିକେଟ ବିଶ୍ୱକପରେ କ୍ରମାଗତ ଦ୍ୱିତୀୟ ବିପର୍ଯ୍ୟୟ ଘଟାଇଛି ଜିମ୍ବାୱେ। ଗତ ୧୩ ତାରିଖରେ ଅଷ୍ଟ୍ରେଲିଆକୁ ହରାଇ ବିଦାୟ ପଥ ଦେଖାଇଥିବା ଏହି ଆଫ୍ରିକୀୟ ଦଳ ଗୁରୁବାର ଘରୋଇ ଶ୍ରୀଲଙ୍କାକୁ ୬ ଉଇକେଟରେ ପରାସ୍ତ କରି ଗ୍ରୁପ୍ 'ବି'ରେ ଅପରାଜେୟ ରହିଛି। ଏହି ଗ୍ରୁପ୍‌ରେ ୪ ମ୍ୟାଚରୁ ୭ ପଏଣ୍ଟ ସହ ଜିମ୍ବାୱେ ଶୀର୍ଷସ୍ଥାନ ଅଧିକାର କରିଥିବାବେଳେ ଶ୍ରୀଲଙ୍କା ଗୋଟିଏ ପରାଜୟ ଯୋଗୁ ୬ ପଏଣ୍ଟ ସହିତ ଦ୍ୱିତୀୟ ସ୍ଥାନରେ ସନ୍ତୁଷ୍ଟ ରହିଛି। ପୂର୍ବରୁ ଏହି ଗ୍ରାଉଣ୍ଡରେ ଅଷ୍ଟ୍ରେଲିଆକୁ ପରାସ୍ତ କରିବାକୁ ଯେଉଁମାନେ ବାଇଚାନ୍ସ କହୁଥିଲେ ସେମାନଙ୍କୁ ଜିମ୍ବାୱେ ଦୃଢ଼ ବାର୍ତ୍ତା ଦେଇଛି। ୨୦୨୪ରେ ଉଗାଣ୍ଡାଠାରୁ ହାରି ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିବା ଜିମ୍ବାୱେ ଏଥର ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କାପରି ଦଳକୁ ହରାଇ ନିଜ ଦକ୍ଷତା ପ୍ରତିପାଦନ କରିଛି। କୌଣସି ପରିସ୍ଥିତିରେ ହାଲ୍‌କାଭାବେ ନ ନେବାକୁ ସୁପର-୮ ପୂର୍ବରୁ ଅନ୍ୟ ଦଳ ଗୁଡ଼ିକୁ ସତର୍କ କରାଇଦେଇଛି। ଶ୍ରୀଲଙ୍କା ୨୦ ଓଭରରେ ୭ ଉଇକେଟ ହରାଇ ୧୭୮ ରନ କରିଥିଲେ ମଧ୍ୟ ଜିମ୍ବାୱେ ୧୯.୩ ଓଭରରେ ମାତ୍ର ୪ ଉଇକେଟ ହରାଇ ୧୮୨ ରନ ସଂଗ୍ରହ କରି ନେଇଛି। ଭଲ ବୋଲିଂ ସହ ଦ୍ରୁତ ୪୫ ରନ କରିଥିବା ଅଧିନାୟକ ସିକନ୍ଦର ରାଜା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଶ୍ରୀଲଙ୍କା ଓପନର ପଥୁମ ନିଶଙ୍କା( ୬୨ ରନ) ଓ ମିଡିଲ ଅର୍ଡରରେ ପଭନ ରତ୍ନୟେକେଙ୍କ ଦ୍ରୁତ ୪୪ ରନ ବଳରେ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ଜିମ୍ବାୱେ ପକ୍ଷରୁ ବ୍ଲେସିଙ୍ଗ ମୁଜାରବାନି, ବ୍ରାଡ୍ ଇଭାନ୍ସ ଓ ଗ୍ରାମି କ୍ରିମର ୨ଟି ଲେଖାଏ ଓ ର୍ୟାନ ବୁର୍ଲ ଗୋଟିଏ ଉଇକେଟ ନେଇଥିଲେ। ୧୭୯ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଜିମ୍ବାୱେ ଓପନର ବ୍ରାଏନ ବେନେଟ ଓ ତାଡିୱାନାସେ ମାରୁମାନିଙ୍କ ଓପନିଂ ଯୋଡ଼ିରେ ୬୯ ରନ ଯୋଡ଼ି ଉପଯୁକ୍ତ ପ୍ଲାଟଫର୍ମ ପ୍ରସ୍ତୁତ କରିଥିଲା। ମାରୁମନି ୩୪ ରନକରି ଆଉଟ ହେବାପରେ ର୍ୟାନ ବୁର୍ଲ ୨୩ ଓ ସିକନ୍ଦର ରାଜା ୪୫ (୨୬ ବଲ, ୨ ଚୌକା, ୪ ଛକା) ରନ କରି ଦଳର ବିଜୟରେ ମୂଲ୍ୟବାନ ଯୋଗଦାନ ଦେଇଥିଲେ। ବ୍ରାଏନ ବେନେଟ ୪୮ ବଲ୍‌ରୁ ୬୩ (୮ ଚୌକା) ରନକରି ଅପରାଜିତ ରହିଥିଲେ। ୧୯ତମ ଓଭରରେ ଦୁଶାନ ହେମନ୍ତ ୨ଟି ଉଇକେଟ ନେଇ ଶ୍ରୀଲଙ୍କାପାଇଁ ଆଶା ଉଜ୍ଜୀବିତ କରିଥିଲେ ହେଁ ତାହା ପର୍ଯ୍ୟାପ୍ତ ହୋଇ ନ ଥିଲା। ଶେଷ ୬ ବଲ୍‌ରୁ ୮ ରନ ଆବଶ୍ୟକ ହେଉଥିବାବେଳେ ବେନେଟ ଓ ଟୋନି ମୁନ୍‌ୟୋଙ୍ଗା ୧୧ ରନ ସଂଗ୍ରହ କରି ନେଇଥିଲେ। ଦଶୁନ ଶନକା ଓ ଦୁନିଥ ୱାଲାଗେ ଗୋଟିଏ ଲେଖାଏ ଉଇକେଟ ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୨୦ ଓଭରରେ ୧୭୮/୭ (ପଥୁମ ନିଶଙ୍କା-୬୨, ପଭନ ରତ୍ନୟେକେ-୪୪ ବ୍ଲେସିଙ୍ଗ ମୁଜାରବାନି-୨/୩୮, ବ୍ରାଡ୍ ଇଭାନ୍ସ-୨/୩୫, ଗ୍ରାମି କ୍ରିମର-୨/୨୭, ର୍ୟାନ ବୁର୍ଲ-୧/୧୬)। ଜିମ୍ବାୱେ ୧୯.୩ ଓଭରରେ ୧୮୨/୪ (ବ୍ରାଏନ ବେନେଟ -୬୩, ସିକନ୍ଦର ରାଜା ୪୫, ତାଡିୱାନାସେ ମାରୁମାନି-୩୪, ଦୁଶାନ ହେମନ୍ତ-୨/୩୬, ଦଶୁନ ଶନକା-୧/୨୬, ଦୁନିଥ ୱାଲାଗେ-୧/୨୭)।

## ଟି୨୦ ବିଶ୍ୱକପ୍‌ରେ ୬ଟି ବଡ଼ ବିପର୍ଯ୍ୟୟ

| ବିଜେତା | ପରାଜିତ | ସଂସ୍କରଣ/ଭେନ୍ୟୁ | ବ୍ୟବଧାନ/ପଦ୍ଧତି | ପ୍ରମୁଖ ଖେଳାଳି |
|---|---|---|---|---|
| ଜିମ୍ବାୱେ | ଅଷ୍ଟ୍ରେଲିଆ | ୨୦୨୬/କଲମ୍ବୋ | ୨୩ ରନ | ବି.ମୁଜାରବାନି ୪/୧୭ |
| ୟୁଏସ୍ଏ | ପାକିସ୍ତାନ | ୨୦୨୪/ଡଲାସ | ସୁପର ଓଭର (୧୮ବନାମ୧୩) | ସୌରଭ ନେତ୍ରାଭାଲକର |
| ଆୟର୍ଲାଣ୍ଡ | ଇଂଲଣ୍ଡ | ୨୦୨୨/ମେଲବୋର୍ନ | ୫ରନ (ଡିଏଲ୍ଏସ୍) | ଲୋର୍କାନ ଟକର |
| ନାମ୍ବିଆ | ଶ୍ରୀଲଙ୍କା | ୨୦୨୨/ଜିଲଙ୍ଗ | ୫୫ରନରେ ବିଜୟ | ୪ବୋଲର/ପ୍ରତ୍ୟେକ ୨ଉଇକେଟ |
| ଆଫଗାନିସ୍ତାନ | ୱେଷ୍ଟଇଣ୍ଡିଜ | ୨୦୧୬/ଭାରତ | ୬ରନରେ ବିଜୟ | ନାଜିବୁଲା ଜାଦ୍ରାନ (୪୮(୪୦) |
| ନେଦରଲାଣ୍ଡ୍ସ | ଇଂଲଣ୍ଡ | ୨୦୦୯/ଲର୍ଡ୍ସ | ଫାଇନାଲ ବଲ୍‌ରେ ବିଜୟ | ଟମ୍ ଡି' ଗ୍ରୁଥ୍୪୯ (୩୦) |

# ବିଜୟ ସହ ଅଭିଯାନ ଶେଷ କଲା ଆଫଗାନିସ୍ତାନ


ପ୍ଲେୟର ଅଫ୍ ଦି ମ୍ୟାଚ୍ ଇବ୍ରାହିମ ଜଦ୍ରାନ।

**ଚେନ୍ନାଇ, ୧୯।୨**

ଇବ୍ରାହିମ ଜଦ୍ରାନଙ୍କ ଅପରାଜିତ ୯୫ ଓ ମହମ୍ମଦ ନବିଙ୍କ ଯାଦୁଗରୀ ବୋଲିଂ ବଳରେ ଗୁରୁବାର ସନ୍ଧ୍ୟାରେ ଖେଳାଯାଇଥିବା ଟି୨୦ ବିଶ୍ୱକପ୍‌ର ଏକ ଲିଗ୍ ମ୍ୟାଚ୍‌ରେ ଆଫଗାନିସ୍ତାନ ୮୨ ରନରେ କାନାଡାକୁ ପରାସ୍ତ କରିଛି। ଏହି ବିଜୟ ସହ ଆଫଗାନିସ୍ତାନର ଅଭିଯାନ ଶେଷ ହୋଇଛି। ଏହି ମ୍ୟାଚ୍ ଜରିଆରେ କାନାଡାର ନବନୀତ ଧାଲିୱାଲ ଓ ରବିନ୍ଦ୍ରପାଲ ସିଂ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କରିଛନ୍ତି।

ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ନିର୍ଦ୍ଧାରିତ ୨୦ ଓଭରରେ ୪ ଉଇକେଟ ହରାଇ ୨୦୦ ରନ କରିଥିଲା। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ଆଫଗାନିସ୍ତାନ ପାଇଁ ସର୍ବାଧିକ ଦଳଗତ ସ୍କୋର। ଦଳ ପାଇଁ ଜଦ୍ରାନ ୫୬ ବଲରେ ସର୍ବାଧିକ ୯୫ (୭ ଚୌକା ଓ ୫ ଛକା) ରନ କରିଥିଲେ, ଯାହାକି ଟି୨୦ ବିଶ୍ୱକପ୍ ଇତିହାସରେ ଆଫଗାନିସ୍ତାନର ଖେଳାଳିଙ୍କ ପାଇଁ ସର୍ବାଧିକ ବ୍ୟକ୍ତିଗତ ସ୍କୋର। ଅନ୍ୟମାନଙ୍କ ମଧ୍ୟରେ ସେଦ୍ଦିକୁଲା ଅତଲ ୩୨ ବଲରେ ୪୪ (୨ ଲେଖାଏ ଚୌକା ଓ ଛକା) ଓ ରହମାନୁଲା ଗୁରବାଜ ୨୦ ବଲରେ ୩୦ (୫ ଚୌକା) ରନ କରିଥିଲେ। କାନାଡା ପାଇଁ ଯଶକରନ ସିଂ ୩ ଉଇକେଟ ନେଇଥିଲେ। ଜବାବରେ କାନାଡା ୨୦ ଓଭରରେ ୮ ଉଇକେଟ ହରାଇ ୧୧୮ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ହର୍ଶ ଠାକର ୩୦ ଓ ସାଦ ବିନ ଜାଫର ୨୮ ରନ କରିଥିଲେ। ବିଜୟୀ ଦଳ ପାଇଁ ମହମ୍ମଦ ନବି ୪ ଓ ଅଧିନାୟକ ରଶିଦ ଖାନ ୨ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଆଫଗାନିସ୍ତାନ: ୨୦ ଓଭରରେ ୨୦୦/୪(ଇବ୍ରାହିମ ଜଦ୍ରାନ-୯୫*, ସେଦ୍ଦିକୁଲା ଅତଲ-୪୪, ଯଶକରନ ସିଂ-୩/୫୨)। କାନାଡା: ୨୦ ଓଭରରେ ୧୧୮/୮(ହର୍ଶ ଠାକର-୩୦, ସାଦ ବିନ ଜାଫର-୨୮, ମହମ୍ମଦ ନବି-୪/୭, ରଶିଦ ଖାନ-୨/୧୯)।

# ଗ୍ରୁପ୍ ପର୍ଯ୍ୟାୟରେ ୱେଷ୍ଟଇଣ୍ଡିଜ ଅପରାଜେୟ

**କୋଲକାତା, ୧୯।୨ (ପି.ଟି.)**

ଅଧିନାୟକ ଶାଇ ହୋପ୍‌ଙ୍କ ଅପରାଜିତ ଅର୍ଦ୍ଧଶତକ ଏବଂ ବୋଲରମାନଙ୍କ ଶୃଙ୍ଖଳିତ ବୋଲିଂ ସହାୟତାରେ ୱେଷ୍ଟଇଣ୍ଡିଜ ଚଳିତ ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଇଟାଲିକୁ ୪୨ ରନରେ ପରାସ୍ତ କରିଛି। ଦଳ ଗ୍ରୁପ୍ 'ସି'ରେ ଅପରାଜେୟ ରହି ଟୁର୍ନାମେଣ୍ଟର ସୁପର-୮କୁ ଉନ୍ନୀତ ହୋଇଛି। ଗୁରୁବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ଦଳର ଆରମ୍ଭରେ ଅସ୍ଥିରତା ପରିଲକ୍ଷିତ ହୋଇଥିଲା। ଇଟାଲିର ଅଭିଜ୍ଞ ସ୍ପିନର ବେନ୍ ମାନେଣ୍ଟି (୨/୩୭) ଓ କ୍ରିଶାନ କାଲୁଗାମେଜ (୨/୨୫) ରନ ସଂଗ୍ରହରେ ଅଙ୍କୁଶ ଲଗାଇଥିଲେ। ତେବେ ପ୍ଲେୟର ଅଫ୍ ଦି ମ୍ୟାଚ୍ ଶାଇ ହୋପ୍‌ଙ୍କ ଆକର୍ଷଣୀୟ ୭୫ରନ (୪୬ ବଲ୍, ୬ ଚୌକା ଓ ୪ ଛକା) ସହାୟତାରେ ଦଳ ନିର୍ଦ୍ଧାରିତ ଓଭରରେ ୬ ଉଇକେଟ ବିନିମୟରେ ୧୬୫ ରନ କରିଥିଲା। ୧୬୬ରନର ବିଜୟ ଲକ୍ଷ୍ୟକୁ ପିଛା କରି ଇଟାଲି ୧୮ ଓଭରରେ ୧୨୩ ରନ କରି ଅଲଆଉଟ ହୋଇଯାଇଥିଲା। ୱେଷ୍ଟଇଣ୍ଡିଜର ମାଥ୍ୟୁ ଫୋର୍ଡ (୩/୧୯), ଶମର ଯୋଶେଫ (୪/୩୦) ଓ ଗୁଡାକେଶ ମୋତି (୨/୨୪) ଚମତ୍କାର ବୋଲିଂ କରି ଇଟାଲିର ବ୍ୟାଟିଂ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ସୂଚନାଯୋଗ୍ୟ, ବ୍ୟାଟିଂକୁ ସୁହାଉଥିବା ଇଡେନଗାର୍ଡେନ୍ସଠାରେ ଇଂଲଣ୍ଡ ଦ୍ୱାରା ଧାର୍ଯ୍ୟ ୨୦୨ରନର ବିଜୟ ଲକ୍ଷ୍ୟର ପାଖାପାଖି ପହଞ୍ଚି ଯାଇପାରିଥିଲା ଇଟାଲି।

**ଟି୨୦ ବିଶ୍ୱକପ୍**
**(ଆଜିର ମ୍ୟାଚ୍)**
**ଅଷ୍ଟ୍ରେଲିଆ ବନାମ ଓମାନ**
ସ୍ଥାନ: ପାଲିକେଲ
ସମୟ: ସନ୍ଧ୍ୟା ୭ଟା
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ/ଜିଓ ହଟ୍‌ଷ୍ଟାର

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ: ୨୦ ଓଭରରେ ୧୬୫/୬ (ଶାଇ ହୋପ୍-୭୫; କ୍ରିଶନ କାଲୁମାଗେ-୨/୨୫, ବେନ୍ ମାନେଣ୍ଟି-୨/୩୭)। ଇଟାଲି: ୧୮ ଓଭରରେ ୧୨୩/ ଅଲଆଉଟ (ବେନ୍ ମାନେଣ୍ଟି-୨୬, ଜେ.ଜେ. ସ୍ମଟ୍ସ-୨୪; ମାଥ୍ୟୁ ଫୋର୍ଡ-୩/୧୯, ଶାମର ଯୋଶେଫ୍-୪/୩୦)।


ଶଟ୍ ଖେଳୁଛନ୍ତି ଶାଇ ହୋପ୍।

# ୨୨ରେ କ୍ୟାପିଟାଲ କପ୍ କ୍ରିକେଟ୍

**ଭୁବନେଶ୍ୱର, ୧୯।୨(ଅନାଦି କର)**

ଆସନ୍ତା ୨୨ ତାରିଖରେ ଓଲ୍ଡ ଟାଉନ କ୍ରାଉନ ଲେଜେଣ୍ଡସ୍ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଜିଲା ପ୍ରଶାସନ ଓ ସାଇବର ସେଲ ସହଯୋଗରେ ବିଏମ୍ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଦିନିକିଆ କ୍ୟାପିଟାଲ କପ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ସାଇବର ସୁରକ୍ଷା ସଚେତନତା, ଡିଜିଟାଲ ଦାୟିତ୍ୱବୋଧ, ସାଇବର ଅପରାଧ ପ୍ରତିରୋଧ ଓ ଅଗ୍ନି ସୁରକ୍ଷା ସଚେତନତା ବୃଦ୍ଧି କରିବା ଏହି ଟୁର୍ନାମେଣ୍ଟର ଉଦ୍ଦେଶ୍ୟ। ଦିବା-ରାତ୍ର ଭିତ୍ତିରେ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ମୋଟ ୮ ଦଳ ଭାଗ ନେବେ। ଏ ନେଇ ଗୁରୁବାର ଓଡ଼ିଶା ଜର୍ନାଲିଷ୍ଟ ଆସୋସିଏଶନ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଓଲ୍ଡ ଟାଉନ କ୍ରାଉନ ଲେଜେଣ୍ଡସ୍ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ଟ୍ରଷ୍ଟ ସଭାପତି ନାରାୟଣ ମହାରଣା, ଉପସଭାପତି ଜିତେନ୍ଦ୍ର ସାହୁ, ଚିନ୍ମୟ ମହାନ୍ତି, ଯୁଗ୍ମ ସମ୍ପାଦକ ରଞ୍ଜୀତ ମହାରଣା ଯୋଗଦେଇଥିଲେ।

# ପାକିସ୍ତାନ ହକିରେ ସଙ୍କଟ: ପିଏଚ୍ଏଫ୍ ମୁଖ୍ୟଙ୍କ ଇସ୍ତଫା

**କରାଚୀ, ୧୯।୨(ପି.ଟି.):** ପାକିସ୍ତାନ ହକିରେ ଦେଖାଦେଇଥିବା ସଙ୍କଟ ଗୁରୁବାର ଘନୀଭୂତ ହୋଇଛି। ଜାତୀୟ ଦଳର ଅଧିନାୟକ ଅମଦ ଶକିଲ ବଟଙ୍କ ସମାଲୋଚନା ପରେ ପାକିସ୍ତାନ ହକି ଫେଡେରେଶନ (ପିଏଚ୍ଏଫ୍) ସଭାପତି ତାରିକ ବୁଗତି ଇସ୍ତଫା ଦେଇଛନ୍ତି। ହେଲେ ଇସ୍ତଫା ଦେବା ପୂର୍ବରୁ ତାଙ୍କୁ ସମାଲୋଚନା କରିବା ଲାଗି ଅଧିନାୟକ ବଟଙ୍କୁ ୨ ବର୍ଷ ଲାଗି ବାସନ୍ଦ କରିଛନ୍ତି।



ମୁଁ ଫେଡେରେଶନ ମୁଖ୍ୟ ଦାୟିତ୍ୱରେ ଥିବା ପ୍ରଧାନମନ୍ତ୍ରୀ ଶେହବାଜ ଶରିଫଙ୍କୁ ଇସ୍ତଫା ପତ୍ର ପଠାଇଛି। କିନ୍ତୁ ମୁଁ ତାଙ୍କୁ ଓ ଫିଲ୍ଡ ମାର୍ଶଲ ଅସିମ ମୁନିରଙ୍କୁ ଏଫ୍ଆଇଏଚ୍ ପ୍ରୋ ଲିଗ୍ ହକି ଲାଗି ଅଷ୍ଟ୍ରେଲିଆ ଟୁର ବେଳେ ଘଟିଥିବା ଘଟଣାର ନିରପେକ୍ଷ ତଦନ୍ତ ଲାଗି ଅନୁରୋଧ କରିଛି। ଇସ୍ତଫା ଦେବା ପୂର୍ବରୁ ସଭାପତି ଭାବେ ମୁଁ ଜାତୀୟ ଦଳର ଅଧିନାୟକ ଅମଦ ଶକିଲ ବଟଙ୍କୁ ଫେଡେରେଶନକୁ ବଦନାମ କରିବା ପାଇଁ ଘରୋଇ ଓ ଅନ୍ତର୍ଜାତୀୟ ହକିରୁ ୨ ବର୍ଷ ଲାଗି ବାସନ୍ଦ କରିଛି ବୋଲି ବୁଗତି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବଟ ବୁଧବାର ଅଷ୍ଟ୍ରେଲିଆ ଟୁରରୁ ପାକିସ୍ତାନରେ ପହଞ୍ଚିବା ପରେ ପିଏଚ୍ଏଫ୍ ମ୍ୟାନେଜମେଣ୍ଟକୁ କଡ଼ା ସମାଲୋଚନା କରିଥିଲେ। ଏପରିକି ଅଷ୍ଟ୍ରେଲିଆରେ ମ୍ୟାଚ୍ ଖେଳିବା ପୂର୍ବରୁ ଖେଳାଳିଙ୍କୁ କିଚେନ ଓ ବାସନ ସଫା କରିବାକୁ ପଡୁଥିବା କହିଥିଲେ। ଏଫ୍ଆଇଏଚ୍ ପ୍ରୋ ଲିଗ୍‌ର ଏହି ଚରଣରେ ପାକିସ୍ତାନ ସମସ୍ତ ମ୍ୟାଚ୍‌ରେ ଘରୋଇ ଦଳ ଓ ଜର୍ମାନୀଠାରୁ ପରାସ୍ତ ହୋଇଥିଲା। ଏହାଛଡ଼ା ଗତ ଏକ ବର୍ଷ ହେଲା ପାକିସ୍ତାନ ସ୍ପୋର୍ଟ୍ସ ବୋର୍ଡ ଓ ପିଏଚ୍ଏଫ୍‌ଠାରୁ ଖେଳାଳିଙ୍କୁ ଦୈନିକ ଭତ୍ତା ମିଳି ନ ଥିବା ଦାବି କରିଥିଲେ। ଅନ୍ୟପକ୍ଷରେ ଖେଳାଳିଙ୍କ ବିଶୃଙ୍ଖଳିତ ଆଚରଣ ଯୋଗୁ ଦଳର ମୁଖ୍ୟ କୋଚ୍ ତାହିର ଜମାନ ଇସ୍ତଫା ଦେବାକୁ ପ୍ରସ୍ତାବ ଦେଇଛନ୍ତି।



ସୁଧର ହାର 7.99%^ | କମ ଡାଉନ୍ ପେମେଣ୍ଟ ₹7,999^ | ଗୁରୁଦକ୍ଷିଣା / କୃଷକ ଅଫର ₹2,000* | ଏକ୍ସଚେଞ୍ଜ ବୋନସ୍ ₹2,500^ | ଅନ୍ ରୋଡ୍ ମୂଲ୍ୟ ₹98,000#
SBI card | HDFC BANK | Powered by pine labs | INSTANT DISCOUNT UP TO ₹10000~ | *T & C Apply. Offer Applicable on select cards and on credit card EMI
INDIA'S FIRST 5 YEAR WARRANTY *Conditions apply
TOLL FREE 1800 266 0018
Hero GoodLife Stand a chance to win Gold and Silver Coins and many more assured benefits*
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorized outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ^Finance offer is at the sole discretion of the financier, subject to its respective T&Cs. Available at select dealerships. *Limited period offer, T&C apply. *Scratch & Win Hero GoodLife Program. T&C Apply. As per cumulative dispatch numbers till August 2025. *Gurudakshina offer applicable only for Teachers with valid ID / Employment proof. T&Cs apply. *Farmer offer can be availed if Record of Rights (RoR) - Jamabandi / Patta / Khatauni document is available. ~Cash back Upto Rs. 10000 as per participating banks T&Cs. #On Road price of Glamour X in Bhubaneshwar.
Authorized Dealers: Baripada: Aditya Hero - 7799766370, Bhadrak: Sanjib Hero - 9289922608, Cuttack: JMG Hero - 9289922178, Sunny Hero - 9289922697, Essen Hero - 9289923078, Jagatsinghpur: Sunny Autobikes - 9289233592, Bhubaneswar: Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, Vishal Hero - 9289922984, Nayagarh: Bhagabati Hero - 9289922687, Puri: Sanjib Hero - 9289923107, Chandikhol: S. K. Hero - 9289922900, Jajpur Road: Soumik Hero - 9289922611, Authorized HeroSure Dealers: Bhubaneshwar: Arundhati Motobikes - 7682841658, Associate Dealers: Telkoi: Panchamukhi Motors - 9717004926, Barbil: Wheels Motors - 9776931870, Rairangpur: Maa Sakambari Motors - 7008581719, Mayurbhanj: JK Motors - 9040909925, Mayurbhanj: Mahaveer Motors - 7326872255/9853290346, Basudevpur: Bidyalalita Automobile - 9827487072, Kamrda: Siddhivinayak Motors - 7208675074, Rahama: Sarala Automobiles - 9937018532, Kendrapara: Baishnabi Motors - 9437000437, Pattamundai: Mishra Auto - 9853843713, Narsinghpur: Ambika Motocorp - 9861811411, Nimapara: Basudev Automobiles - 9861020724, Pipili: Shri Ram Motors - 9437110789, Balugaon: Mahamayee Motors - 9437004624, Khurdha: Dinesh Trading Co. - 9778097876, Sakhigopal: Sai Motors - 9439765820, Begunia: Rashmi Automobiles - 9178316145, Balipatna: M/S Jagannath Motors - 7064309702, Chandpur: Apsara - 9861418161, Khuakia: Binayak Automobiles - 9090444379, Jajpur Town: Ayush Automobiles - 9556189870, Champus: SK Motors - 9437200263, Banamalipur: Duladei Motors- 7735425890, Sunderpada: Basudev Motors - 6371525029, Nakhra: S.G. Automobiles - 9778779778, Balichandanpur: Tarini Motocorp - 9437118933, Nischitakoili: AJS Automobiles - 9439754039, Katikata: Naaz Automobiles - 9866243937, Tangi: Sanam Motors - 9438703786, Turmunga: Maa Tarini Motors - 9777780823, Harichandanpur: Kalindi Motors - 9938989407, Anandapur: Gouranga Motors - 7008437346, Aul: Mohanty Motors - 9937425871.

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ